


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-32 ◆SATURDAY ◆26 JULY 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୩୨ ◆ଶନିବାର ◆୨୬ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

## ସ୍କୁଲଘର ଭୁଶୁଡ଼ି ୮ ମୃତ, ୨୭ ଆହତ



■ **ଝାଲାୱାର, ୨୫।୭ (ଏଜେନ୍ସି):** ରାଜସ୍ଥାନର ଝାଲାୱାର ଜିଲ୍ଲାରେ ସରକାରୀ ସ୍କୁଲ ଘରର ଗୋଟିଏ ଅଂଶ ଭୁଶୁଡ଼ି ପଡ଼ିବା ଫଳରେ ୮ ଜଣ ଛାତ୍ର ପ୍ରାଣ ହରାଇଛନ୍ତି ଏବଂ ୨୭ ପିଲା ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୮ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ମନୋହର ଥାନା ଅନ୍ତର୍ଗତ ପିପ୍ଲୋଡି ସରକାରୀ ସ୍କୁଲ୍‌ରେ ସକାଳ ୮ଟା ୩୦ରେ ଏହି ଅଘଟଣ ଘଟିଥିଲା। କୋଠା ଭୁଶୁଡ଼ିବା ବେଳେ ୬୦ ଛାତ୍ରଛାତ୍ରୀ, କେତେଜଣ ଶିକ୍ଷକ ଓ କର୍ମଚାରୀ ସେଠାରେ ଉପସ୍ଥିତ ଥିଲେ। ସ୍କୁଲ୍‌ରେ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ାଯିବାର ବ୍ୟବସ୍ଥା ରହିଛି। ସ୍ଥାନୀୟ ଲୋକ ▶ପୃଷ୍ଠା-୭

## ଡ୍ରୋନ୍‌ରୁ ସଫଳ କ୍ଷେପଣାସ୍ତ୍ର ପରୀକ୍ଷଣ



■ **ନୂଆଦିଲ୍ଲୀ, ୨୫।୭ (ଏଜେନ୍ସି):** ଭାରତ ସଫଳତାର ସହ ଡ୍ରୋନରୁ କ୍ଷେପଣାସ୍ତ୍ର ଲଞ୍ଚ କରିବାରେ ସକ୍ଷମ ହୋଇଛି। ଏହାସହିତ ଭାରତୀୟ ସାମରିକ କ୍ଷମତାକୁ ଏକ ବଡ଼ ସଫଳତା ମିଳିଛି। ଆନ୍ଧ୍ରପ୍ରଦେଶର ଟେଷ୍ଟ ରେଞ୍ଜରେ ଏହାର ସଫଳ ପରୀକ୍ଷା କରାଯାଇଛି। ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଅର୍ଗାନାଇଜେସନ (ଡିଆରଡିଓ) ଆନ୍ଧ୍ରପ୍ରଦେଶର କୁର୍ନୁଲସ୍ଥିତ ୟୁଏଭି ଲଞ୍ଚଡ୍ ପ୍ରେସିସନ ଗାଇଡ ମିସାଇଲ (ୟୁଏଲ୍‌ପିଜିଏମ୍)- ଭି୩କୁ ସଫଳତାର ସହ ପରୀକ୍ଷା କରିଛି। ପରୀକ୍ଷା ବେଳେ କ୍ଷେପଣାସ୍ତ୍ର ନିଜର ଗତି, ସଠିକତା ଓ ଲକ୍ଷ୍ୟକୁ ଭେଦ କରିବାର କ୍ଷମତାକୁ ସୁନ୍ଦର ଭାବେ ପ୍ରଦର୍ଶନ କରିଥିଲା। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସାମାଜିକ ଗଣମାଧ୍ୟମ ଏକ୍ସରେ ଏ ନେଇ ପୋଷ୍ଟ ▶ପୃଷ୍ଠା-୭




## ଇନ୍ଦିରାଙ୍କ ରେକର୍ଡ ଭାଙ୍ଗିଲେ ମୋଦୀ

■ **ନୂଆଦିଲ୍ଲୀ, ୨୫।୭ (ଏଜେନ୍ସି):** କ୍ରମାଗତ ଦୀର୍ଘ ସମୟଧରି ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇବାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ନରେନ୍ଦ୍ର ମୋଦୀ। ଏହିକ୍ରମରେ ସେ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ରେକର୍ଡକୁ ପଛରେ ପକାଇଛନ୍ତି। ଇନ୍ଦିରାଙ୍କ ୪୦୭୭ ଦିନ (୧୯୬୬ ଜାନୁଆରୀ ୨୪ରୁ ୧୯୭୭ ମାର୍ଚ୍ଚ ୨୪ )ର ରେକର୍ଡ ଭାଙ୍ଗି ମୋଦୀ ପ୍ରଧାନମନ୍ତ୍ରୀ ଭାବେ ୪୦୭୮ ଦିନ ପୂରଣ କରିଛନ୍ତି। ତେବେ ସବୁଠାରୁ ଦୀର୍ଘ ବର୍ଷ ଧରି ପ୍ରଧାନମନ୍ତ୍ରୀ ରହିବାର ରେକର୍ଡ ଜବାହରଲାଲ ନେହରୁଙ୍କ ନାମରେ ରହିଛି। ସେ ସବୁଠାରୁ ଅଧିକ କ୍ରମାଗତ ୬୨୨୬ ଦିନ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଛନ୍ତି। ନେହରୁ ୧୯୪୭ ଅଗଷ୍ଟ ୧୫ରୁ ୧୯୬୪ ମେ ୨୭ ପର୍ଯ୍ୟନ୍ତ ଏହି ଗୁରୁଦାୟିତ୍ୱ ସମ୍ଭାଳିଥିଲେ। ମୋଦୀ କ୍ରମାଗତ ୩ଟି ଲୋକସଭା ନିର୍ବାଚନରେ ବିଜୟ ଲାଭ କରି ନେହରୁଙ୍କ ସମକକ୍ଷ ହୋଇଛନ୍ତି। ମୋଦୀ ୨୦୧୪, ୨୦୧୯ ଓ ୨୦୨୪ ସାଧାରଣ ନିର୍ବାଚନରେ ବିଜୟ ହାସଲ କରିଥିଲେ। ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ମୋଦୀ ୨୦୦୧ରୁ ୨୦୧୪ ପର୍ଯ୍ୟନ୍ତ ଗୁଜରାଟର ମୁଖ୍ୟମନ୍ତ୍ରୀ ରହିଥିଲେ। ସେ ଦୀର୍ଘସମୟ ଧରି ଭାରତର ନିର୍ବାଚିତ ନେତାର ମାନ୍ୟତା ହାସଲ କରିଛନ୍ତି। ଭାରତ ସ୍ୱାଧୀନତା ହାସଲ କରିବା ପରେ ଜନ୍ମ ଗ୍ରହଣ କରିବାରେ ମୋଦୀ ହେଉଛନ୍ତି ପ୍ରଥମ ପ୍ରଧାନମନ୍ତ୍ରୀ। ସେ ମଧ୍ୟ ପ୍ରଥମ ଅଣ-କଂଗ୍ରେସ ପ୍ରଧାନମନ୍ତ୍ରୀ ଭାବେ ଦୁଇଟି କାର୍ଯ୍ୟକାଳ ପୂରଣ କରିବାରେ ସମର୍ଥ ହୋଇଛନ୍ତି।

## ଗତ ଦଶନ୍ଧିରେ ମୁଣ୍ଡପିଛା ଆୟବୃଦ୍ଧି

# ଓଡ଼ିଶା ଦେଶରେ ଏକ ନମ୍ବର

### ସଂସଦରେ ଅର୍ଥ ରାଷ୍ଟ୍ରମନ୍ତ୍ରୀଙ୍କ ସୂଚନା

### ନବୀନ ଅର୍ଥନୀତିକୁ କେନ୍ଦ୍ରର ସ୍ୱୀକୃତି

### ମୁଣ୍ଡ ପିଛା ଏନ୍‌ଏସ୍‌ଡିପି ୧.୭ ଲକ୍ଷ ଟଙ୍କା



■ **ଭୁବନେଶ୍ୱର, ୨୫।୭ (ସମିସ):** ନବୀନ ପଟ୍ଟନାୟକଙ୍କ ସରକାରର ବିତ୍ତୀୟ ପରିଚାଳନା ଓ ଅର୍ଥନୀତିକୁ ପୁଣିଥରେ ସ୍ୱୀକୃତି ଦେଇଛନ୍ତି କେନ୍ଦ୍ର ସରକାର। ୨୦୧୪ରୁ ୨୦୨୪ ମସିହା ମଧ୍ୟରେ ଓଡ଼ିଶାବାସୀଙ୍କ ମୁଣ୍ଡପିଛା ଆୟ ହାର କେବଳ ଦ୍ୱିଗୁଣିତ ହୋଇନାହିଁ, ଆୟ ହାର ବୃଦ୍ଧିରେ ଓଡ଼ିଶା ସାରା ଦେଶରେ ଏକନମ୍ବର ରାଜ୍ୟର ମାନ୍ୟତା ପାଇଛି। ସଂସଦରେ ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି କେନ୍ଦ୍ର ଅର୍ଥରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ।

ଲୋକସଭାରେ ସାଂସଦ ଗିରିଧାରୀ ଯାଦବ ଓ ଦୀନେଶ ଚନ୍ଦ୍ର ଯାଦବଙ୍କ ଏକ ପ୍ରଶ୍ନରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌଧୁରୀ ପ୍ରଦାନ କରିଥିବା ତଥ୍ୟ ଅନୁସାରେ ୨୦୧୩-୧୪ ଆର୍ଥିକ ବର୍ଷରେ ଓଡ଼ିଶାର ହାରାହାରି ମୁଣ୍ଡପିଛା ଆୟ ୫୪୨୦୯ ଟଙ୍କା ରହିଥିଲା। ମାତ୍ର ଏକ ଦଶନ୍ଧି ମଧ୍ୟରେ ମୁଣ୍ଡପିଛା ଆୟ ପ୍ରାୟ ଦ୍ୱିଗୁଣିତ ହୋଇ ୨୦୨୪ ଆର୍ଥିକ ବର୍ଷରେ ଏହା ୧୦୬୯୧୮ ଟଙ୍କାରେ ପହଞ୍ଚିଛି । ୧୦ବର୍ଷରେ ଓଡ଼ିଶାରେ ମୁଣ୍ଡପିଛା ଆୟ ୯୬.୭% ବୃଦ୍ଧି ପାଇଛି । ଏହି ସମୟ ମଧ୍ୟରେ କର୍ଣ୍ଣାଟକରେ ମୁଣ୍ଡପିଛା ଆୟ ୯୩.୬% ବୃଦ୍ଧି ପାଇଥିବାବେଳେ ଆନ୍ଧ୍ରପ୍ରଦେଶରେ ୭୮.୯%, ଆସାମରେ ୮୧%, ଛତିଗଡ଼ରେ ୫୨.୪%, ମଧ୍ୟପ୍ରଦେଶରେ ୬୦%, ମହାରାଷ୍ଟ୍ରରେ ୫୩.୬%, ତାମିଲନାଡୁରେ ୮୩.୩%, ତେଲଙ୍ଗାନାରେ ୮୫.୩%, ପଶ୍ଚିମବଙ୍ଗରେ ୫୧.୮% ବୃଦ୍ଧି ପାଇଛି । ଦେଶର କେବଳ ଦୁଇଟି ରାଜ୍ୟ ଓଡ଼ିଶା ଓ କର୍ଣ୍ଣାଟକରେ ମୁଣ୍ଡପିଛା ଆୟ ହାର ବୃଦ୍ଧି ୯୦% ଅତିକ୍ରମ କରିଛି ଏବଂ ଓଡ଼ିଶା ଏକ ନମ୍ବର ସ୍ଥାନ ଅଧିକାର କରିଛି। ତତ୍‌କାଳୀନ ନବୀନ ସରକାରଙ୍କ ବିତ୍ତୀୟ ପରିଚାଳନା ଓଡ଼ିଶାକୁ ଦେଶର ଅଗ୍ରଣୀ ରାଜ୍ୟରେ ପରିଣତ କରିଛି ।

ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଆଧାରରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ସଂସଦରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀଙ୍କ ରିପୋର୍ଟ ଅନୁସାରେ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ଅସ୍ଥାୟୀ ଆକଳନ ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସ୍ଥିର ମୂଲ୍ୟରେ ମୁଣ୍ଡପିଛା ନିଟ୍ ଜାତୀୟ ଆୟ (ଏନ୍‌ଏନ୍‌ଆଇ) ୧,୧୪,୭୧୦ ଟଙ୍କା ରହିଛି। ୧୦ବର୍ଷ ପୂର୍ବେ ମୁଣ୍ଡପିଛା ନିଟ୍ ଜାତୀୟ ଆୟ ୭୨,୮୦୫ ଟଙ୍କା ଥିଲା ଓ ସେହି ସମୟରେ ଓଡିଶାର ମୁଣ୍ଡପିଛା ନିଟ୍ ଜାତୀୟ ଆୟ ୫୪,୨୦୯ ଟଙ୍କା ରହିଥିଲା। ମାତ୍ର ଏହି ୧୦ବର୍ଷ ମଧ୍ୟରେ ଓଡ଼ିଶାର ମୁଣ୍ଡପିଛା ଆୟ ହାର ବୃଦ୍ଧି ୯୬.୭% ବୃଦ୍ଧି ପାଇଛି ।

ଅପରପକ୍ଷେ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ରିପୋର୍ଟରେ ଭାରତର ଆର୍ଥିକ ଅଭିବୃଦ୍ଧିର ଅସମାନତାକୁ ପ୍ରକଟ କରିଛି । ମୁଣ୍ଡପିଛା ଆୟ ଦୃଷ୍ଟିରୁ କର୍ଣ୍ଣାଟକ ଦେଶର ସବୁଠାରୁ ଧନୀ ରାଜ୍ୟ ହୋଇଥିବାବେଳେ ବିହାର ସବୁଠାରୁ ଗରିବ ରାଜ୍ୟ ଭାବରେ ଉଭା ହୋଇଛି । ୨୦୨୪-୨୫ରେ କର୍ଣ୍ଣାଟକରେ ମୁଣ୍ଡପିଛା ହାରାହାରି ଆୟ ୨.୦୪ ଲକ୍ଷ ଟଙ୍କା ଥିବାବେଳେ ବିହାରର ହାରାହାରି ମୁଣ୍ଡପିଛା ଆୟ ୨୦୨୩-୨୪ରେ ମାତ୍ର ୩୨୨୨୭ ଟଙ୍କା ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ରିପୋର୍ଟରେ ଉଲ୍ଲେଖ ଅଛି । ସେହିପରି ମଧ୍ୟପ୍ରଦେଶରେ ହାରାହାରି ମୁଣ୍ଡପିଛା ଆୟ ୭୦୪୩୪ ଟଙ୍କା, ଛତିଶଗଡ଼ରେ ୯୩୧୬୧ ଟଙ୍କା, ରାଜସ୍ଥାନରେ ୯୬୬୩୮ଟଙ୍କା, ଓ ଆସାମରେ ମୁଣ୍ଡପିଛା ହାରାହାରି ଆୟ ୮୧୧୨୭ ଟଙ୍କା ଥିବା ରିପୋର୍ଟରେ କୁହାଯାଇଛି। ଅର୍ଥନୈତିକ ବିକାଶର ବିଭିନ୍ନ ସ୍ତର, ଆଞ୍ଚଳିକ ଗଠନ, ସଂରଚନା ଜନିତ ଅସମାନତା ଏବଂ ଶାସନ ତନ୍ତ୍ରରେ ପାର୍ଥକ୍ୟ ଯୋଗୁଁ ଆୟ ହାର ବୃଦ୍ଧିରେ ପାର୍ଥକ୍ୟ ଦେଖାଯାଇଥାଇପାରେ ବୋଲି ଅର୍ଥମନ୍ତ୍ରୀ ଶ୍ରୀ ଚୌଧୁରୀ ମତ ପ୍ରକାଶ କରିଛନ୍ତି।

## ସୋମବାରରୁ ସ୍ୱାଭାବିକ ହେବ ସଂସଦ

### ଅପରେସନ ସିନ୍ଦୂର ଉପରେ ହେବ ଆଲୋଚନା



### ଲୋକସଭାରୁ ଜଷ୍ଟିସ ବର୍ମା ମହାଭିଯୋଗ ପ୍ରକ୍ରିୟା ଆରମ୍ଭ

■ **ନୂଆଦିଲ୍ଲୀ, ୨୫।୭ (ଏଜେନ୍ସି):** ବିଭିନ୍ନ ପ୍ରସଙ୍ଗ ନେଇ ୫ ଦିନ ଧରି ଅଚଳ ରହିଥିବା ସଂସଦ ଆସନ୍ତା ସୋମବାର ଠାରୁ ସ୍ୱାଭାବିକ ହେବାକୁ ଯାଉଛି। ସୋମବାର ଏବଂ ମଙ୍ଗଳବାର ଦୁଇ ଦିନ ଧରି ଲୋକସଭା ଏବଂ ରାଜ୍ୟସଭାରେ ପହଲଗାମ ଓ ଅପେରସନ ସିନ୍ଦୂର ଉପରେ ଆଲୋଚନା ହେବ। ସେହିଭଳି ଟଙ୍କା ଜବତ ମାମଲାରେ ଫସିଥିବା ହାଇକୋର୍ଟ ବିଚାରପତି ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ବିରୋଧରେ ଆଗତ ମହାଭିଯୋଗ ପ୍ରକ୍ରିୟା ଲୋକସଭାରୁ ଆରମ୍ଭ ହେବ।

ଆଜି ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ସଂସଦ କାର୍ଯ୍ୟ ସ୍ୱାଭାବିକ କରିବାକୁ ସ୍ଥିର ହୋଇଛି। ବିର୍ଲା ବିରୋଧୀ ଦଳ ସଭ୍ୟମାନଙ୍କୁ ଅନୁରୋଧ କରିଥିଲେ ଯେ ସେମାନେ ପ୍ରଶ୍ନକାଳରେ କୌଣସି ପ୍ରକାର ବାଧା ନଦେଇ ଗୃହକୁ ସୁରୁଖୁରରେ ଚଳାଇବାରେ ସହଯୋଗ କରନ୍ତୁ। ପହଲଗାମ ଆକ୍ରମଣ ଓ ଅପରେସନ ସିନ୍ଦୂର ନେଇ ପ୍ରଥମେ ଲୋକସଭାରେ ୧୬ ଘଣ୍ଟା ଧରି ଆଲୋଚନା ହେବ ଏବଂ ଏହାପର ଦିନ ରାଜ୍ୟସଭାରେ ୧୬ ଘଣ୍ଟା ପାଇଁ ଏହି ପ୍ରସଙ୍ଗରେ ଆଲୋଚନା ହେବ। ଆଲୋଚନାର ଉତ୍ତର ପ୍ରଧାନମନ୍ତ୍ରୀ ▶ପୃଷ୍ଠା-୭

## ବୟନ ଶିଳ୍ପ ବୁଣାକାର କର୍ମଚାରୀଙ୍କ ମଜୁରି ବୃଦ୍ଧି

■ **ଭୁବନେଶ୍ୱର, ୨୫।୭ (ସମିସ):** ବୟନ ଶିଳ୍ପ କ୍ଷେତ୍ରରେ କାର୍ଯ୍ୟରତ ବୁଣାକାର କର୍ମଚାରୀଙ୍କ ମଜୁରୀ ରିହାତି ମାସକୁ ଏକ ହଜାର ଟଙ୍କା ବୃଦ୍ଧି କରାଯାଇଛି। ଏହାଦ୍ୱାରା ମହିଳା କର୍ମଚାରୀଙ୍କୁ ମାସକୁ ୬ ହଜାର ଟଙ୍କା ବଦଳରେ ୭ ହଜାର ଏବଂ ପୁରୁଷ କର୍ମଚାରୀଙ୍କୁ ମାସକୁ ୫ହଜାର ବଦଳରେ ୬ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି।

**ମହିଳାଙ୍କୁ ମାସିକ ୭ ହଜାର, ପୁରୁଷଙ୍କୁ ୬ ହଜାର ମଜୁରି ରିଆତି**

ଶୁକ୍ରବାର ଲୋକସେବା ଭବନ ସମ୍ମିଳନୀ କେନ୍ଦ୍ରରେ ଅନୁଷ୍ଠିତ ଓଡ଼ିଶା ଟେକ୍ସଟାଇଲ କନ୍‌କ୍ଲେଭ୍‌ରେ ମୁଖ୍ୟମନ୍ତ୍ରୀ ଜଗତସିଂହପୁର ଏବଂ ଭଦ୍ରକଠାରେ ଦୁଇଟି ଟେକ୍ସଟାଇଲ ଓ ଫୁଟ୍‌ୱେୟାର ପାର୍କର ଲୋକାର୍ପଣ କରି ରାଜ୍ୟର ସମସ୍ତ ସରକାରୀ କର୍ମଚାରୀମାନଙ୍କୁ ସପ୍ତାହକୁ ଗୋଟିଏ ଦିନ ହସ୍ତତନ୍ତ ପୋଷାକ ପରିଧାନ କରିବା ପାଇଁ ଆହ୍ୱାନ ଦେଇଛନ୍ତି। କନ୍‌କ୍ଲେଭରେ ୩୩ଟି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିବା ବେଳେ, ୭୮୦୮ କୋଟି ▶ପୃଷ୍ଠା-୭

## ଡେପୁଟୀ ରେଞ୍ଜରଙ୍କ ଘରେ ଟଙ୍କା ପାହାଡ଼

### ଗୁପ୍ତ ଟ୍ରେଜେରୀରେ ଥାକମାରି ରଖିଥିଲେ ୧.୪୩ କୋଟି





**ଘରୁ ଜବତ ହେଲା ୧.୫କେଜି ସୁନା, ୪.୬କେଜିର ରୁପା**

**ସୁନା ବିସ୍କୁଟ, ସୁନା କଏନ୍ ବି ରଖିଥିଲେ**

**୩ଟି ଫ୍ଲାଟ୍, ୧.୩୩ କୋଟିର ଦୁଇଟି ପ୍ଲଟ୍**

■ **ଜୟପୁର/ ଭୁବନେଶ୍ୱର, ୨୫।୭ (ସମିସ):** ଜଙ୍ଗଲ ବିଭାଗରେ ଅଧିକାରୀଙ୍କୁ ଘାରିଛି ଟଙ୍କା, ଅଳଙ୍କାର ଓ ସଂପତ୍ତି ନିଶା। ଯାହାକୁ ଭିଜିଲାନ୍ସ ଧରୁଛି ତାଙ୍କ ଘରୁ ଜବତ ହେଉଛି ନଗଦ କୋଟି କୋଟି ଟଙ୍କା। ମାଳ ମାଳ ପ୍ଲଟ୍ ବି ଠାବ କରାଯାଉଛି। ଦୁଇ ଦିନ ତଳେ କେନ୍ଦୁଝରର କେନ୍ଦୁପତ୍ର ଡିଭିଜନ୍ ଡିଏଫ୍‌ଓ ନିତ୍ୟାନନ୍ଦ ନାୟକଙ୍କ ଘରେ ଚଢ଼ଉ କରି ଭିଜିଲାନ୍ସ ତାଙ୍କର ୧୨୩ ପ୍ଲଟ୍ ଏବଂ କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ କରିଥିଲା। ଏହିଭଳି ଜୟପୁର ଡେପୁଟି ରେଞ୍ଜର ଘରେ ଆଜି ଚଢଉ କରିବା ପରେ ଟଙ୍କାର ପାହାଡ଼ ଦେଖି ଭିଜିଲାନ୍ସ ଟିମ୍ ଆଶ୍ଚର୍ଯ୍ୟ ହୋଇଯାଇଛି। ବାବୁ ଦୁର୍ନୀତି କରି ଗୁପ୍ତ ଟ୍ରୋଜେରୀରେ କୋଟି କୋଟି ଟଙ୍କା ଥାକ ମାରି ରଖିଥିଲେ। ତାଙ୍କ ଘରୁ ଦେଢ଼ କେଜି ସୁନା ଓ ସାଢ଼େ ୪ କିଲୋ ରୁପା ଅଳଙ୍କାର ମଧ୍ୟ ଜବତ କରାଯାଇଛି।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କୋରାପୁଟ ଜିଲ୍ଲା ଜୟପୁର ବନଖଣ୍ଡ ଡେପୁଟି ରେଞ୍ଜର ରାମଚନ୍ଦ୍ର ନେପାକଙ୍କ ଘରେ ଭିଜିଲାନ୍ସ ଆଜି ଚଢ଼ଉ କରିଥିଲା। ଏକକାଳୀନ ୬ଟି ସ୍ଥାନରେ ଚଢଉ ହୋଇଥିଲା। ଜୟପୁର ସହର ତାଙ୍କର ପୈତୃକ ଘର, ଜୟପୁର ପିଆର ପେଟା ରୋଡରେ ଥିବା ଗୋଟିଏ ବିଲ୍ଡିଂର ଦୁଇଟି ▶ପୃଷ୍ଠା-୭

### ଅବପାତ ଘନୀଭୂତ

## ବଡ଼ ବର୍ଷାରେ ଫୁଲିବ ପ୍ରମୁଖ ନଦୀ

- ସମୀନ୍ତ ଜିଲ୍ଲାରେ ଅତି ପ୍ରବଳ ବର୍ଷା ସମ୍ଭାବନା
- ଜିଲ୍ଲାପାଳମାନଙ୍କୁ ସତର୍କ କରାଇଲେ ଏସ୍‌ଆର୍‌ସି
- ଆଜି ମୟୂରଭଞ୍ଜର ସବୁ ସ୍କୁଲ୍ ଛୁଟି ଘୋଷଣା

■ **ଭୁବନେଶ୍ୱର, ୨୫।୭ (ସମିସ):** ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅବପାତରେ ପରିଣତ ହୋଇଛି। ଉତ୍ତରପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଏବଂ ବାଂଲାଦେଶ ଉପକୂଳରେ ଶୁକ୍ରବାର ସକାଳ ସାଢ଼େ ୫ଟା ସମୟରେ ଏହି ଅବପାତ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଗତ ୨୪ ଘଣ୍ଟା ମଧ୍ୟରେ ଅବପାତ ଯୋଗୁଁ ରାଜ୍ୟର ୬ଟି ସ୍ଥାନରେ ୧୦୦ ମିମିରୁ ଅଧିକ ବର୍ଷା ହୋଇଥିବା ବେଳେ ୮ଟି ସ୍ଥାନରେ ୯୦ ମିମିରୁ ୧୦୦ ମିମି ମଧ୍ୟରେ ବର୍ଷା ରେକର୍ଡ ହୋଇଛି। ସାମଗ୍ରିକ ଭାବେ ଅବପାତ ଯୋଗୁଁ ୨୪ ଘଣ୍ଟାରେ ସ୍ୱାଭାବିକ ତୁଳନାରେ ୧୪୧ ପ୍ରତିଶତ ଅଧିକ ବର୍ଷା ହୋଇଛି। ଅବପାତ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରିବା ସହ ଆଗାମୀ ୨୪ ଘଣ୍ଟା ମଧ୍ୟରେ ପଶ୍ଚିମବଙ୍ଗ ଉପକୂଳମୁହାଁ ହୋଇ ପରବର୍ତ୍ତୀ ଦୁଇ ଦିନ ମଧ୍ୟରେ ଝାଡ଼ଖଣ୍ଡ ଓ ଛତିଶଗଡ଼ ଉପରେ ପ୍ରଭାବ ପକାଇବ। ଏଥିପାଇଁ ଓଡ଼ିଶାର ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ ୨୮ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ। ଆସନ୍ତାକାଲି (ଶନିବାର) ଝାରସୁଗଡ଼ା, ସୁନ୍ଦରଗଡ଼ ଓ ସମ୍ବଲପୁର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ଓ କିଛି ସ୍ଥାନରେ ଭୀଷଣ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରାଯାଇଛି। ଏହାସହିତ ବାକି ସବୁ ଜିଲ୍ଲାରେ ପ୍ରବଳ ବର୍ଷାର ସତର୍କତା ଜାରି କରାଯାଇଛି।

ଅବପାତ ପ୍ରଭାବରେ ଉଭୟ ତଳ ଓ ଉପରମୁଣ୍ଡରେ ବର୍ଷା ▶ପୃଷ୍ଠା-୭

### ଭାରତ-ଇଂଲଣ୍ଡ ବାଣିଜ୍ୟିକ ଚୁକ୍ତିରେ ଓଡ଼ିଶାକୁ ଉପେକ୍ଷା

## ରାଜ୍ୟର କୌଣସି ସାମଗ୍ରୀକୁ ମିଳିଲାନି ସ୍ଥାନ

■ **ଭୁବନେଶ୍ୱର, ୨୫।୭ (ସମିସ):** ଡବଲ୍ ଇଂଜିନ ସରକାରରେ ଓଡ଼ିଶାକୁ ପୁଣି ଥରେ ଉପେକ୍ଷା କରାଯାଇଛି। ବିଶ୍ୱସ୍ତରରେ ଓଡ଼ିଶାର ମର୍ଯ୍ୟାଦା ବୃଦ୍ଧି ସୁଯୋଗରୁ ରାଜ୍ୟବାସୀ ବଞ୍ଚିତ ହୋଇଛନ୍ତି। ଦେଶର ୧୭ଟି ରାଜ୍ୟକୁ ଏହି ମର୍ଯ୍ୟାଦା ମିଳିଥିଲେ ମଧ୍ୟ ସ୍ୱର୍ଣ୍ଣପ୍ରସୂ ଓଡ଼ିଶା ପ୍ରତି କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଆଖି ବୁଜିଦେଇଛନ୍ତି। ଫଳରେ ଡବଲ ଇଂଜିନ ସରକାରଙ୍କ କଥା ଓ କାମକୁ ନେଇ ପୁଣିଥରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦିନକ ତଳେ ଭାରତ ଏବଂ ୟୁନାଇଟେଡ୍ କିଙ୍ଗ୍‌ଡମ୍ (ୟୁକେ) ବା ଇଂଲଣ୍ଡ ମଧ୍ୟରେ ହୋଇଥିବା ଐତିହାସିକ ବାଣିଜ୍ୟ ଚୁକ୍ତିକୁ ନେଇ ସାରା ଦେଶରେ ଉତ୍ସାହ ଦେଖାଦେଇଥିବାବେଳେ ଓଡ଼ିଶାବାସୀ ନିରାଶ ହୋଇଛନ୍ତି। ଏହି ଚୁକ୍ତିଦ୍ୱାରା ଭାରତ ନିଜ ଦେଶର ଅନେକ ସାମଗ୍ରୀ ଇଂଲଣ୍ଡକୁ ରପ୍ତାନୀ କରିବ। ଭାରତର ପ୍ରାୟ ୯୯ ପ୍ରତିଶତ ରପ୍ତାନି ସାମଗ୍ରୀ ୟୁକେ ବଜାରରେ ଶୁଳ୍କମୁକ୍ତ ପ୍ରବେଶ ସୁଯୋଗ ପାଇବ। ଭାରତରୁ ଇଂଲଣ୍ଡକୁ ରପ୍ତାନୀ ପାଇଁ ଯେଉଁ ତାଲିକା କେନ୍ଦ୍ର ସରକାର ପ୍ରସ୍ତୁତ କରିଛନ୍ତି, ସେଥିରେ ୧୭ଟି ରାଜ୍ୟର ପ୍ରମୁଖ ସାମଗ୍ରୀ ସ୍ଥାନ ପାଇଥିବାବେଳେ ଓଡ଼ିଶାର କୌଣସି ସାମଗ୍ରୀ ସ୍ଥାନ ପାଇନାହିଁ। ଏପରିକି ବିଶ୍ୱ ପ୍ରସିଦ୍ଧ କୋରାପୁଟ କଫିକୁ କେନ୍ଦ୍ର ସରକାର ଆନ୍ଧ୍ର ପ୍ରଦେଶର ବୋଲି ଦର୍ଶାଇବା ରାଜ୍ୟବାସୀଙ୍କ ସ୍ୱାଭିମାନ ପ୍ରତି ଉପହାସ ସଦୃଶ ହୋଇଛି।




### ୧୭ ରାଜ୍ୟର ରପ୍ତାନୀ ସାମଗ୍ରୀ ତାଲିକା ପ୍ରକାଶିତ

### କୋରାପୁଟ କଫିକୁ ଆନ୍ଧ୍ରର ଦର୍ଶାଇଲେ ସରକାର

ଏହି ଚୁକ୍ତି ପରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋଏଲ ନିଜ ସୋସିଆଲ ମିଡିଆ ପୃଷ୍ଠାରେ ଦେଶର କେଉଁ ରାଜ୍ୟର କେଉଁ ସାମଗ୍ରୀ ବିଦେଶକୁ ରପ୍ତାନୀ ହେବ, ତାହା ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି। ପୀୟୂଷ ଗୋୟେଲ୍ ଦେଇଥିବା ▶ପୃଷ୍ଠା-୭

## ପୁଞ୍ଚ୍‌ରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ
# ଅଗ୍ନିବୀର ସହିଦ, ୨ ଆହତ

ପୁଞ୍ଚ/ଜମ୍ମୁ, ୨୫ ।୭ (ଏଜେନ୍ସି): ଜମ୍ମୁ- କଶ୍ମୀରର ପୁଞ୍ଚ୍ ଜିଲ୍ଲାରେ ଶୁକ୍ରବାର ଘଟିଥିବା ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଜଣେ ଅଗ୍ନିବୀର ଜବାନ ଶହୀଦ ହୋଇଥିବା ବେଳେ ଦୁଇଜଣ ଆହତ ହୋଇଛନ୍ତି । କ୍ରିଷ୍ଣା ଘାଟିର ସାଧାରଣ ଅଞ୍ଚଳରେ ପେଟ୍ରୋଲିଂ ବେଳେ ଲାଇନ୍ ଅଫ୍ କଣ୍ଟ୍ରୋଲ (ଏଲ୍‌ଓସି) ନିକଟରେ ଏହି ବିସ୍ଫୋରଣ ହୋଇଥିଲା । ଆହତଙ୍କ ମଧ୍ୟରେ ଜଣେ ଜେସିଓ (ଜୁନିଅର କମିସନଡ ଅଫିସର) ସାମିଲ ରହିଛନ୍ତି । ତାଙ୍କୁ ମିଲିଟାରୀ ହସ୍ପିଟାଲାରେ ଭର୍ତ୍ତି କରାଯାଇଛି ଓ ତାଙ୍କ ସ୍ୱାସ୍ଥାବସ୍ଥା ସ୍ଥିର ରହିଛି । ଶହୀଦ ହୋଇଥିବା ଅଗ୍ନିବୀର ଜବାନ ହେଉଛନ୍ତି ୭ ଜାଟ୍ ରେଜିମେଣ୍ଟର ଲଳିତ କୁମାର । ଭାରତୀୟ ସେନା ତରଫରୁ ଲଳିତଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ସେ ଦେଶ ପାଇଁ ବଳିଦାନ ଦେଇଛନ୍ତି ବୋଲି ସେନା ତରଫରୁ କୁହାଯାଇଛି ।

# ଅଧିକାରୀଙ୍କ ଭିସା ଫ୍ରି ଏଣ୍ଟ୍ରି ପାଇଁ ପାକ୍- ବାଂଲା ରାଜି

ନୂଆଦିଲ୍ଲୀ, ୨୫ ।୭ (ଏଜେନ୍ସି): ପରସ୍ପରର ରାଜନୈତିକ ତଥା କୂଟନୈତିକ ଅଧିକାରୀମାନଙ୍କୁ ବିନା ଭିସାରେ ପ୍ରବେଶ କରାଇବାକୁ ଅନୁମତି ଦେବା ପାଇଁ ପାକିସ୍ତାନ ଓ ବାଂଲାଦେଶ ରାଜି ହୋଇଛନ୍ତି । ଏ ନେଇ ଦଠୁଇଦେଶ ମଧ୍ୟରେ ଏକ ଚୁକ୍ତି ହୋଇଛି । ଫଳରେ ଦୁଇଦେଶ ମଧ୍ୟରେ ରାଜନୈତିକ ଓ କୂଟନୈତିକ ସମ୍ପର୍କର ମଧୁରତା ଶୀର୍ଷରେ ପହଞ୍ଚିଛି । ଭାରତ କିନ୍ତୁ ଏହା ଉପରେ କଡ଼ା ନଜର ରଖିଛି । ୧୯୭୧ରେ ହୋଇଥିବା ବାଂଲାଦେଶ ମୁକ୍ତି ସଂଗ୍ରାମ ପରେ ଦୁଇ ଦେଶର ସମ୍ପର୍କ ବେଶ ଖରାପ ହେବା ସହ ସ୍ଥାଣୁ ହୋଇଥିଲା । ଏବେ ଏହାକୁ ସୁଧାରିବା ପାଇଁ ଦୁଇ ଦେଶ ପ୍ରୟାସ ଜାରି ରଖିଛନ୍ତି । ଢ଼ାକାରେ ଦୁଇ ଦେଶର ଗୃହମନ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ଏକ ଉଚ୍ଚସ୍ତରୀୟ ବୈଠକରେ ଏ ନେଇ ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି ।

# ମୁମ୍ବାଇରେ ପ୍ରବଳ ବର୍ଷା ନେଇ ରେଡ୍ ଆଲର୍ଟ

ନୂଆଦିଲ୍ଲୀ, ୨୫ ।୭ (ଏଜେନ୍ସି): ମୁମ୍ବାଇ ଓ ତା'ର ଆଖପାଖ ଅଞ୍ଚଳରେ ପ୍ରବଳ ବର୍ଷା ଜାରି ରହିଛି । ପୁଣି ଆଗକୁ ପ୍ରବଳ ବର୍ଷା ହେବ ବୋଲି ରେଡ ଆଲର୍ଟ ଜାରି କରାଯାଇଛି । ଏହାକୁ ଦୃଷ୍ଟିରେ ରଖି ମାର୍ଗଦର୍ଶିକା ଜାରି କରାଯାଇଛି । ଅତି ଆବଶ୍ୟକ ନହେଲେ ଲୋକଙ୍କୁ ଘରୁ ନ ବାହରିବାକୁ ପରାମର୍ଶ ଦିଆଯାଇଛି । ସେହିପରି ସମୁଦ୍ରକୂଳ ଓ ଆଖପାଖ ଅଞ୍ଚଳକୁ ନ ଯିବା ପାଇଁ ମଧ୍ୟ କୁହାଯାଇଛି । ମହାରାଷ୍ଟ୍ର ସମେତ ୫ଟି ରାଜ୍ୟରେ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ରେଡ୍ ଆଲର୍ଟ ଜାରି କରାଯାଇଛି । ସେହିପରି ମଧ୍ୟପ୍ରଦେଶ, ବିହାର, ଝାଡଖଣ୍ଡ, ତେଲଙ୍ଗାନା, ଆନ୍ଧ୍ର ପ୍ରଦେଶ, କେରଳ, କର୍ଣ୍ଣାଟକ ପାଇଁ ଆରେଞ୍ଜ ଆଲର୍ଟ ଜାରି କରାଯାଇଛି । ପଶ୍ଚିମବଙ୍ଗର ବାଙ୍କୁଡା ଓ ପୂର୍ବ ବର୍ଦ୍ଧମାନ ଜିଲ୍ଲାରେ ଗୁରୁବାର ବିଜୁଳି ମାରିବା ଯୋଗୁଁ ୧୩ ଜଣ ମୃତ୍ୟୁବରଣ କରିଛନ୍ତି । ସେହିପରି ହିମାଚଳ ପ୍ରଦେଶରେ ସଡଖ ଧସିବା ଫଳରେ ବସ ଦୁର୍ଘଟଣାରେ ୭ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ଏଥିସହ ବର୍ଷାଜନିତ କାରଣରୁ ହିମାଚଳରେ ଏପର୍ଯ୍ୟନ୍ତ ମୋଟ୍ ଉପରେ ୧୪୭ ଜଣ ଲୋକ ପ୍ରାଣ ହରାଇଛନ୍ତି ।

# ଚୀନ୍‌ରେ ଗୋଟିଏ ଦିନରେ ବର୍ଷକର ବର୍ଷା: ୧୯ ହଜାର ଲୋକ ଉଦ୍ଧାର



ବେଜିଂ, ୨୫ ।୭ (ଏଜେନ୍ସି): ଉତ୍ତର ଚୀନ୍‌ର ବାଓଡିଙ୍ଗ ସହରରେ ପ୍ରବଳ ବର୍ଷା କାରଣରୁ ନାହିଁ ନଥିବା ସ୍ଥିତି ସୃଷ୍ଟି ହୋଇଛି । ଶୁକ୍ରବାର ସକାଳ ପର୍ଯ୍ୟନ୍ତ ୨୪ ଘଣ୍ଟା ମଧ୍ୟରେ ବର୍ଷକର ବର୍ଷା ହୋଇଛି । ଗୋଟିଏ ଦିନରେ ୪୪୮.୭ ମିମି ବର୍ଷା ହୋଇଛି ଓ ଏହା ବର୍ଷକର ବର୍ଷା ୫୦୦ ମିମି ସହ ଏକପ୍ରକାର ସମାନ ବୋଲି କୁହାଯାଇଛି । ଫଳରେ ଏହି ଇଣ୍ଡଷ୍ଟ୍ରିଆଲ ସହରରେ ବନ୍ୟା ଆସିଛି । ସହରର ପ୍ରାୟ ସବୁ ସଡକ ବୁଡି ଯାଇଛି । କେତେକ ରାସ୍ତା ଓ ପୋଲ୍ଲ ଭାଙ୍ଗିଯାଇଛି । କେତେକ ସ୍ଥାନରେ ବିଜୁଳୀ ଖୁଣ୍ଟ ମଧ୍ୟ ଉପୁଡି ଯାଇଛି । ବାଓଡିଙ୍ଗ ସହରରେ ରେଡ ଆଲର୍ଟ ଜାରି କରାଯାଇଛି । ଏହି ସହରର ୬ ହଜାର ଘରୁ ୧୯, ୦୦୦ ଲୋକଙ୍କୁ ଉଦ୍ଧାର କରାଯାଇ ନିରାପଦ ସ୍ଥାନକୁ ନିଆଯାଇଛି ।

# ବିଦେଶରେ ୧୦, ୫୭୪ ଭାରତୀୟ ବନ୍ଦୀ

ନୂଆଦିଲ୍ଲୀ, ୨୫।୭ (ଏଜେନ୍ସି): ବିଶ୍ୱର ବିଭିନ୍ନ ଜେଲ୍‌ରେ ୧୦, ୫୭୪ ଭାରତୀୟ ବନ୍ଦୀ ଅଛନ୍ତି । ଏମାନଙ୍କ ମଧ୍ୟରୁ ୪୩ ଜଣ ମୃତ୍ୟୁଦଣ୍ଡ ପାଇଛନ୍ତି । ଶୁକ୍ରବାର ସରକାରଙ୍କ ପକ୍ଷରୁ ସଂସଦରେ ଏହି ସୂଚନା ଦିଆଯାଇଛି । ଲୋକସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ବିଦେଶ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ କହିଛନ୍ତି ଯେ ୟୁଏଇରେ ସର୍ବାଧିକ ୨,୭୭୩ ଭାରତୀୟ ବନ୍ଦୀ ଅଛନ୍ତି । ସେହିପରି ସାଉଦି ଆରବରେ ୨,୩୭୯, ନେପାଳରେ ୧୩୫୭, କାତାରରେ ୭୯୫, ମାଲେସିଆରେ ୩୮୦, କୁଏତରେ ୩୪୨, ବ୍ରିଟେନରେ ୩୨୩, ବାହାରିନରେ ୨୬୧, ପାକିସ୍ତାନରେ ୨୪୬, ଚୀନ୍‌ରେ ୧୮୩ ଭାରତୀୟ କଏଦୀ ଅଛନ୍ତି । ଏହା ବ୍ୟତୀତ ଆଙ୍ଗୋଲିଆ, ବେଲ୍‌ଜିୟମ, କାନାଡ଼ା, ଚିଲି, ଇଜିପ୍ଟ, ଇରାକ, ଜାମାଇକା, ମରିସସ, ସେନେଗଲ, ସେଚେଲ୍ସ, ଦକ୍ଷିଣ ଆଫ୍ରିକା, ସୁଦାନ, ତାଜାକିସ୍ତାନ ଏବଂ ୟେମେନରେ ଜଣେ ଲେଖାଏଁ ଭାରତୀୟ ବନ୍ଦୀ ଅଛନ୍ତି ।

# ଅଶ୍ଳୀଳତାର ପ୍ରସାର କରୁଥିବା ୨୫ଟି ଓଟିଟି ପ୍ଲାଟଫର୍ମ ନିଷିଦ୍ଧ

ନୂଆଦିଲ୍ଲୀ, ୨୫ ।୭ (ଏଜେନ୍ସି): କେନ୍ଦ୍ର ସରକାର ଶୁକ୍ରବାର ଅଶ୍ଳୀଳ କଣ୍ଟେଟ୍ ପ୍ରସାରିତ କରୁଥିବା ୨୫ଟି ଓଟିଟି ପ୍ଲାଟଫର୍ମକୁ ବ୍ୟାନ୍ କରିଛନ୍ତି । ମନୋରଞ୍ଜନ ନାମରେ ଏହି ଆପ୍‌ଗୁଡିକ ଅଶ୍ଳିଳ ଓ ଆପତ୍ତିଜନକ ଭିଡିଓ ପରିବେଷଣ କରୁଥିଲେ ବୋଲି କେନ୍ଦ୍ର କହିଛି । ଏ ନେଇ ସରକାର ଇଣ୍ଟରନେଟ ସର୍ଭିସ୍ ପ୍ରୋଭାଇଡରକୁ ଏହି ଓଟିଟି ଆପ୍ ଓ ୱେବସାଇଟ୍‌ଗୁଡିକୁ ବ୍ଲକ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବ୍ୟାନ ହୋଇଥିବା ଆପ୍‌ଗୁଡିକ ମଧ୍ୟରେ ଏଏଲ୍‌ଟିଟି, ୟୁଏଲ୍‌ଏଲ୍‌ୟୁ ଦେଶୀ ଫ୍ଲିକ୍ସ ଭଳି ଲୋକପ୍ରିୟ ପ୍ଲାଟଫର୍ମ ରହିଛି ।

ଏଏଲ୍‌ଟିଟି ଆପ୍ ୨୦୧୭ ଏପ୍ରିଲରେ ସିନେମା ଓ ଟିଭି ପ୍ରଡ୍ୟୁସର ଏକତା କପୁର ଲଞ୍ଚ୍ କରିଥିଲେ । ସେହିପରି ୟୁଏଲ୍‌ଏଲ୍‌ୟୁ ଆପକୁ ଆଇଆଇଟି କାନପୁର ଗ୍ରାଜୁଏଟ୍ ବିଭୁ ଅଗ୍ରୱାଲ୍ ୨୦୧୮ରେ ଲଞ୍ଚ୍ କରିଥିଲେ । ପୂର୍ବରୁ ୨୦୨୪ରେ ମଧ୍ୟ ସରକାର ଅଶ୍ଳୀଳ କଣ୍ଟେଟ୍‌କୁ ଦୃଷ୍ଟିରେ ରଖି ୧୮ଟି ଓଟିଟି ପ୍ଲାଟଫର୍ମଗୁଡିକୁ ବ୍ୟାନ କରିଥିଲେ । ଏଥିସହ ୧୯ଟି ୱେବସାଇଟ୍, ୧୦ ଆପ୍ ଓ ୫୭ଟି ସୋସିଆଲ ମିଡିଆ

### ଗତବର୍ଷ ମଧ୍ୟ ୧୮ ଆପ୍‌କୁ ବନ୍ଦ କରାଯାଇଥିଲା

ହ୍ୟାଣ୍ଡଲକୁ ମଧ୍ୟ ବ୍ଲକ କରିଥିଲେ । ୨୦୨୦ରେ କରୋନା ମହାମାରୀକୁ ଦୃଷ୍ଟିରେ ରଖି ଜାରି କରାଯାଇଥିବା ଲକ୍‌ଡାଉନ୍ ଅବସରରେ ଏଏଲଟିଟି ଓ ୟୁଏଲ୍‌ଏଲ୍‌ୟୁ ଆପ୍‌ର ୟୁଜର୍ସ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଥିଲା । ଏଥିସହ ଅନ୍‌ଲାଇନ କଣ୍ଟେଟ୍‌କୁ ଦୃଷ୍ଟିରେ ରଖି ସରକାର ପୂର୍ବରୁ ଗାଇଡ ଲାଇନ୍ ଜାରି କରିଛନ୍ତି । ୨୦୨୧ରେ ସରକାର ଦି ଇନଫର୍ମେସନ ଟେକ୍ନୋଲୋଜି ନିୟମ ଜାରି କରିଥିଲେ । ଏହାକୁ ୨୦୨୩ ଏପ୍ରିଲ ୬ରେ ଅପଡେଟ୍ କରାଯାଇଥିଲା । ୩୦ ପୃଷ୍ଠା ବିଶିଷ୍ଟ ଏହି ଗାଇଡ ଲାଇନ୍‌ରେ ସୋସିଆଲ ମିଡିଆ, ସିନେମା, ୱେବ ସିରିଜକୁ ନେଇ ନିୟମ ଜାରି କରାଯାଇଥିଲା । ଏହି ଗାଇଡ୍ ଲାଇନ୍ ଅନୁସାରେ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଗ୍ରିଭାନ୍ସ ଅଫିସର ରଖିବାକୁ ହେବ । ପୁଣି ସବୁ କଣ୍ଟେଟ୍ ଆଇନ୍ ଅନୁସାରେ ହେବା ଜରୁରୀ । କଣ୍ଟେଟଗୁଡିକ ଦେଶ ବିରୋଧୀ ହୋଇ ନଥିବ ଓ ଏଥିରେ ଯୌନତା ତଥା ଅଶ୍ଳୀଳତା ନ ରହିବା ଜରୁରି । ପୁଣି କଣ୍ଟେଟ୍‌ଗୁଡିକ ଛୋଟ ପିଲା ଓ ମହିଳାଙ୍କୁ କୌଣସ ପ୍ରକାର କ୍ଷତି ପହଞ୍ଚାଉ ନଥିବ ବୋଲି କୁହାଯାଇଥିଲା ।

# ବେଜିଂରେ ମୁନୀରଙ୍କୁ ଚୀନ୍ ନାଗରିକଙ୍କ ସୁରକ୍ଷା ନେଇ କଡ଼ା ପ୍ରଶ୍ନ

ବେଜିଂ, ୨୫ ।୭ (ଏଜେନ୍ସି): ଚୀନ୍ ଗସ୍ତ କରିଥିବା ପାକିସ୍ତାନ ସେନା ମୁଖ୍ୟ ଆସିମ ମୁନୀରଙ୍କୁ ଏକ ଅସ୍ୱାଭାବିକ୍ ସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଥିଲା । ରାଜଧାନୀ ବେଜିଂ ଗସ୍ତରେ ଯାଇଥିବା ମୁନିରଙ୍କୁ ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ୍ ୟି ଏକ କଡ଼ା ପ୍ରଶ୍ନ ପଚାରିଥିଲେ । ଫଳରେ ମୁନୀର ଏକପ୍ରକାର ଲଜ୍ଜିତ ହେବା ଭଳି ସ୍ଥିତି ସୃଷ୍ଟି ହୋଇଥିଲା । ପ୍ରକଳ୍ପ ଓ ସରକାରୀ କାର୍ଯ୍ୟ କରିବାକୁ ପାକିସ୍ତାନରେ ନିୟୋଜିତ ହୋଇଥିବା ଚୀନ୍ ନାଗରିକଙ୍କ ସୁରକ୍ଷା ନେଇ ୱାଙ୍ଗ୍ ମୁନୀରଙ୍କୁ ପ୍ରଶ୍ନ କରିଥିଲେ । ଏଭଳି ପ୍ରଶ୍ନ ମୁନୀର ମଧ୍ୟ ଆଶା କରୁ ନଥିଲେ । ଗତ କେତେ ବର୍ଷ ମଧ୍ୟରେ ପାକିସ୍ତାନରେ ବହୁ ସଂଖ୍ୟାରେ ଚୀନ୍ ନାଗରିକ ଆତଙ୍କବାଦୀ ଆକ୍ରମଣରେ ନିହତ ହୋଇଛନ୍ତି । ତେବେ ଚୀନ୍ ନାଗରିକଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ପାକିସ୍ତାନ ସେନା ସବୁପ୍ରକାର ବ୍ୟବସ୍ଥା କରିବ ବୋଲି ମୁନୀର ୱାଙ୍ଗଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଉଲ୍ଲେଖଥାଉ କି, ଗତବର୍ଷ ଅକ୍ଟୋବରରେ କରାଚୀ ବିମାନ ବନ୍ଦରରେ ଏକ ଆତ୍ମଘାତୀ ଆତଙ୍କବାଦୀ ଆକ୍ରମଣରେ ୫ ଜଣ ଚୀନ ନାଗରିକ ମୃତ୍ୟୁବରଣ କରିଥିଲେ ।

# ଥମୁନି ଥାଇଲାଣ୍ଡ-କାମ୍ବୋଡିଆ ସଂଘର୍ଷ

ବ୍ୟାଙ୍କକ, ୨୫।୭ (ଏଜେନ୍ସି): ହଜାରେ ବର୍ଷ ତଳର ଦୁଇ ପୁରୁଣା ଶିବ ମନ୍ଦିରକୁ ନେଇ ଥାଇଲାଣ୍ଡ ଏବଂ କାମ୍ବୋଡିଆ ମଧ୍ୟରେ ଯୁଦ୍ଧ ସ୍ଥିତି ସୃଷ୍ଟି ହୋଇଛି । ଏହି ଉତ୍ତେଜନା ଶୁକ୍ରବାର ଦ୍ୱିତୀୟ ଦିନରେ ପହଞ୍ଚିଛି । ସୀମାର ୧୨ ସ୍ଥାନରେ ଦୁଇ ଦେଶ ମୁହାଁମୁହିଁ ହୋଇଛନ୍ତି । ଏଥିଯୋଗୁଁ ଥାଇଲାଣ୍ଡ ସୀମାରେ ରହୁଥିବା ଲକ୍ଷେରୁ ଅଧିକ ଲୋକ ଘର ଛାଡ଼ିବାକୁ ବାଧ ହୋଇଛନ୍ତି । ଏହି ସଂଘର୍ଷରେ ଏ ପର୍ଯ୍ୟନ୍ତ ୧୫ ଜଣଙ୍କ ମୃତ୍ୟୁ ହେଲାଣି । ଏମାନଙ୍କ ମଧ୍ୟରେ ଜଣେ ସୈନିକ ଏବଂ ୧୪ ଜଣ ସାଧାରଣ ନାଗରିକ ସାମିଲ ଅଛନ୍ତି । ୪୬ ଜଣ ମଧ୍ୟ ଆହତ ହୋଇଛନ୍ତି । ତେବେ ମୃତାହତଙ୍କୁ ନେଇ କାମ୍ବୋଡିଆ ପକ୍ଷରୁ କୌଣସି ଆନୁଷ୍ଠାନିକ ସୂଚନା ଦିଆଯାଇ ନାହିଁ । ତେବେ ଅନେକ ରିପୋର୍ଟରେ ଜଣେ ପ୍ରାଣ ହରାଇଥିବା ଦାବି କରାଯାଉଛି । କାମ୍ବୋଡିଆ ସୀମାକୁ ଲାଗିଥିବା ଚନ୍ଥାବୁରିର ୭ ଜିଲ୍ଲା ଏବଂ ଟ୍ରାଟର ଗୋଟିଏ ଜିଲ୍ଲାରେ ଥାଇଲାଣ୍ଡ ମାର୍ଶାଲ ଲ' ଲଗାଇଛି । ଦୁଇ ଦେଶ ମଧ୍ୟରେ ଉତ୍ତେଜନାକୁ ଦେଖି ଥାଇଲାଣ୍ଡ ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ଯାତ୍ରୀ ମାର୍ଗଦର୍ଶିକା ଜାରି କରାଯାଇଛି । ଥାଇଲାଣ୍ଡ ଏବଂ କାମ୍ବୋଡିଆ ସୀମା ନିକଟସ୍ଥ ୭ ରାଜ୍ୟକୁ ନ ଯିବା ପାଇଁ ନିବେଦନ କରାଯାଇଛି । ଏହି ସବୁ ରାଜ୍ୟ ମଧ୍ୟରେ ଉବୋନ ରଚଥାନି, ସୁରିନ, ସିସାକେତ୍ତୁ, ବୁରିରାମ, ସା କାଓ, ଚନ୍ଥାବୁରି ଏବଂ ଟ୍ରାଟ ସାମିଲ ରହିଛି । ଗତ ମେ' ମାସରୁ ଦୁଇ ଦେଶ ମଧ୍ୟରେ ବିବାଦ ଉଗ୍ର ହୋଇଥିଲା । ସୀମାକ୍ଷେତ୍ରରେ ସଂଘର୍ଷ ଚାଲିଥିବାବେଳେ କାମ୍ବୋଡିଆର ଜଣେ ସୈନିକ ପ୍ରାଣ ହରାଇ ଥିଲେ । ଯେସାକୁ ତେସା ନୀତିରେ ଏବଂ ସୀମା ବନ୍ଦକୁ ନେଇ ଗୁରୁବାର ସଂଘର୍ଷ ଆରମ୍ଭ ହୋଇଥିଲା । ଉଭୟ ଦେଶ ପରସ୍ପର ଉପରେ ଆକ୍ରମଣ କରିଥିବା ଅଭିଯୋଗ ଲଗାଇ ଥିଲେ । ଗୁଳିଗୋଳା ମାଡ଼ ହେବା

### ଗଲାଣି ୧୫ ଜୀବନ, ସୀମାରୁ ଲକ୍ଷେ ଲୋକଙ୍କୁ ହଟାଇଲା ଥାଇଲାଣ୍ଡ

### ୮ ଜିଲ୍ଲାରେ ମାର୍ଶାଲ ଲ' ଲଗାଇଲା


### ମାର୍ଗଦର୍ଶିକା ଜାରିକଲା ଭାରତୀୟ ଦୂତାବାସ

ସହିତ ଆରମ୍ଭ ହୋଇଥିବା ଏହି ସଂଘର୍ଷ ଏବେ ଭୟଙ୍କର ହେବାରେ ଲାଗିଛି । ଦୁଇ ଦେଶ ସୀମାରେ ଲଢୁଆ ବିମାନ, ତୋପ, ଟ୍ୟାଙ୍କ ଏବଂ ସେନା ମୁତୟନକୁ କରିଛନ୍ତି ।

ଥାଇଲାଣ୍ଡ ଏବଂ କାମ୍ବୋଡିଆର ଇତିହାସ ଦୀର୍ଘ ଦିନ ହେଲା ଖମେର ସାମ୍ରାଜ୍ୟ (କାମ୍ବୋଡିଆ) ଏବଂ ସିୟାମ ସାମ୍ରାଜ୍ୟ (ଥାଇଲାଣ୍ଡ) ମଧ୍ୟରେ ସଂଘର୍ଷ ସହ ଜଡ଼ିତ । ଫ୍ରାନ୍ସ ଏବଂ ବ୍ରିଟିଶ ଶାସନ କାଳରେ ମଧ୍ୟ ଉଭୟ ଦେଶର ସୀମାରେ ଉତ୍ତେଜନା ଥିଲା । ଏଥିଯୋଗୁଁ ପ୍ରିୟ ବିହାର ଏବଂ ତା ମୁଏନ ଥାମ ମନ୍ଦିରର ଆଖପାଖରେ ଥିବା ଜମିର ଅଧିକାରକୁ ନେଇ ଆଇନଗତ ଏବଂ ରାଜନୈତିକ ବିବାଦ ଥମିବା ପରିବର୍ତ୍ତେ ବୃଦ୍ଧି ପାଇ ଚାଲିଥିଲା । ୧୯୦୭ରେ କାମ୍ବୋଡିଆ ଫ୍ରାନ୍ସ ଅଧିନରେ ଥିବାବେଳେ ଦୁଇ ଦେଶ ମଧ୍ୟରେ ୮୧୭ କିମିର ସୀମାରେଖା ନିର୍ଦ୍ଧାରଣ କରାଯାଇଥିଲା । କିନ୍ତୁ ଥାଇଲାଣ୍ଡ ଏହାକୁ ବିରୋଧ କରିଥିଲା । କାରଣ ନକ୍ସାରେ ପ୍ରିୟ ବିହାର ମନ୍ଦିରକୁ କାମ୍ବୋଡିଆର ଦର୍ଶା ଯାଇଥିଲା । ସେହିପରି ତା ମୁଏନ ଥାମ ମନ୍ଦିରକୁ ଥାଇଲାଣ୍ଡର ଦେଖା ଯାଇଥିଲା । କିନ୍ତୁ କାମ୍ବୋଡିଆ ଏହାକୁ ନିଜର ଭାବୁ ଥିଲା । ଏହି ମନ୍ଦିର ସେହି ସ୍ଥାନରେ ରହିଛି ଯେଉଁଠି ଦୁଇ ଦେଶ ମଧ୍ୟରେ କୌଣସି ସୀମା ଧାର୍ଯ୍ୟ କରାଯାଇ ନାହିଁ । ତେଣୁ ଏହା ଉପରେ ଉଭୟ ଦେଶ ଦାବି କରୁଛନ୍ତି । ଏହା ଥାଇଲାଣ୍ଡ ପଟେ ଥିବା ସତ୍ତ୍ୱେ କାମ୍ବୋଡିଆ ଏହାକୁ ନିଜର ଐତିହାସିକ ସ୍ଥାନ ମାନୁଛି । କାରଣ ଖମେର ସାମ୍ରାଜ୍ୟ ସମୟରେ ଏହାର ନିର୍ମାଣ ହୋଇଥିଲା । ଏହି ସାମ୍ରାଜ୍ୟ କାମ୍ବୋଡିଆର ଏକ ଶକ୍ତିଶାଳୀ ଏବଂ ପ୍ରଭାବଶାଳୀ ସାମ୍ରାଜ୍ୟ ଥିଲା । ଏହା ନବମରୁ ୧୫ଶ ଶତାବ୍ଦୀ ପର୍ଯ୍ୟନ୍ତ ରହିଥିଲା । ଏହି ସାମ୍ରାଜ୍ୟ କାମ୍ବୋଡିଆ ବ୍ୟତୀତ ଲାଓସ, ଥାଇଲାଣ୍ଡ ଏବଂ ଭିଏତନାମର ବିଭିନ୍ନ ଭାଗରେ ଶାସନ କରିଥିଲା ।

ଥାଇଲାଣ୍ଡ ଦାବି କରୁଛି ଯେ ଏହି ମନ୍ଦିର କାମ୍ବୋଡିଆର ହୋଇପାରେ । କିନ୍ତୁ ଏହାର ଚାରିପାଖରେ ଥିବା ଜମି ନିଜର । ଉଭୟ ଦେଶର ସେନା ଏହି ମନ୍ଦିର ଆଖପାଖରେ ନିୟମିତ ଭାବେ ପାଟ୍ରୋଲିଂ କରୁଛି । ତେଣୁ ଅନେକ ସମୟରେ ଏଠାରେ ସଂଘର୍ଷ ହେଉଛି । ଚଳିଥ ଥର ସଂଘର୍ଷ ମଧ୍ୟ ଏହି ମନ୍ଦିର ନିକଟରେ ହୋଇଛି ।

ସେହିପରି ପ୍ରିହ ବିହିୟର ମନ୍ଦିରକୁ ନେଇ ଘମାଘୋଟ ବିବାଦ ରହିଛି । ଥାଇଲାଣ୍ଡ ଏହାକୁ ନିୟନ୍ତ୍ରଣକୁ ନେବା କ୍ରମାଗତ ଭାବେ ପ୍ରୟାସ କରି ଆସୁଛି । ୧୯୫୯ରେ ଏହି ବିବାଦ ଅନ୍ତର୍ଜାତୀୟ କୋର୍ଟକୁ ଯାଇଥିଲା । ୧୯୬୨ରେ କୋର୍ଟ ଏହା କାମ୍ବୋଡିଆର ବୋଲି ରାୟ ଦେଇ ଥାଇଲାଣ୍ଡକୁ ସେନା ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ । ସେତେବେଳ ଥାଇଲାଣ୍ଡ ଏହାକୁ ସ୍ୱୀକାର କରିଥିଲା, କିନ୍ତୁ ଆଖପାଖ ଜମିକୁ ନେଇ ବିବାଦ ଜାରି ରହିଥିଲା । ୨୦୦୮ ରେ ଏହି ମନ୍ଦିର ୟୁନେସ୍କୋର ଐତିହ୍ୟ ସ୍ଥଳରେ ସାମିଲ ହେବାରୁ ବିବାଦ ଉଗ୍ର ହୋଇଥିଲା । ପୁଣି ଦୁଇ ଦେଶ ମଧ୍ୟରେ ସଂଘର୍ଷ ହୋଇଥିଲା । ୨୦୧୧ରେ ସ୍ଥିତି ବିଗିଡିବାରୁ ହଜାର ହଜାର ଲୋକେ ଘର ଛାଡ଼ିବାକୁ ବାଧ୍ୟ ହୋଇଥିଲେ । ୨୦୧୩ରେ ଅନ୍ତର୍ଜାତୀୟ କୋର୍ଟ ନିଜ ରାୟକୁ ସ୍ପଷ୍ଟ କରି ମନ୍ଦିର ସହିତ ଆଖପାଖର କ୍ଷେତ୍ର ବି କାମ୍ବୋଡିଆର ବୋଲି କହିଥିଲେ । ସେନାକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର ପାଇଁ ଥାଇଲାଣ୍ଡକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଏ ପର୍ଯ୍ୟନ୍ତ ସୀମା ବିବାଦର ସମାଧାନ ହୋଇପାରି ନାହିଁ ।



ବିହାରରେ ଭୋଟର ତାଲିକା ଯାଞ୍ଚକୁ ବିରୋଧ କରି ସଂସଦ ବାହାରେ ବିରୋଧୀଙ୍କ ଡଷ୍ଟବିନ୍ ପ୍ରତିବାଦ

# ପାଲେଷ୍ଟାଇନ୍‌କୁ ସ୍ୱତନ୍ତ୍ର ଦେଶ ଭାବେ ମାନ୍ୟତା ଦେବ ଫ୍ରାନ୍ସ



ପ୍ୟାରିସ/ ତେଲ ଅଭିଭ୍, ୨୫ ।୭ (ଏଜେନ୍ସି): ଖୁବଶୀଘ୍ର ଫ୍ରାନ୍ସ ପାଲେଷ୍ଟାଇନ୍‌କୁ ଏକ ସ୍ୱତନ୍ତ୍ର ଦେଶର ମାନ୍ୟତା ଦେବ । ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ଗୁରୁବାର ଏ ନେଇ ଘୋଷଣା କରିଛନ୍ତି । ଆଗାମୀ ସେପ୍ଟେମ୍ବରରେ ଜାତିସଂଘର ମହା ଅଧିବେଶନରେ ସେ ଏ ନେଇ ଔପଚାରିକ ଭାବେ ଘୋଷଣା କରିବେ ବୋଲି ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି । ଏଥିରେ ପାଲେଷ୍ଟାଇନ୍ କର୍ତ୍ତୃପକ୍ଷ ଖୁସି ଜାହିର କରିବା ସହ ମାକ୍ରୋନଙ୍କ ମନ୍ତବ୍ୟକୁ ସ୍ୱାଗତ କରିଛନ୍ତି । ଅନ୍ୟପଟେ ଇସ୍ରାଏଲ ଏହାକୁ ବିରୋଧ କରିଛି । ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏହାକୁ ବିରୋଧ କରିଛନ୍ତି । ଏହା ଆତଙ୍କବାଦୀଙ୍କୁ ପୁରସ୍କୃତ କରିବା ସଦୃଶ ହେବ ବୋଲି ସେ କହଛନ୍ତି । ସବୁଠାରୁ ବଡ଼ ପାଶ୍ଚାତ୍ୟ ଦେଶ ଭାବେ ଫ୍ରାନ୍ସ ପାଲେଷ୍ଟାଇନକୁ ମାନ୍ୟତା ପ୍ରଦାନ କରିବ । ଏପର୍ଯ୍ୟନ୍ତ ୧୪୦ରୁ ଅଧିକ ଦେଶ ପାଲେଷ୍ଟାଇନ୍‌କୁ ଏକ ସ୍ୱତନ୍ତ୍ର ଦେଶ ଭାବେ ମାନ୍ୟତା ପ୍ରଦାନ କରିସାରିଛନ୍ତି । ଏଥିରେ କେତେକ ୟୁରୋପୀୟ ଦେଶ ମଧ୍ୟ ସାମିଲ ରହିଛନ୍ତି । ଦୀର୍ଘଦିନ ହେବ ପାଲେଷ୍ଟାଇନ୍ ନାଗରିକମାନେ ଏକ ସ୍ୱତନ୍ତ୍ର ଦେଶ ପାଇଁ ଦାବି କରିଆସୁଛନ୍ତି । ଏଥିରେ ୱେଷ୍ଟ ବ୍ୟାଙ୍କ, ପୂର୍ବ ଜେରୁଜେଲମ ଓ ଗାଜା ପଟି ସାମିଲ ରହିଛି । ୧୯୬୭ରେ ଇସ୍ରାଏଲ୍ ମଧ୍ୟପ୍ରାଚ୍ୟ ଯୁଦ୍ଧ ଅବସରରେ ଏହି ଅଞ୍ଚଳଗୁଡିକୁ ଅକ୍ତିଆରରେ ରଖିଛି । ପାଲେଷ୍ଟାଇନର ସ୍ଥିତି ନେଇ ବ୍ରିଟେନ ଓ ଜର୍ମାନୀ ସହ ବୈଠକରେ ଫ୍ରାନ୍ସ ବସିବ । ଫ୍ରାନ୍ସରେ ବହୁ ସଂଖ୍ୟାରେ ଇହୁଦୀ ଓ ମୁସଲମାନ ରହୁଛନ୍ତି । ତେଣୁ ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ଓ ଯୁଦ୍ଧ ଭଳି ସ୍ଥିତି ଫ୍ରାନ୍ସକୁ ପ୍ରଭାବିତ କରିଛି ।

# ଏୟାର ଇଣ୍ଡିଆ ବିମାନର ଜରୁରୀ ଅବତରଣ

ଜୟପୁର, ୨୫।୭ (ଏଜେନ୍ସି): ସମସ୍ୟା ଏୟାର ଇଣ୍ଡିଆର ପିଛା ଛାଡୁନି । ଏବେ ପୁଣି ଏକ ବିମାନ ଶୁକ୍ରବାର ଜୟପୁର ବିମାନବନ୍ଦରରେ ଜରୁରୀ ଅବତରଣ କରିଛି । ଏହି ବିମାନ (ଏଆଇ -୬୧୨) ଜୟପୁରର ମୁମ୍ବାଇ ଅଭିମୁଖେ ଯାଉଥିଲା । ମାତ୍ର ୧୮ ମିନିଟ ପରେ ବିମାନରେ ଯାନ୍ତ୍ରିକ ତ୍ରୁଟି ଥିବା ଦେଖା ଯାଇଥିଲା । ଏହାର କାର୍ଗୋ ଗେଟ୍ ଖୋଲା ଥିବା ଜଣା ପଡ଼ିଥିଲା । ତେଣୁ ଏହା ଜରୁରୀ ଅବତରଣ କରିଥିଲା । ଯାନ୍ତ୍ରିକ ତ୍ରୁଟି ଠିକ୍ କରିବା ପରେ ଏହା ସନ୍ଧ୍ୟା ୪ଟା ୨୯ରେ ପୁଣି ମୁମ୍ବାଇ ଅଭିମୁଖେ ଉଡ଼ାଣ ଭରିଥିଲା ।




ତେବେ ଏୟାର ଇଣ୍ଡିଆ ପକ୍ଷରୁ ବିମାନର କୌଣସି ଯାନ୍ତ୍ରିକ ତ୍ରୁଟିକୁ ନେଇ ବିବୃତ୍ତି ଜାରି କରାଯାଇ ନାହିଁ । ସୂଚନା ଅନୁଯାୟୀ ଏହି ବିମାନ ଆଜି ଦ୍ୱିପହର ୧ଟା୩୫ରେ ଜୟପୁରରୁ ମୁମ୍ବାଇ ଅଭିମୁଖେ ଯିବାର ଥିଲା । ମାତ୍ର ଏହା ଧାର୍ଯ୍ୟ ସମୟର ୨୩ ମିନିଟ ବିଳମ୍ବରେ ଉଡ଼ାଣ ଆରମ୍ଭ କରିଥିଲା ।

# ମାଳଦୀପକୁ ୪୮୫୦ କୋଟିର ଋଣ ଦେବ ଭାରତ

### ଉଭୟ ଦେଶର ସମ୍ବନ୍ଧକୁ ନେଇ ଡାକ ଟିକଟ ଜାରି



ନାପିତ୍ୟ, ୨୫।୭ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇ ଦିନିଆ ଗସ୍ତରେ ଶୁକ୍ରବାର ମାଳଦୀପରେ ପହଞ୍ଚିଛନ୍ତି । ଏଠାରେ ତାଙ୍କୁ 'ଗାର୍ଡ ଅଫ ଅନର' ଦେଇ ସ୍ୱାଗତ କରାଯାଇଛି । ମାଳଦୀପ ରାଷ୍ଟ୍ରପତି ମହମ୍ମଦ ମୁଇଜୁ ତାଙ୍କୁ ବିମାନବନ୍ଦରରୁ ପାଛୋଟି ନେଇଛନ୍ତି । ଉଭୟ ନେତା ପରସ୍ପରକୁ ଆଲିଙ୍ଗନ ମଧ୍ୟ କରିଛନ୍ତି । ଏହା ପରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା । ଏହି ସମୟରେ ମାଳଦ୍ୱୀପକୁ ୪, ୮୫୦ କୋଟି ଟଙ୍କାର ଲାଇନ ଅଫ୍ କ୍ରେଡିଟ (ଋଣ) ଦେଇଥିଲା ଏବଂ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫଟିଏ) ଉପରେ ଆଲୋଚନା ହୋଇଥିଲା । ଉଭୟ ଦେଶର କୂଟନୈତିକ ସମ୍ବନ୍ଧକୁ ମଧ୍ୟ ୬୦ ବର୍ଷ ପୂରଣ ହୋଇଛି । ଏହାକୁ ନେଇ ସ୍ମାରକ ଡାକ ଟିକଟ ଜାରି କରାଯାଇଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହା ତୃତୀୟ ମାଳଦ୍ୱୀପ ଗସ୍ତ । ସେ ରାଷ୍ଟ୍ରପତି ମୁଇଜୁଙ୍କ ଆମନ୍ତ୍ରଣରେ ମାଳଦ୍ୱୀପ ଯାଇଛନ୍ତି ।

ଦୁଇ ଦେଶର ସମ୍ବନ୍ଧକୁ ନେଇ ମୋଦୀ କହିଛନ୍ତି ଯେ ଭାରତ ପାଇଁ ବନ୍ଧୁତା ଆଗ । ଭାରତ ହେଉଛି ମାଳଦ୍ୱୀପର ସବୁଠୁ ଘନିଷ୍ଠ ପଡ଼ୋଶୀ । ଏଥିପାଇଁ ଭାରତ ଗର୍ବିତ । ପଡ଼ୋଶୀ ପ୍ରଥମ ନୀତି ଏବଂ ମହାସାଗର ଭିଜନରେ ମାଳଦ୍ୱୀପର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି ।

# ହାଇୱେ ଉପରେ ଖସିଲା ବିମାନ: ପତି-ପତ୍ନୀ ମୃତ



ରୋମ, ୨୫ ।୭ (ଏଜେନ୍ସି): ଉତ୍ତର ଇଟାଲୀର ବ୍ରେସିଆ ସହର ନିକଟସ୍ଥ ହାଇୱେ ଉପରେ ଏକ ଅଲଟ୍ରାଲାଇଟ୍ ଛୋଟ ବିମାନ ଖସିପଡ଼ିବା ସହ ସମ୍ପୂର୍ଣ୍ଣ ଭାବେ ଜଳିଯାଇଛି । ଏହି ଦୁର୍ଘଟଣାରେ ଏକ ଦମ୍ପତ୍ତି ମୃତ୍ୟୁବରଣ କରିଛନ୍ତି । ବିମାନକୁ ଉଡାଉଥିବା ୭୫ ବର୍ଷୀୟ ଓକିଲ ତଥା ପାଇଲଟ ସର୍ଗିଓ ରାଭାଗ୍ଲିଆ ଓ ତାଙ୍କ ପତ୍ନୀ ୬୦ ବର୍ଷୀୟା ଆନ ମେରୀ ଡି ଷ୍ଟିଫାନୋ ପ୍ରାଣ ହରାଇଛନ୍ତି । ଏହାର ଭିଡିଓ ଇଣ୍ଟରନେଟ୍‌ରେ ଭାଇରାଲ ହୋଇଛି । ରାଭାଗ୍ଲିଆ ବିମାନକୁ ହାଇୱେ ଉପରେ ଜରୁରୀକାଳିନ ଅବତରଣ କରିବାକୁ ଚାହୁଁଥିଲେ । କିନ୍ତୁ ନିୟନ୍ତ୍ରଣ ହରାଇଥିଲେ ବୋଲି କୁହାଯାଇଛି । ବିମାନ ଖସିପଡ଼ିବା ପରେ ରାସ୍ତା ଉପରେ ଯାଉଥିବା ଗାଡିଗୁଡିକରେ ନିଆଁ ଲାଗି ଯାଇଥିଲା । ଏଥିରେ ଜଣେ ଡ୍ରାଇଭର ଗମ୍ଭୀର ଭାବେ ଆହତ ହୋଇଥିବା ବେଳେ ଜଣକୁ ହସ୍ପିଟାଲ ନିଆ ଯାଇଥିଲା । ଆଉ ଜଣେ ସାମାନ୍ୟ ଭାବେ ଆହତ ହୋଇଥିଲେ । ଇଟାଲୀର ନ୍ୟାସନାଲ ଏଜେନ୍ସି ଅଫ୍ ଫ୍ଲାଇଟ୍ ସେଫ୍ଟି ଏହି ଘଟଣାର ତଦନ୍ତ ଆରମ୍ଭ କରିଛି ।

# ଉମା କାଞ୍ଜିଲାଲ୍ ଇଗ୍ନୋ କୁଳପତି



ଭୁବନେଶ୍ୱର, ୨୫ ।୭ (ସମିସ): ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ର ନୂତନ କୁଳପତି ଭାବେ ପ୍ରଫେସର ଉମା କାଞ୍ଜିଲାଲ୍‌ଙ୍କୁ ନିଯୁକ୍ତି ଦିଆଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ତାଙ୍କୁ ଏହି ନୂତନ ନିଯୁକ୍ତି ପ୍ରଦାନ କରିଛନ୍ତି। ପ୍ରଫେସର କାଞ୍ଜିଲାଲ୍ ଏହା ପୂର୍ବରୁ ଇଗ୍ନୋର ଭାରପ୍ରାପ୍ତ କୁଳପତି ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ୨୦୨୧ରୁ ୨୦୨୪ ପର୍ଯ୍ୟନ୍ତ ସେ ପ୍ରୋ-ଭାଇସ୍‌ଚାନ୍‌ସେଲର୍ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ଦୀର୍ଘ ଦିନରୁ ବିଭିନ୍ନ ପ୍ରଶାସନିକ ପଦରେ ଥିବାରୁ ବିଶ୍ୱବିଦ୍ୟାଳୟ ପରିଚାଳନାରେ ତାଙ୍କର ଅଭିଜ୍ଞତା ରହିଛି। ଇଗ୍ନୋର ଅନ୍‌ଲାଇନ୍ ଶିକ୍ଷା କେନ୍ଦ୍ର ଏବଂ ସାମାଜିକ ବିଜ୍ଞାନ ବିଦ୍ୟାପୀଠର ନିର୍ଦ୍ଦେଶିକା ଭାବେ ମଧ୍ୟ କାର୍ଯ୍ୟ କରିଥିବାରୁ ପ୍ରାୟ ସମସ୍ତ କ୍ଷେତ୍ରରେ ଅଭିଜ୍ଞତା ରହିଛି। ପ୍ରଫେସର କାଞ୍ଜିଲାଲ୍‌ଙ୍କ ନିଯୁକ୍ତି ପରେ ବିଶ୍ୱବିଦ୍ୟାଳୟ ଏକ ନୂତନ ସ୍ତରରେ ପହଞ୍ଚିପାରିବ ବୋଲି ଭୁବନେଶ୍ୱର ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।

## 'ଉତ୍କଳ'ର ଭାରପ୍ରାପ୍ତ କୁଳପତି ଭାବେ ଯଜ୍ଞେଶ୍ୱର ଦଣ୍ଡପାଟ ପୁନଃ ନିଯୁକ୍ତ



ଭୁବନେଶ୍ୱର, ୨୫ ।୭ (ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଭାବେ ପ୍ରଫେସର୍ ଯଜ୍ଞେଶ୍ୱର ଦଣ୍ଡପାଟ ପୁନଃ ନିଯୁକ୍ତ ହୋଇଛନ୍ତି। ଏହା ପୂର୍ବରୁ ମଧ୍ୟ ସେ ଭାରପ୍ରାପ୍ତ କୁଳପତି ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ନିଯୁକ୍ତିକୁ ବେଆଇନ୍ ଦର୍ଶାଇ ହାଇକୋର୍ଟରେ ଏକ ମାମଲା ହୋଇଥିବାରୁ ଦୁଇଦିନ ତଳେ ତାଙ୍କୁ ଭାରପ୍ରାପ୍ତ କୁଳପତି ପଦରୁ ପଦଚ୍ୟୁତ କରାଯାଇଥିଲା। ଭାରପ୍ରାପ୍ତ କୁଳପତି ନିଯୁକ୍ତ କରିବା ପାଇଁ ସରକାର ଅଧ୍ୟାଦେଶ ଆଣିବା ପରେ ପ୍ରଫେସର ଦଣ୍ଡପାଟଙ୍କୁ ପୁନଃ ନିଯୁକ୍ତି ଦିଆଯାଇଛି।

ସୂଚନା ଅନୁଯାୟୀ, ବିଶ୍ୱବିଦ୍ୟାଳୟ ଅଧିନିୟମ ୧୯୮୯ର ଧାରା ୬(୧) ଅନୁସାରେ ସ୍ଥାୟୀ କୁଳପତି ନିଯୁକ୍ତ ନ ହେବା ପର୍ଯ୍ୟନ୍ତ ନିକଟସ୍ଥ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଭାରପ୍ରାପ୍ତ ଦାୟିତ୍ୱ ଦେବାର ପ୍ରାବଧାନ ରହିଛି। ହେଲେ ଉତ୍କଳ କ୍ଷେତ୍ରରେ ନିୟମକୁ ଉଲଂଘନ କରି ସେହି ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକଙ୍କୁ ଭାରପ୍ରାପ୍ତ କୁଳପତି କରାଯାଇଥିଲା। ଏହାକୁ ବେଆଇନ୍ ଦର୍ଶାଇ ହାଇକୋର୍ଟରେ ମାମଲା ହୋଇଥିଲା। ଫଳରେ କୁଳାଧିପତି ତାଙ୍କ ନିଯୁକ୍ତିକୁ ବାତିଲ୍ କରିଥିଲେ। ଏହାପରେ ଭାରପ୍ରାପ୍ତ କୁଳପତି ନିଯୁକ୍ତିରେ କୁଳାଧିପତିଙ୍କ କ୍ଷମତାକୁ ବୃଦ୍ଧି କରିବା ପାଇଁ ସରକାର ଅଧ୍ୟାଦେଶ ଆଣିଥିଲେ। ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧିତ ଅଧ୍ୟାଦେଶ ୨୦୨୫ର ଧାରା-୬ ଓ ଉପଧାରା-୧୦ ଅନୁଯାୟୀ ପ୍ରଫେସର ଦଣ୍ଡପାଟଙ୍କୁ ପୁଣିଥରେ କୁଳପତି ଭାବେ ନିଯୁକ୍ତି ଦିଆଯାଇଛି। ନୂତନ କୁଳପତି ନିଯୁକ୍ତ ପର୍ଯ୍ୟନ୍ତ ସେ ଏହି ପଦରେ କାର୍ଯ୍ୟ କରିବେ ବୋଲି କୁଳାଧିପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

■ ଉପରମୁଣ୍ଡରେ ବର୍ଷା

## ହୀରାକୁଦ ବନ୍ଧର ୨୦ ଗେଟ୍ ଖୋଲା

ସମ୍ବଲପୁର, ୨୫।୭ (ସମିସ): ଉପର ମୁଣ୍ଡରେ ବର୍ଷା ଏବଂ ନିୟମ ଅନୁଯାୟୀ ଜଳଭଣ୍ଡାରର ଜଳସ୍ତର ବଜାୟ ରଖିବା ପାଇଁ ହୀରାକୁଦ ଜଳଭଣ୍ଡାର ଆଜି ଆହୁରି ୧୨ଟି ଗେଟ୍ ଖୋଲିଛି। ଗତକାଲି ସୁଦ୍ଧା ୮ଟି ଗେଟ୍ ଖୋଲାଯାଇଥିବାରୁ, ଏବେ ମୋଟ ୨୦ଟି ଗେଟ୍ ଦେଇ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ ହେଉଛି। ନଦୀବନ୍ଧର ବାମପଟର ୧୩ଟି ଗେଟ୍ ଓ ଡାହାଣ ପଟର ୭ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି। ଶୁକ୍ରବାର ସନ୍ଧ୍ୟା ୬ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୦୯.୩୯ ଫୁଟ୍ ରହିଛି। ଉଲ୍ଲେଖଯୋଗ୍ୟ, ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳସ୍ତର ୬୦୪.୭୩ ଫୁଟ୍ ରହିଥିଲା। ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜୁଲାଇ ୩୧ ତାରିଖ ସୁଦ୍ଧା ଜଳସ୍ତର ୬୦୫ ଫୁଟ୍ ରହିବା ଆବଶ୍ୟକ। ବର୍ତ୍ତମାନ ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩,୩୫,୧୬୬ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାରଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୯୬,୨୨୦ ଘନଫୁଟ୍, ପାୱାର ଚ୍ୟାନେଲ ଦେଇ ୩୪,୫୧୨ ଘନଫୁଟ୍, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ୍, କେନାଲ ପାଇଁ ୪,୨୦୦ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ଗତ ୨୪ଘଣ୍ଟାରେ ଉପରମୁଣ୍ଡରେ ୩୪.୮୦ ମିମି ଏବଂ ତଳମୁଣ୍ଡରେ ୧୧.୫୭ ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୧୫,୬୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ପଥର୍ଲାଠାରେ ୩୮,୪୫୨ କ୍ୟୁସେକ୍, ଖଇରମାଲଠାରେ ୨,୮୨,୦୦୦ କ୍ୟୁସେକ୍, ବାରମୁଲଠାରେ ୧,୪୧,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୧,୮୪,୨୩୮ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

ଖାଉଟିଙ୍କୁ ଦୁଃଖ ଦେଉଛି ମନ୍ତ୍ରୀଙ୍କ ବିଭ୍ରାନ୍ତିକର ବୟାନ

# ଅଗଷ୍ଟରେ ବି ମିଳିବନି ଗହମ

ଭୁବନେଶ୍ୱର, ୨୫ ।୭ (ସମିସ): ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଗଷ୍ଟ ମାସରୁ ରାସନ କାର୍ଡ ହିତାଧିକାରୀଙ୍କୁ ଚାଉଳ ସହ ଗହମ ଯୋଗାଇଦେବାକୁ ସରକାର ନିଷ୍ପତ୍ତି ନେଇଥିବା ଗତ ମାସରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ। ମାତ୍ର ଚଳିତ ମାସର କୋଟା ଯୋଗାଣ ବିଭାଗର ଗୋଦାମ ଓ ଡିଲର୍ ପଏଣ୍ଟରେ ପହଞ୍ଚିଥିଲେ ହେଁ ହିତାଧିକାରୀଙ୍କ ଆବଶ୍ୟକତାନୁସାରେ, ପୂର୍ବଭଳି କେବଳ ଚାଉଳ ଆସିଛି। ତେଣୁ ଏ ମାସରେ ବି ଗହମ ମିଳିବା ଆଶା ସଂପୂର୍ଣ୍ଣ କ୍ଷୀଣ। ପୂର୍ବରୁ ମଧ୍ୟ ମନ୍ତ୍ରୀ ଗହମ ଆବଣ୍ଟନ ପାଇଁ କହିଥିଲେ। ହେଲେ ଲୋକଙ୍କୁ ମିଳି ନ ଥିଲା। ଏମିତିକି ଡିଲର୍‌ମାନେ ଗହମ କୋଟା ହିତାଧିକାରୀଙ୍କଠାରୁ ବାକି ରଖିଥିଲେ। ଗହମ ଯୋଗାଇ ନ ପାରିବାରୁ ପରେ ତାକୁ ଚାଉଳ ଦେଇ ଭରଣା କରିଥିଲେ। ଏବେ ବି ସେହି ସମାନ ଅବସ୍ଥା ଦେଖିବାକୁ ମିଳୁଛି।

ମନ୍ତ୍ରୀ ଗଣମାଧ୍ୟମରେ ଚର୍ଚ୍ଚାରେ ରହିବା ପାଇଁ ବାରମ୍ବାର ଏଭଳି ମନ୍ତବ୍ୟ ଦେଉଥିବାବେଳେ ବାସ୍ତବରେ ତାହା କାର୍ଯ୍ୟକାରୀ ହୋଇପାରୁନି। ମନ୍ତ୍ରୀଙ୍କ ଏଭଳି ବିବୃତ୍ତି ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପାଇଛି। ବାରମ୍ବାର ସାଧାରଣ ଲୋକଙ୍କ ଉଦ୍ଦେଶ୍ୟରେ ମନ୍ତ୍ରୀ ବିଭ୍ରାନ୍ତିକର ମତ ମନ୍ତବ୍ୟ ଦେଉଛନ୍ତି। ଆଳୁ ହେଉକି ଗହମ, ବିଭିନ୍ନ ପ୍ରସଙ୍ଗରେ ଖାଉଟିଙ୍କୁ ମିଥ୍ୟା କଥା କହି ମନ୍ତ୍ରୀ ଭୁଆଁ ବୁଲାଉଛନ୍ତି। ଦିନକୁ ଦିନ ରାଜ୍ୟରେ ମଧୁମେହ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଗହମ ଚାହିଦା ବଢ଼ିବାରେ ଲାଗିଛି। ଗରିବ ହିତାଧିକାରୀମାନେ ମଧ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଗହମ ପାଇବେ ବୋଲି ଆଶାବାନ୍ଧି ବସିଛନ୍ତି। ମାତ୍ର ସରକାର ଲୋକଙ୍କ ଗହମ ତ ଯୋଗାଉ ନାହାନ୍ତି; ବରଂ ବାରମ୍ବାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରୁଛନ୍ତି।



ଡିଲର୍ ପଏଣ୍ଟରେ ଖାଉଟିଙ୍କୁ କେବଳ ଚାଉଳ ମିଳିବ

ହୁ'ହୁ' ବଢ଼ୁଛି ଅଟା ଦର; ଚିନ୍ତାରେ ମଧୁମେହ ରୋଗୀ

କେନ୍ଦ୍ର ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ପ୍ରତ୍ୟେକ ହିତାଧିକାରୀଙ୍କୁ ସରକାର ମାସକୁ ୫ କେଜି ରାସନ ସାମଗ୍ରୀ ଯୋଗାଉଛନ୍ତି। ପୂର୍ବରୁ ଚାଉଳ ସହ ଗହମ ଯୋଗାଉଥିଲା। ଲୋକେ ନିଜ ଇଚ୍ଛାନୁସାରେ ଚାଉଳ ଓ ଗହମ ଭାଗକରି ନେଉଥିଲେ। ହିତାଧିକାରୀଙ୍କ ମୋଟ ପରିମାଣର ୨୦ ପ୍ରତିଶତ ଗହମ ଯୋଗାଇ ଦିଆଯାଉଥିଲା। ଏମିତିକି କରୋନା କାଳରେ ସରକାର ଜାତୀୟ ଖାଦ୍ୟ ସୁରକ୍ଷା ମିସନ୍ ସହିତ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଆରମ୍ଭ କରିଥିଲେ। ତଦନୁଯାୟୀ, ଲୋକେ ଡବଲ ଚାଉଳ ଓ ଗହମ ପାଉଥିଲେ। କିନ୍ତୁ ୨୦୨୨ ମସିହା ଏପ୍ରିଲ ମାସରୁ କେନ୍ଦ୍ର ସରକାର ଗହମ ଯୋଗାଣ ପ୍ରାୟତଃ ବନ୍ଦ କରି ଦେଇଛନ୍ତି। କେବଳ ଗରିବ କଲ୍ୟାଣ ଅନ୍ନ ଯୋଜନାରେ କିଛିଦିନ ସ୍ୱଳ୍ପ ପରିମାଣରେ ଗହମ ଯୋଗାଉଥିଲେ ମଧ୍ୟ ପରେ ତାହା ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି। ୪ ବର୍ଷ ଧରି ଲୋକଙ୍କୁ ସରକାରୀ ଡିଲର୍ ପଏଣ୍ଟରେ ଗହମ ମିଳୁନି।

ଏପଟେ ବଜାରରେ ଅଟା ଦର ହୁ'ହୁ' ବଢ଼ିବାରେ ଲାଗିଥିବାରୁ ସାଧାରଣ ଜନତା ହନ୍ତସନ୍ତ ହେଉଛନ୍ତି। ସୂଚନା ଅନୁସାରେ, ଓଡ଼ିଶାରେ ପ୍ରତିବର୍ଷ ୨୫ ଲକ୍ଷ ମେଟ୍ରିକ୍ ଟନ୍ ଗହମଜାତ ଦ୍ରବ୍ୟ ବିକ୍ରି ହୁଏ। ଏଥିମଧ୍ୟରୁ ସିଂହଭାଗ ହେଉଛି ଅଟା। ପୂର୍ବରୁ ବାର୍ଷିକ ହାରରେ ଅଟା ଦର କ୍ୱିଣ୍ଟାଲ୍ ପ୍ରତି ୩୦ରୁ ୪୦ ଟଙ୍କା ବଢୁଥିବାବେଳେ ଗତ ୪ ବର୍ଷ ହେଲା କ୍ରମାଗତ ଭାବେ ଅଟା ଦର ବଢ଼ିଚାଲିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗତ ଦୁଇ ବର୍ଷ ଭିତରେ କ୍ୱିଣ୍ଟାଲ୍ ପିଛା ପାଖାପାଖି ୧୫ଶହ ଟଙ୍କା ବଢ଼ିସାରିଲାଣି। ତେଣୁ ୧ କିଲୋ ପ୍ୟାକେଟ୍ ଅଟା ୪୫ରୁ ୫୦ ଟଙ୍କାରେ ବିକ୍ରି ହେଉଥିବାବେଳେ ଖୋଲା ବଜାରରେ ୪୦ ଟଙ୍କାରୁ କମ୍‌ରେ ମିଳୁନି। ତେଣୁ ସାଧାରଣ ପରିବାର ବାଧ୍ୟହୋଇ ୫ କିଲୋ ଜାଗାରେ ଅଢ଼େଇ କିଲୋ ଅଟାରେ ଗୁଜୁରାଣ ମେଣ୍ଟାଉଛନ୍ତି। ତେଣୁ ଗହମ ଯୋଗାଣ ନେଇ ସରକାର ତୁରନ୍ତ ବ୍ୟବସ୍ଥା କରିବାକୁ ଦାବି ହେଉଛି।

## କମଲ ହସନଙ୍କୁ ନବୀନଙ୍କ ଶୁଭେଚ୍ଛା



ଭୁବନେଶ୍ୱର,୨୫।୭ (ସମିସ): ରାଜ୍ୟସଭା ସଦସ୍ୟ ଭାବରେ ଶପଥ ଗ୍ରହଣ କରିଥିବା ବିଶିଷ୍ଟ ସିନେ କଳାକାର କମଲ ହସନଙ୍କୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ଏକ୍ସ ଯୋଗେ ନବୀନ କମଲ୍ ହସନଙ୍କୁ ସିନେମା ଆଇକନ୍ ଦର୍ଶାଇବା ସହ ରାଜ୍ୟସଭା ସଦସ୍ୟ ଭାବେ ସେ ସିନେମା, କଳା ଏବଂ ସଂସ୍କୃତି କ୍ଷେତ୍ରରେ ଅପାର ଅବଦାନ ଦେଇପାରିବେ ବୋଲି କହିଛନ୍ତି। ସଂସଦର ଉଚ୍ଚ ସଦନରେ ତାଙ୍କର ସଫଳ ଏବଂ ଫଳପ୍ରଦ କାର୍ଯ୍ୟକାଳ କାମନା କରୁଛି ବୋଲି ନବୀନ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତ। ପୋଷ୍ଟର ପ୍ରତ୍ୟୁତ୍ତରରେ କମଲ ହସନ ନବୀନଙ୍କୁ ଧନ୍ୟବାଦ ଜଣାଇଛନ୍ତି। କମଲ୍ କହିଛନ୍ତି ଯେ ଆପଣଙ୍କ ରାଷ୍ଟ୍ରନୀତି ଅନେକ ଦିନ ଧରି ପ୍ରେରଣା ଯୋଗାଇ ଆସିଛି। ମୁଁ ଆପଣଙ୍କ କଥାକୁ ଗଭୀର ମୂଲ୍ୟ ଦେଉଛି ଓ ମୋର କର୍ତ୍ତବ୍ୟ ଅନୁଗ୍ରହ ସହିତ ନିର୍ବାହ କରିବାକୁ ଚେଷ୍ଟା କରିବି ବୋଲି କମଲ୍ ହସନ କହିଛନ୍ତି।

## କାଠଫା ଜଙ୍ଗଲରେ ମାଓ କ୍ୟାମ୍ପ

ନୂଆପଡ଼ା,୨୫।୭ (ସମିସ): ନୂଆପଡ଼ା ଜିଲ୍ଲା ବୋଡେନ୍ ଥାନା କାଠଫା ଛତାପାଣି ଜଙ୍ଗଲରୁ ଆଜି ଯବାନମାନେ ଏକ ମାଓକ୍ୟାମ୍ପ ଠାବ କରିବା ସହ ବିପୁଳ ପରିମାଣର ବିସ୍ଫୋରକ ଓ ମାଓ ସାମଗ୍ରୀ ଜବତ କରିଛନ୍ତି। ତେବେ, ଯବାନମାନେ ପହଞ୍ଚିବା ପୂର୍ବରୁ ମାଓବାଦୀମାନେ ଘଟଣାସ୍ଥଳରୁ ଖସିଯାଇଛନ୍ତି। ଜବତ ବିସ୍ଫୋରକ ଓ ସାମଗ୍ରୀ ମଧ୍ୟରେ ଗୋଟିଏ ଦେଶୀ ବନ୍ଧୁକ, ୨୪ଟି ଗୁଳି, ୧୦ଟି ଜେଲୋଟିନ୍ ଷ୍ଟିକ୍, ୩ଟି ଇଲେକ୍ଟ୍ରିକ୍ ଡିଟୋନେଟର୍, ୫୦ ଗ୍ରାମ୍ ଗନ୍‌ପାଉଡର୍, ୨ଟି ସୋଲାର୍ ପ୍ଲେଟ୍, ୱାକିଟକି, ମୋବାଇଲ ଚାର୍ଜର୍, ହେୟାର ଟ୍ରିମର୍, ୱାୟାରକଟର୍, ବ୍ୟାଟେରୀ, ଛତା, ଚପଲ ସହ ନିତ୍ୟବ୍ୟବହାର୍ଯ୍ୟ ଜିନିଷ ରହିଛି। ତେଣୁ, ଜଙ୍ଗଲରେ ଆଉ କିଛି ମାଓବାଦୀଙ୍କ ଉପସ୍ଥିତି ସନ୍ଦେହରେ କମ୍ବିଂ ଅପରେସନ୍‌କୁ ଜୋରଦାର୍ କରାଯାଇଥିବା ନୂଆପଡ଼ା ଏସ୍‌ପି ଜି.ଆର୍ ରାଘବେନ୍ଦ୍ର ସୂଚନା ଦେଇଛନ୍ତି।

ବିସ୍ଫୋରକ ଜବତ, ମାଓବାଦୀ ଚମ୍ପଟ

ଗୋଟିଏ ପରେ ଗୋଟିଏ ବଡ଼ ଅପରେସନ୍ ଯୋଗୁଁ ପଡ଼ୋଶୀ ଛତିଶଗଡ଼ରୁ ମାଓବାଦୀମାନେ ଜୀବନ ବିକଳରେ ସୀମା ଡେଇଁ ଓଡ଼ିଶାକୁ ଚାଲି ଆସିଛନ୍ତି। କିଛି ମାଓବାଦୀ ନୂଆପଡ଼ା ଜିଲ୍ଲା ସୀମାନ୍ତ ସୁନାବେଡ଼ା ଅଭୟାରଣ୍ୟର କାଠଫାର ଛତାପାଣି ଜଙ୍ଗଲ ଅଞ୍ଚଳରେ ଲୁଚି ରହିଥିବା ଖବର ପାଇ ଏସ୍‌ପି ଶ୍ରୀ ରାଘବେନ୍ଦ୍ରଙ୍କ ନିର୍ଦ୍ଦେଶକ୍ରମେ ଡିଭିଏଫ୍ ଏବଂ ସିଆର୍‌ପିଏଫ୍ ବାଟାଲିୟନ୍-୧୯ର ଯବାନମାନେ ଜଙ୍ଗଲରେ କମ୍ବିଂ ଅପରେସନ୍ କରିଥିଲେ। ହେଲେ, ଏ ସଂପର୍କରେ ଆଗୁଆ ଖବର ପାଇ ମାଓବାଦୀମାନେ ସେଠାରୁ ଖସି ପଳାଇଥିଲେ। ପୁଲିସ୍ ଖାନତଲାସି କରି ସେଠାରୁ ଏହି ମାଓକ୍ୟାମ୍ପ ଠାବ କରିଥିଲା।

## ବଜ୍ରପାତରେ ଚାଷୀ ମୃତ

ବହଳଦା, ୨୫।୭ (ସମିସ): ମୟୂରଭଞ୍ଜ ଜିଲ୍ଲା ବହଳଦା ଥାନା ଅନ୍ତର୍ଗତ କାଦୁଆଣି ଗ୍ରାମର ପରେଶ ଚନ୍ଦ୍ର ମହାନ୍ତ (୬୫)ଙ୍କ ଆଜି ବଜ୍ରପାତରେ ମୃତ୍ୟୁ ହୋଇଛି। ସେ ଆଜି ଅପରାହ୍ଣରେ ବିଲରେ କାମ କରୁଥିବା ବେଳେ ବଜ୍ରପାତ ହେବାରୁ ଏହି ଅଘଟଣ ଘଟିଛି। ଦୀର୍ଘ ସମୟ ଧରି ସେ ବିଲରେ ସେମିତି ନିଶ୍ଚଳ ଅବସ୍ଥାରେ ପଡ଼ି ରହିଥିଲେ ହେଁ ଆଖପାଖ ବିଲରେ କାମ କରୁଥିବା ଲୋକେ ଏ ସଂର୍କରେ ଜାଣି ପାରିନଥିଲେ। କାମ ସାରି ଫେରିବା ବେଳକୁ ଏହା ଦେଖି ତାଙ୍କ ପରିବାରକୁ ଜଣାଇଥିଲେ। ପରିବାରଲୋକେ ତାଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବହଳଦା ପୁଲିସ୍ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

## ପୋଖରୀ ତୁଠରେ ଯୁବତୀଙ୍କୁ ଅସଦାଚରଣ; ୪ ଗିରଫ

ନୀଳଗିରି, ୨୫।୭ (ସମିସ): ପୋଖରୀ ତୁଠରେ ଜଣେ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ବରହମପୁର ପୁଲିସ୍ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ଶଙ୍କରା ହେମ୍ବ୍ରମ୍ (୨୧), ବାସୁ ହେମ୍ବ୍ରମ (୨୬), ଠୁଲୁକାଏ ମୁର୍ମୁ (୩୦) ଓ ସାମ୍ନା କିସ୍କୁ (୩୦)। ସୂଚନାନୁଯାୟୀ, ଗତ ୨୪ ତାରିଖ ଦିନ ପ୍ରାୟ ୧ଟାରେ ଛତ୍ରପୁର ପଞ୍ଚାୟତ ଅଞ୍ଚଳର ଜଣେ ୨୦ବର୍ଷୀୟା ଯୁବତୀ ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେ ତୁଠରେ ବସି ଲୁଗାସଫା କରୁଥିବା ବେଳେ ଅଭିଯୁକ୍ତମାନେ ସେଠାରେ ପହଞ୍ଚି ତାଙ୍କୁ ଅସଦାଚରଣ କରିଥିଲେ। ଯୁବତୀଜଣଙ୍କ ପାଟି କରିବାରୁ ଅଭିଯୁକ୍ତମାନେ ସେଠାରୁ ପଳାଇ ଯାଇଥିଲେ। ଆଜି ଯୁବତୀଙ୍କ ପରିବାରଲୋକ ଏ ସଂପର୍କରେ ଥାନାରେ ଅଭିଯୋଗ କରିବାରୁ ଆଇଆଇସି ପ୍ରେମଦା ନାୟକ ଘଟଣାକୁ ଗୁରୁତ୍ୱର ସହ ନେଇ ୪ଯୁବକଙ୍କୁ ଗିରଫ କରିଥିଲେ। ତଦନ୍ତକାରୀ ଅଫିସର୍ ନନ୍ଦକିଶୋର ବିଶ୍ୱାଳ ସେମାନଙ୍କୁ କୋର୍ଟଚାଲାଣ କରିଛନ୍ତି। ଏନେଇ ଥାନାରେ ନମ୍ବର ୯୩/୨୫ରେ ଏକ ମାମଲା ରୁଜୁ ହୋଇଛି।



ବିକଶିତ ହେବ ବାରିପଦା ସହରାଞ୍ଚଳ

## ଗଠନ ହେବ ଯୁଗ୍ମ ଟେକ୍ନିକାଲ୍ କମିଟି

ଭୁବନେଶ୍ୱର, ୨୫।୭ (ସମିସ): ଉତ୍ତର ଓଡ଼ିଶାର ପ୍ରମୁଖ ସହର ବାରିପଦାକୁ ଉନ୍ନତ ସହରୀ ଭିତ୍ତିଭୂମି ଯୋଗାଇ ଦେବାକୁ ଲୋକସେବା ଭବନ ପରିସରରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାରିପଦା ସହର ପାଇଁ ଏକ ଯୁଗ୍ମ ଟେକ୍ନିକାଲ୍ କମିଟି ଗଠନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି କମିଟି ବାରିପଦାର ପାଇଁ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏଥିରେ ବିଭିନ୍ନ ବିଭାଗର ଅଧିକାରୀମାନେ ରହିବେ। ତଥ୍ୟ ସଂଗ୍ରହ, ଭୂ-ଉପଯୋଗ, ଭୌଗୋଳିକ ମ୍ୟାପିଂ, ଯୋଜନାର ସମନ୍ୱୟ କରି ଏକ ଭବିଷ୍ୟତ ନକ୍ସା ପ୍ରସ୍ତୁତ କରାଯିବ। ଭବିଷ୍ୟତ ଜନସଂଖ୍ୟାକୁ ଧ୍ୟାନରେ ରଖି ଭୂମି ଉପଯୋଗ ଯୋଜନା, ରେଳ ଓ ରାଜପଥ ସଂଯୋଗ ସହ ସହରର ଯାତାୟାତ ଓ ଗତିଶୀଳତା, ପାନୀୟଜଳ, ଆବାସ ଯୋଜନା ଓ ଆବଶ୍ୟକ ପୂର୍ବକ ଅବସ୍ଥାପନା, ବାରିପଦାର ସାଂସ୍କୃତିକ ଓ ପ୍ରାକୃତିକ ପରିଚୟକୁ ରକ୍ଷା କରିବା ପାଇଁ ଇକୋ-ସେନ୍‌ସିଟିଭ ଜୋନିଂ କରିବା ସହିତ 'ରାଜ୍ୟର ବିକଶିତ ଓଡ଼ିଶା ୨୦୩୬' ଦୃଷ୍ଟିକୋଣରେ ନିୟୋଜିତ ଏବଂ ସମନ୍ୱିତ ଉନ୍ନତି ଉପରେ ଗୁରୁତ୍ୱାରୋପ କରାଯାଇଛି।

ବୈଠକରେ ଅଧ୍ୟକ୍ଷତା କରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ବାରିପଦାକୁ ଏକ ଆଧୁନିକ, ସୁବ୍ୟବସ୍ଥିତ ଓ ଅନୁକୂଳ ସହର ଭାବେ ବିକାଶିତ କରାଯିବ। ଏହି ପ୍ରକ୍ରିୟାରେ ଜନସାଧାରଣଙ୍କ ଅଂଶଗ୍ରହଣ ଓ ପାରଦର୍ଶିତାକୁ ସୁନିଶ୍ଚିତ କରାଯିବ ବୋଲି ସେ କହିଥିଲେ। ବିଭାଗୀୟ ପ୍ରମୁଖ ସଚିବ ଉଷା ପାଢ଼ୀ ବାରିପଦା ସହର ବିକାଶ ଗୁରୁତ୍ୱ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର-କମ୍-ସଚିବ, ମୟୂରଭଞ୍ଜ ଜିଲ୍ଲାପାଳ, ଭାରତୀୟ ରେଳ, ଜାତୀୟ ରାଜପଥ ସମେତ ନଗର ଯୋଜନା ବିଶେଷଜ୍ଞମାନେ ଓ ଅନ୍ୟାନ୍ୟ ବିଭାଗର ପଦସ୍ଥ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

## ଅକ୍ଷୟଶକ୍ତି ପ୍ରକଳ୍ପ ପାଇଁ ୮୬୯.୮ କୋଟିର ପ୍ରସ୍ତାବକୁ ଅନୁମୋଦନ

ଭୁବନେଶ୍ୱର, ୨୫ ।୭ (ସମିସ): ରାଜ୍ୟରେ ୮୬୯.୮ କୋଟି ଟଙ୍କା ବିନିଯୋଗରେ ମୋଟ ୧୭୮ ମେଗାୱାଟ୍ କ୍ଷମତା ବିଶିଷ୍ଟ ଅକ୍ଷୟଶକ୍ତି ପ୍ରକଳ୍ପ ସ୍ଥାପନ କରିବା ପାଇଁ ସରକାର ଅନୁମୋଦନ ଦେଇଛନ୍ତି। ରାଜ୍ୟ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱାଦଶ ସିଙ୍ଗଲ୍‌ୱିଣ୍ଡୋ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଗ୍ରୀଡ୍‌କୋର ପରିଚାଳନା ନିର୍ଦ୍ଦେଶକ ସତ୍ୟପ୍ରିୟ ରଥଙ୍କ ସମେତ ଗ୍ରିଡ୍‌କୋ ଏବଂ ଓଏଚ୍‌ପିସିର ନିର୍ଦ୍ଦେଶକ, ସର୍ବୋଚ୍ଚ ଯନ୍ତ୍ରୀ ଓ ଅନ୍ୟାନ୍ୟ ବରିଷ୍ଠ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ଅକ୍ଷୟ ଶକ୍ତି ପ୍ରମୁଖ ସଂସ୍ଥା (ଆର୍‌ଇଏନ୍‌ଏ)ର ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ ପ୍ରକଳ୍ପ ପ୍ରସ୍ତାବଗୁଡ଼ିକୁ ଏହି ବୈଠକରେ ଉପସ୍ଥାପନ କରିଥିଲେ। ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁରରେ ପ୍ରୋଜିଏଲ୍ ଗ୍ରୀନ ଏନର୍ଜି ଲିମିଟେଡ ଦ୍ୱାରା ୬୯.୫ ମେଗାୱାଟ୍ ସୋଲାର୍ ପାର୍କ, କେନ୍ଦୁଝର ଜିଲ୍ଲାର ତେଲକୋଇ ଠାରେ ଆଇନକ୍ସ ସୋଲାର୍ ଲିମିଟେଡ୍ ଦ୍ୱାରା ୪୯.୫ ମେଗାୱାଟ୍ ସୋଲାର୍ ପ୍ରକଳ୍ପ, ଝାରସୁଗୁଡ଼ାର ଲଖନପୁରଠାରେ ମହାନଦୀ କୋଲ୍ ଫିଲ୍ଡ ଦ୍ୱାରା ୧୦ ମେଗାୱାଟ୍‌ର ସୋଲାର୍ ପ୍ରକଳ୍ପ ଓ ନବରଙ୍ଗପୁର ପାପଡ଼ାହାଣ୍ଡିରେ ଏନ୍‌ଏଲ୍‌ସି ଦ୍ୱାରା ପବନ ଶକ୍ତି ପ୍ରକଳ୍ପ ଆଦି ରହିଛି। ଏହି ପ୍ରକଳ୍ପଗୁଡ଼ିକ ସମେତ ଏପର୍ଯ୍ୟନ୍ତ ସିଙ୍ଗଲ୍ ୱିଣ୍ଡୋ କମିଟି ମାଧ୍ୟମରେ ମୋଟ ୧,୮୪୪.୮୬ ମେଗାୱାଟ୍ କ୍ଷମତା ବିଶିଷ୍ଟ ଅକ୍ଷୟ ଶକ୍ତି ପ୍ରକଳ୍ପ ପାଇଁ ମୋଟ ୧୨,୫୯୯.୭୯ କୋଟିର ପୁଞ୍ଜି ବିନିଯୋଗ ପ୍ରସ୍ତାବ ଅନୁମୋଦନ ଲାଭ କରିଛି।

ଫକୀରମୋହନ ଛାତ୍ରୀ ଆତ୍ମଦାହ ଘଟଣା

# କ୍ରାଇମ୍‌ବ୍ରାଞ୍ଚର ଚୂଡ଼ାନ୍ତ ରିପୋର୍ଟକୁ ଅପେକ୍ଷା

ବାଲେଶ୍ୱର, ୨୫।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଘଟଣା ଉପରୁ ଖୁବ୍‌ଶୀଘ୍ର ପରଦା ହଟିପାରେ। ୟୁଜିସି ଏବଂ ଉଚ୍ଚଶିକ୍ଷା ବିଭାଗର ଉଚ୍ଚସ୍ତରୀୟ ଟିମ୍ ତଦନ୍ତ କରି ଫେରିଥିବା ବେଳେ କ୍ରାଇମବ୍ରାଞ୍ଚର ତଦନ୍ତ ଗତକାଲି ଆପାତତଃ ସରିଥିବା କୁହାଯାଉଛି। ଗତକାଲି ସୁଦ୍ଧା ଲଗାତାର ୮ ଦିନ ଧରି କ୍ରାଇମବ୍ରାଞ୍ଚର ଟିମ୍ କଲେଜ ଓ ଆଖପାଖ ଅଞ୍ଚଳରେ ତଦନ୍ତ କରିବା ସହ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରି ତଥ୍ୟ ସଂଗ୍ରହ କରିଥିଲା। କିନ୍ତୁ ଆଜି ତଦନ୍ତକାରୀ ଟିମ୍ କଲେଜ ମାଟି ମାଡ଼ି ନଥିବା ଭାରପ୍ରାପ୍ତ ଅଧ୍ୟକ୍ଷ କହିଛନ୍ତି। ଶେଷଥର ପାଇଁ ଗତକାଲି ଏହି ତଦନ୍ତକାରୀ ଟିମ୍ କଲେଜକୁ ଯାଇ ଇଷ୍ଟକ୍ୟାମ୍ପସ୍‌ରେ ଥିବା ପିଲାମାନଙ୍କୁ ପଚରାଉଚରା କରିଥିଲେ ବୋଲି ସେ କହିଛନ୍ତି। ତେଣୁ, ଖୁବ୍‌ଶୀଘ୍ର ତଦନ୍ତ ରିପୋର୍ଟ ପଦାକୁ ଆସିପାରେ ବୋଲି କୁହାଯାଉଛି।

ଶେଷଥର ପାଇଁ ଗତକାଲି କ୍ରାଇମବ୍ରାଞ୍ଚର ଦୁଇଜଣିଆ ଟିମ୍ କଲେଜ ପାଖ ଅଞ୍ଚଳରେ ତନାଘନା କରିବା ପରେ କଲେଜକୁ ଯାଇଥିଲା। ପ୍ରଥମେ କଲେଜ ଅଧ୍ୟକ୍ଷଙ୍କ ଚାମ୍ବରକୁ ଯିବା ପରେ ଇଷ୍ଟ କ୍ୟାମ୍ପସ୍‌କୁ ଯାଇଥିଲା। ଇଷ୍ଟ କ୍ୟାମ୍ପସ୍‌ରେ ବିଏଡ୍ ବିଭାଗ ସହ ଅନ୍ୟ ବିଭାଗ ମଧ୍ୟ ରହିଛି। ସେଠାରେ କ୍ରାଇମବ୍ରାଞ୍ଚ ବିଏଡ୍ ଛାତ୍ରଛାତ୍ରୀଙ୍କ ସହ ଅନ୍ୟ ପିଲାମାନଙ୍କୁ ମଧ୍ୟ ପଚରାଉଚରା କରିଥିବା ଜଣାପଡ଼ିଛି। ସେମାନଙ୍କଠୁ ଘଟଣା ବାବଦରେ ଅଧିକ ତଥ୍ୟ ଯୋଗାଡ଼ କରିଛି। ମୃତ ସୌମ୍ୟାଶ୍ରୀ ବିଏଡ୍ ବିଭାଗ ଛାତ୍ରୀ ହୋଇଥିବାରୁ ଉକ୍ତ ବିଭାଗର ଛାତ୍ରଛାତ୍ରୀଙ୍କୁ ମଧ୍ୟ ପଚରାଉଚରା କରାଯାଇଛି।



ଶେଷଥର ଗତକାଲି କଲେଜକୁ ଯାଇ ତନାଘନା କରିଥିଲା

ଇଷ୍ଟ-କ୍ୟାମ୍ପସ୍ ପିଲାଙ୍କୁ ପଚରାଉଚରା

ବିଏଡ୍ ସହ ଅନ୍ୟ ବିଭାଗ ଛାତ୍ରଛାତ୍ରୀଙ୍କଠାରୁ ତଥ୍ୟ ସଂଗ୍ରହ

ପ୍ରକାଶଥାଉକି, ଗତ ରବିବାର ଦିନ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ମହାବିଦ୍ୟାଳୟରେ ପାଖାପାଖି ତିନି ଘଣ୍ଟା ଧରି ତଦନ୍ତ କରିବା ପରେ ଆଇଜି କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଥିଲେ। ବିଶେଷକରି ତଦନ୍ତ ବେଳେ କ୍ରାଇମବ୍ରାଞ୍ଚ ଗୁଡ଼ିଏ ତଥ୍ୟ ସଂଗ୍ରହ କରିଛି। ଘଟଣା ବାବଦରେ ବହୁତ କିଛି ଲିଡ୍ ମଧ୍ୟ ମିଳିଥିବା କଥା ସେ ପ୍ରକାଶ କରିଥିଲେ। ଏହି ଘଟଣାରେ ବହୁ ଜଣ ସାକ୍ଷୀ ରହିଛନ୍ତି। ସାକ୍ଷୀମାନଙ୍କ ବୟାନ ଘଟଣା ପୂର୍ବରୁ ଏବଂ ପରର ସଂଗ୍ରହ ହୋଇଥିଲା। ସମସ୍ତ ସିସିଟିଭି ଫୁଟେଜ୍ ସଂଗ୍ରହ କରାଯାଇଛି। ପ୍ରତ୍ୟକ୍ଷଦର୍ଶୀ, କମିଟି ସଦସ୍ୟ, ବୈଠକର ଥିବା ସମସ୍ତଙ୍କ ମତ ସଂଗ୍ରହ କରାଯାଇଛି। ଫାଇନାଲ୍ ରିପୋର୍ଟରେ ସବୁ ରହିବ ବୋଲି ସେ ସୂଚନା ଦେଇଥିଲେ।

## ଅଧ୍ୟାପକ ସମୀରଙ୍କ ଜାମିନ ଆବେଦନ ଖାରଜ

ବାଲେଶ୍ୱର, ୨୫।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଘଟଣାରେ ଗିରଫ ହୋଇଥିବା ଅଧ୍ୟାପକ ସମୀର ସାହୁଙ୍କ ଆଜି ଜାମିନ ଆବେଦନ ଖାରଜ ହୋଇଯାଇଛି। ଏଥିସହ ତାଙ୍କର ବିଚାର ବିଭାଗୀୟ ହାଜତ ଅବଧିକୁ ଆଉ ୧୪ ଦିନ ବଢ଼ାଇ ଦିଆଯାଇଛି। ଆଜି ସମୀର ଭିଡିଓ କନ୍‌ଫରେନ୍ସ ଜରିଆରେ କୋର୍ଟରେ ହାଜର ହୋଇଥିଲେ। ତେବେ ଏସ୍‌ଡିଜେଏମ୍ କିଶୋର କୁମାର ନାଥ ତାଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ।

ପ୍ରକାଶ ଥାଉ କି, ସମୀର ସାହୁ ମହାବିଦ୍ୟାଳୟ ବିଏଡ୍ ବିଭାଗର ବିଭାଗୀୟ ମୁଖ୍ୟ (ଏଚ୍‌ଓଡି) ଥିଲେ। ଛାତ୍ରୀ ସୌମ୍ୟାଶ୍ରୀ ବିଶି ତାଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିଥିଲେ। ମାତ୍ର ଏନେଇ କଲେଜରୁ ତାଙ୍କୁ ନ୍ୟାୟ ନମିଳିବାରୁ ଗତ ୧୨ତାରିଖରେ ସେ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଆଗରେ ନିଜକୁ ନିଆଁ ଲଗାଇ ଦେଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣା ଦିନ ସମୀରଙ୍କୁ ଗିରଫ କରାଯିବା ସହ ଚାକିରିରୁ ନିଲମ୍ବନ କରାଯାଇଥିଲା। ଆଜି ତାଙ୍କର ୧୪ଦିନିଆ ବିଚାର ବିଭାଗୀୟ ଅବଧି ଶେଷ ହୋଇଥିଲା।

ଭିସି ମାଧ୍ୟମରେ କୋର୍ଟରେ ହାଜର

ଅଧିକ ୧୪ ଦିନ ଜେଲ୍ ଅବଧି ବୃଦ୍ଧି

# ମରାମତି ଅଭାବରୁ ପଳସା-ଡୁଙ୍ଗୁରା ରାସ୍ତା ଶୋଚନୀୟ

**ଖଇରା, ୨୫।୭ (ସମିସ)**

ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକର ପ୍ରମୁଖ ପଳସା-ଡୁଙ୍ଗୁରା ପ୍ରଧାନମନ୍ତ୍ରୀ ସଡ଼କକୁ ପୁନଃନିର୍ମାଣ କିମ୍ବା ମରାମତି କରାଯାଉନଥିବାରୁ ଧିରେ ଧିରେ ଶୋଚନୀୟ ହେବାରେ ଲାଗିଛି। ବିଶେଷକରି ରାସ୍ତାର ଡଙ୍ଗୁରା ବଜାର ନିକଟରୁ ଅନ୍ୟୁନ ୧୫୦ମିଟର ଦୂରତାରେ ରାସ୍ତା ଉପରେ ୫୦ଫୁଟର ଖାଲୁଆ ସ୍ଥାନ ଯାତ୍ରୀଙ୍କ ପାଇଁ ବିପଦ ସାଜିଛି। ପାଖାପାଖି ୧ବର୍ଷ ପୂର୍ବରୁ ଏହି ସ୍ଥାନର ଏଭଳି ଅବସ୍ଥା ଯୋଗୁଁ ଡୁଙ୍ଗୁରା ହାଇସ୍କୁଲ, ୟୁପି ସ୍କୁଲ, ବାଣପୁର ସରସ୍ୱତୀ ଶିଶୁ ମନ୍ଦିର ତଥା ବିବେକାନନ୍ଦ ଶିକ୍ଷାକେନ୍ଦ୍ରକୁ ଯାଉଥିବା ପିଲାମାନେ ପ୍ରତ୍ୟେକ ଦିନ ଅଳ୍ପ ବହୁତ ଖଣ୍ଡିଆ ଖାବରା ହୋଇ ବିଦ୍ୟାଳୟକୁ ଯିବା ପରେ ଏହାକୁ ମରାମତି ପାଇଁ ଅଭିଭାବକମାନେ ଦାବି କରିଥିଲେ। ସେହିଭଳି ଐତିହାସିକ ପତିରାଜପୁର ମେଳଣ ସମୟରେ ଅଗଣିତ ଶ୍ରଦ୍ଧାଳୁଙ୍କ ଗମନାଗମନକୁ ଦୃଷ୍ଟିରେ ରଖି ମେଳା କମିଟି, ଶ୍ରଦ୍ଧାଳୁଙ୍କ ତରଫରୁ ଏହାକୁ ମରାମତି କରିବାକୁ ପ୍ରଶାସନ ନିକଟରେ ଅନୁରୋଧ କରାଯାଇଥିଲା। ହେଲେ ଏଯାବତ ପ୍ରଶାସନ ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଗୁରୁତ୍ୱର ସହ ନ ନେବା ବିଡ଼ମ୍ବନାର ବିଷୟ ବୋଲି ଡଙ୍ଗୁରାର ବିଶିଷ୍ଟ ବ୍ୟବସାୟୀ ଅଜୟ ରାଉତ, ଇଲେକ୍ଟ୍ରୋପାଥିଚିକିତ୍ସକ ଡା. ଉପେନ୍ଦ୍ର ପ୍ରସାଦ ଖଟୁଆ, ପତିରାଜପୁର ମେଳା କମିଟିର ସମ୍ପାଦକ ଭରତ ଚନ୍ଦ୍ର ରାଉତ ପ୍ରମୁଖ ପ୍ରକାଶ କରିଛନ୍ତି। ସାମାନ୍ୟ ବର୍ଷା ପରେ ପିଲାମାନେ ଭୟାତୁର ଅବସ୍ଥାରେ ଯିବାକୁ ବାଧ୍ୟ ହେଉଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର ସାହୁଙ୍କୁ ଯୋଗାଯୋଗ କରିବାରେ ଯାତ୍ରୀମାନଙ୍କ ଅଭିଯୋଗ ପରେ ସେ ରାସ୍ତା ପରିଦର୍ଶନରେ ଯାଇଥିଲେ। ବର୍ଷା ଛାଡ଼ିବା ପରେ ମରାମତି କରାଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି।

**ହନ୍ତସନ୍ତ ପଥଚାରୀ**



# ଓଲମରା ମହଲସାହିର ପାଣି ଘେରରେ ୭୦ ପରିବାର

**ଜଳେଶ୍ୱର ବ୍ଲକ,୨୫।୭ (ସମିସ):** ବର୍ଷା ଋତୁ ଆସିଲେ ଓଲମରା ଗ୍ରାମ ପଞ୍ଚାୟତର ବ୍ରହ୍ମାପୁର ଗ୍ରାମର ମହଲସାହିରେ ଲୋକଙ୍କ ସମସ୍ୟା ନ କହିଲେ ଭଲ। ସତେ ଯେମିତି କେଉଁ ପୂର୍ବ ଯୁଗର ଅଭିଶାପ ପାଲଟିଛି ଏହି ଗାଁ। ଏବାବଦରେ ପ୍ରଶାସନ ଠାରୁ ନେତା, ମନ୍ତ୍ରୀ ଓ ସରପଞ୍ଚ ସମସ୍ତଙ୍କୁ ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି ବୋଲି ଅଭିଯୋଗ ହେଉଛି। ସେମାନଙ୍କ ସମସ୍ୟା ମହଲସାହିରେ ୪୦୦ ଘରସଂଖ୍ୟା ଏବଂ ୨୦୦୦ ପାଖାପାଖି ଲୋକ ବସବାସ କରିଥାନ୍ତି। ସେଥିମଧ୍ୟରୁ ୭୦ରୁ ଅଧିକ ଘର ଏବେ ସମ୍ପୂର୍ଣ୍ଣ ଜଳ ବନ୍ଦୀ ହୋଇ ରହୁଛନ୍ତି। ସେମାନେ ଯିବାଆସିବା କରୁଥିବା ରାସ୍ତାର ୫ ଫୁଟ୍ ଉପରେ ଚାଲିଛି ପାଣି। ଯାହାଫଳରେ ପିଲା ମାନଙ୍କର ପାଠପଢା ବ୍ୟାଘାତ୍ ହେବା ସହିତ ପିଇବା ନଳକୂପ ମଧ୍ୟ ପାଣିରେ ବୁଡ଼ିରହିଛି। ଗୃହପାଳିତ ପଶୁ, ପକ୍ଷୀ ସାଙ୍ଗକୁ ଉକ୍ତ ପରିବାର ରୋଷେଇ କରି ଖାଇବା ସମ୍ଭବ ହୋଇପାରୁନାହିଁ। ତେଣୁ ସେମାନଙ୍କୁ ତୁରନ୍ତ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା ସହିତ ଏକ ସ୍ଥାୟୀ ପକ୍କା ପୋଲଟିଏ ନିର୍ମାଣ କଲେ ୫ ହଜାର ପାଖାପାଖି ଲୋକ ଉପକୃତ ହୋଇପାରିବେ। ଏନେଇ ଗ୍ରାମର ପର୍ଶୁରାମ ଘଡେଇ, ବିଶ୍ୱଜିତ୍ ଦେହୁରୀ, ସପନ ଭକ୍ତା, ସନାତନ ଘଡେଇ, ମଦନ ପଲେଇ ଓ ଗୋପାଳ ଭକ୍ତା ପ୍ରମୁଖ ଗୁହାରି ଜଣାଇଛନ୍ତି।



# ରାସ୍ତାର ଉନ୍ନତୀକରଣ ପାଇଁ ମନ୍ତ୍ରୀଙ୍କ ନିକଟରେ ଦାବି



**ସୋର, ୨୫।୭ (ସମିସ):** ସୋର ପୌରାଞ୍ଚଳ ବାର୍ଣ୍ଣିଛକ ଠାରୁ ସିମୁଳିଆ ବ୍ଲକ କ୍ଷୀରକୋଣା ପର୍ଯ୍ୟନ୍ତ ଲମ୍ବିଥିବା ୧୨ କିମି ଅଣଓସାରିଆ ରାସ୍ତର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏହିରାସ୍ତାଟି ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ବେଳେ ବର୍ତ୍ତମାନ ପୂର୍ତ୍ତ ବିଭାଗକୁ ସ୍ଥାନାନ୍ତର ହୋଇଛି। ଉକ୍ତ ରାସ୍ତାର ମରାମତି ସମେତ ପ୍ରଶସ୍ତିକରଣ ପାଇଁ ସୋର ବ୍ଲକର କେଦାରପୁର ଓ ସିମୁଳିଆ ବ୍ଲକର ଚାଲୁଣିଗାଁ ଏବଂ କ୍ଷୀରକୋଣା ପଞ୍ଚାୟତ ବାସୀଙ୍କ ପକ୍ଷରୁ ଏକ ଦାବିପତ୍ର ପୂର୍ତ୍ତ ଓ ଆଇନମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନଙ୍କୁ ପ୍ରଦାନ କରାଯାଇଛି। ରାସ୍ତାର ଅବସ୍ଥା ଶୋଚନୀୟ ହୋଇଥିବା ନେଇ ପୂର୍ବରୁ ବହୁବାର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ଅଧିକାରୀ କର୍ଣ୍ଣପାତ କରୁନଥିବାରୁ ଶୁକ୍ରବାର ଅପରାହ୍ଣରେ କେଦାରପୁର ପଞ୍ଚାୟତ ହାଜିପୁର ଗ୍ରାମର ମିହିରି ପାଣିଙ୍କ ସମେତ କିଛି ଲୋକ ଶତାଧିକ ଗ୍ରାମବାସୀଙ୍କ ଦସ୍ତଖତ ଥିବା ଦାବିପତ୍ରକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କୁ ତାଙ୍କ କ୍ୱାର୍ଟରରେ ପ୍ରଦାନ କରିଥିବା ଜଣାପଡ଼ିଛି।

# ଜୀବିକା ମିଶନ ନାଁରେ କେସିପୁର ପଞ୍ଚାୟତରେ ଅନିୟମିତତା

**ନୀଳଗିରି, ୨୫।୭ (ସମିସ):** ଜୀବିକା ମିଶନ ନାଁରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଆସିଥିବା ଅର୍ଥ ଅନିୟମିତତା ଘଟଣାରେ ତିନି ଜଣିଆ ଟିମ ତଦନ୍ତ କରି ଫେରିଛନ୍ତି। ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଧୋବଶିଳା ପଞ୍ଚାୟତରେ ଛେଳି ଚାଷ ନାମରେ ଅର୍ଥ ହଡ଼ପ ହୋଇଥିବା ଅଭିଯୋଗ ପରେ ଏହା ଅସଲ ତଥ୍ୟ ପଦାକୁ ଆସିବା ପରେ ଦୁଇଜଣ ଏବେ ଜେଲରେ ଅଛନ୍ତି। ଏପରିକି କେସିପୁର ପଞ୍ଚାୟତରେ ଜୀବିକା ମିଶନ ଜରିଆରେ ଅର୍ଥ ବାଟମାରଣା ଅଭିଯୋଗ ପରେ ବିଧାୟକ ସନ୍ତୋଷ ଖଟୁଆ ଫାଇଲ ମଗାଇ ଖୋଳତାଡ଼ ଆରମ୍ଭ କରିଥିଲେ। ପରେ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସେ ଜିଲ୍ଲାପାଳଙ୍କ ସହିତ ଆଲୋଚନା ପରେ ପୂର୍ବରୁ ଏକ ଟିମ ତଦନ୍ତ କରିଥିବା ବେଳେ ପୁଣି ଆଜି ଜିଲ୍ଲାରୁ ତିନିଜଣିଆ ଟିମ ତଦନ୍ତ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ବିଭିନ୍ନ ପଞ୍ଚାୟତରେ ଅର୍ଥ ବାଟମାରଣା ହୋଇଥିବା ଅଭିଯୋଗ ହୋଇଥିଲା। ରାଜ୍ୟ ସରକାରଙ୍କ ଜୀବିକା ମିଶନ ଯୋଜନାରେ କୁକୁଡ଼ା ଚାଷ, ଛେଳି ଚାଷ, ମାଛ ଚାଷ, ଯନ୍ତ୍ରାଂଶ ବାବଦରେ ଗତ ଆର୍ଥିକ ବର୍ଷରେ ୩୮ କୋଟି ଟଙ୍କା ଆସିଥିବା ବେଳେ ଛେଳିଚାଷ ଓ କୃଷି ପାଇଁ ବିଭିନ୍ନ ଯନ୍ତ୍ରାଂଶ ଏବଂ ମାଛଚାଷ ନାମରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଆସୁଥିଲା। କିଛି ଏମବିକେଙ୍କୁ ହାତବାରିସୀ କରି ଜୀବିକା ମିଶନ ଅଧିକାରୀ ଏହି ଯୋଜନା ବାଟମାରଣା କରି ସରକାରୀ ଅର୍ଥ ହଡ଼ପ କରିବା ଭଳି ସଙ୍ଗୀନ ଅଭିଯୋଗ ଆସିଥିଲା। ଧୋବଶିଳା ପଞ୍ଚାୟତରେ ଛେଳିକିଣାରେ ବ୍ୟାପକ ଅନିୟମିତତା ହୋଇଥିବା ତଦନ୍ତ ବେଳେ ଜଣାପଡ଼ିଛି। ପୂର୍ବରୁ କେସିପୁର ପଞ୍ଚାୟତରେ ମଧ୍ୟ ଏହି ଅନିୟମିତତାର ଖୋଳତାଡ଼ କରିବା ପାଇଁ ଏକ ଟିମ ପହଞ୍ଚି ତଦନ୍ତ କରିଥିଲା। ପୁଣି ଆଜି ଡିପିଏମ ସଞ୍ଜିତ କୁମାର ମହଲ, ଓଏଲଏମର ଆକାଉଣ୍ଟାଣ୍ଟ ଉମାକାନ୍ତ ପରିଡ଼ା ଓ ଗଙ୍ଗାଧର ଜେନା ଆସି ତଦନ୍ତ କରି ଫେରିଛନ୍ତି। ତଦନ୍ତ ପ୍ରକ୍ରିୟାରେ ଏମବିକେ, ପ୍ରାଣୀମିତ୍ର, ସଙ୍ଘର ସଭାପତି ଓ ଅନ୍ୟ ସଦସ୍ୟାମାନେ ଉପସ୍ଥିତ ରହିଥିବା ବେଳେ କାଗଜପତ୍ର ଯାଞ୍ଚ ହୋଇଥିଲା। ୩ଜଣିଆ ଟିମ ପିଡିଙ୍କୁ ରିପୋର୍ଟ ପ୍ରଦାନ କରିବା ପରେ ଏହା ଜିଲ୍ଲାପାଳଙ୍କୁ ହସ୍ତଗତ କରାଯିବ। ସେପଟେ ଏମବିକେ ଓ ସଙ୍ଘର ସଭାପତି ତାଙ୍କ ପ୍ରତିକ୍ରିୟାରେ ଆସିଥିବା ୨୮ ଲକ୍ଷ ଟଙ୍କାରୁ ୧୫ ଲକ୍ଷଟଙ୍କା ଫିସ କେଚର ସାମଗ୍ରୀ ବିଭାଗୀୟ ଅଧିକାରୀ କିଣା କରାଇ ଦେଇଥିବା ବେଳେ ୪ ଲକ୍ଷ ଟଙ୍କା ମାଛ ଯାଆଁଳ ଏବଂ ଦେଢ଼ଲକ୍ଷ ଟଙ୍କା ମାଛଦାନା ଓ ଅନ୍ୟାନ୍ୟ ସାମଗ୍ରୀ ଖର୍ଚ୍ଚ ହୋଇଛି ବୋଲି କହିଛନ୍ତି। ଚୋରି ପାଇଁ ମାଛଜାଲ କାଟି ଦେଇଥିବାରୁ ମାଛ ନଥିବା କହିଥିଲେ। ସେ ସମୟରେ ଥାନାରେ ଅଭିଯୋଗ ନକରିବା ଆମର ଭୁଲ ଥିଲା ବୋଲି କହିଥିଲେ। ତେବେ ଏହି ପଞ୍ଚାୟତରେ ବୁଦା କିଣାରେ ମଧ୍ୟ ବ୍ୟାପକ ଅନିୟମିତତା ହୋଇଥିବା ବେଳେ ସବୁରି ମୂଳରେ ଜୀବିକା ମିଶନ ଅଧିକାରୀଙ୍କ ହାତ ଅଛି ବୋଲି ଅଭିଯୋଗ ହୋଇ ଆସୁଥିଲା। ଯଦି ଏହି ପଞ୍ଚାୟତରେ ନିରପେକ୍ଷ ତଦନ୍ତ ହୁଏ ତାହେଲେ ଏହି ଚେର କେତେବାଟ ଲମ୍ବିଛି ତାହା ଜଣାପଡ଼ିବ ଏବଂ କଣ ହେବ ଅଧିକାରୀଙ୍କ ଭାଗ୍ୟ ବୋଲି ବୁଦ୍ଧିଜୀବି ମତପ୍ରକାଶ କରିଛନ୍ତି।

**ତିନି ଜଣିଆ ଟିମ ତଦନ୍ତ କରି ଫେରିଲେ**

# ତିନିଘଣ୍ଟାର ସଂଘର୍ଷ ପରେ ଜୀବନ ହାରିଲା ମାଙ୍କଡ଼

## ● ମଲା ପରେ ପହଞ୍ଚିଲା ବନବିଭାଗ



**ନୀଳଗିରି, ୨୫।୭ (ସମିସ):** ଗୋଟିଏ ମାଙ୍କଡ଼କୁ ଏକ ପାଗଳା କୁକୁର କାମୁଡ଼ିଦେବାରୁ ମାଙ୍କଡ଼ଟି ନିଜ ଜୀବନ ସହ ଦୀର୍ଘ ତିନିଘଣ୍ଟା ଧରି ସଂଘର୍ଷ କରି ଶେଷରେ ତାର ମୃତ୍ୟୁ ଘଟିଛି। ଉକ୍ତ ଘଟଣାଟି ଗଙ୍ଗପୁରା ତେନ୍ତୁଳୀଆ ପୋଖରୀ ନିକଟରେ ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକେ ଏନେଇ ନୀଳଗିରି ବନ ବିଭାଗକୁ ଜଣାଇଥିବା ବେଳେ ତିନି ଘଣ୍ଟା ମଧ୍ୟରେ ବନବିଭାଗ ପହଞ୍ଚି ପାରି ନ ଥିଲେ। ଶେଷରେ ଆହତ ମାଙ୍କଡ଼ର ଜୀବନ ଯାଇଥିଲା। ମଲା ପରେ ବନବିଭାଗ ପହଞ୍ଚିଥିବା ବେଳେ ସ୍ଥାନୀୟ ଲୋକେ ବନବିଭାଗ ସମୟାନୁବର୍ତ୍ତିତା ଉପରେ ସାଧାରଣ ଲୋକେ ପ୍ରଶ୍ନ ଉଠାଇଛନ୍ତି।

# କ୍ଷେତରେ ପୋଖରୀ ଖୋଳିଥିବା ଚାଷୀଙ୍କୁ ମିଳୁନି ଋଣ ଟଙ୍କା

**ଖନ୍ତାପଡ଼ା, ୨୫।୭ (ସମିସ):** କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମନରେଗା ଅନ୍ତର୍ଭୁକ୍ତ ରାଜ୍ୟ କୃଷି ବିଭାଗ ଅଧୀନରେ ମୃତ୍ତିକା ସଂରକ୍ଷଣ ତରଫରୁ ଜିଲ୍ଲାର ନୀଳଗିରି ଓ ବାହାନଗା ବ୍ଲକର ଚାଷୀଙ୍କୁ ନିଜର ଚାଷ ଜମିରେ ପୋଖରୀ ଖୋଳିବା ପାଇଁ ବାଲେଶ୍ୱର ଜିଲ୍ଲାପରିଷଦ ପକ୍ଷରୁ ଅନୁମୋଦନ ଦିଆଯାଇଥିଲା। କିନ୍ତୁ ପ୍ରକଳ୍ପ ନିର୍ଦ୍ଦେଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ପୋଖରୀ ଖୋଳିବା ପାଇଁ ୱାର୍କକୋର୍ଡ ଦେଉନାହାନ୍ତି ବୋଲି ଅଭିଯୋଗ ହେଉଛି। ପୂର୍ବରୁ ଖୋଳିଥିବା ପୋଖରୀଗୁଡ଼ିକ ପାଇଁ ସେମାନଙ୍କୁ କିଛି ଅର୍ଥ ରାଶି ପ୍ରଦାନ କରିଥିଲେ ଏବଂ ଅନ୍ୟମାନେ ପାଇନାହାନ୍ତି। ଯେଉଁମାନେ ପୋଖରୀ ଖୋଳି ଅର୍ଥ ପାଇନାହାଁନ୍ତି ସେମାନଙ୍କ ପୋଖରୀରେ ନିୟୋଜିତ ହୋଇଥିବା ଶ୍ରମିକଙ୍କ ମଜୁରୀ ଟଙ୍କା ପାଇଁ କିପରି ପରିଷଦ କରିବେ ଏ ବାବଦରେ ବାରମ୍ବାର ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅଧିକାରୀ ଶ୍ରୀ ଆଚାର୍ଯ୍ୟଙ୍କୁ ଯୋଗାଯୋଗ କରିବାରୁ ଟଙ୍କା ମାଗୁଛନ୍ତି ବୋଲି ଅଭିଯୋଗ ହେଉଛି। ୬ ମାସ ହୋଇଗଲା ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ ତଥା ମୃତ୍ତିକା ସଂରକ୍ଷଣ ବିଭାଗ ଭୁବନେଶ୍ୱରରେ ଚାଷୀ ସୋମନାଥ ପ୍ରଧାନ, ମନୋରମା ପଲେଇ, ସୁଶାନ୍ତ ଦାଶ, ସେବତୀ ଦାଶ, ମାୟାଧର ମଲିକ, ଓଡ଼ଶା ମାଳ ସରପଞ୍ଚ ରୋମାମଣି ମହାରଣା, କମଳାକାନ୍ତ ଜେନା, ସୁଶାନ୍ତ ଜେନା, ଜ୍ଞାନରଞ୍ଜନ ବେହେରା, ମହେଶ୍ୱର ପ୍ରମାଣିକ, ସୁରଥ କୁମାର ମହାଲିକ, ଗୋପୀନାଥ ମଲିକ, ପ୍ରଭାକର ମଲିକ, ନିର୍ମଳ ଦାଶ, ଗିରିଶ ଚନ୍ଦ୍ର ଦାଶ, ଭାରତୀ ଦାଶ, ଶରତ ଚନ୍ଦ୍ର ଦାଶ, ଚନ୍ଦନ କୁମାର ଦାଶ, ମାୟାଧର ମଲିକ ପ୍ରମୁଖ ଅଭିଯୋଗ କରିଆସିଛନ୍ତି। ତୁରନ୍ତ ଜିଲ୍ଲା କର୍ତ୍ତୃପକ୍ଷ ଚାଷୀମାନଙ୍କର ସମସ୍ୟା ସମାଧାନ ପାଇଁ ଏବଂ ଲାଞ୍ଚ ମାଗିଥିବା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରାଯାଇଛି।


# ରିଲିଫ୍ ବଣ୍ଟନକୁ କେନ୍ଦ୍ରକରି ଗଣ୍ଡଗୋଳ; ବିଡିଓଙ୍କୁ ଦାବିପତ୍ର

**କାଳିପଦା, ୨୫।୭ (ସମିସ):** ଚଳିତ ସୁବର୍ଣ୍ଣ ରେଖା ବନ୍ୟା କ୍ଷତିଗ୍ରସ୍ତଙ୍କୁ ୭ଦିନ ରିଲିଫ ଦେବା ପାଇଁ ସରକାର ଘୋଷଣା କରିଥିଲେ। ଏବେ ସେହି ରିଲିଫ ଚାଉଳ କ୍ଷତିଗ୍ରସ୍ତଙ୍କୁ ବଣ୍ଟା ଯାଉଛି। ମାତ୍ର ଏହି ବଣ୍ଟନକୁ କେନ୍ଦ୍ର କରି କେତେକ ପଞ୍ଚାୟତରେ ଗଣ୍ଡଗୋଳ ଦେଖାଦେଇଛି। ନିଖିରା, ଅସ୍ତି, ବାଲିଆପାଳ, ମଧୁପୁରା, ଜାମକୁଣ୍ଡା, କୁମ୍ଭାରୀ ଆଦି ପଞ୍ଚାୟତରେ ସରପଞ୍ଚ ଓ ପଞ୍ଚାୟତ ଅଧିକାରୀମାନେ ସରକାରୀ ଗାଇଡ୍‌ଲାଇନକୁ ଉଲ୍ଲଂଘନ କରି ମନମାନିରେ ଚାଉଳ ବାଣ୍ଟୁଛନ୍ତି। ୱାର୍ଡମେମ୍ବର ମାନେ ସଠିକ ତାଲିକା ମଧ୍ୟ ପ୍ରଶାସନକୁ ଦେଉନାହାଁନ୍ତି। ଗତକାଲି ରାତିରେ ନିଖିରା ପଞ୍ଚାୟତ ଅଫିସରୁ ୱାର୍ଡମେମ୍ବର ମାନେ ରିଲିଫ ଚାଉଳ ଯେ ଯାହାନେଇ ଯିବାରୁ ଗ୍ରାମବାସୀ ତାହାକୁ ବିରୋଧ କରିଥିଲେ। ବିନା ପ୍ରଶାସନିକ ଅଥବା ପଞ୍ଚାୟତ ଅଧିକାରୀଙ୍କ ଅନୁପସ୍ଥିତିରେ ରିଲିଫ ବାଣ୍ଟିବା ନିୟମ ନାହିଁ। ମାତ୍ର ତାହାର ଉଲ୍ଲଂଘନ ହୋଇଛି। ନିୟମ ଅନୁଯାୟୀ ପ୍ରତ୍ୟେକ ବୟସ୍କ ଲୋକଙ୍କୁ ୭ କିଲୋ ଓ ବାର ବର୍ଷରୁ କମ ଲୋକଙ୍କୁ ୩.୫ କିଲୋଗ୍ରାମ ଚାଉଳ ଦେବା କଥା। ମାତ୍ର ତାହା କରା ନଯାଇ ମୁଣ୍ଡ ପିଛା ୪ରୁ ୫ କିଲୋଗ୍ରାମ ଚାଉଳ ଦେଉଛନ୍ତି। ଗ୍ରାମର ଅଙ୍ଗନବାଡି କର୍ମୀ ଯେଉଁ ତାଲିକା ଦେଇଛନ୍ତି ସେଥିରେ ମଧ୍ୟ ପାତରଅନ୍ତର ହୋଇଛି। ନିଖିରା ପଞ୍ଚାୟତ ପାଳପଡ଼ା ଗ୍ରାମର ଲୋକମାନେ ଧାର୍ଯ୍ୟ ଚାଉଳ ନ ମିଳିଲେ ଆନ୍ଦୋଳନରେ ବସିବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଗତକାଲି ଏନେଇ ସେମାନେ ବିଡିଓ ରାଧାରଞ୍ଜନ ଦାସଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବିଡିଓ ତଦନ୍ତ କରି ଦେଖିବେ ବୋଲି କହିଛନ୍ତି।



# ରାସ୍ତା ସମସ୍ୟାର ହେବ ସମାଧାନ

**ନୀଳଗିରି, ୨୫।୭ (ସମିସ):** ନୀଳଗିରି-ପଞ୍ଚଲିଙ୍ଗେଶ୍ୱର-ସନ୍ତରାଗଡ଼ିଆ ରାସ୍ତା ନିର୍ମାଣ ପାଇଁ ବାଧକ ଥିବା ଇକୋ ସେନସିଟିଭ ଜୋନର ମନିଟରିଂ କମିଟିର ଅନୁମୋଦନ କରାଇ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବା ପାଇଁ ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କୁ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଚିଠି କରିଥିଲେ। ଆଜି ମନ୍ତ୍ରୀ ବାଲେଶ୍ୱର ଗସ୍ତରେ ଆସିଥିବା ବେଳେ ପୁନର୍ବାର ସାଂସଦ ଶ୍ରୀ ଷଡ଼ଙ୍ଗୀ ମନ୍ତ୍ରୀଙ୍କ ସହ କଥା ହୋଇଥିଲେ। ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ଏହାକୁ ଗୁରୁତର ସହ ନେଇ ଟେକ୍ନିକାଲ ପ୍ରୋବ୍ଲେମ ଏବେ ସମାଧାନ ହୋଇସାରିଛି ଏବଂ ଏକ ମନିଟରିଂ କମିଟି ଖୁବ ଶୀଘ୍ର ଗଠନ ହେବ ବୋଲି କହିଥିଲେ। ଖୁବ୍‌ଶୀଘ୍ର ରାସ୍ତା କାର୍ଯ୍ୟ ଆରମ୍ଭ ହେବ ବୋଲି ମନ୍ତ୍ରୀ ଓ ବିଭାଗୀୟ ସେକ୍ରେଟାରୀ, ଜିଲ୍ଲାପାଳ ଓ ଅନ୍ୟ ଅଧିକାରୀ ଆଜି ଜଣାଇଛନ୍ତି। ଏହାଦ୍ୱାରା ଦୀର୍ଘ ଦିନ ଧରି ସମ୍ମୁଖୀନ ହେଉଥିବା ଅସୁବିଧାର ସମାଧାନ ହୋଇପାରିବ।




# ଆବର୍ଜନା ଘର ନିର୍ମାଣ କାର୍ଯ୍ୟ ବନ୍ଦ ପାଇଁ ନିଷ୍ପତ୍ତି

**ସୋର, ୨୫।୭ (ସମିସ):** ସୋର ବ୍ଲକ ମାଣତ୍ରୀ ପଞ୍ଚାୟତ ତରଫରୁ ବେଆଇନ ଭାବରେ ହେଉଥିବା ଅଳିଆ ଆବର୍ଜନା ଘର ନିର୍ମାଣ କାମ ବନ୍ଦ ପାଇଁ ଆଜି ଗ୍ରାମସଭାରେ ବିଡିଓ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ନିଷ୍ପତ୍ତି ନିଆଯାଇଛି। ପ୍ରଥମରୁ ଏହି ନିର୍ମାଣ କାର୍ଯ୍ୟକୁ ଗ୍ରାମବାସୀ ବିରୋଧ କରୁଥିଲେ। ଭୁଲ୍ ଜାଗାରେ କାମ ହେଉଛି ବୋଲି ପୂର୍ବରୁ ତହସିଲଦାର କହିଥିଲେ ଏବଂ ପରେ କାମ ବନ୍ଦ୍ ହୋଇଥିଲା। କିନ୍ତୁ ପ୍ରଶାସନ ଦେଇଥିବା ନିର୍ଦ୍ଦେଶକୁ ବେଖାତିର କରି ସରପଞ୍ଚ ସେଠାରେ ନିଜ ସମର୍ଥକଙ୍କ ସହିତ ପୁଣି କାମ କରିଥିଲେ। ପରବର୍ତ୍ତୀ ଅବସ୍ଥାରେ ଜିଲ୍ଲା ପରିଷଦ ଅଫିସ୍ ସେହି ଜାଗାରେ ପୁନର୍ବାର କାମ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସରପଞ୍ଚ ସେଇ ନିୟମକୁ ନ ମାନି କାମ କରିବାରୁ ଅନେକ ଗ୍ରାମବାସୀ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଓ ପରେ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଉକ୍ତ ଜାଗାରୁ କାମ ଅନ୍ୟତ୍ର ସ୍ଥାନାନ୍ତରଣ କରିବାକୁ ଅନୁରୋଧ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆଜି ପଞ୍ଚାୟତ ଅଫିସରେ ସୋର ବିଡିଓ, ତହସିଲଦାର, ଏଇଇ, ଆର୍‌ଆଇ, ପିଇଓ, ସରପଞ୍ଚ, ଚାଷୀ, ମହିଳା ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ବୈଠକ ବସି ସର୍ବସମ୍ମତି କ୍ରମେ ଆବର୍ଜନା ଘରକୁ ବନ୍ଦ ପାଇଁ ନିଷ୍ପତ୍ତି ନିଆଯାଇଥିଲା।

# ରାସନ କାର୍ଡ ଆବେଦନରେ ତ୍ରୁଟି, ମିଳୁନି କାର୍ଡ

**ବାଲେଶ୍ୱର(ଉତ୍ତର), ୨୫।୭ (ସମିସ)**

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅଧୀନ ସୁନାଧରବସାଣ ଗ୍ରାମର ୱାର୍ଡ଼ ନଂ ୯ର ବାସିନ୍ଦା ପୂର୍ଣ୍ଣିମା ଦଳାଇ ରାସନକାର୍ଡ ପାଇଁ ଅନ୍‌ଲାଇନ ଆବେଦନରେ ତ୍ରୁଟି ହେତୁ ଗୁରୁତର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ଣ୍ଣିମାଙ୍କ ସ୍ୱାମୀ ଗୋବିନ୍ଦ ଦଳାଇ ଏବଂ ତାଙ୍କର ଏକମାତ୍ର ପୁତ୍ର ଅତ୍ୟନ୍ତ ଆର୍ଥିକ ଅନଟନ ମଧ୍ୟରେ ଜୀବନଯାପନ କରୁଥିଲା ବେଳେ ରାସନ କାର୍ଡ ନ ଥିବାରୁ ସରକାରୀ ଖାଦ୍ୟ ସାମଗ୍ରୀ ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା ତାଙ୍କ ପରିବାର ପାଇଁ ଫେଲ୍ ମାରିଛି। ସୂଚନାଯୋଗ୍ୟ ଯେ, ପୂର୍ଣ୍ଣିମା ଗତ ୨୦୨୪ ସେପ୍ଟେମ୍ବର ୧୨ରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଅନଲାଇନ ପୋର୍ଟାଲ ଫୁଡ୍ ଓଡ଼ିଶା ମାଧ୍ୟମରେ ରାସନ କାର୍ଡ ପାଇଁ ଆବେଦନ କରିଥିଲେ। ତାଙ୍କ ଆବେଦନର ପ୍ରାପ୍ତି ସ୍ୱୀକାରପତ୍ର ନଂ ଏବଂ ଆଧାର ନମ୍ବର ଥିଲା। ଆବେଦନ ପରେ ତଦନ୍ତ କରାଯାଇଥିଲା ଯାହାର କ୍ର.ନଂ ୬୫ରେ ତାଙ୍କ ନାମ ପ୍ରକାଶିତ ହୋଇଥିଲା। ମାତ୍ର ପରେ ଯେତେବେଳେ ସେ ବ୍ଲକ ଯୋଗାଣ ଅଧିକାରୀଙ୍କୁ ଭେଟି ସ୍ଥିତି ବିଷୟରେ ପଚାରିଥିଲେ ସେତେବେଳେ ଜଣାପଡ଼ିଲା ଯେ, ଅନଲାଇନ ଆବେଦନ ସମୟରେ ତାଙ୍କର ଗ୍ରାମ ପଞ୍ଚାୟତର ନାମ 'ସୁନାଧରବସାଣ' ପରିବର୍ତ୍ତେ ଡିଲରଙ୍କ ନାମ ଭୁଲରେ ଚୟନ ହୋଇଯାଇଥିବା ଯୋଗୁଁ ଆବେଦନଟି ଅଯୋଗ୍ୟ ଘୋଷିତ ହୋଇଛି। ପୂର୍ଣ୍ଣମା କହିଛନ୍ତି ଯେ, ଏହି ତ୍ରୁଟି ଅନଲାଇନ ପୋର୍ଟାଲର ସିଷ୍ଟମ ସମସ୍ୟା ଜନିତ ହୋଇଛି, ଯାହା ତାଙ୍କର ନିୟନ୍ତ୍ରଣାଧୀନ ନ ଥିଲା। ଏହି ତ୍ରୁଟି ସଂଶୋଧନ ପାଇଁ ସେ ପରବର୍ତ୍ତୀ ସମୟରେ ଫୁଡ୍ ଓଡ଼ିଶା ପୋର୍ଟାଲରେ ଚେଷ୍ଟା କରିଥିଲେ, କିନ୍ତୁ ସେଠାରେ ସଂଶୋଧନ ପାଇଁ କୌଣସି ବିକଳ୍ପ ଉପଲବ୍ଧ ନଥିଲା। ଅନ୍ୟପକ୍ଷରେ ବ୍ଲକ ଯୋଗାଣ ଅଧିକାରୀଙ୍କୁ ଏ ବିଷୟରେ ଅବଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସମାଧାନ ମିଳିନାହିଁ କି ରାସନ କାର୍ଡ ମଞ୍ଜୁର କରିନାହାଁନ୍ତି। ସେହିପରି ବିଡିଓଙ୍କୁ ଲିଖିତ ଦରଖାସ୍ତ ଦ୍ୱାରା ନିଜର ଅଭିଯୋଗ କରିବାର ୧ ମାସ ବିତିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରିନାହାଁନ୍ତି। ଏହି ସମସ୍ୟାକୁ ନେଇ ସାମାଜିକ କର୍ମୀ ରାଜୁ କୁମାର ତାଙ୍କର (ଟୁଇଟର) 'ଏକ୍ସ' ଆକାଉଣ୍ଟରେ ଟ୍ୱିଟ୍ କରିବା ପରେ ଜିଲ୍ଲାପାଳ ପ୍ରତିଉତ୍ତର ଦେଇ କହିଥିଲେ କି ଆମେ ଏହାକୁ ଖୋଜୁଛୁ। ଏସମ୍ପର୍କରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ୭ ଦିନ ବିତିଯାଇଥିଲେ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ସମ୍ପୃକ୍ତ ଗରିବ ମହିଳାଙ୍କୁ ରାସନ କାର୍ଡ ମଞ୍ଜୁର କରିବାରେ ଜିଲ୍ଲାପାଳ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ ହେଉଛି। ତା ଛଡ଼ା ପୂର୍ଣ୍ଣିମାଙ୍କୁ ତାଙ୍କର ମୌଳିକ ଅଧିକାର ଓ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ କରୁଥିବା ସେ ଅଭିଯୋଗ କରିଛନ୍ତି। ସେ ଜିଲ୍ଲାପାଳଙ୍କୁ ନିଜର ଅଭିଯୋଗ ଚିଠି ମାଧ୍ୟମରେ ଲେଖି ପୋଷ୍ଟାଲରେ ଜଣାଇଥିଲେ ମଧ୍ୟ ବର୍ତ୍ତମାନ ଯାଏ କୌଣସି ସୁଫଳ ମିଳିପାରିନାହିଁ। ପୂର୍ଣ୍ଣିମା ତାଙ୍କ ଶାଶୂ-ଶ୍ୱଶୁରଙ୍କଠାରୁ ଅଲଗା ହୋଇ ସ୍ୱାମୀ ଓ ପୁତ୍ର ସହିତ ଅତ୍ୟନ୍ତ କଷ୍ଟରେ ଜୀବନଯାପନ କରୁଛନ୍ତି। ରାସନ କାର୍ଡ ଅଭାବରୁ ସରକାରୀ ସହାୟତା ନ ମିଳିବା ତାଙ୍କ ପରିବାର ପାଇଁ ଆର୍ଥିକ ଓ ଖାଦ୍ୟ ସୁରକ୍ଷା ସମସ୍ୟା ସୃଷ୍ଟି କରୁଛି। ସେ ଜିଲ୍ଲା ପ୍ରଶାସନକୁ ଏ ବିଷୟରେ ଉଚ୍ଚସ୍ତରୀୟ ତଦନ୍ତ କରିବା ଏବଂ ଆବେଦନରେ ଥିବା ତ୍ରୁଟି ସଂଶୋଧନ କରି ରାସନ କାର୍ଡ ପ୍ରଦାନ କରିବା ପାଇଁ ବିନମ୍ର ଅନୁରୋଧ କରିଛନ୍ତି। ଏହି ଘଟଣା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଅନଲାଇନ ଆବେଦନ ପ୍ରକ୍ରିୟାରେ ଥିବା ତ୍ରୁଟି ଏବଂ ପ୍ରଶାସନିକ ଅବହେଳାକୁ ପଦାରେ ପକାଇଛି। ପୂର୍ଣ୍ଣିମାଙ୍କ ପରି ଅନେକ ଆବେଦନକାରୀ ସମାନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ରହିଛି। ଜିଲ୍ଲା ପ୍ରଶାସନ ଏବଂ ଖାଦ୍ୟ ଯୋଗାଣ ବିଭାଗ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରି ଯୋଗ୍ୟ ହିତାଧିକାରୀମାନଙ୍କୁ ରାସନ କାର୍ଡ ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି।




**ସରକାରୀ ଖାଦ୍ୟ ସାମଗ୍ରୀ ପାଇବାରୁ ବଞ୍ଚିତ ପୂର୍ଣ୍ଣିମା**



# ରାଜ୍ୟ ଶିକ୍ଷା ବିଭାଗର ସଂସ୍କୃତ ଉଚ୍ଛେଦ ନୀତିକୁ ବିରୋଧ

ବାଲେଶ୍ୱର, ୨୫।୭ (ସମିସ): ଓଡ଼ିଶା ସରକାରଙ୍କ ସଂସ୍କୃତ ଉଚ୍ଛେଦ ନୀତିକୁ ରାଜ୍ୟର ସମସ୍ତ ସଂସ୍କୃତ ସଂଗଠନ ବିରୋଧ କରିଛି। ମାଧ୍ୟମିକ ଶିକ୍ଷା ପରିଷଦ ଚିଠି ସଂଖ୍ୟା ୧୮୧୮ ତା, ୨୩-୦୭-୨୫ ତାରିଖ ଅନୁସାରେ ରାଜ୍ୟର ୪୩୧ଟି ଉଚ୍ଚ ବିଦ୍ୟାଳୟରେ ଭୋକେସନାଲ ଶିକ୍ଷା ଆରମ୍ଭ କରିବାକୁ ନିର୍ଦ୍ଦେଶ ଆସିଛି। ପୂର୍ବରୁ ପ୍ରାୟ ୩୦୦୦ ବିଦ୍ୟାଳୟରେ ଏହା ପ୍ରଚଳିତ ହୋଇଆସୁଛି। ହେଲେ ତୃତୀୟ ଭାଷା ହିନ୍ଦୀ ଓ ସଂସ୍କୃତ ସ୍ଥାନରେ ଛାତ୍ରଛାତ୍ରୀ ଏହି ଭୋକେସନାଲ ପଢ଼ିବା ବ୍ୟବସ୍ଥା ହୋଇଛି। ଫଳରେ ଅଧିକ ଅଙ୍କ ଆଣିବା ବା ବୈଷୟିକ ଜ୍ଞାନ ଆହରଣ କରିବାକୁ ଛାତ୍ରଛାତ୍ରୀ ଅଧିକ ଆଗ୍ରହ ପ୍ରକାଶ କରି ଭାଷାଶିକ୍ଷା ଛାଡି ଭୋକେସନାଲ ନେଉଛନ୍ତି। ଦୁଃଖର ବିଷୟ ଯେ, ଯେଉଁମାନେ ଭାଷାଶିକ୍ଷା କରୁଛନ୍ତି ସେମାନେ ଭୋକେସନାଲ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ବିଦ୍ୟାଳୟମାନଙ୍କରୁ ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ପଦ ଉଚ୍ଛେଦ କରିଦିଆଯାଉଛି। ଇଂରେଜଙ୍କ ପରେ କଂଗ୍ରେସ ସରକାର ଯେଉଁ ଧାରା ଚଳାଇଥିଲେ ବର୍ତ୍ତମାନ ବିଜେପି ସରକାର ମଧ୍ୟ ତାହା ଜାରି ରଖିଛନ୍ତି। ଏହାର ତୀବ୍ର ବିରୋଧ କରି ଗୁଗଲ ଦ୍ୱାରା ରାଜ୍ୟର ଶତାଧିକ ସଂସ୍କୃତ ଶିକ୍ଷକ ପ୍ରତିବାଦ୍ କରିଥିଲେ। ରାଜ୍ୟ ସଂସ୍କୃତ ଶିକ୍ଷକ ମହାସଂଘର କାର୍ଯ୍ୟକାରୀ ସଭାପତି ଅକ୍ଷୟ ଦାସଙ୍କ ପୌରୋହିତ୍ୟରେ ସଭା ଆୟୋଜନ ହୋଇଥିଲା। ଏଥିରେ ସାଧାରଣ ସମ୍ପାଦକ ଡଃ କୁମାର ଚନ୍ଦ୍ର ମିଶ୍ର, ସଂସ୍କୃତ ଭାରତୀ ଉତ୍କଳ ପୂର୍ବ ପ୍ରାନ୍ତ ପ୍ରମୁଖ ସଦାଶିବ କ୍ୟାମ୍ପସ ଶିକ୍ଷା ଶାସ୍ତ୍ରୀ ଅଧ୍ୟାପକ ରମାକାନ୍ତ ସା, ଲୋକ ଭାଷା ପ୍ରଚାର ସମିତିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ଼ଃ ସଦାନନ୍ଦ ଦୀକ୍ଷିତ, ସମ୍ପାଦକ ବିଭୂତି ନାରାୟଣ କର, ଡଃ ବିପିନ ବିହାରୀ ଶତପଥ, ନୟାଗଡ଼ ସଂସ୍କୃତ ବିକାଶ ପରିଷଦର ଅଧ୍ୟକ୍ଷ ପ୍ରଫେସର ସତ୍ୟ ନାରାୟଣ ଆଚାର୍ଯ୍ୟ, ପଣ୍ଡିଚେରୀର ଡଃ ଚକ୍ରଧର ବେହେରା, ଅଧ୍ୟାପକ ବୁଦ୍ଧେଶ୍ୱର ଷଡ଼ଙ୍ଗୀ, ଅଖିଳ ଭାରତୀୟ ଶୈକ୍ଷିକ ରାଜ୍ୟ ସଂଘର ସମ୍ପାଦକ ପ୍ରମୋଦ କୁମାର ବାଜୁବନ୍ଧ, ଉପ ସଭାପତି ମଧୁସୂଦନ ମିଶ୍ର, ଲମ୍ବୋଦର ଶତପଥୀ, କନକଲତା ଜେନା, ସଞ୍ଜୟ ଷଡ଼ଙ୍ଗୀ, ଭଦ୍ରକ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ଃ ପ୍ରମୋଦ କୁମାର ନାୟକ, ବକ୍ତା ବିଶ୍ୱନାଥ ଦାଶ, ଯୁଗ୍ମ ସମ୍ପାଦକ ଗୋପବନ୍ଧୁ ପୁରୋହିତ, କାର୍ଯ୍ୟକାରୀ ସମ୍ପାଦକ ବିନାୟକ ତ୍ରିପାଠୀ, କୋଷାଧ୍ୟକ୍ଷ ଡଃ ବିଷ୍ଣୁ ଚରଣ ରାଉତ, ସଂଗଠନ ସମ୍ପାଦକ ସୁକାନ୍ତ କର, ସହ ସମ୍ପାଦକ ଅଶ୍ୱିନୀ ପଣ୍ଡା, ଡଃ ଦୁର୍ଗାପ୍ରସାଦ ମିଶ୍ର, ଶରତ ଚନ୍ଦ୍ର ସାହୁ, ବାସବ ନନ୍ଦ, ଅମିତାଭ ପଣ୍ଡା, ବାପୁଜୀ ମହାରଣା ଏବଂ ଅଧିକାଂଶ ଜିଲ୍ଲାର ସଭାପତି ସମ୍ପାଦକ ସହିତ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇ ମତାମତ ଦେଇଥିଲେ। ସଂଗଠନ ସମ୍ପାଦକ ସୁକାନ୍ତ କର ଗୁଗଲ ସଞ୍ଚାଳନ କରିଥିଲେ। ଡଃ ଦୁର୍ଗାପ୍ରସାଦ ମିଶ୍ର ବେଦପାଠ କରିଥିଲେ। ବିନାୟକ ତ୍ରିପାଠୀ ପ୍ରାରମ୍ଭରେ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଡଃ ଅକ୍ଷୟ କୁମାର ଦାଶ ସଭିଏଁ ଏକାଠି ହୋଇ କାମ କରିବାକୁ ଆହ୍ୱାନ ଦେଇଥିଲେ। ସରକାରଙ୍କ ଏଭଳି ସଂସ୍କୃତ ମାରଣ ନୀତିକୁ ବିଭିନ୍ନ ସଂସ୍ଥା ତରଫରୁ ରାଜରାସ୍ତା ଓ ଆଇନର ଆଶ୍ରୟ ନେବା ପୂର୍ବରୁ ପୁଣି ଥରେ ଆଲୋଚନା କରିବାକୁ ସମ୍ପାଦକଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା।

## ରାଜ୍ୟ ସରକାରଙ୍କ ଖରିଫ ଧାନ ସଂଗ୍ରହ ଓ ଚାଷୀ ପଞ୍ଜୀକରଣ ପ୍ରସଙ୍ଗ

# ଚାଷୀଙ୍କ ପଞ୍ଜୀକରଣରେ ବାଧକ ହୋଇଛି ନୂଆ ନିୟମ



- ବିଜେଡିର ପ୍ରତିନିଧି ଦଳ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର
- ଜଟିଳ ପଞ୍ଜୀକରଣ ପ୍ରକ୍ରିୟାକୁ ସରଳୀକରଣ ବା ବାତିଲ ଦାବି

ବାଲେଶ୍ୱର, ୨୫।୭ (ସମିସ)

ତିନି ଚାରି ମାସ ପରେ ଖରିଫ ଧାନ ସଂଗ୍ରହ ଅଭିଯାନ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଗତ ଜୁଲାଇ ୧୯ରୁ ଅଗଷ୍ଟ ୮ ତାରିଖ ପର୍ଯ୍ୟନ୍ତ ଫର୍ମ ବଣ୍ଟନ କରାଯିବ ଏବଂ ଆସନ୍ତା ଅଗଷ୍ଟ ୨୦ ତାରିଖ ପର୍ଯ୍ୟନ୍ତ ଚାଷୀଙ୍କ ପଞ୍ଜୀକରଣ କରାଯିବ। ଏଥିପାଇଁ ପ୍ରକାଶିତ ନିୟମାବଳୀ ଚାଷୀକୂଳଙ୍କ ପାଇଁ ଏକ ଷଡ଼ଯନ୍ତ୍ର ସଦୃଶ ପ୍ରତୀୟମାନ ହେଉଛି ବୋଲି ଅଭିଯୋଗ ହେଉଛି। ଅନ୍ୟପ୍ରକାରେ କହିବାକୁ ଗଲେ ହାତଗୋଡ଼ ବାନ୍ଧିଦେଇ ଦୌଡ଼ିବାକୁ କୁହାଯିବା ଭଳି ଅସଙ୍ଗତିମୂଳକ ନିର୍ଦ୍ଦେଶନାମା ଚାଷୀମାନଙ୍କର ସହଜ ପଞ୍ଜୀକରଣ ପ୍ରକ୍ରିୟାରେ ଅନ୍ତରାୟ ସୃଷ୍ଟି କରୁଛି। ଫଳରେ ଚାଷୀମାନେ ହନ୍ତସନ୍ତ ହେଉଛନ୍ତି ଏବଂ ଘୋର ଅସନ୍ତୋଷ ଲାଗି ରହିଛି। ଏହାକୁ ଦୃଷ୍ଟିରେ ରଖି ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ଦଳ ଶୁକ୍ରବାର ଜିଲ୍ଲାପାଳଙ୍କୁ ଭେଟି ଉକ୍ତ ବିବାଦମାନ, ଅବୈଧ ଓ ଅନାବଶ୍ୟକ ଜଟିଳ ପଞ୍ଜୀକରଣ ପ୍ରକ୍ରିୟାକୁ ଯଥାଶୀଘ୍ର ସରଳୀକରଣ କରାଯିବା ବା ବାତିଲ କରିବାକୁ ଜିଲ୍ଲାପାଳଙ୍କ ଜରିଆରେ ସରକାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅନ୍ୟଥା ବହୁ ଚାଷୀ ଖରିଫ ଧାନ ବିକ୍ରି କରିବାରୁ ବଞ୍ଚିତ ହେବେ ବୋଲି କହିଥିଲେ। ପ୍ରକାଶଥାଉ କି, ନିକଟରେ ରାଜ୍ୟ ସରକାର ଖରିଫ ଧାନ ସଂଗ୍ରହ ଓ ଚାଷୀ ପଞ୍ଜୀକରଣ ସମ୍ପର୍କିତ ସରକାରଙ୍କ ନିୟମାବଳୀରେ ପରିବର୍ତ୍ତନ କରିଛନ୍ତି। ଏଥିରେ ଥିବା ଅସଙ୍ଗତିଗୁଡ଼ିକ ହେଲା ଲିଗାଲହେୟାର ସାର୍ଟିଫିକେଟ ବାଧ୍ୟତାମୂଳକ ହୋଇଛି। ମୃତ ବାପାର ଲିଗାଲହେୟାର ସାର୍ଟିଫିକେଟ ଏବଂ ମୃତ୍ୟୁ ପ୍ରମାଣପତ୍ର ପୁଅ ସାଙ୍ଗରେ ସମିତିକୁ ଧରି ଆସିବ। କେତେକ ସ୍ଥଳେ ୧୦ରୁ ୧୫ ବର୍ଷ ପୂର୍ବେ ବାପ ମରିଯାଇଛି ଏବଂ ୫ ପୁଅଙ୍କ ମଧ୍ୟରୁ କାହା ପାଖରେ ମୃତ୍ୟୁ ପ୍ରମାଣପତ୍ର ଅଛି ତାହାକୁ ନେଇ ଏବେ ବହୁସ୍ଥାନରେ ପୁଅମାନଙ୍କ ଭିତରେ କଳି ଏବଂ ସମସ୍ୟା ଆରମ୍ଭ ହୋଇଯାଇଛି ବୋଲି ଅଭିଯୋଗ ହେଉଛି। ଏଥିସହ ନିଜ ସହିତ ଭାଇମାନଙ୍କ ନାମରେ ଥିବା ଜମିକୁ ପଞ୍ଜିକୃତ କରିବାକୁ ହେଲେ ଅନ୍ୟ ଭାଇମାନଙ୍କ ସହମତି ଓ ଦସ୍ତଖତ ଆବଶ୍ୟକ ଯାହକି ବହୁସ୍ଥଳେ ତାହା ଅସମ୍ଭବ ଅଟେ। ଆଧାର ସଂଯୋଗ ନହେଲେ ଏଥର ଚାଷୀ ପଞ୍ଜୀକରଣ ହୋଇପାରିବ ନାହିଁ। ଚାଷୀଙ୍କ ଧାନ ଟଙ୍କା ଯେଉଁ ବ୍ୟାଙ୍କକୁ ଯିବ ସେହି ବ୍ୟାଙ୍କ ଖାତା ଓ ଆଧାର ମଧ୍ୟରେ ଇ-କେୱାଇସି ସଂଯୋଗ କରିବାକୁ ବାଧ୍। ଅଧିକାଂଶ ଚାଷୀ ନିଜ ବ୍ୟାଙ୍କ ଖାତାରେ ଇ-କେୱାଇସି କରିନାହାନ୍ତି। ତେଣୁ ପଞ୍ଜୀକରଣ ପାଇଁ ସେମାନେ ଅସୁବିଧାର ସମ୍ମୁଖୀନ ହେବେ। ଭାଗ ଚାଷୀ ପଞ୍ଜୀକରଣ ପାଇଁ ଏଥର ନିଜ ଜମି ମାଲିକଙ୍କୁ ଧରି ସାଙ୍ଗରେ ଆସିବେ। ସୋସାଇଟି ସମ୍ପାଦକଙ୍କ ଆଗରେ ପଞ୍ଜୀକରଣ ଫର୍ମରେ ଜମି ମାଲିକ ଓ ଭାଗଚାଷୀ ଉଭୟ ଦସ୍ତଖତ କରିବେ। ଜମିମାଲିକ ଧାନ ଚାଷ ନ କରିଥିଲେ ମଧ୍ୟ ଭାଗ ଚାଷୀ କରିଥିବାରୁ ନିଜ ସହମତି ସେହି ଫର୍ମରେ ଦସ୍ତଖତ କରିବେ ଓ ତାହା ପଞ୍ଜୀକରଣ ଆପରେ ଲୋଡ୍‌ହେବ ଏବଂ ଚାଷୀକୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିବ। ଚଳିତ ବର୍ଷ ପଞ୍ଜୀକରଣ ପାଇଁ ସମସ୍ତ ଚାଷୀଙ୍କର ଆଖି ସ୍କାନ ଜରୁରି ହୋଇଛି। ଏଥିରେ କେତେକ ସ୍ଥଳେ ୬୦ବର୍ଷରୁ ଅଧିକ ଚାଷୀ ପଞ୍ଜୀକରଣରେ ଅସୁବିଧାର ସମ୍ମୁଖିନ ହେବେ କାରଣ ବାୟୋମେଟ୍ରିକସ୍ ଯାଞ୍ଚ ପ୍ରକିୟାରେ ସେମାନଙ୍କର ଏରୋର୍ ହେବ; ଫଳରେ ସେମାନେ ବଞ୍ଚିତ ହେବେ। ଆଗରୁ ପଞ୍ଜୀକରଣ ସମୟରେ ଡ୍ରାଫ୍ଟ, ସେଭ୍ ଏବଂ ଏଡିଟ୍ ଅପ୍ସନ୍ ରହୁଥିଲା; କିନ୍ତୁ ବର୍ତ୍ତମାନ ତାହା ଉଠାଇ ଦିଆଯାଇଛି। ସାମାନ୍ୟ ଭୁଲ ପାଇଁ ପୁନଃ ପଞ୍ଜୀକରଣ କରିବାକୁ ପଡୁଛି। ପ୍ରଥମେ ଚାଷୀଭାଇମାନେ ଅଳ୍ପ ସମୟ ପାଇଁ ସମିତିକୁ ଆସୁଥିଲେ ଏବଂ ନିଜ ମୋବାଇଲରେ ଓଟିପି ଦେଇ କାମସାରି ଯାଉଥିଲେ। ଏହି ନୂତନ ବ୍ୟବସ୍ଥା ଫଳରେ ଦିନକୁ ସର୍ବାଧିକ ୧୦ ରୁ ୩୦ଟି ପଞ୍ଜୀକରଣ କରିବା ସମ୍ଭବ ହେଉଛି। ବେଳେବେଳେ ସର୍ଭର୍ ସ୍ଲୋ ପାଇଁ ଚାଷୀଙ୍କୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି। ଏହିସବୁ କାରଣରୁ ଚାଷୀମାନେ ଏବେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହି ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ସଦର ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା, ବାଲେଶ୍ୱର-ଭଦ୍ରକ ସମବାୟ ବ୍ୟାଙ୍କ ସଭାପତି ଗଣେଶ ଚନ୍ଦ୍ର ମହାପାତ୍ର, ବରିଷ୍ଠ ବିଜେଡି ନେତା ବରଦା ପ୍ରସନ୍ନ ପଟ୍ଟନାୟକ, ଗୌରାଙ୍ଗ ପାଢ଼ୀ, କ୍ଷତିଶ ମହାନ୍ତି, ବିଦ୍ୟାସ୍ମିତା ମହାଳିକ, ଅଜୟ ସାମଲ, ଦେବ ଦେ, ଅଜୟ ମହାଳିକ, ଶାନ୍ତନୁ ଦାସ, ସଞ୍ଜୀବ ଦାସ, ଇନ୍ତେଖାବ ଅଲି ଖାନ୍, ଅଞ୍ଜନ ଦଣ୍ଡପାଟ, ତପନ ଦାସ, ସଂଗ୍ରାମ ମଲ୍ଲିକ, ଅନିରୁଦ୍ଧ ପ୍ରଧାନ, ଶରତ ବେହେରା, ମୃତ୍ୟୁଞ୍ଜୟ ବେହେରା, ଶୁଭମ୍ ସାଇ ମହାପାତ୍ର, ରଞ୍ଜୀତା ମହାପାତ୍ର, ରୋଜି ପଟ୍ଟନାୟକ, ଅଶ୍ରିତା ତରାଇ, ସୋନାଲି ସାହା, ଜୟନ୍ତୀ ଦତ୍ତ, ହରପ୍ରିୟା ରଣାଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ




ବାଲେଶ୍ୱର, ୨୫।୭ (ସମିସ): ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରୀ କମିଟି ବୈଠକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତବର୍ଷ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ ଓ ମୁଖପତ୍ର ପ୍ରକାଶନ ସମ୍ପର୍କରେ ଆଲୋଚନା ପାଇଁ ସାଧାରଣ ସମ୍ପାଦକ ଦାମୋଦର ନାୟକ ଜଣାଇଥିଲେ। ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ଅକ୍ଟୋବର ୧ ତାରିଖରେ ପ୍ରତିବର୍ଷ ପାଳିତ ହୋଇଥାଏ। ଚଳିତବର୍ଷ ଏହା ଦୁର୍ଗାପୂଜାର ମହାନବମୀ ଦିନ ପଡୁଥିବାରୁ ଏସମ୍ପର୍କରେ ରାଜ୍ୟସରକାର ଓ ଜିଲ୍ଲା ପ୍ରଶାସନକୁ ଜଣାଇବାକୁ ନିଷ୍ପତି ନିଆଯାଇଛି। ଏହାବ୍ୟତୀତ ବରିଷ୍ଠ ନାଗରିକମାନଙ୍କୁ ମାସିକ ୩ ହଜାର ଟଙ୍କା ଭତ୍ତା, ଜିଲ୍ଲାସ୍ତରରେ ବରିଷ୍ଠ ନାଗରିକମାନଙ୍କ ଅଭିଯୋଗ ପ୍ରକୋଷ୍ଠ କାର୍ଯ୍ୟକ୍ଷମ କରିବା, ପୁଲିସ୍ ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ, ସମସ୍ତ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଆବେଦନପତ୍ରର ତୁରନ୍ତ ସମାଧାନ କରିବା, ସରକାରୀ ମଞ୍ଜୁରୀପ୍ରାପ୍ତ ବହୁମୁଖୀ ପ୍ରକଳ୍ପର ନିର୍ମାଣକାର୍ଯ୍ୟ ଆରମ୍ଭ କରିବା ଆଦି ଦାବି ଉପରେ ସର୍ବଶ୍ରୀ ଗିରିଶ ଚନ୍ଦ୍ର ଦାଶ, କମଳାକାନ୍ତ କାନ୍ତ ବେହେରା, ଗୌରାଙ୍ଗ ପାଣିଗ୍ରାହୀ ଓ ଦେବେନ୍ଦ୍ର ଚୌଧୁରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଚଳିତବର୍ଷ ସଭ୍ୟସଂଖ୍ୟା ବୃଦ୍ଧି ପାଇଁ ସମସ୍ତ କର୍ମକର୍ତ୍ତା ଉଦ୍ୟମ କରିବାକୁ କୋଷାଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଘୋଷ ପ୍ରସ୍ତାବ ଦେଇଥିଲେ। ଆରମ୍ଭରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆତ୍ମାହୁତି ଦେଇଥିବା ଛାତ୍ରୀଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ମହିଳାମାନଙ୍କ ଉପରେ ହେଉଥିବା ବିଭିନ୍ନ ଅତ୍ୟାଚାର ଉପରେ ପୁଲିସ୍ ସଠିକ୍ ତଦନ୍ତ କରି ଅପରାଧୀମାନଙ୍କୁ କଠୋର ଦଣ୍ଡ ଦେବାକୁ ବୈଠକରେ ଦାବି କରାଯାଇଛି। ବୈଠକରେ ସର୍ବଶ୍ରୀ ଗୋପୀନାଥ ଦାସ, ପଦ୍ମଲୋଚନ ପାତ୍ର ଓ ସୀତାରାମ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଯଶୋଦାନନ୍ଦନ ଆଶ୍ ଧନ୍ୟବାଦ ଦେଇଥିଲେ।

# ଗୀତାଞ୍ଜଳି ପିସ୍ ଫାଉଣ୍ଡେସନ ସମ୍ବର୍ଦ୍ଧିତ



ବାଲେଶ୍ୱର, ୨୫।୭ (ସମିସ): ସାମ୍ବାଦିକ ସଂଗଠନ 'ପ୍ରେସ୍ ଇମ୍ପ୍ରେସ୍ ମିଡିଆ କ୍ଲବ୍'ର ବାର୍ଷିକ ଉତ୍ସବରେ ଗୀତାଞ୍ଜଳି ପିସ୍ ଫାଉଣ୍ଡେସନକୁ ସମ୍ବର୍ଦ୍ଧିତ କରାଯାଇଛି। ଫାଉଣ୍ଡେସନ ଅଧ୍ୟକ୍ଷା ଏସ୍ ଗୀତାଞ୍ଜଳି ଉପସ୍ଥିତ ରହି ଅତିଥିମାନଙ୍କ ଦ୍ୱାରା ଉପଢୌକନ ଓ ମାନପତ୍ର ଗ୍ରହଣ କରିଥିଲେ। ସମ୍ବର୍ଦ୍ଧନା ଅବସରରେ ପ୍ରେସ୍ ଇମ୍ପ୍ରେସ୍ ମିଡିଆ କ୍ଲବ୍‌କୁ ଶ୍ରୀମତୀ ଗୀତାଞ୍ଜଳି କୃତଜ୍ଞତା ଜଣାଇଥିଲେ।

# ସ୍ୱାସ୍ଥ୍ୟ ସେବକ କର୍ମଚାରୀଙ୍କ ପାଇଁ ପ୍ରଶିକ୍ଷଣ କର୍ମଶାଳା




ବାଲେଶ୍ୱର, ୨୫।୭ (ସମିସ): ଜିଲ୍ଲାରେ ଡାଇରିଆ ସହିତ ସମ୍ପୃକ୍ତ ଶିଶୁମାନଙ୍କ ଜୀବନକୁ ସୁରକ୍ଷିତ କରିବା ଲକ୍ଷ୍ୟରେ କେନ୍ଦ୍ରିତ ଓରିଏଣ୍ଟେସନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମଟି ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ଫକୀରମୋହନ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ସଂଯୁକ୍ତ ଉଦ୍ୟମରେ ଏବଂ ୟୁନିସେଫ-ଓଡ଼ିଶାର ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଡକ୍ଟର ପରେଶ ଚନ୍ଦ୍ର ନନ୍ଦୀ ଏହାର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ଡିହାଇଡ୍ରେସନ ବିଷୟରେ ଏକ ବୈଷୟିକ ଅଧିବେଶନରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗମାନ ଉଲ୍ଲେଖ କରିଥିଲେ। ଡକ୍ଟର ପ୍ରଦୀପ କୁମାର କର ଅଭିଭାଷଣ ପ୍ରଦାନ କରିଥିଲେ। ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ପ୍ରଭାତ କୁମାର ବେହେରା ସାମୁଦାୟିକ ସମ୍ପୃକ୍ତି, ପ୍ରତିରୋଧମୂଳକ ପଦକ୍ଷେପ ଓ ବ୍ୟବହାରିକ ପରିବର୍ତ୍ତନ ଉପରେ ଆଲୋକପାତ କରିଥିଲେ।

ଏହି ଅବସରରେ ଡକ୍ଟର ଆଦିତ୍ୟ ମହାପାତ୍ର (ଅତିରିକ୍ତ ନିର୍ଦ୍ଦେଶକ-ଶିଶୁ ସ୍ୱାସ୍ଥ୍ୟ) ନିଜ ଅଭିଭାଷଣ ଓ ଅଧିବେଶନରେ ତଥ୍ୟ ସମ୍ପୂର୍ଣ୍ଣ ଅଭିବ୍ୟକ୍ତି ଓ ଏକାକୀ ଆଲୋଚନା ସହ ଅନୁପ୍ରେରଣାଦାୟକ ଭାଷଣ ଦେଇଥିଲେ। ୟୁନିସେଫର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଚକ୍ରଧର ସାହୁ, ବ୍ୟାବହାରିକ ଜୀବନରେ ସ୍ୱଚ୍ଛତା, ଦୂର୍ଗମ ଅଞ୍ଚଳର ସମୁଦାୟମାନଙ୍କ ଲାଗି ସଚେତନତା ଓ ଡାଇରିଆ ନିୟନ୍ତ୍ରଣ ଜନ ଅଭିଯାନ ଯଥା ଆଇଡିସିଏଫର କାର୍ଯ୍ୟକାରିତା ପ୍ରସଙ୍ଗରେ ଆଲୋକପାତ କରିଥିଲେ। ପ୍ରାୟ ୫୦ ଜଣ ଅଂଶଗ୍ରହଣକାରୀ ଯୋଗଦେଇ ଆଲୋଚନା ଓ କାର୍ଯ୍ୟପ୍ରଣାଳୀ ରୂପରେ ସକ୍ରିୟ ଭାଗ ନେଇଥିଲେ। ଯାହାଦ୍ୱାରା ସ୍ଥାନୀୟ ଅଞ୍ଚଳରେ ବ୍ୟବହାରିକ ପରିବର୍ତ୍ତନ ଓ ସମୟୋଚିତ ହସ୍ତକ୍ଷେପର ଆବଶ୍ୟକତାକୁ ପୁନରୁଚ୍ଚାର କରାଯାଇଥିଲା। ସ୍ୱାସ୍ଥ୍ୟ ଅଧିକାରୀମାନେ ଏହି କ୍ଷେତ୍ରରେ ବିଭିନ୍ନ ବିଭାଗ ମଧ୍ୟରେ ଏକତା ଓ ନିୟମିତ ସାମଗ୍ରୀ ପ୍ରଦାନ ଶୃଙ୍ଖଳା ଗଢ଼ିବା ଉପରେ ଜୋର୍ ଦେଇଥିଲେ। କାର୍ଯ୍ୟକ୍ରମକୁ ଡକ୍ଟର ସ୍ମିତି ପାଢ଼ୀ (ଅଧ୍ୟାପିକା, ଫକୀରମୋହନ ବିଶ୍ୱବିଦ୍ୟାଳୟ) ସଞ୍ଚାଳନ କରିଥିଲେ। ଶେଷରେ ପ୍ରଦୀପ କୁମାର (ଏଡିପିଏଚ୍‌ସିଓ-ଇନଚାର୍ଜ) ଧନ୍ୟବାଦ ଅର୍ପଣ କରିଥିଲେ।

# ଦୂର ହେଉନି ଜଳ ନିଷ୍କାସନ ସମସ୍ୟା



- ଡ୍ରେନେଜ ମାଷ୍ଟର ପ୍ଲାନର ଚୂଡ଼ାନ୍ତ ସର୍ଭେ
- ସହରର ବିଭିନ୍ନ ସ୍ଥାନରେ ମହାନାଳ ଅବରୋଧ
- ସଫେଇ ପାଇଁ ଖର୍ଚ୍ଚ ହେଉଛି ଲକ୍ଷାଧିକ ଟଙ୍କା, ହେଲେ ସୁଫଳ ନାହିଁ

ବାଲେଶ୍ୱର, ୨୫।୭ (ସମିସ)

ବର୍ଷା ହେଲେ ପଦାରେ ପଡୁଛି ସହରର ଜଳ ନିଷ୍କାସନ ସମସ୍ୟା। ପୌରପାଳିକା ପକ୍ଷରୁ ଯେତେ ମହାନାଳ ସଫେଇ କଲେ ବି ବର୍ଷକୁ ବର୍ଷ ଜଳ ନିଷ୍କାସନ ସମସ୍ୟା ଅଧିକ ମୁଣ୍ଡ ଟେକିବାରେ ଲାଗିଛି। ପ୍ରତିବର୍ଷ ବର୍ଷା ଆସିବା ପୂର୍ବରୁ ପୌରପାଳିକା ପକ୍ଷରୁ ମହାନାଳ ସଫେଇ ହୋଇଥାଏ ଏବଂ ଚଳିତବର୍ଷ ମଧ୍ୟ ହୋଇଥିଲା। ହେଲେ ଏହାଦ୍ୱାରା ମଧ୍ୟ କୌଣସି ସମାଧାନର ବାଟ ଫିଟିଲା ନାହିଁ। କାରଣ ବର୍ଷା ହେବା ମାତ୍ରେ ଜଳାର୍ଣ୍ଣବ ହୋଇଯାଉଛି ବାଲେଶ୍ୱର ସହର ଏବଂ ପାଣି ଯିବାକୁ ବାଟ ମଧ୍ୟ ନାହିଁ। ଅସରାଏ ବର୍ଷା ହେଲେ ସହରର ମୁଖ୍ୟ ରାସ୍ତାରେ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି। ଗତକାଲିଠାରୁ ଲଘୁଚାପ ପାଇଁ ଆରମ୍ଭ ହୋଇଥିବା ବର୍ଷା ପାଇଁ ଅନେକ ଜାଗାରେ ପାଣି ନିଷ୍କାସନ ହୋଇପାରୁନି। ତଳିଆ ଅଞ୍ଚଳରେ ପାଣି ଜମିବାରେ ଲାଗିଛି। ବିଶେଷକରି ଏହି ସାମାନ୍ୟ ବର୍ଷାରେ ରେମୁଣା ନୂଆସାହି ଛକରେ କୃତ୍ରିମ ବନ୍ୟା ସ୍ଥିତି ଦେଖାଦେଉଛି। ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଯାତାୟାତରେ ସବୁଠାରୁ ଅଧିକ ସମସ୍ୟା ଦେଖାଦେଉଛି। ସହରର ସୁରଜ ହୋଟେଲଠୁ ଆରମ୍ଭ କରି ନୂଆସାହି ଛକସ୍ଥିତ ଚନ୍ଦ୍ରଭାଗା ହୋଟେଲ ପର୍ଯ୍ୟନ୍ତ ସବୁଠାରୁ ଅଧିକ ପ୍ରଭାବିତ ହେଉଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିବା ସହ ସ୍ଥାୟୀ ସମାଧାନ କରିବାକୁ ଦାବିକରି ଆସିଛନ୍ତି। କୃତ୍ରିମ ବନ୍ୟାର ସ୍ଥାୟୀ ପ୍ରତିକାର ମଧ୍ୟ ହୋଇପାରୁନି। ବର୍ଷା ହେଲେ ଜଳ ନିଷ୍କାସନ ବ୍ୟବସ୍ଥା ଠିକ୍ ନଥିବାରୁ ପାଣି ଜମି ରହିବା ସହ ସେହି ଅଞ୍ଚଳରେ କୃତ୍ରିମ ବନ୍ୟା ସୃଷ୍ଟିହୋଇ ଆସୁଛି। ଏଥିଯୋଗୁଁ ବିଶେଷ କରି ବାଲିଆ, ଟୁଲଙ୍ଗସାହି, ନୂଆସାହି, ସରସ୍ୱତୀପୁର, ଗୁଡିପଦା, ଶୋଭାରାମପୁର, ମୈତ୍ରୀ ନଗର, ଅଙ୍ଗାରଗଡ଼ିଆ ପରି ବହୁ ଅଞ୍ଚଳର ଲୋକେ ଅସୁବିଧାରେ ପଡୁଛନ୍ତି ଏବଂ ଯାତାୟାତ ବାଧାପ୍ରାପ୍ତ ହେଉଛି। ବିଶେଷକରି ସହରରେ ଜଳ୍ ନିଷ୍କାସନ ବାଟ ନାହିଁ। ପ୍ରତିବର୍ଷ ହନ୍ତସନ୍ତ ହେଉଛନ୍ତି ସହରବାସୀ। ଅନ୍ୟପଟେ ବାଲେଶ୍ୱର ସହରର ଜଳ ନିଷ୍କାସନ ସମସ୍ୟା ନିବାରଣ ପାଇଁ ଡ୍ରେନେଜ ମାଷ୍ଟର ପ୍ଲାନର ଚୂଡ଼ାନ୍ତ ସର୍ଭେ ସରିଥିବା ଜଣାପଡ଼ିଛି। ପୂର୍ଣ୍ଣାଙ୍ଗ ଡିପିଆର ପ୍ରସ୍ତୁତି ପରେ ଆରମ୍ଭ ହେବ ପ୍ରକଳ୍ପ କାର୍ଯ୍ୟ। ସହରରେ ବର୍ଷ ବର୍ଷ ଧରି ପ୍ରମୁଖ ଭାବେ ଦେଖା ଦେଉଥିବା ଉଦ୍‌ବୃତ ବର୍ଷାଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ନିରାକରଣ ପାଇଁ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏହିକ୍ରମରେ ସହରରେ ମହାନାଳଗୁଡ଼ିକର ପୁନରୁଦ୍ଧାର ପାଇଁ ଡ୍ରେନେଜ ମାଷ୍ଟର ପ୍ଲାନର ଚୂଡ଼ାନ୍ତ ସର୍ଭେ କାର୍ଯ୍ୟ ଶେଷ ହୋଇଥିବା ଜଣାପଡ଼ିଛି। ଏନେଇ ରାଜ୍ୟ ଶାସକ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁଙ୍କ ଉପସ୍ଥିତିରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମୁଖ୍ୟ ଯନ୍ତ୍ରୀ ଭାଗିରଥି ମହାନ୍ତି ବାଲେଶ୍ୱର ସହର ତଥା ଉପକଣ୍ଠରେ ବର୍ଷା ଜଳ ନିଷ୍କାସିତ ହୋଇନପାରି ସମସ୍ୟା ସୃଷ୍ଟି କରୁଥିବା ଅଞ୍ଚଳ ପରିଦର୍ଶନ ସହ ସେଠାକାର ସ୍ଥିତି ପରଖିଥିଲେ। ଏହି ଅବସରରେ ସଦର ବିଧାୟକ ଶ୍ରୀ ଦତ୍ତ ବାଲେଶ୍ୱର ପୌରାଞ୍ଚଳ ତଥା ଆଖପାଖ ଅଞ୍ଚଳ ଦେଇ ଯାଇଥିବା ମହାନାଳଗୁଡିକର ଅବସ୍ଥିତି ସମ୍ପର୍କରେ ମ୍ୟାପ୍ ଜରିଆରେ ବୁଝାଇଥିଲେ। ସହରର ବିଭିନ୍ନ ସ୍ଥାନରେ ମହାନାଳ ଅବରୋଧ ହେବାକୁ ନେଇ ସର୍ଭେ ସମୟରେ ଉଦ୍‌ବେଗ ପ୍ରକାଶ ସହ ମହାନାଳ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ପୂର୍ବରୁ ପ୍ରଥମେ ଅବରୋଧ ହଟାଯିବା ଉପରେ ମୁଖ୍ୟ ଯନ୍ତ୍ରୀ ଶ୍ରୀ ମହାନ୍ତି ଗୁରୁତ୍ୱାରୋପ କରିଥିଲେ।

ସେହିପରି ପୁନରୁଦ୍ଧାର ଯୋଜନାରେ ନାଳଗୁଡ଼ିକର ସମସ୍ତ କାର୍ଯ୍ୟ କଂକ୍ରିଟ ମାଧ୍ୟମରେ କରିବାକୁ ପ୍ରସ୍ତାବ ଦିଆଯାଇଛି। ସର୍ଭେ ସମୟରେ ଜଳସେଚନ, ଡ୍ରେନେଜ ଓ ପୂର୍ତ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ସହରର ଆଖପାଖ ଅଞ୍ଚଳ ଓ ସହର ମଧ୍ୟଦେଇ ଯାଉଥିବା ମୋଟ ୬ଟି ମହାନାଳର ସଂସ୍କାର ଯୋଜନା ପାଇଁ ଡ୍ରେନେଜ ମାଷ୍ଟର ପ୍ଲାନର ଚୂଡ଼ାନ୍ତ ସର୍ଭେ ଶେଷ ହୋଇଥିବା ବେଳେ ଖୁବଶୀଘ୍ର ଡିପିଆର ପ୍ରସ୍ତୁତ ହେବା ସହିତ ରାଜ୍ୟ ସରକାରଙ୍କ ପାଖରୁ ଆବଶ୍ୟକୀୟ ଅନୁଦାନ ମଞ୍ଜୁର ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ପ୍ରତିବର୍ଷ ଧରି ସହରରେ ଡ୍ରେନେଜ୍ କାମ ହେଉଛି। ମହାନାଳ କାମ ସହ ସଫେଇ ହେଉଛି। ଏଥିପାଇଁ ଲକ୍ଷାଧିକ ଟଙ୍କା ମଧ୍ୟ ଖର୍ଚ୍ଚ ହେଉଛି। ହେଲେ ସହରରେ ଦିନକୁ ଦିନକୁ ଜଳ ନିଷ୍କାସନ ସମସ୍ୟା ବଢୁଥିବା ଦେଖିବାକୁ ମିଳିଛି। କାରଣ ସହରରେ ମହାନାଳ ଅବରୋଧ ହୋଇରହିଛି। ଯାହାଦ୍ୱାରା ପାଣି ନିଷ୍କାସନର ବାଟ ବନ୍ଦ ହୋଇପଡ଼ିଛି।

# ବାଲେଶ୍ୱରରେ ଲଘୁଚାପ ଜନିତ ବର୍ଷା

- ଦିନତମାମ ଲାଗିରହିଛି ଝିପ୍ ଝିପ୍ ବର୍ଷା



ବାଲେଶ୍ୱର, ୨୫।୭ (ସମିସ): ଉତ୍ତର ବଙ୍ଗୋପସାଗରରେ ଲଘୁଚାପ ଯୋଗୁଁ ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱରରେ ମଧ୍ୟ ଲଗାଣ ବର୍ଷା ଲାଗିରହିଛି। ଲଘୁଚାପ ପାଇଁ ବାଲେଶ୍ୱର ଜିଲ୍ଲା ନାଲି ଚେତାବନୀ ରହିଥିବା ଯୋଗୁଁ ଆଜି ସକାଳଠୁ ବର୍ଷା ଲାଗିରହିଛି। ୨୫ ତାରିଖ ସକାଳ ପର୍ଯ୍ୟନ୍ତ ବାଲେଶ୍ୱର ସମେତ ମୟୂରଭଞ୍ଜ, ଭଦ୍ରକ ଓ କେନ୍ଦୁଝର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହିତ ଗୋଟିଏରୁ ଦୁଇଟି ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ଏବଂ ଘଡ଼ଘଡ଼ି ବିଜୁଳି ଏବଂ ୩୦-୪୦ କିମି ବେଗରେ ପବନ ବୋହିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲା। ସେହିପରି ଆଜି ଲଗାଣ ବର୍ଷା ଲାଗିରହିଛି। ଏଥିସହିତ ପବନ ମଧ୍ୟ ବହିଛି। ଆଜି ସକାଳ ୮ଟା ୩୦ରୁ ଆସନ୍ତାକାଲି ୨୬ ତାରିଖ ୮ଟା ୩୦ ପର୍ଯ୍ୟନ୍ତ ବାଲେସ୍ୱର ଜିଲ୍ଲା ପାଇଁ କମଳା ଚେତାବନୀ ଦିଆଯାଇଛି। ଆସନ୍ତାକାଲି ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ସେହିପରି ତୃତୀୟ ଦିନ ଅର୍ଥାତ୍ ୨୭ ତାରିଖ ୮ଟା ୩୦ ପର୍ଯ୍ୟନ୍ତ ବାଲେଶ୍ୱର ଜିଲ୍ଲା ପାଇଁ ହଳଦିଆ ଚେତାବନୀ ଜାରି କରାଯାଇଛି। ସେହି ଦିନ ୩୦-୪୦ କିଲୋମିଟର ବେଗରେ ପବନ ବହିବା ସହିତ ବଜ୍ରପାତ ହେବାରୁ ସମ୍ଭାବନା ରହିଛି। ଲଘୁଚାପ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି।

# ସମ୍ପାଦକୀୟ



ନିଜର ଦୁନିଆକୁ ଆବିଷ୍କାର କରିବା ଜୀବନର ପ୍ରଥମ ଲକ୍ଷ୍ୟ ଏବଂ ତାହାର ସାମଗ୍ରିକ କଲ୍ୟାଣ ପାଇଁ ପୂର୍ଣ୍ଣପ୍ରାଣରେ ନିଜକୁ ସମର୍ପଣ କରିବା ପ୍ରଥମ କର୍ତ୍ତବ୍ୟ।
-ଗୌତମ ବୁଦ୍ଧ

ସକାଳ THE SAKALA

## ଚୀନାଙ୍କୁ ଭିସା

ସାଂଘାଇ ସହଯୋଗ ସଂଗଠନ (ଏସସିଓ) ଶିଖର ସମ୍ମିଳନୀ ପୂର୍ବରୁ ଚୀନ ସହ ଗତ ୫ ବର୍ଷ ଧରି ଥିବା ତିକ୍ତ ସଂପର୍କକୁ ସହଜ ଓ ସାବଲୀଳ କରିବା ପାଇଁ ଭାରତ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ପ୍ରଥମ ପଦକ୍ଷେପ ସ୍ୱରୂପ ଜୁଲାଇ ୨୪ରୁ ଚୀନ ନାଗରିକଙ୍କୁ ପର୍ଯ୍ୟଟନ ଭିସା ଦେବା ସକାଶେ ରାଜି ହୋଇଛି ଭାରତ। ଏହା ଫଳରେ ଦୁଇ ଦେଶର ନାଗରିକଙ୍କ ମଧ୍ୟରେ ସଂପର୍କ ଓ ସହଯୋଗ ପ୍ରତିଷ୍ଠା ହୋଇପାରିବ। ଗଲୱାନ ଉତ୍ତେଜନା ଓ କୋଭିଡ ମହାମାରୀ ପ୍ରେକ୍ଷାପଟରେ ଏହି ସଂପର୍କ ଏକପ୍ରକାର ତୁଟି ଯାଇଥିଲା। ନିକଟରେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କରଙ୍କ ବେଜିଂ ଗସ୍ତରେ ଯାଇ ରାଷ୍ଟ୍ରପତି ସି.ଜିନପିଙ୍ଗଙ୍କ ସହ କରିଥିବା ଆଲୋଚନା ଏ ଦିଗରେ ପଥ ପରିଷ୍କାର କରିଛି। ଦ୍ୱିପାକ୍ଷିକ ସଂପର୍କର ଭିତ୍ତିଭୂମି ଗତ ଅକ୍ଟୋବରରେ ଜିନପିଙ୍ଗ ଓ ମୋଦୀଙ୍କ ମସ୍କୋ ବୈଠକରେ ପଡ଼ିଥିଲେ ମଧ୍ୟ 'ଅପରେସନ ସିନ୍ଦୂର'ରେ ଚୀନର ଭୂମିକା କ୍ଷେତ୍ରପ୍ରସ୍ତୁତିରେ ବାଧକ ସାଜିଥିଲା। ତେବେ ପରିବର୍ତ୍ତିତ କୂଟନୈତିକ ଦୃଶ୍ୟପଟ ଦୁଇପକ୍ଷଙ୍କୁ ପୁନର୍ବିଚାର କରିବାର ସୁଯୋଗ ଆଣିଦେଇଛି। ଏଥିସହ କୈଳାସ ମାନସରୋବର ଯାତ୍ରା ସକାଶେ ମଧ୍ୟ ପଥ ପରିଷ୍କାର ହୋଇଛି।

ଏକଥା ସତ ଯେ ସୋଭିଏତ ରୁଷ ବିଭାଜନ ପରେ ଆମେରିକାର ପ୍ରତିପତ୍ତି ଓ ପଇଁତରା ବଢ଼ିଛି। ପୂର୍ବ ୟୁରୋପର କମ୍ୟୁନିଷ୍ଟ ଦୁର୍ଗର ପତନ ଘଟିଛି। ଅଧିକାଂଶ ବିଭାଜିତ ରାଷ୍ଟ୍ର ନାଟୋ ମେଣ୍ଟରେ ଅଂଶୀଦାର ହୋଇଛନ୍ତି, ଯାହାର ପରିଣତି ହେଉଛି ରୁଷ-ୟୁକ୍ରେନ ଯୁଦ୍ଧ। ରୁଷର ଦୁର୍ବଳ ଅର୍ଥନୀତି ପୁଟିନଙ୍କ ନେତୃତ୍ୱରେ ସବଳ ହୋଇଛି। ସର୍ବଶକ୍ତିମାନ ଆମେରିକା ପାଇଁ ଆହ୍ୱାନ ସୃଷ୍ଟି କରିପାରି ନଥିଲେ ମଧ୍ୟ ରୁଷ ନିଜର ସ୍ଥିତି ଜାହିର କରିବାକୁ ସମର୍ଥ ହୋଇଛି। ଆମେରିକାରେ ଟ୍ରମ୍ପଙ୍କ ପରିବର୍ତ୍ତିତ ନେତୃତ୍ୱ ନିଜର ବାଣିଜ୍ୟ ନୀତି ମାଧ୍ୟମରେ ସମଗ୍ର ବିଶ୍ୱ ପାଇଁ ଆହ୍ୱାନ ସୃଷ୍ଟି କରିଥିବା ବେଳେ ପରିସ୍ଥିତିକୁ ସମ୍ମୁଖୀନ ହେବା ପାଇଁ ବିକଳ୍ପ କ୍ଷମତା କେନ୍ଦ୍ରର ଆବଶ୍ୟକତା ରହିଛି। ଏସବୁ ସତ୍ତ୍ୱେ ଚୀନର ମୁକାବିଲାମୂଳକ ଆଭିମୁଖ୍ୟ ନିକଟରେ ଆମେରିକା ନିଜ ବଜାରର ଚାହିଦା ଦୃଷ୍ଟିରୁ କେତେକାଂଶରେ ସାଲିସ କରିବାକୁ ବାଧ୍ୟ ହୋଇଛି। ଆମେରିକା ପଛକୁ ଚୀନ ବିଶ୍ୱର ଦ୍ୱିତୀୟ ବୃହତ ଅର୍ଥନୀତି ହୋଇଥିଲେ ହେଁ ନିଜର ବାଣିଜ୍ୟକ ସ୍ୱାର୍ଥରକ୍ଷା ପାଇଁ ମାର୍କିନ ବଜାର ଉପରେ ନିର୍ଭରଶୀଳତାକୁ ଅଣଦେଖା କରିପାରିବ ନାହିଁ। ଉଭୟ ସାମରିକ ଓ ବୈଷୟିକ ଜ୍ଞାନକୌଶଳ ହାସଲ କରିବାରେ ନିଜର ପାରଦର୍ଶିତା ପ୍ରଦର୍ଶନ କରି ଚୀନ ଯେ ଅନ୍ୟତମ ଶକ୍ତି ଏକଥା ସ୍ୱୀକାର କରିବାକୁ ହେବ। ରୁଷ ଓ ଚୀନ ସଂପର୍କ ଆମେରିକା ପାଇଁ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି। ପୁଟିନଙ୍କ ପକ୍ଷରୁ ରୁଷ-ଭାରତ-ଚୀନ (ଆରଆଇସି) ସଂପର୍କ ଓ ସହଯୋଗ ପ୍ରତିଷ୍ଠା ସକାଶେ ଆରମ୍ଭ ହୋଇଥିବା ଉଦ୍ୟମରେ ଚୀନର ବିସ୍ତାରବାଦୀ ଆଭିମୁଖ୍ୟ ବାଧକ ସାଜିଛି। ଅଗଷ୍ଟ ୩୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ସଂଘାଇ ସହଯୋଗ ସଂଗଠନର ଶିଖର ସମ୍ମିଳନୀ ପୂର୍ବରୁ ଭାରତ ଓ ଚୀନ ମଧ୍ୟରେ ଆରମ୍ଭ ହୋଇଥିବା ଭିସା ରାଜନୀତି ସ୍ୱାଭାବିକ ସଂପର୍କ ପାଇଁ ପଥ ପରିଷ୍କାର କରିବ ବୋଲି ଆଶା କରାଯାଉଛି।

ଚୀନ ପଞ୍ଚମଥର ପାଇଁ ସଂଘାଇ ସହଯୋଗ ସଂଗଠନ ସମ୍ମିଳନୀ ଆୟୋଜନ କରୁଛି। ୯ଟି ରାଷ୍ଟ୍ରକୁ ନେଇ ଗଠିତ ଏହି ସଂଗଠନରେ ରୁଷ, ଚୀନ, ଭାରତ, ପାକିସ୍ତାନ ଓ ଇରାନ ସଦସ୍ୟ ଥିବାରୁ ଏହାର ସ୍ୱତନ୍ତ୍ର କୂଟନୈତିକ ଗୁରୁତ୍ୱ ରହିଛି। ଆମେରିକାର ରୁଷ ଓ ଇରାନ୍ ବିରୋଧୀ ଆଭିମୁଖ୍ୟକୁ ଆହ୍ୱାନ ଦେଲା ଭଳି ଯଦି କୌଣସି ନିଷ୍ପତ୍ତି ସମ୍ମିଳନୀରେ ଗ୍ରହଣ କରାଯାଏ ତେବେ ଟ୍ରମ୍ପ ବ୍ରିକ୍ସ ଘୋଷଣାନାମା ଭଳି ଏକ୍ଷେତ୍ରରେ ବିଷୋଦ୍‌ଗାର କରିବା ଏକ ପ୍ରକାର ନିଶ୍ଚିତ। ଆମେରିକା ସହ ୟୁରୋପୀୟ ରାଷ୍ଟ୍ରସଂଘ ରୁଷ ସହ ବାଣିଜ୍ୟିକ ସଂପର୍କ ରକ୍ଷା ନ କରିବା ସକାଶେ ଯେଉଁ ଚେତାବନୀ ଦେଇଛି ତାହା ବିରୋଧରେ ଭାରତ ଓ ବ୍ରାଜିଲ ସ୍ପଷ୍ଟ ମତ ରଖିଛନ୍ତି। ଯେତେଦୂର ମନେ ହୁଏ ସଂଘାଇ ସହଯୋଗ ସମ୍ମିଳନୀରେ ସେନେଇ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇପାରେ। ଦକ୍ଷିଣ ଏସିଆରେ ଭାରତ ନିଜର ଶକ୍ତି ଓ ସାମର୍ଥ୍ୟ 'ଅପରେସନ ସିନ୍ଦୂର' ମାଧ୍ୟମରେ ପ୍ରଦର୍ଶନ କରିସାରିଛି। ତେଣୁ ଏଭଳି ଏକ ମହାମେଣ୍ଟ ସଂରଚନା ପାଇଁ ଯେଉଁ ସୁଯୋଗ ସୃଷ୍ଟି ହୋଇଛି ସେଥିରେ ଟ୍ରମ୍ପ ଭାରତ ବିରୋଧୀ ଆଭିମୁଖ୍ୟ ବଦଳାଇବାକୁ ବାଧ୍ୟ ହେବେ। ପାକିସ୍ତାନକୁ ଯୁଦ୍ଧ ବେଳେ ତୁର୍କୀ ଓ ଚୀନ ଉଭୟ ସହାୟତା ଦେଇଥିଲେ ମଧ୍ୟ ଭାରତ ନିଜର ବୃହତ୍ତର ସ୍ୱାର୍ଥରକ୍ଷା ପାଇଁ ବେଜିଂ ସଂପୃକ୍ତି ନେଇ ନିରବ ରହିଛି।

ଗଲୱାନ ଉତ୍ତେଜନା ପରେ ପରେ ଏଲଏସିକୁ ନେଇ ବୁଝାମଣା ଓ ସୈନ୍ୟ ପ୍ରତ୍ୟାହାର ପରେ ଭାରତ ଓ ଚୀନ ମଧ୍ୟରେ ସ୍ୱାଭାବିକ ସଂପର୍କ ପ୍ରତିଷ୍ଠା ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇଥିଲେ ହେଁ ଦୁଇ ପଡ଼ୋଶୀ ରାଷ୍ଟ୍ର ପାକିସ୍ତାନ ଓ ବାଂଲାଦେଶ ସହ ବେଜିଂର ଆଭିମୁଖ୍ୟ ସମ୍ଭାବନା ପ୍ରତିଷ୍ଠାରେ ପ୍ରତିବନ୍ଧକ ସୃଷ୍ଟି କରିଛି। ତିବ୍ବତ ସ୍ୱୟଂଶାସିତ ଅଞ୍ଚଳରେ ଚୀନ ଏଥିମଧ୍ୟରେ ବିଶ୍ୱର ସର୍ବବୃହତ ଜଳବିଦ୍ୟୁତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି। ଭାରତ ଓ ଭୂଟାନ ସୀମା ନିକଟବର୍ତ୍ତୀ ଅଞ୍ଚଳରେ ବ୍ରହ୍ମପୁତ୍ର ନଦୀରେ ନିର୍ମାଣାଧୀନ ଏହି ନଦୀବନ୍ଧ ଯୋଜନା ମାଧ୍ୟମରେ ଚୀନ ନିଜ ଦେଶର ୩୦ ଟି ସହରକୁ ନିରବଚ୍ଛିନ୍ନ ଭାବେ ବିଦ୍ୟୁତ୍ ଶକ୍ତି ଯୋଗାଇବାକୁ ସମର୍ଥ ହେବ। ବ୍ରହ୍ମପୁତ୍ରର ଉପରମୁଣ୍ଡରେ ନଦୀଜଳକୁ ନିୟନ୍ତ୍ରଣ କରାଗଲେ ତଳମୁଣ୍ଡରେ ଜଳ ସଂକଟ ସୃଷ୍ଟି ହେବା ଏକ ପ୍ରକାର ନିଶ୍ଚିତ। ଭାରତର ଉତ୍ତର ଓ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟବାସୀଙ୍କୁ ବ୍ରହ୍ମପୁତ୍ର ନଦୀଜଳ ଉପରେ ନିର୍ଭରଶୀଳତାକୁ ବିଚାର କଲେ ଚୀନ ଯେ ଆଗାମୀ ଦିନରେ ଏହାକୁ ଜଳବୋମା ରୂପେ ପ୍ରୟୋଗ ନ କରିବ ଏକଥା କିଏ କହିବ। ଭାରତର ଆପତ୍ତି ଓ ଚୀନର ପ୍ରତିଶ୍ରୁତି ଶେଷକଥା ନୁହେଁ। ୧୬୦ ବିଲିୟନ ଡଲାର ବ୍ୟୟରେ ନିର୍ମାଣାଧୀନ ଏହି ଜଳ ପ୍ରକଳ୍ପର ଭବିଷ୍ୟତ ନେଇ ଚିନ୍ତା କଲେ ଆମେ ଯେଉଁ ସଂପର୍କର ସେତୁ ବାନ୍ଧୁଛେ ତାହାର ସୀମିତତା ବାରି ହୋଇପଡୁଛି।

ଚୀନ ଭାଇ ଭାଇ ସଂପର୍କ ୧୯୬୨ ଆକ୍ରମଣରେ ଭୁଶୁଡ଼ି ପଡ଼ିଥିଲା। ଦୁଇ ପଡ଼ୋଶୀ ରାଷ୍ଟ୍ରମଧ୍ୟରେ ଦୀର୍ଘ ବର୍ଷ ଧରି ସ୍ୱାଭାବିକ ସଂପର୍କ ପ୍ରତିଷ୍ଠା ହୋଇପାରିନଥିଲା। ନବେ ଦଶକରେ ଏହି ତିକ୍ତତା ଦୂର ହେବା ସହ ବାଣିଜ୍ୟିକ ସଂପର୍କ ମଧ୍ୟ ସୁଦୃଢ଼ ହୋଇଥିଲା। ଏସବୁ ସତ୍ତ୍ୱେ ଭାରତର ପ୍ରଗତି ଓ ସମୃଦ୍ଧି ଚୀନ ପାଇଁ ଅସହଣୀୟ। ଶକ୍ତି ଓ ସାମର୍ଥ୍ୟ ଦୃଷ୍ଟିରୁ ଆମେ ଚୀନର ପ୍ରତିଦ୍ୱନ୍ଦ୍ୱୀ ହୋଇନଥିଲେ ମଧ୍ୟ ବିଶ୍ୱର ଚତୁର୍ଥ ଅର୍ଥନୀତି ଭାବେ ଦକ୍ଷିଣ ଏସିଆରେ ଭାରତର ଯେ ପତିଆରା ଓ ପଇଁତରା ରହିଛି ତାହାକୁ ଅସ୍ୱୀକାର କରିହେବନି। ତେଣୁ ଯୋଜନାବଦ୍ଧ ଭାବେ ଆମର ପଡ଼ୋଶୀ ରାଷ୍ଟ୍ରଙ୍କୁ କୁଟିଳ କୂଟନୀତି ପ୍ରୟୋଗ କରି କରାୟତ୍ତ କରିରଖିଛି ଚୀନ। ଭାରତକୁ ସଂପର୍କ ଯୋଡ଼ିଲା ବେଳେ ହାତେ ମାପି ଚାଖଣ୍ଡେ ଚାଲିଲା ଭଳି ଆଭିମୁଖ୍ୟ ଗ୍ରହଣ କରିବାକୁ ପଡ଼ିବ।

# ତୋତେ ହିଁ ତୁହି ରକ୍ଷା କର

**ପ୍ରହଲାଦ କୁମାର ସିଂହ**

ଯେଉଁଠି ନାରୀମାନଙ୍କ ପୂଜା କରାଯାଏ ସେଠାରେ ଦେବତାମାନେ ଅବସ୍ଥାନ କରନ୍ତି ବୋଲି ଆମ ଶାସ୍ତ୍ରପୁରାଣରେ ଉଲ୍ଲେଖ ରହିଛି। ଏବେ ଆମ ରାଜ୍ୟ ଓ ଦେଶରେ ନାରୀମାନଙ୍କ ପ୍ରତି ଯେଭଳି ଅପରାଧ ବଢ଼ି ଚାଲିଛି ଏବଂ ଘରେ ଓ ବାହାରେ କୁନିକୁନି ଝିଅଙ୍କଠାରୁ ଆରମ୍ଭ କରି ବୟସ୍କାମାନେ ଅସୁରକ୍ଷିତ ହୋଇ ପଡୁଛନ୍ତି ଦେବଲୀଳା ଭୂମି ଆମ ରାଜ୍ୟ ଓ ଦେଶ ଏକପ୍ରକାର ଈଶ୍ୱରଙ୍କ ପରିତ୍ୟକ୍ତ ଅଞ୍ଚଳରେ ପରିଣତ ହୋଇଛି ବୋଲି କୁହାଯାଇପାରେ। ଅହଲ୍ୟା, ଦ୍ରୌପଦୀ, ତାରା, କୁନ୍ତୀ ଓ ମନ୍ଦୋଦରୀଙ୍କ ଭଳି ପଞ୍ଚକନ୍ୟାଙ୍କ ନାମ ପ୍ରତିଦିନ ସ୍ମରଣ କଲେ ମହାପାତକ ନାଶ ହୁଏ ବୋଲି ଶାସ୍ତ୍ର କହୁଛି। ତେବେ ଆମ ରାଜ୍ୟ ଓ ଦେଶରେ ଲକ୍ଷଲକ୍ଷ କନ୍ୟା ନିର୍ଯାତନାର ଶିକାର ହେବା ସହ ନ୍ୟାୟ ନପାଇ ପ୍ରାଣ ବିସର୍ଜନ କରୁଥିବା ବେଳେ ଆମ ଉପରେ କେତେ ଯେ ପାପ ଲଦି ହୋଇଯାଉଥିବ ତାହା ମାପିବ କିଏ?

ମା'ଦୁର୍ଗା, କାଳୀ, ପାର୍ବତୀ ଆଦି ମହାଶକ୍ତିମାନେ ବହୁ ପରାକ୍ରମଶାଳୀ ରାକ୍ଷସମାନଙ୍କ ନିପାତ କରି ସୃଷ୍ଟିର ସୁରକ୍ଷା କରିଥିବା ପୁରାଣର କଥାବସ୍ତୁ। ଘରେଘରେ ପାଳନ କରାଯାଉଥିବା ମାଣବସା ବେଳେ ବୋଲାଯାଉଥିବା ମହାଲକ୍ଷ୍ମୀଙ୍କ ପୁରାଣ ଏକଥା କୁହେ ଯେ ମଣିଷ ହେଉ କି ଦେବତା, ଯିଏ ବି ନାରୀର ଅସମ୍ମାନ କରେ ସେମାନେ କଠୋର ଦଣ୍ଡରେ ଦଣ୍ଡିତ ହୁଅନ୍ତି। ନାରୀମାନଙ୍କ ନିରାପତ୍ତା ଲାଗି ଆମ ଆଇନ୍‌ରେ ବହୁ ବ୍ୟବସ୍ଥା ରହିଛି। ଭାରତୀୟ ପିଙ୍ଗଳ କୋଡ୍, ଭାରତୀୟ ନ୍ୟାୟ ସଂହିତା, ପୋସ୍, ପକ୍‌ସୋ ଆଦି ମାଳମାଳ ଆଇନ୍‌ରେ ନିର୍ଯାତିତା ନାରୀଙ୍କୁ ନ୍ୟାୟ ଦେବା ସହ ଏହାର ନିରାକରଣ ପାଇଁ ବି ଅନେକ କଥା କୁହାଯାଇଛି। କିନ୍ତୁ ବାସ୍ତବ ଚିତ୍ର ହେଉଛି ସତେଯେମିତି ଆମ କଠୋର ଆଇନ୍ କାନୁନ୍‌କୁ ଅପରାଧୀମାନେ ଖାତିର କରୁନାହାନ୍ତି। ଫଳରେ ବର୍ଷକୁ ବର୍ଷ ମହିଳାଙ୍କ ପ୍ରତି ଅପରାଧିକ ମାମଲା ସଂଖ୍ୟା ବଢ଼ିବଢ଼ି ଚାଲିଥିବା ବେଳେ ଏ କ୍ଷେତ୍ରରେ ମାମଲା ଫଇସଲା ଓ ଦଣ୍ଡବିଧାନ ହାର ଅତି ନଗଣ୍ୟ ରହୁଛି।

ନିକଟରେ ଯୁକ୍ତରାଷ୍ଟ୍ର ଆମେରିକା ତାହାର ଅଧିବାସୀମାନଙ୍କ ପାଇଁ ଭାରତ ସଂକ୍ରାନ୍ତରେ ଯେଉଁ ମାର୍ଗନିର୍ଦ୍ଦେଶିକା ଜାରି କରିଛି ତାହା ଯେକୌଣସି ଦାୟିତ୍ୱସଂପନ୍ନ ଭାରତୀୟଙ୍କୁ ଲଜ୍ଜିତ କରିବ। ଓଡ଼ିଶା ସମେତ ଭାରତର ବିଭିନ୍ନ ଅଞ୍ଚଳରେ ମହିଳାମାନଙ୍କ ପ୍ରତି ବଳାତ୍କାର ସମେତ ବିଭିନ୍ନ ହିଂସା ଘଟୁଥିବା ଏବଂ ଅନ୍ୟାନ୍ୟ ଅପରାଧ ବଢୁଥିବାର ଉଦାହରଣ ଦେଇ ଏସବୁ ଅଞ୍ଚଳକୁ ଆମେରିକୀୟମାନେ ଆସିବା ବେଳେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। ଏହା ଆମ ସଂସ୍କୃତି, ସ୍ୱାଭିମାନ, ଅସ୍ମିତା ଓ ବ୍ୟବସ୍ଥା ଆଦି ପାଇଁ ଆହ୍ୱାନ ନିଶ୍ଚୟ।

ଏବେ ବାଲେଶ୍ୱରର ଫକୀର ମୋହନ କଲେଜ୍ ଛାତ୍ରୀ ଆତ୍ମାହୁତିଠାରୁ ବଲାଙ୍ଗୀର ନାବାଳିକାଙ୍କୁ ଦିନବେଳା ରାସ୍ତାଘାଟରେ ପୋଡ଼ି ମାରିବାକୁ ଉଦ୍ୟମ କରାଯିବା ଘଟଣା ଘେନି ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ କମ୍ପନ ସୃଷ୍ଟି ହୋଇଛି। କେବଳ ଏତିକି ନୁହେଁ, ବଳାତ୍କାର ଅଭିଯୋଗରେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଏବଂ ଅନୁଗୁଳ ଜିଲ୍ଲା ବିଜେପି ସଂପାଦକଙ୍କୁ ଦଳ ନିଲମ୍ବନ କରିଛି। ବ୍ରହ୍ମପୁର ସହରରେ ଦିବଙ୍ଗତ ପ୍ରଧାନମନ୍ତ୍ରୀଙ୍କ ନାମରେ ଏକ କ୍ଲିନିକ ଖୋଲିଥିବା ଜଣେ ନକଲି ଡାକ୍ତର ନାବାଳିକା ଦୁଷ୍କର୍ମ ଅଭିଯୋଗରେ ଗିରଫ ହୋଇଛନ୍ତି। ବାଲେଶ୍ୱର ଘଟଣାରେ କଲେଜ୍‌ର ଅଧ୍ୟକ୍ଷ ଓ ଜଣେ ଅଧ୍ୟାପକ ନିଲମ୍ବିତ ହେବା ସହ ଏବେ ଜେଲ୍‌ରେ ଅଛନ୍ତି। ଏପରି ଅଘଟଣର ତାଲିକା ବେଶ୍ ଲମ୍ବା। ପ୍ରାୟ ପ୍ରତିଦିନ ଗଣମାଧ୍ୟମରେ ଏଭଳି ଦୁଃସମ୍ବାଦମାନ ପ୍ରକାଶ ପାଉଛି।

ସ୍ୱାଧୀନତା ସଂଗ୍ରାମ ବେଳେ କୁହାଯାଉଥିଲା ଯେ ସ୍ୱାଧୀନ ଭାରତର ଆଇନ୍ ଶୃଙ୍ଖଳା ବ୍ୟବସ୍ଥା ଏତେ ମାର୍ଜିତ ହେବ ଏବଂ ଆମ ଦେଶର ଲୋକେ ଏତେ ସୁଶୃଙ୍ଖଳ ହେବେ ଯେ ରାତି ଅଧରେ ବି ଜଣେ ଯୁବତୀ କୌଣସି ସ୍ଥାନକୁ ଯାଇ ନିରାପଦରେ ଫେରିଆସିପାରିବ। କେନ୍ଦ୍ର ସରକାରଙ୍କ ରିପୋର୍ଟ ମୁତାବକ ପ୍ରତି ତିନି ଜଣରେ ଦୁଇଜଣ ମହିଳା ଘରୋଇ ହିଂସାର ଶିକାର ହେଉଛନ୍ତି। ଏମିତିକି ନିକଟରେ ଜଣେ କେନ୍ଦ୍ରମନ୍ତ୍ରୀଙ୍କ ଝିଅ ନିରାପତ୍ତା ରକ୍ଷୀମାନଙ୍କ ଉପସ୍ଥିତିରେ ଅସାମାଜିକ ବ୍ୟକ୍ତିଙ୍କ ଅସୌଜନ୍ୟ ଆଚରଣର ଶିକାର ହେବା ଘଟଣାରେ ନିଜେ କେନ୍ଦ୍ରମନ୍ତ୍ରୀ ରକ୍ଷା ଖଡ଼୍‌ସେ ମହାରାଷ୍ଟ୍ର ପୁଲିସ ନିକଟରେ ଅଭିଯୋଗ ରଖି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ ଯାତ୍ରା ଅଭିଯାନରେ ସକ୍ରିୟ ଭୂମିକା ଗ୍ରହଣ କରିଥିବା ହିମାନୀ ନରୱାଲ୍ ନାମ୍ନୀ ଜଣେ ଯୁବତୀଙ୍କ ଖଣ୍ଡବିଖଣ୍ଡିତ ମୃତ ଶରୀର ବାକ୍ସ ଭିତରୁ ହରିଆନାର ଏକ ବସ୍‌ଷ୍ଟାଣ୍ଡ ନିକଟରୁ ମିଳିଛି। କିଛିବର୍ଷ ତଳେ ନୈନା ସାହାଣୀ ନାମ୍ନୀ ଜଣେ ଯୁବନେତ୍ରୀଙ୍କୁ ଖଣ୍ଡଖଣ୍ଡ କରି କାଟି ଦିଲ୍ଲୀର ଏକ ତନ୍ଦୁରୀ ଚୁଲିରେ ପୋଡ଼ି ଦିଆଯାଇଥିଲା। ସେହିଭଳି ଦିଲ୍ଲୀର ନିର୍ଭୟାରୁ କଲିକତାର ଅଭୟା ହତ୍ୟା ଘଟଣା ଏବେ ବି ଜନମାନସରେ ରହିଛି। ଗତ ଯୁକ୍ତଦୁଇ ପରୀକ୍ଷା ସମୟରେ ପଟ୍ଟାମୁଣ୍ଡାଇର ଜଣେ ବାଣିଜ୍ୟ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦିଆଯିବାରୁ ସେ ଆତ୍ମହତ୍ୟା କରିବା ଭଳି ଅଭାବନୀୟ ଘଟଣା ଏବଂ ନିଜ ଝିଅକୁ ବଳାତ୍କାର କରି ଜେଲ୍ ଦଣ୍ଡ ଭୋଗୁଥିବା ବାଣପୁର ଅଞ୍ଚଳର ଅପରାଧୀ ପିତାଙ୍କ କଳା କାହାଣୀ ଆମ ସମସ୍ତଙ୍କ ମୁହଁରେ କାଳିମା ବୋଳି ଦେଇଛି।

୧୯୯୦ ଦଶକରେ ମୟୂରଭଞ୍ଜ ଜିଲ୍ଲାର ଜଣେ ଆଦିବାସୀ ଯୁବକ ମଦ ନିଶାରେ ନିଜର ନାବାଳିକା ଝିଆରୀକୁ ବଳାତ୍କାର ପରେ ହତ୍ୟା ଅଭିଯୋଗରେ ବ୍ରହ୍ମପୁର ଜେଲ୍‌ରେ ଫାଶୀ ଖୁଣ୍ଟରେ ଝୁଲିଥିଲା। ତା'ପରଠାରୁ ଆଉ କାହାକୁ ଫାଶୀ ଦିଆଯାଇନାହିଁ। ଏହାପରେ ସମ୍ବଲପୁର, ଝାରସୁଗୁଡ଼ା ଓ ନବରଙ୍ଗପୁର ଜିଲ୍ଲାରେ ତିନୋଟି ବଳାତ୍କାର ଘଟଣାରେ ଅଭିଯୁକ୍ତଙ୍କୁ ଦୌରା ଅଦାଲତ ଫାଶୀ ଦଣ୍ଡାଦେଶ ଦେଇଥିଲେ ମଧ୍ୟ ସେମାନେ ଉପର ଅଦାଲତରେ ଖସିଯାଇଛନ୍ତି। ଆମ ରାଜ୍ୟରେ ନାବାଳିକା ଛାତ୍ରୀ ଗର୍ଭବତୀ ହେବା ଏବଂ ମହିଳା କର୍ମଚାରୀ କିମ୍ବା ଛାତ୍ରୀମାନଙ୍କୁ ନିର୍ଯାତନା ଦିଆଯିବା ସଂକ୍ରାନ୍ତୀୟ ଯେତେ ଅଭିଯୋଗ ଦରଜ ହେଉଛି ତାହାର ଢେର ଅଧିକ ଗୁଣ ମାମଲା କିନ୍ତୁ ଲୋକଲଜ୍ଜା ଏବଂ ଅନ୍ୟାନ୍ୟ କାରଣରୁ ଚାପି ହୋଇ ରହିଯାଉଛି।

ଏ ସମସ୍ୟାର ସମାଧାନ ପାଇଁ ୧୯୯୭ରେ ସୁପ୍ରିମକୋର୍ଟ 'ବିଶାଖା ମାମଲା'ରେ ଦେଇଥିବା ମାର୍ଗ ନିର୍ଦ୍ଦେଶିକା ଆଧାରରେ ଆଭ୍ୟନ୍ତରୀଣ ତଦନ୍ତ କମିଟି ପ୍ରତି ସଂସ୍ଥାରେ ରହିବା ଦରକାର। ପୋସ୍ ଆଇନ୍‌ରେ ବି ବ୍ୟବସ୍ଥା ରହିଛି। ରାଜ୍ୟ ସରକାରୀ କର୍ମଚାରୀ ଆଚରଣ ବିଧିରେ ମଧ୍ୟ ଏହାକୁ ବିଶୃଙ୍ଖଳା ଭାବେ ଗଣନା କରାଯାଏ। କିନ୍ତୁ ଏତେସବୁ ଆଇନଗତ ବ୍ୟବସ୍ଥା ସତ୍ତ୍ୱେ ସଂଖ୍ୟାଧିକ କ୍ଷେତ୍ରରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନହେବା ଏବଂ ଆଇନଗତ ପନ୍ଥାକୁ ମୋଡ଼ିମକଚି ଦିଆଯିବା ଫଳରେ ମହିଳା ଓ ଶିଶୁଙ୍କ ପ୍ରତି ଅପରାଧ ସମେତ ଅନ୍ୟ ବହୁ ସାଙ୍ଘାତିକ ଘଟଣା ଘଟୁଛି। ନିଶା ସମସ୍ତ ଦୁଷ୍କୃତିର ଜନନୀ ବୋଲି କୁହାଯାଉଥିବା ବେଳେ ଏହାର ନିବାରଣ ପରିବର୍ତ୍ତେ ପ୍ରସାରଣ କରାଯାଉଛି।

ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରାଳୟର ନ୍ୟାସନାଲ୍ କ୍ରାଇମ୍ ରେକର୍ଡ ବ୍ୟୁରୋର ସର୍ବଶେଷ ପ୍ରକାଶିତ ତଥ୍ୟ ମୁତାବକ ଓଡ଼ିଶାରେ ୨୦୨୨ ଶେଷ ସୁଦ୍ଧା ୧, ୬୯, ୫୭୨ଟି ମହିଳାଙ୍କ ପ୍ରତି ଅପରାଧିକ ମାମଲା ବିଚାର ପ୍ରତୀକ୍ଷାରେ ଥିବା ବେଳେ ସେଥିରୁ ଉକ୍ତ ବର୍ଷରେ ମାତ୍ର ୭୩୯୩ଟି ଫଇସଲା ହୋଇଥିଲା ଏବଂ ତନ୍ମଧ୍ୟରୁ ମାତ୍ର ୬୭୧ଟିରେ ଅପରାଧୀଙ୍କୁ ଦଣ୍ଡିତ କରାଯାଇଥିଲା। ଅବଶ୍ୟ ଏହା ବିରୋଧରେ ସେମାନଙ୍କ ଭିତରୁ ଅନେକ ଉପର ଅଦାଲତରେ ଅପିଲ୍ କରିଥିବେ। ସେହିବର୍ଷରେ ମହିଳାଙ୍କ ପ୍ରତି ଅପରାଧିକ ମାମଲାର ଫଇସଲା ହାର ମାତ୍ର ୪.୨ ପ୍ରତିଶତ ଥିବା ବେଳେ ଦଣ୍ଡବିଧାନ ହାର ଥିଲା ୯.୨ ପ୍ରତିଶତ। ଏବେ ଆମ ରାଜ୍ୟରେ ମହିଳାଙ୍କ ପ୍ରତି ଅପରାଧିକ ବିଚାରାଧୀନ ମାମଲା ସଂଖ୍ୟା ୨ଲକ୍ଷରୁ ଅଧିକ ହେବ ବୋଲି ଆଶଙ୍କା କରାଯାଉଛି। କ୍ରାଇମ୍ ରେଟ୍ ରିପୋର୍ଟ ଅଫ୍ ଇଣ୍ଡିଆ-୨୦୨୪ର ଅନ୍ୟ ଏକ ତଥ୍ୟ ମୁତାବକ ଦେଶରେ ବଳାତ୍କାର ଓ ଅପହରଣ ମାମଲା ବଢ଼ି ଚାଲିଛି।

ନୀତି ବିହୀନ ରାଜନୀତିର ପଶାପାଲିରେ ଗୋଟି ହୋଇଛି ଚରିତ୍ର ବିହୀନ ଶିକ୍ଷା, ବିବେକ ବିହୀନ ବିଳାସ, ଶ୍ରମ ବିହୀନ ସଂପଦ ଓ ତ୍ୟାଗ ବିହୀନ ଉପାସନା। ଆମ ସାମାଜିକ, ଆଧ୍ୟାତ୍ମିକ ଓ ରାଜନୈତିକ ବ୍ୟବସ୍ଥାରୁ ନୈତିକତା ଶବ୍ଦ ହଜି ଯାଉଥିବା ବେଳେ ନାଗରିକ ସମାଜ ଜଡ଼ବତ୍ ପଡ଼ିଛି। ବ୍ୟକ୍ତି, ସମାଜ ଓ ଜାତୀୟ ଜୀବନ କଳୁଷିତ ହେବାରେ ଲାଗିଥିବା ବେଳେ ଏହାକୁ ସ୍ୱଚ୍ଛ କରିବା ପରିବର୍ତ୍ତେ ମଦ୍ୟ ବନ୍ୟାରେ ଆମେ ଆମ ବ୍ୟବସ୍ଥାକୁ ଉବୁଟୁବୁ କରାଉଛୁ।

ଯେଉଁ ଭାରତ ମାଟି ଦିନେ ସାରା ବିଶ୍ୱକୁ ଭାଇଚାରାର ବନ୍ଧନରେ ବାନ୍ଧିବା ପାଇଁ 'ଶୃଣ୍ୱନ୍ତୁ ସର୍ବେ ଅମୃତସ୍ୟ ପୁତ୍ରାଃ' ଘୋଷଣା କରୁଥିଲା ସେଠି ଆଜି ସତ୍ୟ, ଅହିଂସା, କରୁଣା, ସେବା ପରିବର୍ତ୍ତେ ହିଂସା ଓ ଭ୍ରଷ୍ଟାଚାରର ତାଣ୍ଡବ ଚାଲିଛି। ମହାସତୀ ସୀତା ଓ ଦ୍ରୌପଦୀ ଆଦି ସେମାନଙ୍କ ନିଜସ୍ୱ ସାଧନା ବଳରେ ନିଜ ନିଜର ଇଜ୍ଜତ ସୁରକ୍ଷିତ ରଖିପାରିଥିଲେ। ଏବେ ଆମ ମା', ଝିଅ, ଭଉଣୀ ଆଦିଙ୍କ ଇଜ୍ଜତ କୁରୁସଭାର ପଶାପାଲିରେ ବାଜି ଲାଗିଥିବା ବେଳେ ପୁରୁଷ ପ୍ରଧାନ ବ୍ୟବସ୍ଥା ଅସହାୟ ପାଣ୍ଡବଙ୍କ ଭଳି ଅନାଇ ବସିଛି। ଏ ପରିପ୍ରେକ୍ଷୀରେ ମାତୃଶକ୍ତି ଜାଗ୍ରତ ହୋଇ ନିଜେ ନିଜର ସୁରକ୍ଷା ଲାଗି ଆଗେଇ ନଆସିଲେ ଆଗକୁ ପରିସ୍ଥିତି ଅଧିକ ବିଗିଡ଼ିଯିବ। ଅପରାଧୀର ଅପରାଧକୁ ଯେଉଁମାନେ ନିୟନ୍ତ୍ରଣ କି ବିରୋଧ କରିପାରୁ ନାହାନ୍ତି ସେମାନେ ମଧ୍ୟ ମହାପାତକର ଅଂଶୀଦାର ହେଉଛନ୍ତି। ବ୍ୟବସ୍ଥାର ଉଦ୍‌ବେଗ ପୀଡ଼ିତାଙ୍କ ପୀଡ଼ା ଉପଶମ କରିପାରୁନାହିଁ କିମ୍ବା ଭବିଷ୍ୟତରେ ଏଭଳି ଅଘଟଣ ନଘଟିବ ବୋଲି ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଇପାରୁନଥିବା ବେଳେ ବିଗିଡ଼ା ପରିସ୍ଥିତିକୁ ସଜାଡ଼ିବା ପାଇଁ ନୀତି ନୈତିକତାର ଆଧାରରେ ଆମକୁ ବ୍ୟବସ୍ଥାର ପରିବର୍ତ୍ତନ ଲାଗି ଲମ୍ବା ଲଢ଼େଇ ଲଢ଼ିବାକୁ ପଡ଼ିବ। ଏହା ହିଁ ସମୟର ଆହ୍ୱାନ।

ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

# ବିବାହର ପ୍ରତିଶ୍ରୁତି ବିବାହ ନୁହେଁ

**ବୈଷ୍ଣବ ମେହେର**

ପ୍ରେମ କରି ବିବାହର ପ୍ରତିଶ୍ରୁତି ଦେବା ଏବଂ ଅନ୍ତରଙ୍ଗ ସମ୍ପର୍କ ପରେ ପ୍ରତାରଣା କରିବା ଖବରକୁ ନେଇ ଏବେ ଲୋକେ ଆଉ ବିଶେଷ ବିଚଳିତ ହେଉନାହାନ୍ତି। କିନ୍ତୁ ବିବାହର ପ୍ରତିଶ୍ରୁତି ଦେଇଥିବା ଅନ୍ତଃସତ୍ୱା ପ୍ରେମିକାକୁ ନିର୍ଯାତନା ଦେବା କିମ୍ବା ହତ୍ୟା କରିବା ନିଶ୍ଚିତ ଭାବରେ ବିଚଳିତ କଲା ଭଳି ଘଟଣା। ଏସବୁ ସାଂଘାତିକ ଘଟଣା ସମାଜରେ ବାରମ୍ବାର ଘଟୁଥିଲେ ହେଁ ସେସବୁରୁ ଶିକ୍ଷା ଲାଭ କରିବାରେ କିନ୍ତୁ ଅନେକ ବିଫଳ ହେଉଛନ୍ତି। ଫଳରେ ଏଭଳି ଅମାନବୀୟ ଘଟଣାମାନ ଦିନକୁ ଦିନ ବୃଦ୍ଧି ପାଉଛି।

ନିଜର ଅପରିଣାମଦର୍ଶିତା କାରଣରୁ ଯେଉଁମାନେ ଏଭଳି ପ୍ରତାରଣାର ଶିକାର ହେଉଛନ୍ତି ସେମାନଙ୍କ ଅବଗତି ନିମନ୍ତେ ଦୁଇବର୍ଷ ତଳେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏକ ମାମଲାର ବିଚାର କରି ଦେଇଥିବା ରାୟ ବିଷୟରେ ଏଠାରେ ଉଲ୍ଲେଖ କରିବା ଉଚିତ ହେବ। ମାନ୍ୟବର ନ୍ୟାୟଳୟର ରାୟ ଅନୁଯାୟୀ ଭଲ ସମ୍ପର୍କରୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ମନୋମାଳିନ୍ୟ ଘଟି ବିବାହ କରିବାକୁ ରାଜି ନ ହେବାକୁ ଦୁଷ୍କର୍ମ ବୋଲି କୁହାଯାଇ ପାରିବ ନାହିଁ। ସେତେବେଳେ ଭୁବନେଶ୍ୱରର ନର୍ଦ୍ଦିଷ୍ଟ ଘଟଣାରେ ଜଣେ ମହିଳା ତାଙ୍କ ପୁରୁଷବନ୍ଧୁଙ୍କ ନାଁରେ କରିଥିବା ମାମଲାର ଶୁଣାଣି କରି ବିଚାରପତିଙ୍କ ଖଣ୍ଡପୀଠ ଅଭିଯୁକ୍ତଙ୍କ ବିରୋଧରେ ଥିବା ଆଇପିସିର ଧାରା ୩୭୬କୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ। ଏଭଳି ଘଟଣାରେ ବିଶେଷ ଭାବରେ ଝିଅ କିମ୍ବା ମହିଳାମାନେ ଶିକାର ହେଉଥିବାରୁ ସେଦିନର ଉକ୍ତ ବିଚାର ବିଶେଷ କରି ଝିଅ ଓ ମହିଳାଙ୍କ ପାଇଁ ଏକ ସତର୍କବାଣୀ ଥିଲା।

ସମସ୍ତେ ହେଜିବା ଦରକାର ଯେ ବିବାହ ଓ ବିବାହର ପ୍ରତିଶ୍ରୁତି ଦୁଇଟି ଆଦୌ ଏକା କଥା ନୁହେଁ। ବରଂ ଏହି ଦୁଇଟି ମଧ୍ୟରେ ଯୋଜନେ ଦୂରତା ରହିଛି। ତେଣୁ ସାମୟିକ ଉତ୍ସାହ ବା ଭାବପ୍ରବଣତାରେ ଭାସି ନଯାଇ ସତର୍କତାର ସହ ବୁଝି ବିଚାରି ପଦକ୍ଷେପ ନେଲେ ହିଁ ନିଜ ଭବିଷ୍ୟତ ସୁରକ୍ଷିତ ହୋଇପାରିବ। ବର୍ତ୍ତମାନର ଝିଅ ମାନେ ତ କେବଳ ଉଚ୍ଚଶିକ୍ଷିତ ନୁହନ୍ତି, ବରଂ ସେମାନଙ୍କ ମଧ୍ୟରେ ଥିବା ଭଲମନ୍ଦ ବିଚାର କରିବାର ଅପାର ଶକ୍ତି ଯୋଗୁଁ ବିବେକାନୁମୋଦିତ ନିଷ୍ପତ୍ତି ନେବାରେ ମଧ୍ୟ ସେମାନେ ଧୁରନ୍ଧର। କହିବାକୁ ଗଲେ ଝିଅଟିଏ ଲାଞ୍ଛନାର ପ୍ରତିଟି ଫର୍ଦ୍ଦକୁ ପ୍ରତିହତ କରି ନିଜ ପାଇଁ ତିଆରି କରିସାରିଛି ନୂଆ ପରିଚୟ। ତଥାପି ବେଳେ ବେଳେ ସେମାନେ ଅନ୍ୟର ଶଠତାକୁ ଅନେକାଂଶରେ ବୁଝି ନପାରି କିପରି ତା'ର ମାୟାଜାଲରେ ପଡ଼ିଯାଉଛନ୍ତି, ଏନେଇ ସେମାନଙ୍କୁ ଗଭୀର ଚିନ୍ତନ କରିବାର ଆବଶ୍ୟକତା ଅଛି। ପ୍ରେମର ପ୍ରକୃତ ପରିଭାଷାକୁ ବୁଝି ପ୍ରେମ ନିବେଦନ କରୁଥିବା ବ୍ୟକ୍ତିର ଉଦ୍ଦେଶ୍ୟକୁ ଉପଯୁକ୍ତ ଭାବରେ ଠଉରେଇବାକୁ ପଡ଼ିବ। ଦ୍ୱିତୀୟତଃ, ପ୍ରେମ ଯଦି ହୋଇଗଲା ତେବେ ପ୍ରେମକୁ ପ୍ରେମର ପରିସୀମା ଭିତରେ ହିଁ ସୀମିତ ରଖିବାର ପ୍ରୟାସ କରାଯିବା ଅପରିହାର୍ଯ୍ୟ। ପ୍ରେମ ଯେମିତି ଶାରୀରିକ ବାସନା ମଧ୍ୟକୁ ଚାଲି ନଯାଉ। ଯାହା ବିବାହ ପରେ ହେବା କଥା ତାକୁ ଆଦୌ ବିବାହ ପୂର୍ବରୁ କେହି ସ୍ୱୀକାର ନ କରନ୍ତୁ।

ଏକଥାକୁ ଭୁଲି ଯିବା ନାହିଁ ଯେ ଆମର ଅନେକ ଆପଣାର ମଣିଷ, ଯେଉଁମାନେ ଜୀବନକାଳ ମଧ୍ୟରେ ଆମକୁ ଅନେକ ପ୍ରତିଶ୍ରୁତିରେ ପୋତି ପକାଇଥା'ନ୍ତି। ସେସବୁ ପ୍ରତିଶ୍ରୁତି ମଧ୍ୟରୁ କିଛି ପୂରଣ ହୁଏ ତ ଅନେକ ପୂରଣ କରି ପାରନ୍ତି ନାହିଁ। ଏପରିକି ପିତାମାତାମାନେ ମଧ୍ୟ ନିଜ ସନ୍ତାନକୁ ଦେଇଥିବା ଅନେକ ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଥା'ନ୍ତି। ଏହି ପରିପ୍ରେକ୍ଷୀରେ ଜଣେ ପରପୁରୁଷ ଯିଏ ଆକସ୍ମିକ ଭାବରେ ଆସି ତା'ର ପ୍ରତିଶ୍ରୁତି ପୂରଣ କରିବ ବୋଲି ଆମେ କିପରି ବିଶ୍ୱାସ କରିବା? ଏକଥା ଜାଣିରଖିବା ଦରକାର ଯେ, ସେ କେବଳ ଜଣେ ପ୍ରେମିକ ନୁହେଁ, ବରଂ ସେ ବି କାହାର ପୁଅ, କାହା ଭାଇ, କାହା ମାମୁଁ ତ କାହାର ବନ୍ଧୁ ଭଳି ଅନେକ ପାରିବାରିକ ଓ ସାମାଜିକ ସମ୍ବନ୍ଧରେ ବନ୍ଧା। ସେ ଦୃଷ୍ଟିରୁ ତା' ପ୍ରତି ଅନେକଙ୍କ ଅପାର ଆଶା ଓ ବିଶ୍ୱାସ ରହିଥିବା ବେଳେ ଅନୁରୂପ ଭାବେ ସେମାନଙ୍କ ପ୍ରତି ମଧ୍ୟ ତା'ର ଗୁରୁଦାୟିତ୍ୱ ରହିଛି। ସେହି ସମ୍ବନ୍ଧମାନଙ୍କ ମଧ୍ୟରୁ ଅନେକଙ୍କୁ ଏଭଳି ଅନେକ ପ୍ରତିଶ୍ରୁତି ଦେଇ କିଛି ପୂରଣ କରିବାରେ ସମର୍ଥ ହେଉଥିବା ବେଳେ ଅନେକ ପୂରଣ କରିପାରେ ନାହିଁ। ସେଭଳି ଏକ ପ୍ରତିଶ୍ରୁତି ପ୍ରେମିକାକୁ ଦେଇ ପୂରଣ କରି ନ ପାରିବା ବି ତା' ପାଇଁ ଏକ ସାଧାରଣ କଥା ହୋଇଯାଏ। କିନ୍ତୁ ସେହି ସାଧାରଣ ପ୍ରତିଶ୍ରୁତି ଜଣେ ଝିଅର ଜୀବନକୁ ନଷ୍ଟ କରିଦେଇ ପାରେ, ସେକଥା ବର୍ତ୍ତମାନର ଯୁବସମାଜ ଭୁଲିଯିବା ଉଚିତ ହେବ ନାହିଁ। ତେଣୁ ସାମୟିକ ଭାବପ୍ରବଣତାରେ ପଡ଼ି ବିବାହର ପ୍ରତିଶ୍ରୁତି ଦେବା ଯେ ବାସ୍ତବ ବିବାହ କରିବା ନୁହେଁ, ଏକଥାକୁ ବୁଝି ପାରିଲେ ପ୍ରେମ ପ୍ରତିଶ୍ରୁତି ଓ ପ୍ରତାରଣା ଭଳି ଘଟଣା ଆଗକୁ ଘଟିବ ନାହିଁ। ଅନେକ ଶାରୀରିକ ଓ ମାନସିକ ଭାବରେ ନିଜକୁ ସୁରକ୍ଷିତ ମଣିବେ।

ସିନାପାଲି(ନୂଆପଡ଼ା), ମୋ: ୯୭୭୭୭୫୩୯୩୫

# ତିବ୍ବତରେ ବୌଦ୍ଧଧର୍ମ

**ପ୍ରବୀର କୁମାର ପଟ୍ଟନାୟକ**

## ଦ୍ୱିତୀୟ-ବୁଦ୍ଧ କଥା

ରାଜା ଖ୍ରୀ-ସ୍ରନ୍ ବୌଦ୍ଧଧର୍ମ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ତାଙ୍କର ଜନ୍ମକାଳ ଖ୍ରୀ୭୩୦। ତାଙ୍କୁ ତେର ବର୍ଷ ବୟସ ହୋଇଥିବା ସମୟରେ ପିତାଙ୍କ ତିରୋଧାନ ଯୋଗଁ ସେ ଶାସନ ଦାୟିତ୍ୱ ଗ୍ରହଣ କରିଥିଲେ। ଦେଶର ପ୍ରାଚୀନ ତଥ୍ୟର ଅନୁଧ୍ୟାନ ସହ ବିଭିନ୍ନ ଶାସ୍ତ୍ର ଅଧ୍ୟୟନରେ ତାଙ୍କର ଅନୁରକ୍ତି ରହିଥିଲା। ତାଙ୍କର ମନ୍ତ୍ରିମଣ୍ଡଳ ଧାର୍ମିକ ଦୃଷ୍ଟିରୁ ବୌଦ୍ଧଧର୍ମ ଏବଂ ପ୍ରଚଳିତ ଧର୍ମମତର ଅନୁଗାମୀ ଭାବେ ଦୁଇଟି ଭିନ୍ନ ଗୋଷ୍ଠୀ ହୋଇ ରହିଥିଲେ। ସମସ୍ତ ତଥ୍ୟ ଅନୁଧ୍ୟାନ ପରେ ରାଜା ବୌଦ୍ଧଧର୍ମ ସପକ୍ଷବାଦୀ ହୋଇଗଲେ। ଏହି ରାଜାଙ୍କ ଶାସନକାଳ ହେଲା ଖ୍ରୀ୭୫୫-୭୯୭। ରାଜା ବୌଦ୍ଧଧର୍ମକୁ ତିବ୍ବତର ରାଜଧର୍ମ ଭାବେ ଘୋଷଣା କଲେ। ବୌଦ୍ଧଧର୍ମ ସପକ୍ଷବାଦୀ ମନ୍ତ୍ରୀ ଓ ନେତୃସ୍ଥାନୀୟ ଲୋକମାନଙ୍କ ସହ ଆଲୋଚନାକ୍ରମେ ସେ ସମୟରେ ଜଣେ ପ୍ରଖ୍ୟାତନାମା ବୌଦ୍ଧ ଆଚାର୍ଯ୍ୟ ଶାନ୍ତରକ୍ଷିତଙ୍କୁ ଧର୍ମର ପ୍ରଚାର ପ୍ରସାର ପାଇଁ ଭାରତରୁ ତିବ୍ବତ ଆଣିବା ପାଇଁ ସ୍ଥିର ହେଲା। ଆଚାର୍ଯ୍ୟ ଶାନ୍ତରକ୍ଷିତ ସେତେବେଳେ ମଗଧର ବିଖ୍ୟାତ ନାଳନ୍ଦା ବିଶ୍ୱବିଦ୍ୟାଳରେ ଅଧ୍ୟାପନା କରୁଥିଲେ। ରାଜା ତାଙ୍କର ମନ୍ତ୍ରୀ ବାସଲନାଙ୍ଗ୍‌କୁ ଶାନ୍ତରକ୍ଷିତଙ୍କ ନିକଟକୁ ନିମନ୍ତ୍ରଣ ଜଣାଇବା ପାଇଁ ପଠାଇଲେ। ଶାନ୍ତରକ୍ଷିତ କିଛିକାଳ ଅପେକ୍ଷା ପାଇଁ ପରାମର୍ଶ ଦେଲେ। ପରେ ତିବ୍ବତରେ ରାଜା ସର୍ବସାଧାରଣରେ ବୌଦ୍ଧଧର୍ମ ପ୍ରତି ନିଜର ସମର୍ଥନ ଜଣାଇବା ପରେ ଶାନ୍ତରକ୍ଷିତ ମନ୍ତ୍ରୀ ବାସଲନାଙ୍ଗଙ୍କ ସହିତ ତିବ୍ବତ ଯାତ୍ରା ଆରମ୍ଭ କଲେ। ରାଜା ବହୁ ଆଡ଼ମ୍ବରରେ ନେପାଳ ସୀମାରୁ ଶାନ୍ତରକ୍ଷିତଙ୍କୁ ସ୍ୱାଗତ ଜଣାଇ ନିଜ ରାଜପ୍ରସାଦାକୁ ନେଲେ।

ଆଚାର୍ଯ୍ୟ ଶାନ୍ତରକ୍ଷିତ ତିବ୍ବତରେ ତାଙ୍କର ବୌଦ୍ଧଧର୍ମ ପ୍ରଚାର କାର୍ଯ୍ୟ ଧର୍ମର ମୌଳିକ ଶିକ୍ଷାରୁ ଆରମ୍ଭ କଲେ। ମାତ୍ର ତାଙ୍କର ଶିକ୍ଷା ବିଷୟବସ୍ତୁ ଓ ପଦ୍ଧତି ଲୋକଙ୍କ ଦ୍ୱାରା ଆଦୃତ ହୋଇପାରିଲା ନାହିଁ। ସମ୍ଭବତଃ ତାଙ୍କର ଶିକ୍ଷା ଶୂନ୍ୟବାଦ ଓ ନାସ୍ତିବାଦ ତଥା ଅଧିକ ପାଣ୍ଡିତ୍ୟପୂର୍ଣ୍ଣ ହୋଇଥିବାରୁ ଲୋକଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରିଲା ନାହିଁ। ତିବ୍ବତୀୟମାନେ ମୂଳତଃ ଗୁଣିଗାରେଡ଼ି ତଥା ଅତ୍ୟଧିକ ଅନ୍ଧବିଶ୍ୱାସଜନିତ ବନ୍ ଧର୍ମ ସହ ଜଡ଼ିତ ଥିଲେ। ତିବ୍ବତୀୟମାନେ ବୌଦ୍ଧଧର୍ମକୁ ଗ୍ରହଣ କରିପାରୁନଥିଲେ। ତା'ସାଙ୍ଗକୁ ପ୍ରଚାର କାର୍ଯ୍ୟ ସେମାନଙ୍କ ପାଇଁ ଆଗ୍ରହ ଜନ୍ମାଇ ନ ପାରିବା ସହ ସେ ସମୟକୁ ବିଭିନ୍ନ ଦୈବୀ ଦୁର୍ବିପାକ ଦେଖାଗଲା। ସଂକ୍ରାମକ ବ୍ୟାଧି ସହ ଝଡ଼ ତୋଫାନ ଆଦି ବ୍ୟାପକ ଭାବେ ଧନଜୀବନର କ୍ଷୟକ୍ଷତି ଘଟାଇଲା। ସହଜରେ ବନ୍ ଧର୍ମର ନେତୃସ୍ଥାନୀୟ ବ୍ୟକ୍ତି ବୌଦ୍ଧଧର୍ମର ଘୋର ବିରୋଧୀ ଥିଲେ। ପୁଣି ଆଚାର୍ଯ୍ୟଙ୍କ ଧର୍ମପ୍ରଚାର କାର୍ଯ୍ୟ ଅନାଦୃତ ହେବାକୁ ସର୍ବୋପରି ଅଚାନକ ପ୍ରାକୃତିକ ବିପଦମାନ ଘଟି ସମସ୍ତ ଘଟଣାକ୍ରମ ଶାନ୍ତରକ୍ଷିତଙ୍କ ବିରୋଧରେ ବିରାଟ ଜନଆନ୍ଦୋଳନ ସୃଷ୍ଟି କରାଇଲା। ରାଜାଙ୍କ ଦ୍ୱାରା ନୂତନ ଧର୍ମର ପ୍ରଚାର ଯୋଗୁଁ ଏ ସବୁ ଘଟୁଛି ବୋଲି ପ୍ରଚାର ହେଲା।

ରାଜା ଓ ଆଚାର୍ଯ୍ୟ ଦେଶରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ସ୍ଥାପନ ସହ ଲୋକମାନଙ୍କର ଧନଜୀବନର ସୁରକ୍ଷା କିପରି ହୋଇପାରିବ ତାହା ଆଲୋଚନା କଲେ। ଶାନ୍ତରକ୍ଷିତ ତାଙ୍କର ଭଗ୍ନୀପତ୍ନୀ ତଥା ନାଳନ୍ଦା ବିଶ୍ୱବିଦ୍ୟାଳୟର ଯୋଗ-ତନ୍ତ୍ର ବିଭାଗରେ ଅଧ୍ୟାପନା କରୁଥିବା ଆଚାର୍ଯ୍ୟ ପଦ୍ମସମ୍ଭବଙ୍କୁ ନିମନ୍ତ୍ରଣ କରି ତିବ୍ବତ ଅଣାଇବାକୁ ରାଜାଙ୍କୁ ପରାମର୍ଶ ଦେଲେ। ତିବ୍ବତରେ ସାମ୍ପ୍ରତିକ ଘଟଣାକ୍ରମ ଦୃଷ୍ଟିରୁ ପଦ୍ମସମ୍ଭବ ହିଁ ଧର୍ମପ୍ରଚାର କାର୍ଯ୍ୟ ପାଇଁ ସବୁଠାରୁ ଯୋଗ୍ୟତମ ଗୁରୁ ବୋଲି ଶାନ୍ତରକ୍ଷିତ ରାଜାଙ୍କୁ କହିଲେ। ଶାନ୍ତରକ୍ଷିତ ଇତିମଧ୍ୟରେ ତିବ୍ବରେ ନ ରହି କିଛିକାଳ ନେପାଳରେ ବିଶ୍ରାମ ନେବା ପାଇଁ ରାଜା ତାଙ୍କୁ ଅନୁରୋଧ କଲେ। ଶାନ୍ତରକ୍ଷିତ ସ୍ୱୟଂ ମହାଯାନର ମାଧ୍ୟମିକ ଶାଖାର ପାରମ୍ପରିକ ବିନୟ-ସୂତ୍ର-ଆଧାରିତ ଦାର୍ଶନିକ ପରମ୍ପରାର ଆଚାର୍ଯ୍ୟ ଥିବା ସମୟରେ ପଦ୍ମସମ୍ଭବ ବୌଦ୍ଧଧର୍ମର ମହାଯାନ ଅନ୍ତର୍ଗତ ତନ୍ତ୍ରଯାନଭିତ୍ତିକ ବଜ୍ରଯାନର ଗୁରୁ ଥିଲେ। ଶାନ୍ତରକ୍ଷିତଙ୍କ ପରାମର୍ଶ ରାଜା ଗ୍ରହଣ କଲେ ଏବଂ ତୁରନ୍ତ ଏକ ସବିନୟ ନିମନ୍ତ୍ରଣ ପତ୍ର ପଦ୍ମସମ୍ଭବଙ୍କ ନିକଟକୁ ସ୍ୱତନ୍ତ୍ର ପ୍ରତିନିଧିମଣ୍ଡଳୀ ଦ୍ୱାରା ନାଳନ୍ଦା ପ୍ରେରଣ କଲେ। ପଦ୍ମସମ୍ଭବ ଏହା ଗ୍ରହଣ କଲେ। ଖ୍ରୀ୭୪୬ରେ ନାଳନ୍ଦା ପରିତ୍ୟାଗ କରି ନେପାଳ ହୋଇ ଶାନ୍ତରକ୍ଷିତଙ୍କ ସହ ବାର୍ତ୍ତାଳାପ କରି ଖ୍ରୀ ୭୪୭ ଆଦ୍ୟଭାଗରେ ତିବ୍ବତରେ ପହଞ୍ଚିଲେ। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅମର୍ଦ୍ଦାରୋଡ୍ ଏୟାରଷ୍ଟ୍ରିପ୍ | ଏବେ ବି ଇତିହାସ ଗର୍ଭରେ ଅନେକ ତଥ୍ୟ



## ୨ ବାୟୁସେନା ବିମାନ ଦୁର୍ଘଟଣାର ମୂକସାକ୍ଷୀ

## ଅକ୍ଷତ ରହିଛି ୧୧ହଜାର ଫୁଟ୍ କଂକ୍ରିଟ୍ ରନ୍-ୱେ

ବାରିପଦା, ୨୫।୭ (ମନୋଜ ପଣ୍ଡା): ଗତ ୧୯୪୫ ଜୁଲାଇ ୨୬ ତାରିଖରେ ୨ଟି ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ୧୪ ସହିଦ ବାୟୁ ସୈନିକଙ୍କ ମୂକସାକ୍ଷୀ ହୋଇ ରହିଛି ମୟୂରଭଞ୍ଜ ଜିଲ୍ଲା ଅମର୍ଦ୍ଦାରୋଡ୍ ଏୟାରଷ୍ଟ୍ରିପ୍। ବର୍ଷବର୍ଷ ଧରି ଏଠାରେ ଅନୁଷ୍ଠିତ ହେଉଥିବା ସ୍ମାରକୀସେବା ଅତୀତର ସ୍ମୃତିକୁ ବଖାଣିଥାଏ। ଐତିହାସିକ ଅନିଲ ଧୀର ଓ ଅନ୍ତ୍ୟୋଦୟ ଚେତନାମଣ୍ଡଳୀର ବିଶିଷ୍ଟ ଗାନ୍ଧୀବାଦୀ ଆଦିତ୍ୟ ପଟ୍ଟନାୟକଙ୍କ ଉଦ୍ୟମରେ ସ୍ଥାନୀୟ ଲୋକେ ୨୦୧୧ ମସିହାରୁ ସହିଦ ବାୟୁସେନାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଆସୁଛନ୍ତି।

ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଓଡ଼ିଶାର ଭୂମିକା ଏବଂ ଅମର୍ଦ୍ଦାରୋଡ୍ (ରାସଗୋବିନ୍ଦପୁର) ଏୟାରବେସ୍‌ର ଇତିହାସ ବିଷୟରେ ବହୁତ କମ୍ ଜଣାଶୁଣା। ଏହାର ଏକ ଛୋଟ; କିନ୍ତୁ ଗୁପ୍ତ ଇତିହାସ ରହିଛି, ଯାହା ଆଜିଯାଏ ସାର୍ବଜନୀନ ହୋଇପାରିନାହିଁ। ଏହା ଏସିଆର ସବୁଠାରୁ ଲମ୍ବା ରନ୍-ୱେ ଥିଲା, ଯାହା ୩.୫ କିମିରୁ ଅଧିକ। ମୋଟ ରନ୍-ୱେ, ଟ୍ୟାକ୍ସିୱେ, ଆପ୍ରନ୍ ଆଦି ୬୦ କିମିରୁ ଅଧିକ ଥିଲା। ହେଲେ ଆଜି ତାହା ଗଛଲତାରେ ଭର୍ତ୍ତି ହୋଇଛି। ଏବେ ବିମାନବନ୍ଦରକୁ ଦେଖିଲେ, ଅତୀତର କାର୍ଯ୍ୟକଳାପ ସଂପର୍କରେ ଠଉରାଇବା ବହୁ କଷ୍ଟକର। କିନ୍ତୁ ଏହି ଏୟାରଷ୍ଟ୍ରିପ୍ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଭାରତର ପ୍ରତିରକ୍ଷାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।

ଗତ ୧୯୪୩ରୁ ୧୯୪୫ ମସିହା ମଧ୍ୟରେ ଏଠାରେ ଘଟିଥିବା କାର୍ଯ୍ୟକଳାପର କୌଣସି ବିବରଣୀ ସରକାରୀ ଏବଂ ସାମରିକ ରେକର୍ଡରେ ମଧ୍ୟ ନାହିଁ। ଜାପାନୀ ବର୍ମା ବିଜୟ ବିରୋଧରେ ଯୁଦ୍ଧ ସମୟରେ ଏକ ଆଗୁଆ ଏୟାରଫିଲ୍ଡ ଭାବରେ ଷ୍ଟେସନ୍ ଅସ୍ତିତ୍ୱ ପାଇଥିଲା। ଏହି ବଡ଼ ଷ୍ଟ୍ରିପ୍ ବିମାନ ପାଇଁ ଅବତରଣ ସ୍ଥଳ ଏବଂ ସ୍ୱତନ୍ତ୍ର ବୋମା ବିସ୍ଫୋରଣ ମିଶନ ପାଇଁ ତାଲିମ ସ୍ଥାନ ଭାବେ ଏହାର ଉଦ୍ଦେଶ୍ୟକୁ ଭଲ ଭାବେ ପୂରଣ କରିଥିଲା। ଅମର୍ଦ୍ଦାରୋଡ୍ ଏୟାରଷ୍ଟ୍ରିପ୍ ପ୍ରାୟ ୯୦୦ ଏକର ଅଞ୍ଚଳରେ ବିସ୍ତାରିତ। ୧୯୪୦ ଦଶକରେ ୩ କୋଟି ଟଙ୍କା ଖର୍ଚ୍ଚରେ ନିର୍ମିତ ଏହା ଶେଷରେ ଯୁଦ୍ଧ ପରେ ପରିତ୍ୟକ୍ତ ହୋଇଗଲା।

୧୯୪୫ ଜୁଲାଇ ୨୬ରେ ଦୁଇଟି ବ୍ରିଟିଶ ରୟାଲ ବାୟୁସେନା ବି-୨୪ ଲିବରେଟର୍ ଚାରି ଇଞ୍ଜିନ ବିଶିଷ୍ଟ ବୋମା ବିସ୍ଫୋରଣକାରୀ ବିମାନ, ଇଡବ୍ଲ୍ୟୁ-୨୨୫ ଏବଂ ଇଡବ୍ଲ୍ୟୁ-୨୪୭କମ୍ ଉଚ୍ଚତାରେ ଧକ୍କା ହୋଇଥିଲା। ଫଳରେ ୧୪ଜଣ ବାୟୁସେନା କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ଏହି ବିମାନଗୁଡ଼ିକ ଏକ ଫର୍ମେସନ୍ ଉଡ଼ାଣ ଅଭ୍ୟାସରେ ନିୟୋଜିତ ୬ଟି ବିମାନ ଦଳରେ ସାମିଲ ଥିଲେ। ଖରାପ ପାଗ ଯୋଗୁଁ ସେମାନଙ୍କ ମଧ୍ୟରୁ ଦୁଇଟି ଆକାଶ ମଝିରେ ଧକ୍କା ହୋଇ ବେସ୍‌ଠାରୁ ୪୫କିମି ଦୂରରେ ଖସି ପଡ଼ିଥିଲା।

ନିକଟସ୍ଥ ଅମର୍ଦ୍ଦାରୋଡ୍ ରେଳଷ୍ଟେସନ୍ ଯୋଗୁଁ ଏହାକୁ ଅମର୍ଦ୍ଦା ରୋଡ୍ ଏୟାରଫିଲ୍ଡ ଭାବରେ ନାମିତ କରାଯାଇଥିଲା। ଏହା ଏୟାର ଫାଇଟିଂ ଟ୍ରେନିଂ ୟୁନିଟ୍ ପାଇଁ ଆଧାର ଥିଲା ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧର ସବୁଠାରୁ ବଡ଼ ବିମାନ, ଲିବରେଟର୍ସ ଥିଲା। ବେସ୍ ତିଆରି ହେବାର ୮ ଦଶନ୍ଧି ପରେ ଆଜି ବି ଏୟାରଫିଲ୍ଡର ଅବଶେଷ ଦେଖିବାକୁ ମିଳେ। କେବଳ ସେ ସମୟର ୧୧ହଜାର ଫୁଟ୍ କଂକ୍ରିଟ୍ ରନ୍-ୱେ ଏପର୍ଯ୍ୟନ୍ତ ଅକ୍ଷତ ଅଛି। ଅଫିସ୍, ହ୍ୟାଙ୍ଗର, ମେକାନିକ୍ ସେଡ୍ ଏବଂ ପ୍ଲାଷ୍ଟର୍ କାନ୍ଥଯୁକ୍ତ ବାରାକ୍ ଛାତ ସହ ଛାତ ଯାହାକୁ ସୈନିକମାନେ ବାଶା ବୋଲି କହୁଥିଲେ, ତାହା ଭାଙ୍ଗି ଦିଆଯାଇଛି। ଏୟାରଷ୍ଟ୍ରିପ୍‌ରେ ଏକ ସିଲ୍ ଭୂଗର୍ଭସ୍ଥ ବଙ୍କର ମଧ୍ୟ ଅଛି। ଯେଉଁଥିରେ ଗୋଟିଏ କିମ୍ବା ଦୁଇଟି ବିମାନ ଥାଇପାରେ ଏବଂ ୧୯୪୫ ମସିହାରୁ ତାହା ଖୋଲାଯାଇନାହିଁ। ପ୍ରବେଶ ଦ୍ୱାରଟି କାନ୍ଥରେ ଘେରାପୂର୍ବକ ଏବେ ବି ସିଲ୍ ଅଛି। ବିମାନ ଦୁର୍ଘଟଣା ଏବଂ ପୀଡିତଙ୍କ କାହାଣୀ ଇତିହାସରେ ହଜିଯାଇଥିଲା। ତେବେ ଶ୍ରୀ ଧୀରଙ୍କ ଉଦ୍ୟମରେ ପ୍ରତିବର୍ଷ ବାୟୁସେନାଙ୍କ ପାଇଁ ଏକ ସ୍ମାରକୀ ସେବା କରାଯାଇପାରୁଛି। ଏହି ସ୍ମୃତି ଦିବସରେ ଭାରତୀୟ ବାୟୁସେନା ଅଧିକାରୀ କଲେଇକୁଣ୍ଡା ବେସ୍‌ରୁ ଆସି ଯୋଗଦେଇଥା'ନ୍ତି। ଶ୍ରୀ ଧୀର ଓଡ଼ିଶା ଏବଂ ପଶ୍ଚିମବଙ୍ଗ ସରକାରଙ୍କୁ ଏହି ଏୟାରଷ୍ଟ୍ରିପରେ ସହିଦ ସୈନିକଙ୍କ ପାଇଁ ପାଇଁ ଛୋଟ ସ୍ମାରକୀ ନିର୍ମାଣ କରିବାକୁ ମଧ୍ୟ ନିବେଦନ କରିଛନ୍ତି।

# କାରଖାନା ଶ୍ରମ କଲ୍ୟାଣ ଅଧିକାରୀଙ୍କ ତାଲିମ କର୍ମଶାଳା

ଭୁବନେଶ୍ୱର, ୨୫।୭(ସମିସ): କାରଖାନାଗୁଡ଼ିକରେ ନିୟୋଜିତ ଶ୍ରମ କଲ୍ୟାଣ ଅଧିକାରୀମାନଙ୍କର ଆଜି ଏକ ରାଜ୍ୟସ୍ତରୀୟ କର୍ମଶାଳା ରାଜ୍ୟ ଶ୍ରମ ସଂସ୍ଥାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାକୁ ରାଜ୍ୟ କାରଖାନା ଏବଂ ବାଷ୍ପିତ୍ର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଶ୍ରମିକମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ ଏବଂ ନ୍ୟାଯ୍ୟ ଅଧିକାର ସମ୍ବନ୍ଧରେ ସଜାଗ ଏବଂ ସଚେତନ କରାଇବା ଶ୍ରମ କଲ୍ୟାଣ ଅଧିକାରୀମାନଙ୍କର ପ୍ରଧାନ ସାମାଜିକ ଦାୟିତ୍ୱ ଏବଂ ସେଥିପ୍ରତି ଉଭୟ ସମ୍ବେଦନଶୀଳ ହୋଇପାରିଲେ ଶିଳ୍ପାୟନରେ ଶାନ୍ତି, ସୁରକ୍ଷା, ଦକ୍ଷତା ଏବଂ ପାରଦର୍ଶିତାରେ ପ୍ରଗତି ହେବାସହ ଉତ୍ପାଦନ ବୃଦ୍ଧି ପରିଲକ୍ଷିତ ହେବ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ।

# ଅନିଶ୍ଚିତତା ଭିତରେ ରାଜ୍ୟର ମେଟ୍ରୋ ପ୍ରକଳ୍ପ: ବିଜେଡି

- ମେଟ୍ରୋ ପ୍ରକଳ୍ପରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଅସ୍ପଷ୍ଟ
- ନିଜସ୍ୱ ପାଣ୍ଠିରୁ ନିର୍ମାଣରେ ଲୋଡ଼ାନାହିଁ କେନ୍ଦ୍ର ଅନୁମୋଦନ

ଭୁବନେଶ୍ୱର,୨୫।୭(ସମିସ): ପୂର୍ବ ବିଜେଡି ସରକାର ସମୟରେ ମେଟ୍ରୋ ପ୍ରକଳ୍ପ ସ୍ଥାପନ ପାଇଁ ଡିପିଆର ପ୍ରସ୍ତୁତ ସହ ଟେଣ୍ଡର କରାଯାଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ହେଲେ ବିଜେପି ସରକାର କ୍ଷମତାକୁ ଆସିବାର ଦୀର୍ଘ ୧୩ ମାସ ବିତି ଯାଇଥିଲେ ସୁଦ୍ଧା, ପ୍ରକଳ୍ପକୁ ନେଇ ଅନିଶ୍ଚିତତା ଲାଗି ରହିଛି ବୋଲି ବିଜେଡି କହିଛି। ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି ଯେ ମେଟ୍ରୋ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ପାଇଁ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ନାହିଁ, ଯାହାଫଳରେ ଦୀର୍ଘ ୧୩ ମାସ ହେଲା ଏହା ଅନିଶ୍ଚିତତା ଭିତରେ ଗତି କରୁଛି। କେନ୍ଦ୍ର ସରକାରଙ୍କ ନିକଟରେ ଓଡ଼ିଶାରେ ହେବାକୁ ଥିବା ମେଟ୍ରୋ ପ୍ରକଳ୍ପ ସମ୍ପର୍କରେ କୌଣସି ପ୍ରସ୍ତାବ ନାହିଁ ବୋଲି କେନ୍ଦ୍ର ଗୃହ ଓ ସହର ବିକାଶ ମନ୍ତ୍ରୀ ଗୁରୁବାର ଲୋକସଭାରେ ମନ୍ତବ୍ୟ ଦେଇଛନ୍ତି। ଏହାପରେ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମେଟ୍ରୋ ପ୍ରକଳ୍ପର ନୂତନ ଡିପିଆର ପ୍ରସ୍ତୁତ ହେଲା ପରେ କେନ୍ଦ୍ରକୁ ଅନୁମୋଦନ ପାଇଁ ପଠାଯିବ ବୋଲି ବକ୍ତବ୍ୟ ଦେଇଛନ୍ତି। ବିଜେଡି ସରକାରଙ୍କ ସମୟରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇ ଏହା ସମ୍ପୂର୍ଣ୍ଣ ରୂପେ ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରେ ନିର୍ମାଣ ହେବ ବୋଲି କୁହାଯାଇଥିଲା। ଏଥିପାଇଁ କେନ୍ଦ୍ର ସରକାରଙ୍କ ଅନୁମୋଦନର କୌଣସି ଆବଶ୍ୟକତା ନାହିଁ। ମାତ୍ର ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ମେଟ୍ରୋ ପ୍ରକଳ୍ପକୁ ନେଇ ରାଜ୍ୟ ସରକାର ଭିନ୍ନ ଭିନ୍ନ ବକ୍ତବ୍ୟ ରଖୁଛନ୍ତି। ଏହି ପ୍ରକଳ୍ପକୁ ସମ୍ପ୍ରସାରଣ କରାଯିବ ଓ ଏଥିପାଇଁ ନୂଆ ଡିପିଆର ପ୍ରସ୍ତୁତ ହେବ ବୋଲି କୁହାଯାଇଥିଲା। ରାଜ୍ୟ ସରକାରଙ୍କ ଜଣେ ମନ୍ତ୍ରୀ ଏହି ପ୍ରକଳ୍ପ ଏଲିଭେଟେଡ୍ ଷ୍ଟ୍ରକ୍ଚରରେ ଅର୍ଥାତ ମାଟି ଉପରେ ନିର୍ମାଣ ହେବ ବୋଲି ବକ୍ତବ୍ୟ ଦେଇଥିବା ବେଳେ ଆଉ ଜଣେ ମନ୍ତ୍ରୀ ଏହା ମାଟି ତଳେ ନିର୍ମାଣ ହେବ ବୋଲି ବକ୍ତବ୍ୟ ଦେଇଛନ୍ତି। ସେହିପରି ନଗର ଉନ୍ନୟନ ମନ୍ତ୍ରୀ ନୂତନ ଡିପିଆର ପ୍ରସ୍ତୁତ ହେବା ପରେ କେନ୍ଦ୍ର ସରକାରଙ୍କ ପାଖକୁ ପ୍ରସ୍ତାବ ଦିଆଯିବ ବୋଲି କହିଛନ୍ତି। ଏଥିରୁ ସ୍ପଷ୍ଟ ହେଉଛି ଯେ, ଏହି ମେଟ୍ରୋ ପ୍ରକଳ୍ପ ସମ୍ପର୍କରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ନାହିଁ ବୋଲି ଡଃ ମହାନ୍ତି କହିଛନ୍ତି।

- ଆଉଟସୋର୍ସିଂ ନିଯୁକ୍ତିରେ କଟକଣା

# ଅର୍ଥ ବିଭାଗର ଅନୁମତି ବିନା ହୋଇପାରିବନି ଆଉଟସୋର୍ସିଂ ନିଯୁକ୍ତି

ଭୁବନେଶ୍ୱର,୨୫।୭(ସମିସ): ଆଉଟସୋର୍ସିଂ ନିଯୁକ୍ତି କ୍ଷେତ୍ରରେ ଏଣିକି ଅର୍ଥ ବିଭାଗର ଅନୁମତି ବାଧ୍ୟତାମୂଳକ କରାଯାଇଛି। ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ପକ୍ଷରୁ ସମସ୍ତ ବିଭାଗକୁ ଏ ସଂକ୍ରାନ୍ତରେ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି ଯେ ନୂଆ କରି ଆଉଟସୋର୍ସିଂ ନିଯୁକ୍ତି ଆରମ୍ଭ କରିବା ପୂର୍ବରୁ ଔପଚାରିକ ଅନୁମତି ନେବା ଆବଶ୍ୟକ। ପୂର୍ବରୁ ଅନୁମୋଦିତ ପଦବୀଗୁଡ଼ିକର ନବୀକରଣ ପାଇଁ ମଧ୍ୟ ଏହି ଅନୁମୋଦନ ଆବଶ୍ୟକ ହେବ। ଯଦି କୌଣସି ବିଭାଗରେ ପୂର୍ବ ଅନୁମୋଦନ ଥାଏ, ତେବେ ଚୁକ୍ତି ଅବଧି ଶେଷରେ ନବୀକରଣ ପାଇଁ ନୂଆ ଅନୁମତି ନେବାକୁ ପଡ଼ିବ। ପ୍ରାରମ୍ଭିକ ଅନୁମୋଦିତ ସଂଖ୍ୟାଠାରୁ ଅଧିକ କର୍ମଚାରୀ ନିଯୁକ୍ତି ପାଇଁ ମଧ୍ୟ ଅତିରିକ୍ତ ଅନୁମୋଦନ ଦରକାର ବୋଲି ଚିଠିରେ କୁହାଯାଇଛି। ସମସ୍ତ ବିଭାଗକୁ ତୁରନ୍ତ ଏହି ନିର୍ଦ୍ଦେଶ ପାଳନ କରିବାକୁ କୁହାଯାଇଛି। ରାଜ୍ୟ ସରକାରଙ୍କ ଏହି ନିର୍ଦ୍ଦେଶନାମା ପରେ ରାଜ୍ୟରେ ବିଭିନ୍ନ ସରାକରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କ ସଂଖ୍ୟା ଉପରେ ପ୍ରଭାବ ପଡ଼ିବା ଆଶଙ୍କା ସୃଷ୍ଟି ହୋଇଛି।

# ଅବଶିଷ୍ଟାଂଶ

## ସ୍କୁଲଘର ଭୁଶୁଡ଼ି...

ଘଟଣାସ୍ଥଳରେ ପହଞ୍ଚି ଭଗ୍ନାବଶେଷକୁ ହଟାଇ ପିଲାମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ୫ ଜଣ ପିଲା ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ସେହିପରି ଚିକିତ୍ସାଧୀନ ଥିବା ବେଳେ ଆଉ ୩ଜଣ ଛାତ୍ର ପ୍ରାଣ ହରାଇଥିଲେ। ଅବହେଳା ପାଇଁ ୫ ଜଣ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି। ସକାଳେ ବର୍ଷା ହେବା କାରଣରୁ ପିଲାମାନେ ଖେଳିବାକୁ ନଯାଇ କ୍ଲାସ ରୁମ୍‌ରେ ଥିଲେ।। ଏହାପରେ ଛାତ ପଡ଼ିବା ଫଳରେ ୩୫ ପିଲା ଫସିଯାଇଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ପ୍ରଥମେ ଛାତରୁ ଛୋଟ ଛୋଟ ଟୁକୁଡା ଖସିଥିଲା। କିନ୍ତୁ ଶିକ୍ଷକ ଏହା ପ୍ରତି ଧ୍ୟାନ ଦେଇ ନଥିଲେ ବୋଲି ଜଣେ ଛାତ୍ରୀ କହିଛନ୍ତି। ଏହି ଘଟଣାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଦୁଃଖ ପ୍ରକାଶ କରିଛନ୍ତି।

## ଡ୍ରୋନ୍‌ରୁ ସଫଳ...

କରି ସୂଚନା ଦେଇଛନ୍ତି ଓ ଡିଆରଡିଓକୁ ଧନ୍ୟବାଦ୍ ଜଣାଇଛନ୍ତି। ଏହି ପରୀକ୍ଷଣ ଭରାତୀୟ କ୍ଷେପଣାସ୍ତ୍ର କ୍ଷମତାକୁ ଆହୁରି ବୃଦ୍ଧି କରିଛି ବୋଲି ସେ କହିଛନ୍ତି। ଏବେ ସାରା ବିଶ୍ୱରେ ଚାଲିଥିବା ଯୁଦ୍ଧରେ ଡ୍ରୋନ୍ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି। ତେଣୁ ଏହି ପରୀକ୍ଷା ଭାରତ ପାଇଁ ଏକ ବଡ଼ ସଫଳତା ସାବ୍ୟସ୍ତ ହୋଇଛି।। 'ଅପରେସନ ସିନ୍ଦୂର'ରେ ମଧ୍ୟ ଭାରତ ଡ୍ରୋନ୍‌ର ବହୁଳ ବ୍ୟବହାର କରି ପାକିସ୍ତାନକୁ ଚକ୍‌ମା ଦେଇଥିଲା। ଆଧୁନିକ ଯୁଦ୍ଧରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଭଳି ପରୀକ୍ଷା କରାଯାଇଛି। ୟୁଏଲ୍‌ପିଜିଏମ୍-ଭି୩ ହେଉଛି ପୂର୍ବବର୍ତ୍ତୀ ଭି-୨ ଭ୍ୟାରିଏଣ୍ଟର ଆଧୁନିକ ସଂସ୍କରଣ। ଏହାକୁ ଡିଆରଡିଓର ଟର୍ମିନାଲ ବାଲାଷ୍ଟିକ ରିସର୍ଚ୍ଚ ଲାବାରୋଟୋରୀ ଦ୍ୱାରା ପ୍ରସ୍ତୁତ କରାଯାଇଛି। ଭି-୨ ଭ୍ୟାରିଏଣ୍ଟରେ ମଲ୍ଟିପଲ ୱାରହେଡ୍ କନଫ୍ରିଗରିରେସନର ସୁବିଧା ଥିଲା।। ଭି-୩ରେ ଆହୁରି ଅଧିକ ଆଧୁନିକ ବୈଷୟିକ ପ୍ରାଣାଳୀ ସାମିଲ କରାଯାଇଛି।। ଏଥିରେ ଇମର୍ଜିଂ ଇନଫ୍ରାରେଡ ସିକର ଓ ଡୁ୍ୟଏ ଥ୍ରଷ୍ଟ ପ୍ରୋପଲସନ ସିଷ୍ଟମ ରହିଛି। ଏହା ଦ୍ୱାରା ଏହାର ରେଞ୍ଜ୍ ଓ ଆକ୍ରମଣ କ୍ଷମତାରେ ଯଥେଷ୍ଟ ବୃଦ୍ଧି ହୋଇଛି।

## ସୋମବାରରୁ ସ୍ୱାଭାବିକ...

ଦିଅନ୍ତୁ ବୋଲି ବିରୋଧୀ ଦଳ ଦାବି କରିଥିବା ବେଳେ ସରକାର ଏଭଳି କୌଣସି ପ୍ରତିଶ୍ରୁତି ଦେବାକୁ ମନା କରିଦେଇଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ଯେ ସରକାରଙ୍କ ପକ୍ଷରୁ କିଏ ଜବାବ ଦେବ, ତାହା ସରକାର ସ୍ଥିର କରିବେ। ସେ ବିରୋଧୀଙ୍କୁ ସମାଲୋଚନା କରି କହିଲେ ଯେ ପହଲଗାମ ଓ ଅପରେସନ ସିନ୍ଦୂର ଉପରେ ଆଲୋଚନା ପାଇଁ ପ୍ରଥମେ ବିରୋଧୀ ଦଳ ଦାବି କରିଥିଲେ। ସରକାର ଏଥିପାଇଁ ମଧ୍ୟ ରାଜି ଅଛନ୍ତି। କିନ୍ତୁ ଆଲୋଚନାକୁ ଦୂରେଇ ରହିବା ଲାଗି ସଂସଦରେ ହଟ୍ଟଗୋଳ କରୁଛନ୍ତି। ରିଜିଜୁ ଆହୁରି କହିଛନ୍ତି ଯେ ଜଷ୍ଟିସ ବର୍ମାଙ୍କ ବିରୋଧରେ ମହାଭିଯୋଗ ଆଣିବା ଲାଗି ଉଭୟ ସରକାର ଓ ବିରାଧୀ ଦଳ ସହମତ ଅଛନ୍ତି। ଏଥିପାଇଁ ଉଭୟ ପକ୍ଷର ୧୫୨ ସାଂସଦ ମିଳିତ ନୋଟିସ ଦେଇଛନ୍ତି। ଏହି ନୋଟିସକୁ ଲୋକସଭା ବାଚସ୍ପତି ଗ୍ରହଣ କରିବେ। ତେଣୁ ମହାଭିଯୋଗ ପ୍ରକ୍ରିୟା ଲୋକସଭାରୁ ହିଁ ଆରମ୍ଭ ହେବ। ଏହି ନୋଟିସ ଗ୍ରହଣ କରି ବାଚସ୍ପତି ଯାଞ୍ଚ ପାଇଁ କମିଟି ଗଠନ କରିବେ। ମିଳିଥିବା ସୂଚନା ଅନୁଯାୟୀ ତତ୍କାଳୀନ ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଧନଖଡ଼ ବିରୋଧୀଙ୍କ ପକ୍ଷରୁ ଆଗତ ମହାଭିଯୋଗ ନୋଟିସକୁ ଗ୍ରହଣ କରିଥିଲେ ମଧ୍ୟ ଗୃହରେ ଉପସ୍ଥାପନ କରାଯାଇନଥିଲା। ତେଣୁ ମହାଭିଯୋଗ ପ୍ରକ୍ରିୟା ଲୋକସଭାରୁ ହିଁ ଆରମ୍ଭ ହେବ। ଅନ୍ୟପକ୍ଷରେ ବିହାରରେ ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଉପରେ ସଂସଦରେ ଆଲୋଚନାର କୌଣସି ସମ୍ଭାବନା ନାହିଁ।

## ବୟନ ଶିଳ୍ପ ବୁଣାକାର...

ଟଙ୍କାର ପୁଞ୍ଜିନିବେଶ ପ୍ରତିଶ୍ରୁତି ଆସିଛି। ଏହା କାର୍ଯ୍ୟକାରୀ ହେବା ଦ୍ୱାରା ରାଜ୍ୟରେ ୫୩,୩୦୦ ଟି ନିଯୁକ୍ତି ସୁଯୋଗ ସୃଷ୍ଟିହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଆସନ୍ତା ଦଶନ୍ଧି ମଧ୍ୟରେ ରାଜ୍ୟରେ ଟେକ୍ସଟାଇଲ କ୍ଷେତ୍ରରେ ୫ଲକ୍ଷରୁ ଅଧିକ ରୋଜଗାର ସୃଷ୍ଟି ସହ ୫ଟି ଟେକ୍ସଟାଇଲ ଓ ଆପାରେଲ୍ ପାର୍କ ବିକଶିତ କରିବାକୁ ଯୋଜନା ରହିଛି। ସେହିପରି ବୟନ ଓ ପୋଷାକ ଶିଳ୍ପ କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୁଯୋଗ ରହିଥିବା ବେଳେ ମହିଳାମାନଙ୍କ ପାଇଁ ଅଧିକ ସୁଯୋଗ ରହିଛି, ଯାହାକି ଓଡ଼ିଶାର ଆର୍ଥିକ ସମୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଦେଶର ଟେକ୍ସଟାଇଲ ଉଦ୍ୟୋଗୀ ଏବଂ ଶିଳ୍ପପତିମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ସଚିବ ଗୁହା ପୁନମ୍ ତାପସ କୁମାର ଧନ୍ୟବାଦ ଦେଇଥିଲେ।

## ଡେପୁଟୀ ରେଞ୍ଜରଙ୍କ...

ଆପାର୍ଟମେଣ୍ଟ, ଭୁବନେଶ୍ୱର ରଘୁନାଥପୁରରେ ସମ୍ପର୍କୀୟଙ୍କ ଫ୍ଲାଟ, ଜୟପୁର ସୋମ୍ବର ତୋଟା ଥିବା ସମ୍ପର୍କୀୟଙ୍କ ଘର ଏବଂ ସରକାରୀ ବାସଭବନରେ ଚଢଉ କରିଥିଲା ଭିଜିଲାନ୍ସ। ଚଢଉରେ ବାବୁଙ୍କ ଅମାପ ସମ୍ପତ୍ତି ଦେଖି ଆଶ୍ଚର୍ଯ୍ୟ ହୋଇଛି ଭିଜିଲାନ୍ସ। ତାଙ୍କ ଘରେ ଥିବା ଏକ ଗୁପ୍ତ ଟ୍ରେଜେରୀରୁ ନଗଦ ୧ କୋଟି ୪୩ ଲକ୍ଷ ଟଙ୍କା ଜବତ କରାଯାଇଛି। ଏହି ଟଙ୍କାକୁ ଭିଜିଲାନ୍ସ ଟିମ୍ ଗଣିଗଣି ହାଲିଆ ହୋଇପଡ଼ିଥିଲେ। ଶେଷରେ ଭିଜିଲାନ୍ସ ଟଙ୍କାଗଣା ମେସିନ୍ ଆଣିବା ପରେ ଟଙ୍କା ଗଣାଯାଇଥିଲା। ରାମଚନ୍ଦ୍ରଙ୍କ ନାମରେ ଜୟପୁର, ପିଆର ପେଟ୍ଟା, ଏନ୍‌କେଟି ରୋଡ୍‌ରେ ରହିଛି ଗୋଟିଏ ୩ତାଲା କୋଠା, ଭୁବନେଶ୍ୱର ରଘୁନାଥପୁର ଜାଲିରେ ଗୋଟିଏ ୩ବିଏଚ୍‌କେ ଫ୍ଲାଟ୍, ପିଆର ପେଟ୍ଟାରେ ଗୋଟିଏ ଆପାର୍ଟମେଣ୍ଟରେ ୨ଟି ୨ବିଏଚ୍‌କେ ପ୍ଲାଟ ରହିଛି। ସେହିପରି ଜୟପୁର ଟାଉନ୍‌ରେ ୧.୩୩କୋଟିର ଦୁଇଟି ପ୍ଲଟ ରହିଛି। ରାମଚନ୍ଦ୍ରଙ୍କ ଘରୁ ୧.୫କେଜି ସୁନା ଏବଂ ୪.୬୩୭କେଜି ରୁପା ଅଳଙ୍କାର ଜବତ କରାଯାଇଛି। ବଡ଼ କଥା ହେଲା ଧରା ନପଡ଼ିବା ପାଇଁ ବାବୁ ସୁନାକୁ ବିସ୍କୁଟ ଏବଂ କଏନ୍ ଆକାରରେ କରି ରଖିଥିଲେ। ତାଙ୍କର ବ୍ୟାଙ୍କ୍ ଆକାଉଣ୍ଟ ଏବଂ ବୀମାରେ ୧କୋଟି ୩୨ଲକ୍ଷ ୮୫ହଜାର ୭୫୪ଟଙ୍କା ରହିଛି। ରାମଚନ୍ଦ୍ରଙ୍କ ନାମରେ ଦୁଇଟି କାର ଏବଂ ୩ଟି ବାଇକ୍ ରହିଥିବା ବେଳେ ୧୫.୫୯ ଲକ୍ଷର ଘରର ବିଭିନ୍ନ ଆସବାବପତ୍ର ରହିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଉଛି। ଜୟପୁର ଗୋଲ୍ଡେନ ହାଇଟ ଆପାର୍ଟମେଣ୍ଟର ଗୁପ୍ତ ଟ୍ରେଜେରୀରୁ ୧ କୋଟି ୩୮ ଲକ୍ଷ ୯୦ ହଜାର ଟଙ୍କା ଜବତ ହୋଇଛି। ଜୟପୁର ଟାଉନ ସ୍ଥିତ ତାଙ୍କ ଘରୁ ୪ ଲକ୍ଷ ୪୪ ହଜାର ଟଙ୍କା ଠାବ ହୋଇଛି। ଜବତ ଟଙ୍କା,ସୁନା ଗହଣା ଏବଂ ଧନସମ୍ପତ୍ତି ସମ୍ପର୍କରେ ପଚରାଉଚରା କରାଯାଇଥିଲେ ମଧ୍ୟ ସେ ଏହାର ହିସାବ ଦେଇ ପାରିନଥିଲେ। ଶେଷରେ ଭିଜିଲାନ୍ସ ତାଙ୍କ ନାମରେ ମାମଲା ରୁଜୁ କରି ଉଠାଇ ନେଇ ପଚରାଉଚରା କରୁଛି।

ଏହି ଚଢ଼ଉରେ ଭିଜିଲାନ୍ସର ୬ଟି ଟିମ୍ ସାମିଲ ଥିଲେ। ଏଥିରେ ୬ ଜଣ ଡିଏସ୍‌ପିଙ୍କ ସମେତ ୫ ଇନ୍ସପେକ୍ଟର ଓ ୯ ଜଣ ଏଏସଆଇ ଏବଂ ଅନ୍ୟ ସହକାରୀ କର୍ମଚାରୀ ସାମିଲଥିଲେ। ରାମଚନ୍ଦ୍ର ୧୯୮୯ ମାର୍ଚ୍ଚ ୯ତାରିଖରେ ସେ ଗ୍ରାମ୍ୟ ବନ କର୍ମଚାରୀ ଭାବେ ଚାକିରି ଆରମ୍ଭ କରିଥିଲେ। ପରେ ତାଙ୍କୁ ଜୟପୁର ଫରେଷ୍ଟ ଡିଭିଜନକୁ ବଦଳି କରାଯାଇଥିଲା। ସେବେଠୁ ସେ ଜୟପୁର ଡେପୁଟି ରେଞ୍ଜର ଏବଂ ରେଞ୍ଜର ଦାୟିତ୍ୱରେ ରହିଥିଲେ। ତାଙ୍କର ମାସିକ ଦରମା ୬୯ହଜାର ୬୮୦ଟଙ୍କା ଥିବା ବେଳେ ଅନ୍ୟାନ ମିଶି ସେ ୭୬ ହଜାର ୮୮୦ ଟଙ୍କା ପାଉଥିଲେ। ଆଜି ପର୍ଯ୍ୟନ୍ତ ସେ ସରକାରୀ ଚାକିରିରେ ଯୋଗଦେବା ପରଠୁ କୋରାପୁଟ ଜିଲ୍ଲାରେ କାର୍ଯ୍ୟ କରୁଛନ୍ତି। ଏହି କାର୍ଯ୍ୟକାଳ ସମୟରେ ଏକାଧିକ ଦୁର୍ନୀତି କରି ଟଙ୍କା ଅର୍ଜନ କରିଥିବା ଅଭିଯୋଗ ହୋଇଥିଲା। ଯେଉଁଥି ପାଇଁ ଭିଜିଲାନ୍ସ ଏହି ଅଭିଯୋଗର ତଦନ୍ତ କରି ସତ୍ୟାସତ ଜାଣିବା ପରେ ଆଜି ସକାଳୁ ଚଢଉ କରିଥିଲା। ଆଉ ୫ ମାସ ପରେ ସେ ଅବସର ନେଇଥାଆନ୍ତେ ବୋଲି ଜଣାପଡ଼ିଛି।

## ବଡ଼ ବର୍ଷାରେ...

ହେଉଥିବା ଯୋଗୁଁ ରାଜ୍ୟର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇବାର ଆଶଙ୍କା ରହିଛି। ଉଭୟ ଝାଡ଼ଖଣ୍ଡ ଏବଂ ଛତିଶଗଡ଼ରେ ଦୁଇ ଦିନ ପ୍ରବଳ ବର୍ଷା ଆଶଙ୍କା ରହିଥିବାରୁ ରାଜ୍ୟରେ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ହେବା ନେଇ ଜଳସମ୍ପଦ ବିଭାଗ ମଧ୍ୟ ସତର୍କ କରାଇଛି। ମୁଖ୍ୟତଃ ମହାନଦୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ବ୍ରାହ୍ମଣୀ ଓ ବୈତରଣୀ ଆଦି ନଦୀରେ ଜଳସ୍ତର ବଢ଼ିବ। ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି, ଗତକାଲିଠାରୁ ଆଜି ଭିତରେ ୧୫ ଜିଲ୍ଲାର ୪୩ ବ୍ଲକରେ ୫୦ ମିଲିମିଟର ଠାରୁ ଅଧିକ ବର୍ଷା ହୋଇଛି। ତେଣୁ ନଦୀଗୁଡ଼ିକୁ ଜଳପ୍ରବାହ ବୃଦ୍ଧି ପାଇଛି। ହୀରାକୁଦର ଏବେ ୨୦ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଛି। ସ୍ଥିତି ଦେଖି ଅଧିକ ଗେଟ୍ ଖୋଲିବା ନିଷ୍ପତ୍ତି ନିଆଯିବ। ତେବେ ବର୍ତ୍ତମାନ ସମସ୍ତ ନଦୀର ଜଳ ସ୍ତର ବିପଦ ସଂକେତ ତଳେ ରହିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ସତର୍କ ରହିବାକୁ ଏସ୍‌ଆର୍‌ସି ନିର୍ଦ୍ଦେଶ ଜାରି କରିଛନ୍ତି। ଅବପାତ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିଥିବାରୁ ଆସନ୍ତା ୨୮ ତାରିଖ ଯାଏଁ ସମୁଦ୍ରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି।

## ରାଜ୍ୟର କୌଣସି...

ତାଲିକା ଅନୁସାରେ ଆନ୍ଧ୍ରପ୍ରଦେଶ, କେରଳ ଏବଂ ତାମିଲନାଡୁର ସାମୁଦ୍ରିକ ଉତ୍ପାଦ ଯଥା ଚିଙ୍ଗୁଡ଼ି ଓ ଟୁନା ମାଛ ଭଳି ସାଂଗ୍ରୀ ରହିଥିବା ବେଳେ ଜମ୍ମୁ ଓ କଶ୍ମୀରର ପଶ୍ମିନା ସାଲ୍, କେଶର ଓ ବାସୁମତି ଚାଉଳ, ପଞ୍ଜାବ ଓ ହରିୟାଣାର ବାସୁମତି ଚାଉଳ ଏବଂ ଜଳନ୍ଧରର କ୍ରୀଡ଼ା ସାମଗ୍ରୀ, ଉତ୍ତରପ୍ରଦେଶର ଆଗ୍ରା ଓ କାନପୁରର ଚମଡ଼ା ସାମଗ୍ରୀ ଏବଂ ମୀରଟର କ୍ରୀଡ଼ା ଉପକରଣ ରପ୍ତାନି ହେବ। ସେହିପର ଗୁଜରାଟର ବାନ୍ଧଣୀ ଓ ସୁରଟର ବସ୍ତ୍ର, ମୋର୍ବିର ସେରାମିକ୍ସ ଏବଂ ସୁରଟର ହୀରା, ମହାରାଷ୍ଟ୍ରର କୋହ୍ଲାପୁରୀ ଚପଲ, ଅଙ୍ଗୁର ଓ ପିଆଜ ରପ୍ତାନୀ ହେବ। ପଶ୍ଚିମବଙ୍ଗର ଡାର୍ଜିଲିଂ ଚା, ବାଲୁଚରି ଶାଢି ଏବଂ ତ୍ରିପୁରାର ରବର ରପ୍ତାନିକୁ ପ୍ରୋତ୍ସାହନ ମିଳିବ। ତାମିଲନାଡୁର କାଞ୍ଚିପୁରମ୍ ଶାଢ଼ୀ, କେରଳର ମସଲା (ଗୋଲମରିଚ, ଅଳେଇଚ), କଫି ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ଉଦ୍ୟାନ କୃଷି ଉତ୍ପାଦ ରପ୍ତାନୀ ହେବ ଓ ଏଗୁଡ଼ିକ ଶୁଳ୍କମୁକ୍ତ ପ୍ରବେଶ ଦ୍ୱାରା ସିଧାସଳଖ ଲାଭ ପାଇବେ। କିନ୍ତୁ ଦୁଃଖର ବିଷୟ ଯେ ଓଡ଼ିଶାରୁ ଉତ୍ପାଦିତ ଏବଂ ପ୍ରସ୍ତୁତ ହେଉଥିବା ଅନେକ ସାମଗ୍ରୀର ବିଶ୍ୱ ବଜାରରେ ଚାହିଦା ରହିଥିଲେ ହେଁ ଏହି ଚୁକ୍ତିରେ ଓଡ଼ିଶାର ଗୋଟିଏ ବି ସେପରି ସାମଗ୍ରୀ ସ୍ଥାନ ପାଇନାହିଁ।

ବିଭିନ୍ନ ରାଜ୍ୟରୁ ରାପ୍ତାନୀ ହେବାକୁ ଥିବା ସାମଗ୍ରୀ ଭଳି ଓଡ଼ିଶାରେ ମଧ୍ୟ ଅନେକ ସାମଗ୍ରୀ ବିଦେଶରେ ସୁନାମ ଅର୍ଜନ କରିଛି। କୋରାପୁଟ କଫିଠାରୁ ଆରମ୍ଭ କରି କନ୍ଧମାଳ ହଳଦୀ, ଇକତ୍ ଶାଢ଼ି, ସମ୍ବଲପୁରୀ ଶାଢ଼ି ସହ କଟକର ତାରକସୀ କାରୁକାର୍ଯ୍ୟର ସାମଗ୍ରୀ ଆଦି ରପ୍ତାନୀ ହୋଇପାରିଥା'ନ୍ତା। ମାତ୍ର କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ତାଲିକାରେ କାହିଁକି ଓଡ଼ିଶାର କୌଣସି ସାମଗ୍ରୀକୁ ସ୍ଥାନ ଦିଆଯାଇ ନାହିଁ ତାକୁ ନେଇ ଏବେ ପ୍ରଶ୍ନ ଉଠିଛି।

ଏନେଇ ଓଡ଼ିଶାର ଜିଆଇ ବିଶେଷଜ୍ଞ ଡଃ ଅନିତା ସାବତ୍ କହିଛନ୍ତି ଯେ କେନ୍ଦ୍ର ସରକାରଙ୍କ ପ୍ରକାଶିତ ତାଲିକାରେ ଆନ୍ଧ୍ର ପ୍ରଦେଶରୁ ଆରୁକୁ କଫି ରପ୍ତାନୀ ହେବ ବୋଲି ଦର୍ଶାଯାଇଛି। ମାତ୍ର ଏହି କଫି ଉଭୟ ଆନ୍ଧ୍ର ଓ ଓଡ଼ିଶାର କୋରାପୁଟରେ ଉତ୍ପାଦନ ହୋଇଥାଏ। ଏମିତିକି ଜିଆଇ ମାନ୍ୟତା ବେଳେ ମଧ୍ୟ ଉଭୟ ଓଡ଼ିଶା ଏବଂ ଆନ୍ଧ୍ରକୁ ମିଳିତ ଭାବେ 'ଆରୁକୁ ଭ୍ୟାଲି ଆରାବିକା କଫି'ର ମାନ୍ୟତା ମିଳିଥିଲା। ସେହିପରି ହଳଦୀ ରପ୍ତାନୀରେ କନ୍ଧମାଳ ହଳଦୀ ବିଶ୍ୱସ୍ତରରେ ନାଁ ରହିଛି। ମାତ୍ର ଓଡ଼ିଶା ପ୍ରତି ଏଥିରେ ଅନ୍ୟାୟ କରାଯାଇଛି। ଓଡ଼ିଶାକୁ ମର୍ଯ୍ୟାଦା ମିଳିବା ଦରକାର। କେନ୍ଦ୍ର ସରକାର ପୂନର୍ବାର ଓଡ଼ିଶାର ନାଁ ରଖି ତାଲିକା ପ୍ରକାଶ କରିବାକୁ ଡଃ ସାବତ ଦାବି କରିଛନ୍ତି।

ବିଜେଡି ନିଜ ସୋସିଆଲ୍ ମିଡିଆ ପେଜ୍‌ରେ ଡବଲ ଇଂଜିନ ସରକାରଙ୍କ ଏଭଳି ଆଭିମୁଖ୍ୟକୁ ସମାଲୋଚନା କରିଛି। ପାଇକ ବିଦ୍ରୋହକୁ ଏନ୍‌ସିଆର୍‌ଟି ପାଠ୍ୟପୁସ୍ତକରୁ ବାଦ୍ ଦେଇ ପରବର୍ତ୍ତୀ ସମୟରେ ଭଲ୍ୟୁମ୍-୨ରେ ସ୍ଥାନ ମିଳିବା ଭଳି ଏହି କ୍ଷେତ୍ରରେ ମଧ୍ୟ ସମାନ ପନ୍ଥା ଗ୍ରହଣ କରାଯିବ କି ବୋଲି ଦଳ କଟାକ୍ଷ କରିଛି। ସେହିପରି କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍‌ଦୋସ୍ ମଧ୍ୟ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଏଭଳି ନିଷ୍ପତ୍ତି ପାଇଁ ସମାଲୋଚନା କରିଛନ୍ତି।


**AFFIDAVIT**

I , Farheen Alam W/o Sayed Alam Husaain, village-Bateswar Po/Ps-Salepur Dist-Cuttack , Pin -754202 ,Odisha declared by this affidavit No. 6465, dated 16/07/25 that now onwards I shall be known as Farheen Alam for all future purposes.

**AFFIDAVIT**

I, Abhishek Nirmal Modi S/o Nirmal Modi, Resident of Plot No-1050, Junus Patna, PO-College Square, PS-Malgodown, Dist-Cuttack, Odisha, PIN-753003 declare by this affidavit No.7862 dtd 24.07.2025 that now onwards I shall be known as **ABHISHEK MODI** for all future purposes.

**AFFIDAVIT**

I, Neetu Abhishek Modi W/o Abhishek Modi, Resident of Plot No-1050, Junus Patna, PO-College Square, PS-Malgodown, Dist-Cuttack, Odisha, PIN-753003 declare by this affidavit No.7860 dtd 24.07.2025 that now onwards I shall be known as **NEETU MODI** for all future purposes.

**AFFIDAVIT**

I, Sangeeta Nirmal Kumar Modi D/o Gopilal Agarwal, Resident of Plot No-1050, Junus Patna, PO-College Square, PS-Malgodown, Dist-Cuttack, Odisha, PIN-753003 declare by this affidavit No.7861 dtd 24.07.2025 that now onwards I shall be known as **SANGEETA NIRMAL MODI** for all future purposes.

**AFFIDAVIT**

I, Shraddha Nirmal Modi D/o Sangeeta Nirmal Modi, Resident of Plot No-1050, Junus Patna, PO-College Square, PS-Malgodown, Dist-Cuttack, Odisha, PIN-753003 declare by this affidavit No.7859 dtd 24.07.2025 that now onwards I shall be known as **SHRADDHA MODI** for all future purposes.

**AFFIDAVIT**

I Susanta Keshari Samal, S/o- Sesadev Samal, Resident of At/Po-Benipur, Ps-Nikirai, Dist- Kendrapara, PIN-754251, Odisha declare by this affidavit No.90 on dated 23.07.2025 that now onwards I shall be known as **SUSANT KESHARI SAMAL** for all future purposes.

**AFFIDAVIT**

By virtue of an affidavit No 7858 dated 24.07.2025 sworn before the Notary public, Cuttack, I Abhishek Modi changed my minor Daughters name from Vanisha Modi to Vanisha Abhishek Modi. Henceforth, she will be known as **VANISHA ABHISHEK MODI** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Padmapur, Dist.- Rayagada no. 304/2417125 dtd.24.7.2025, I, SRI HARIS CHANDRA SAHU, S/o- Late Raghunath Sahu resident of Vill.- Rayalapadar, Po.- Biripadar, Ps.- Padmapur, Dist.- Rayagada state that, I have changed my minor son's name from **Alok Sahu** to **Sridhar Sahu**. Henceforth he will be known as Sridhar Sahu for all purposes.

**AFFIDAVIT**

I, Kondavalasa Chandra Muli, aged 72 years, S/o- Late K C R Patnaik, resident of 7-3-16, Gonti Veedhi, PSMNH School Road, Dist- Srikakulam, PIN- 532001, Andhra Pradesh declared by this affidavit No-601, dtd- 23/07/2025 that now onwards I shall be known as **KONDAVALASA CHANDRA MOULI** for all future purposes.

**AFFIDAVIT**

I, Guru Charan Bandhu Charan Biswal, aged 60 years, S/o- Bandhu Charan Biswal, resident of HV-82, Hadibandhu Bihar, At-Kasoti, Po-Pandiri, Mahakalapada, Dist-Kendrapara, Odisha, Pin-754211 declared by this affidavit No-603, dtd-23/07/2025 that now onwards I shall be known as **GURU CHARAN BISWAL** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Nabarangpur, no.826 dtd.18.07.2025 I, SMT. MOUSUMI RANI ORAM, D/o- Shanti Oram resident of Senapati street, Po./Ps.- Nabarangpur, Dist.- Nabarangpur, Odisha state that, my actual name is Mousumi Rani Oram but in my State bank of India Passbook my name has been mentioned as Mausumi Harijan. Hence **Mousumi Rani Oram** and **Mausumi Harijan** is one and same person for all purposes.

**AFFIDAVIT**

I, Tumulu Dharmendra, S/o- Late Tumulu Srinivas, resident of Subham Bihar 4th lane, Somanath Nagar, Po-Berhampur, Ps-Town, Pin-760002, Dist- Ganjam, Odisha declare by this affidavit No- 22047, date-19/07/2025, that now onwards I shall be known as **TUMULU DHARMENDRA KUMAR** for all future purposes.

**LOST**

I Pragnya Paramita Das, D/o-Dipak Kumar Das, Preeti Enclave, Mishrapada, that I have lost my B. Tech original certificate, Visa documents, laptop bag with laptop, mobile phone while I was travelling from Bhubaneswar Baramunda Bus stand to Angul New Bus stand by bus no OD02CT2122.If anybody found please contact 7609960707.

Office of The Principal
**Biju Pattnaik (Degree) College of Sciences & Education**
Jayadev Vihar, Bhubaneswar -751013 (ODISHA)

**Quotation Call Notice Date :26/7/2025**

Sealed quotations are invited from GST Registered firm agencies before **30/7/2025** to supply desktop computers, UPS System, Multifunction Printers (MFM), Led TV (65 inch), Wireless Mic, cameras for virtual meetings, and internet Facilities etc. Under GOVT. of Odisha, upgrading IT Infrastructure funds. For details Logon to : www.bpdcse.in, bpcsed@gmail.com

# ୧୦ ବର୍ଷର ବାଳକ ଥାଲାସେମିଆ ରୋଗରେ ପୀଡ଼ିତ

**● ଅସ୍ଥିମଜ୍ଜା ପ୍ରତିରୋପଣ ପାଇଁ ଦରକାର ବିପୁଳ ଅର୍ଥ**
**● ସହାୟତା ପାଇଁ ବାପା-ମାଆଙ୍କ ଆକୁଳ ନିବେଦନ**

ରାଜଘାଟ, ୨୫।୭ (ସମିସ)

ବୟସ ମାତ୍ର ଦଶ ବର୍ଷ; ହେଲେ ମେଜର ଥାଲାସେମିଆ ରୋଗରେ ପୀଡ଼ିତ ବାଳକ। ଏହା ଏପରି ଏକ ରୋଗ ଯାହା ନିୟମିତ ରକ୍ତ ଆବଶ୍ୟକ କରେ ଏବଂ ଚିକିତ୍ସା ପାଇଁ ଏକମାତ୍ର ଉପଚାର ହେଉଛି ଅସ୍ଥିମଜ୍ଜା ପ୍ରତିରୋପଣ ବା ବୋନ୍‌ମାରୋ ଟ୍ରାନ୍ସପ୍ଲାଣ୍ଟ। ଆଉ ଏହି ଚିକିତ୍ସା ପାଇଁ ଦରକାର ବିପୁଳ ଅର୍ଥ। ଚିକିତ୍ସା ଲାଗି ପରିବାର ପକ୍ଷେ ଅର୍ଥାଭାବ ବାଧକ ସାଜିଥିବା ବେଳେ ପୁଅର ଜୀବନ ବଞ୍ଚାଇବା ପାଇଁ ବାପା-ମାଆ ଠାକୁରଙ୍କ ନିକଟରେ ଦୀପ ଜାଳିବା ସହିତ ସାଧାରଣରେ ସହାୟତା ଯୋଗାଇଦେବା ପାଇଁ କାକୁତି ମିନତି ହୋଇଛନ୍ତି। ଏମିତି ଏକ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ବସ୍ତା ବ୍ଲକ ବରୁଣଗଡ଼ିଆ ପଞ୍ଚାୟତ ଅଧୀନ ସଦାନନ୍ଦପୁର ଗ୍ରାମରେ। ସୂଚନା ଅନୁସାରେ ଗ୍ରାମର ଦିଲ୍ଲୀପ ପାତ୍ରଙ୍କ ପୁଅ ଶୁଭଙ୍କର(୧୦) ଙ୍କ ନିକଟରେ ଜନ୍ମ ହେବାର ୨ ବର୍ଷ ପରେ ମେଜର ଥାଲାସେମିଆ ରୋଗର ଲକ୍ଷଣ ଦେଖାଦେଇଥିଲା। ସେବେ ଠାରୁ ଶୁଭଙ୍କରଙ୍କର ସପ୍ତାହରେ ଗୋଟାଏ ଲେଖାଏଁ ରକ୍ତର ଆବଶ୍ୟକତା ଥିଲା। ତାଙ୍କର ରକ୍ତ ବିରଳ ('ଏ' ପଜିଜିଭ୍) ହୋଇଥିବାରୁ ଅଭାବ ମଧ୍ୟ ଦେଖାଦେଉଥିଲା। ଏହାର ଚୂଡ଼ାନ୍ତ ସମାଧାନ ଲାଗି ପିତାମାତା ପୁଅକୁ ନେଇ କଟକ ବଡ଼ ମେଡ଼ିକାଲରେ ଦେଖାଇଥିଲେ। ଡାକ୍ତର ତାଙ୍କୁ ମୁମ୍ବାଇର ଏକ ଘରୋଇ ହସ୍ପିଟାଲରେ ନେଇ ପୁଅକୁ ଦେଖାଇବାକୁ ଉପଦେଶ ଦେଇଥିଲେ। ତେବେ ପରିବାର ଲୋକେ ପୁଅକୁ ମୁମ୍ବାଇ ନେଇଯିବା ପରେ ଏହି ଚିକିତ୍ସା ପାଇଁ ଏକ ମାତ୍ର ଉପଚାର ହେଉଛି ଅସ୍ଥିମଜ୍ଜା ପ୍ରତିରୋପଣ ବା ବୋନମାରୋ ଟ୍ରାନ୍ସପ୍ଲାଣ୍ଟ। ଆଉ ଏହି ଅସ୍ତ୍ରୋପଚାର ପାଇଁ ୩୯ ଲକ୍ଷ ଟଙ୍କା ଦରକାର ବୋଲି ଡାକ୍ତର କହିଥିଲେ। ଶୁଭଙ୍କରଙ୍କ ବାପା ଜଣେ ଗରିବ ପରିବାରର ଏବଂ ଘରର ଆର୍ଥିକ ସ୍ଥିତି ସେତେ ବି ସ୍ୱଚ୍ଛଳ ନୁହେଁ। ଏକ ଘରୋଇ କମ୍ପାନୀରେ ସେଲ୍ସ ରିପ୍ରେଜେଣ୍ଟେଟିଭ୍ ଭାବେ କାର୍ଯ୍ୟ କରନ୍ତି। ସ୍ୱଳ୍ପ ଜମିବାଡି ଥିବା ବେଳେ ସେଥିରୁ ଯାହା ଅମଳ ହୋଇଥାଏ ସେଥିରେ ହସଖୁସିରେ ପରିବାର ଚଳି ଯାଉଥିଲା। ମାତ୍ର ପୁଅର ଚିକିତ୍ସା ପାଇଁ ଯେ ଏତେ ଟଙ୍କାର ଆବଶ୍ୟକତା ତାହା ଡାକ୍ତରଙ୍କ ଠାରୁ ଶୁଣି ପରିବାର ଲୋକଙ୍କ ପାଦତଳୁ ମାଟି ଖସି ଯାଇଥିଲା। ଦିଲ୍ଲୀପ ଜମିବାଡ଼ିକୁ ବିକ୍ରି କରିଦେଇ ଏବଂ ନିଜ ଅସ୍ଥିମଜ୍ଜା ପୁଅଦେହରେ ପ୍ରତିରୋପଣ କରିବାର ମନସ୍ଥ କରିଥିବା ବେଳେ ଅସ୍ତ୍ରୋପଚାର ପାଇଁ ଅନେକ ଗୁଡ଼ିଏ ଟଙ୍କାର ଆବଶ୍ୟକତା ଥିବା ହେତୁ ସେ ଭାଙ୍ଗିପଡ଼ିଛନ୍ତି। ତେଣୁ ସରକାର କିମ୍ବା କୌଣସି ସହୃଦୟ ବ୍ୟକ୍ତି ସହାୟତାର ହାତ ବଢ଼ାଇବାକୁ ପରିବାର ଲୋକେ ଆକୁଳ ନିବେଦନ କରିଛନ୍ତି।



## କଣ୍ଟେନର ଓ ବାଇକ୍ ମୁହାଁମୁହିଁ ଧକ୍କା
# ଜଣେ ମୃତ; ୨ ଗୁରୁତର

ଚନ୍ଦନେଶ୍ୱର, ୨୫।୭ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅଧୀନ ଜଗନ୍ନାଥପୁର ପଞ୍ଚାୟତର ନସ୍କରପୁରରେ ମାଛ ବୋଝେଇ କଣ୍ଟେନର ବାଇକ୍‌କୁ ଧକ୍କାଦେବାକୁ ଜଣେ ମହିଳାଙ୍କର ଘଟଣାସ୍ଥଳରେ ମୃତ୍ୟୁଘଟିଥିବା ବେଳେ ୨ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ମୃତ ମହିଳା ଜଣକ ହେଲେ ନୀଳଗିରି ଝଡ଼ିବାଲି ଗ୍ରାମର ଆଶାକର୍ମୀ ସୁକାନ୍ତି ନାୟକ (୪୦) ଏବଂ ଗୁରୁତର ଦ୍ୱୟହେଲେ ତାଙ୍କ ଝିଅ ନମିତା ନାୟକ (୨୪) ଓ ତାଙ୍କ ଭଣଜା ସଞ୍ଜୟ କବାଟ(୩୧)। ଉତ୍ତ୍ୟକ୍ତ ଲୋକେ ଦୁର୍ଘଟଣା ଘଟାଇଥିବା କଣ୍ଟେନରକୁ ଅଟକ ରଖିଛନ୍ତି।

ସୂଚନାନୁଯାୟୀ, ଶୁକ୍ରବାର ନୀଳଗିରି ଝଡ଼ିବାଲି ଗ୍ରାମର ଆଶାକର୍ମୀ ସୁକାନ୍ତି ଓ ଝିଅ ନମିତା ଏବଂ ତାଙ୍କ ଭଣଜା ସଞ୍ଜୟ ଚନ୍ଦନେଶ୍ୱର ମନ୍ଦିରକୁ ପାଣି ଢାଳିବାକୁ ଆସିଥିଲେ। ପାଣି ଢ଼ାଳି ସାରିବା ପରେ ଏକ ବାଇକ ଯୋଗେ ଫୁଲବଣୀ ଗ୍ରାମର ଥିବା ତାଙ୍କର ସମ୍ପର୍କୀୟଙ୍କ ଘରକୁ ଯାଉଥିବା ବେଳେ ସନ୍ଧ୍ୟା ୭ଟା ୩୦ ମିନିଟ ସମୟରେ ନସ୍କରପୁରରେ କୀର୍ତ୍ତନିଆ ପଟୁ ଆସୁଥିବା ମାଛ ବୋଝେଇ କଣ୍ଟେନର (ଓଡି ୦୧ ଏଏଲ ୭୨୮୨) ବାଇକ (ଓଡି-୦୧ଡି-୮୪୨୮) କୁ ଧକ୍କା ଦେଇଥିଲା। ବାଇକ୍‌ଆରୋହୀ ସଞ୍ଜୟ ଓ ନମିତା ବାଇକରୁ ଛିଟିକି ପଡ଼ିଥିବା ବେଳେ ଆଶାକର୍ମୀ ସୁକାନ୍ତିଙ୍କର ମୁଣ୍ଡ ଉପର ଦେଇ କଣ୍ଟେନରର ପଛ ଚକ ଚାଲିଯାଇଥିବା ବେଳେ ଘଟଣାସ୍ଥଳରେ ସୁକାନ୍ତିଙ୍କର ମୃତ୍ୟୁ ଘଟିଥିଲା। ବାଇକ ଆରୋହୀ ସଞ୍ଜୟ ଓ ନମିତାଙ୍କୁ ଗୁରୁତର ଆହତ ଅବସ୍ଥାରେ ଲୋକମାନେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଭୋଗରାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିବା ବେଳେ ମାଛ ବୋଝେଇ କଣ୍ଟେନରକୁ ଲୋକମାନେ ଅଟକ ରଖିଛନ୍ତି। ଘଟଣାସ୍ଥଳରେ ଉତ୍ତେଜନା ଲାଗିରହିଥିଲା। ଥାନା ଅଧିକାରୀ ଓ ଚନ୍ଦନେଶ୍ୱର ଫାଣ୍ଡି ଅଧିକାରୀ ବନ ବିହାରୀ ଶତପଥି ପ୍ରମୁଖ ପହଞ୍ଚି ତଦନ୍ତ ଆରମ୍ଭ କରଛନ୍ତି।

# ଆବାସ ସର୍ଭେ ବେଳେ ପିଇଓ ଆକ୍ରମଣର ଶିକାର



ଜଳେଶ୍ୱର ବ୍ଲକ, ୨୫।୭ (ସମିସ): ଜଳେଶ୍ୱର ପଞ୍ଚାୟତ ସମିତି ଅଧୀନସ୍ଥ ଚମାରଗାଁ ଗ୍ରାମ ପଞ୍ଚାୟତର ପ୍ରଧାନମନ୍ତ୍ରୀ ଆବାସ ଗୃହ ସର୍ଭେ ବେଳେ ଆକ୍ରମଣର ଶିକାର ହେଇଛନ୍ତି ପିଇଓ। ସର୍ଭେ କରିବା ପାଇଁ ପିଇଓ ଜୀବନ କୁମାର ଦାସ ଗତକାଲି ୫ଟା ୩୦ ମିନିଟ ସମୟରେ କିଛି ଗ୍ରାମବାସୀ ଓ ଗ୍ରାମର ନବୀନ ପରିଡ଼ାଙ୍କ ସହିତ ସର୍ବଜିତ୍ ରାୟଙ୍କ ଘରକୁ ଯାଇଥିଲେ। କିନ୍ତୁ ସର୍ବଜିତ କିଛି ନ ଶୁଣି କାର୍ଯ୍ୟରତ ପିଇଓଙ୍କୁ ଗାଳିଗୁଲଜ କରିବା ସହିତ ମୋବାଇଲ ଓ ଗାଡ଼ିଚାବି ଛଡ଼ାଇନେଇଥିଲା। ଏଥିସହିତ ତଣ୍ଟିକୁ ଚିପି ମୁଣ୍ଡରେ ପିଟି ଆଘାତ କରିବା ସହିତ ଜୀବନରୁ ମାରିଦେବାର ଧମକ ଦେଇ ଥିବାରୁ ଆଜି ଜଳେଶ୍ୱର ପଞ୍ଚାୟତ ସମିତିର ପିଇଓ ଜୀବନ କୁମାର ଦାସ ରାଇବଣିଆ ଥାନରେ ଅଭିଯୋଗ କରିଛନ୍ତି। ଏଥିସହିତ ତାଙ୍କୁ ନ୍ୟାୟ ପ୍ରଦାନ କରାଯିବ ସହ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

# ଲୁଗା ଦୋକାନରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ବାଲେଶ୍ୱର, ୨୫।୭ (ସମିସ): ବାଲେଶ୍ୱର ଟାଉନ ଥାନା ଅଧୀନ ଗୋଳାପୋଖରୀ ଛକରେ ଥିବା ପୌରପାଳିକା ମାର୍କେଟ କମ୍ପ୍ଲେକ୍ସର ଏକ ଲୁଗା ଦୋକାନରେ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। ୨୧ ନମ୍ବର ରୁମରେ ଥିବା 'ସବନମ ଷ୍ଟୋର'କୁ ଟାର୍ଗେଟ କରି ଲୁଟ କରିଛନ୍ତି ଦୁର୍ବୃତ୍ତ। ପ୍ରତ୍ୟେକ ଦିନ ପରି ୨୪ ତାରିଖ ରାତି ୧୦ ଘଟିକାରେ ଦୋକାନ ମାଲିକ ସେଖ ଗୋଲାମ ଜୁଲ୍ ଜଲାଲ ମହମ୍ମଦ ଦୋକାନ ବନ୍ଦକରି ଘରକୁ ଯାଇଥିଲେ। ୨୫ ତାରିଖ ଶୁକ୍ରବାର ସକାଳ ସାଢ଼େ ୮ଟା ବେଳେ ଦୋକାନ ଖୋଲିବାକୁ ଆସିବାରୁ ଦୁଇଟି ଯାକ ତାଲା ଭାଙ୍ଗି ଦୋକାନ ଭିତରେ ଥିବା ସମସ୍ତ ଲୁଗା ଯଥା ବୁର୍ଖା, ଲୁଙ୍ଗି, ପଞ୍ଜାବୀ, ପାଇଜାମା, ନାଇଟି, ଷ୍ଟଲ ଆଦି ବିକ୍ରି ସାମଗ୍ରୀ ଲୁଟ ହୋଇଯାଇଥିବା ଦୋକାନ ମାଲିକ ଗୋଲାମ ଅଭିଯୋଗ କରିଛନ୍ତି। ଏହା ସହ କ୍ୟାସ ବକ୍ସରେ ଥିବା ନଗଦ ପାଞ୍ଚ ହଜାର ଟଙ୍କା ମଧ୍ୟ ଲୁଟେରା ମାନେ ନେଇଯାଇଛନ୍ତି। ଲୁଟ ହୋଇଥିବା ଲୁଗାର ଆନୁମାନିକ ମୂଲ୍ୟ ୭୦ ହଜାର ଟଙ୍କା ହେବ ବୋଲି ଗୋଲାମ ଏତଲାରେ ଦର୍ଶାଇଛନ୍ତି। ତେବେ ଏତଲା ପାଇବା ପରେ ଟାଉନ ଥାନା ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିବା ବେଳେ ଆଖପାଖରେ ଲାଗିଥିବା କ୍ୟାମେରାରୁ ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି ବୋଲି ଆଇଆଇସି ବିଜୟ କୁମାର ଦାସ ସୂଚନା ଦେଇଛନ୍ତି। ଖୁବ୍‌ଶୀଘ୍ର ଲୁଟେରାଙ୍କୁ କାବୁ କରାଯିବ ବୋଲି ଆଇଆଇସି ଶ୍ରୀ ଦାସ ସୂଚନା ଦେଇଛନ୍ତି।



# ମଦ ଜବତ; ୨ ଗିରଫ

ରାଜଘାଟ, ୨୫।୭ (ସମିସ): ବସ୍ତା ଅବକାରୀ ବିଭାଗ ପକ୍ଷରୁ ବସ୍ତା ଥାନା ଅନ୍ତର୍ଗତ ଜୟନଗରପାଟଣା ଓ ନଳବାହାର ଠାରେ ଚଢଉ କରାଯାଇ ୨ ମଦ ବେପାରୀଙ୍କୁ ଗିରଫ୍ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ୨୫ ଲିଟର ଦେଶୀମଦ ଜବତ ହୋଇଛି। ଗିରଫ୍ ଅଭିଯୁକ୍ତମାନେ ହେଲେ ଏହି ଥାନା ଅଧୀନ ଜୟନଗରପାଟଣା ଗ୍ରାମର ବିକର୍ତ୍ତନ ପାତ୍ର(୩୫) ଓ ନଳବାହାର ଅଞ୍ଚଳର ଦିଲ୍ଲୀପ କୁମାର ବାରିକ(୩୫)। ଏସଂକ୍ରାନ୍ତରେ ଅବକାରି ଥାନାରେ ୨ଟି ପୃଥକ୍ ପୃଥକ୍ ମାମଲା ରୁଜୁ କରାଯାଇ ଗିରଫ୍ ଅଭିଯୁକ୍ତ ଦ୍ୱୟଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ଉକ୍ତ ଚଢାଉ ସମୟରେ ଥାନା ଅଧିକାରିଣୀ ପ୍ରଜ୍ଞାପ୍ରିୟଙ୍କା ନାୟକ, ଏଏସଆଇ ଦିଲ୍ଲୀପ କୁମାର ଟୁଡୁଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ସାମିଲ ଥିଲେ।

# ଧାନବସ୍ତା ଚୋରି; ୨ଯୁବକଙ୍କ ନାମରେ ଅଭିଯୋଗ

ରାଜଘାଟ, ୨୫।୭ (ସମିସ): ବସ୍ତା ଥାନା ସଦାନନ୍ଦପୁର ଗ୍ରାମର ଦୁଇ ଯୁବକ ଗ୍ରାମର କିଛି ଲୋକଙ୍କ ଘରୁ ଧାନବସ୍ତା ଚୋରି କରିଥିବା ନେଇ ଗ୍ରାମବାସୀ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଗ୍ରାମର ଦୁଇ ଯୁବକ ଅମିତ କୁମାର ପରିଡ଼ା ଓ ଚନ୍ଦନ କୁମାର ଦାସ ଗ୍ରାମର କିଛି ଲୋକଙ୍କ ଘରୁ ୨୦ରୁ ୩୦ ବସ୍ତା ଧାନ ଦୁହେଁ ଚୋରି କରିଥିଲେ। ଏନେଇ ଲୋକଙ୍କ ଅଭିଯୋଗ କ୍ରମେ ଗତ ମଙ୍ଗଳବାର ସନ୍ଧ୍ୟାରେ ଗ୍ରାମବାସୀ ଏବଂ ୨ ଯୁବକଙ୍କୁ ନେଇ ଜରୁରୀ ବୈଠକ ଶ୍ରୀ ଜଗନ୍ନାଥ ମହାପ୍ରଭୁ ମନ୍ଦିର ପ୍ରାଙ୍ଗଣରେ ବସିଥିଲା। ଉକ୍ତ ବୈଠକରେ ଅମିତ ସହଯୋଗୀ ଚନ୍ଦନ ସହ ଉକ୍ତ ଚୋରି କରିଥିବା ସର୍ବ ସମ୍ମୁଖରେ ସ୍ୱୀକାର କରିଥିବା ବେଳେ ଚନ୍ଦନ ସମସ୍ତ ସାକ୍ଷ୍ୟ ପ୍ରମାଣ ସତ୍ତ୍ୱେ ନିଜକୁ ଦୋଷୀ ବୋଲି ସ୍ୱିକାର କରି ନଥିଲା। ଫଳରେ ଗାଁ ନିଷ୍ପତ୍ତି କ୍ରମେ ମୁଖିଆ ରମାକାନ୍ତ ସେଠୀଙ୍କ ସମେତ ୪୦ରୁ ଅଧିକ ଗ୍ରାମବାସୀ ଦୁଇ ଯୁବକଙ୍କୁ ଗିରଫ କରିବା ପାଇଁ ଅମର୍ଦ୍ଦାରୋଡ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଥାଉକି କିଛି ଦିନ ପୂର୍ବେ ସେହି ଗାଁର ମା ଲକ୍ଷ୍ମୀ ଠାକୁରାଣୀଙ୍କ ମନ୍ଦିରରୁ ଗହଣା, ୨ଟି ସାଉଣ୍ଡ ମେସିନ, ଟୁଲୁ ମୋଟର, ଇନଭର୍ଟର ଚୋରି ହୋଇଥିଲା। ଯାହାକି ପୂର୍ବରୁ ଫାଣ୍ଡିରେ ଅଭିଯୋଗ ମଧ୍ୟ ହୋଇଥିଲା। ତେବେ ଉକ୍ତ ଚୋରିରେ ମଧ୍ୟ ଦୁହିଙ୍କର ସମ୍ପୃକ୍ତି ଥିବା ଗ୍ରାମବାସୀ ସନ୍ଦେହ କରିଛନ୍ତି। ଫାଣ୍ଡି ଅଧିକାରୀ ବିଜୟ କୁମାର ବାରିକ ଘଟଣାର ତଦନ୍ତ ଜାରି ରଖିଛନ୍ତି।

# ଭୂମିପୁତ୍ର ସେବା ପ୍ରତିଷ୍ଠାନ ତରଫରୁ ସଚେତନତା କାର୍ଯ୍ୟକ୍ରମ

ସୋର, ୨୫।୭ (ସମିସ): ଭୂମିପୁତ୍ର ସେବା ପ୍ରତିଷ୍ଠାନ ତରଫରୁ ସୋର ବ୍ଲକ ଅନ୍ତର୍ଗତ ଗୁଡ୍ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚତନତା କାର୍ଯ୍ୟକ୍ରମ ଅନଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରାଳୟ ଅନ୍ତର୍ଗତ ମୋ ଯୁବ ଭାରତ, ବାଲେଶ୍ୱର ସହାୟତାରେ ଏହି ଏକ ଦିବସୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଗୁଡ ପଞ୍ଚାୟତର ସରପଞ୍ଚ ବାସନ୍ତୀ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସୋର ବ୍ଲକର ଅତିରିକ୍ତ ବିଡିଓ ଅମିୟ ରଞ୍ଜନ ନାଥ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସହକାରୀ ସାଧାରଣ ପରିଚାଳକ ରତିକାନ୍ତ ପାଣଗ୍ରାହୀ, ସୋର ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଜୟ ଲକ୍ଷ୍ମୀ ବେହେରା, ଜୟନ୍ତ କୁମାର ଦାସ, ପିତାମ୍ବର ଜେନା, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଶାଖା ପରିଚାଳକ ବିପ୍ଳବ କୁମାର ମେହେର, ଗୁଡ୍ ପଞ୍ଚାୟତର ନିର୍ବାହୀ ଅଧିକାରୀ ଚନ୍ଦନ କୁମାର ନାୟକ ପ୍ରମୁଖ ଉପସ୍ଥିତ ହୋଇ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଉପସ୍ଥିତ ଅତିଥି ମାନେ କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅବତାରଣା କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମର ଯୁବଗୋଷ୍ଠୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ପଞ୍ଚାୟତ ପ୍ରତିନିଧି, ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ଭୂମିପୁତ୍ରର ସମ୍ପାଦକ ଶିଶିର ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ନିଳକଣ୍ଠ ଦାଶ, ଜୟପ୍ରକାଶ ଦାଶ, ହରିଶ୍ ଜେନା ଓ ଜ୍ୟୋତିପ୍ରକାଶ ପାତ୍ର ସହଯୋଗ କରିଥିଲେ।

# ପୂର୍ବତନ ସରପଞ୍ଚଙ୍କ ପରଲୋକ

ବାଲିଆପାଳ, ୨୫।୭ (ସମିସ): ବାଲିଆପାଳ ବ୍ଲକ ଅଧୀନ କୁମ୍ଭାରୀ ଗ୍ରାମର ପ୍ରାକ୍ତନ ପ୍ରଧାନଶିକ୍ଷକ ତଥା କୁମ୍ଭାରି ପଞ୍ଚାୟତର ପୂର୍ବତନ ସରପଞ୍ଚ ଚନ୍ଦ୍ରମୋହନ ଦେଙ୍କ ୯୬ ବର୍ଷ ବୟସରେ କୁମ୍ଭାରୀ ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ଦୀର୍ଘଦିନ ଧରି ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ୧୯୮୮ ମସିହାରେ ସେ ରାଉରକେଲା ଉଚ୍ଚ ବିଦ୍ୟାଳୟରୁ ଅବସର ଗ୍ରହଣ କରିବା ପରେ କୁମ୍ଭାରୀ ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ଜଣେ ଶାନ୍ତ, ସରଳ, ଜ୍ଞାନୀ, ଗୁଣୀ ଏବଂ ବିଚାରବନ୍ତ ବ୍ୟକ୍ତି ଭାବରେ ସେ ବାଲିଆପାଳ ଅଞ୍ଚଳରେ ବେଶ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ଉଜ୍ଜ୍ୱଳ, ଅରୁଣ, ତପନ, ଦ୍ୱାଇଁ ଯୋଗେଶ ଚନ୍ଦ୍ର ପ୍ରଧାନ, ସୁରେଶ ପ୍ରଧାନ, ଝିଅ, ପୁଷ୍ପ ମଞ୍ଜରୀ, ସଞ୍ଚିତା, ପୁତ୍ରବଧୂ, ମୀନାରାଣୀ, ରଶ୍ମିତା, ନିତା, ପୁତୁରା, ସୁଶୀଲ ଦେ, ଅନିଲ ଦେ ଓ ପ୍ରଦୀପ ଦେ ପ୍ରମୁଖ ଉପସ୍ଥିତ ଥିଲେ। ଖବର ପାଇ ସ୍ଥାନୀୟ ଅଞ୍ଚଳରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକବ୍ୟକ୍ତ କରିଥିଲେ।



# ଟିପିଏନ୍‌ଓଡିଏଲର ମିଟର୍ ପରୀକ୍ଷଣ ଲ୍ୟାବ୍‌କୁ ଏନ୍‌ଏବିଏଲ୍ ମାନ୍ୟତା

## ଗ୍ରାହକ ବିଶ୍ୱସନୀୟତା ଓ ସେବା ଉତ୍କର୍ଷରେ ଉନ୍ନତି ଆଣିବା ଦିଗରେ ଏକ ମାଇଲଖୁଣ୍ଟ

ବାଲେଶ୍ୱର, ୨୫।୭ (ସମିସ): ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ୍)ର ବାଲେଶ୍ୱରରେ ଥିବା ମିଟର ପରୀକ୍ଷଣ ଲ୍ୟାବକୁ ସମ୍ମାନଜନକ ନ୍ୟାସନାଲ୍ ଆକ୍ରିଡେସନ୍ ବୋର୍ଡ ଅଫ୍ ଟେଷ୍ଟିଂ ଆଣ୍ଡ କାଲିବ୍ରେସନ୍ ଲାବୋରେଟୋରିଜ୍ (ଏନ୍‌ଏବିଏଲ୍) ମାନ୍ୟତା ପ୍ରଦାନ କରାଯାଇଛି। ଏହି ମାନ୍ୟତା ହେଉଛି ଲ୍ୟାବର ବୈଷୟିକ ଦକ୍ଷତା, ଆନ୍ତର୍ଜାତିକ ମାନ ପୂରଣ କରିବା ଓ ଭରସାଯୋଗ୍ୟ ପରୀକ୍ଷଣ ଫଳାଫଳ ପ୍ରଦାନ କରିବାର ଏକ ପ୍ରମାଣ। ସଫଳତା ଦ୍ୱାରା ଉତ୍ତର ଓଡ଼ିଶାର ଉପଭୋକ୍ତାମାନେ ବେଶ୍ ଉପକୃତ ହେବେ। ଉକ୍ତ ମାନ୍ୟତା ସହ ମିଟର ପରୀକ୍ଷଣ ଲ୍ୟାବ୍‌ର ସଠିକତା ଓ ଭରସାଯୋଗ୍ୟତା ପାଇଁ ମାନ୍ୟତା ହାସଲ କରିଛି। ଆଇଏଲ୍‌ଏସି ମ୍ୟୁଚୁଆଲ୍ ରେକଗ୍ନିସନ୍ ଏଗ୍ରିମେଣ୍ଟ (ଆଇଏଲ୍‌ଏସି ଏମ୍‌ଆର୍‌ଏ) ଅଧୀନରେ ମାନ୍ୟତା ମିଳିଛି। ଯାହା ଲ୍ୟାବ୍ ପରୀକ୍ଷଣର ଫଳାଫଳରେ ବିଶ୍ୱସ୍ତରୀୟ ବିଶ୍ୱସନିୟତା ପ୍ରଦାନ କରୁଛି। ଅନ୍ତର୍ଜାତୀୟ ମାନ୍ୟତା ମିଟରିଂ ଓ ବିଲିଂ ପ୍ରକ୍ରିୟାରେ ସ୍ୱଚ୍ଛତା ସହ ଉପଭୋକ୍ତାଙ୍କ ବିଶ୍ୱାସରେ ଆହୁରି ଉନ୍ନତି ଆଣିପାରିଛି। ଏନ୍‌ଏବିଏଲ୍ ମାନ୍ୟତା ପ୍ରତି ଯାତ୍ରାରେ ମାସ ମାସର କଠୋର ପ୍ରସ୍ତୁତି, ସିଷ୍ଟମ୍‌ରେ ଉନ୍ନତି ଏବଂ କମ୍ପାନିର କମର୍ସିଆଲ୍ ଓ ସିଏସ୍‌ଆର୍ ମୁଖ୍ୟ ଶ୍ରୀ ଜୟଦୀପ ରୟଙ୍କ ମାର୍ଗଦର୍ଶନରେ ଲ୍ୟାବ୍ ମୁଖ୍ୟ ସଞ୍ଜୀବ କୁମାର ଜେନା, କ୍ୱାଲିଟି ମ୍ୟାନେଜର ଧୀରଜ ମେହେଟ୍ଟା, ବୈଷୟିକ ମ୍ୟାନେଜର ସୁମନ୍ତ ଘୋଷ ଓ ଅନ୍ୟମାନଙ୍କୁ ନେଇ ଗଠିତ ମିଟର ପରୀକ୍ଷଣ ଟିମ୍‌ର ପ୍ରତିବଦ୍ଧତା ରହିଥିଲା। ସେମାନଙ୍କ ଉଦ୍ୟମ ଜଟିଳ ପରୀକ୍ଷଣ ପରିସ୍ଥିତିକୁ ପରିଚାଳନା କରିବା ପାଇଁ ଲ୍ୟାବ୍ ପ୍ରସ୍ତୁତିକୁ ସୁନିଶ୍ଚିତ କରିଥିବା ବେଳେ ନିରନ୍ତରତା, ସଠିକତା ଏବଂ ବିଶ୍ୱସ୍ତରୀୟ ମାନଦଣ୍ଡ ପାଳନ କରିଥିଲା। ଅବସରରେ ଟିପିଏନ୍‌ଓଡିଏଲ୍‌ର ସିଇଓ ଗଜାନନ କାଲେ କହିଛନ୍ତି ଯେ, ଏନ୍‌ଏବିଏଲ୍ ମାନ୍ୟତା କେବଳ ଏକ ବୈଷୟିକ ସଫଳତା ନୁହେଁ, ଏହା ହେଉଛି ଆମ ଗ୍ରାହକମାନଙ୍କୁ ଆମେ ଦେଇଥିବା ପ୍ରତିଶ୍ରୁତିକୁ ପାଳନ ଭଳି। ଅନ୍ତର୍ଜାତୀୟ ମାନ୍ୟତା ଦକ୍ଷତା ସହ ବିଦ୍ୟୁତ୍‌ର ପ୍ରତିଟି ଉପକରଣକୁ ଅତ୍ୟନ୍ତ ସଠିକତା ଓ ସଚ୍ଚୋଟତାର ସହ ପରୀକ୍ଷଣ କରାଯାଉଛି। ଆମ ମାଇଲଖୁଣ୍ଟ ଆମର ନବସୃଜନ ଏବଂ ସେବା ପ୍ରଦାନରେ ଉତ୍କର୍ଷତା ପ୍ରତି ରହିଥିବା ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ସଫଳତା ଗ୍ରାହକ କୈନ୍ଦ୍ରୀକ ୟୁଟିଲିଟି ପ୍ରଦାନକାରୀ ଭାବେ ଟିପିଏନ୍‌ଓଡିଏଲ୍‌ର ସ୍ଥିତିକୁ ସୁଦୃଢ଼ କରିଥିବା ବେଳେ ନିରନ୍ତର ଉନ୍ନତି ଓ ନବସୃଜନ ଉପରେ ଗୁରୁତ୍ୱାରୋପ କରୁଛି। ସେବାର ଗୁଣାତ୍ମକ ମାନରେ ଉନ୍ନତି ଆଣିବା, ଗ୍ରାହକ ବିଶ୍ୱାସ ଗଠନ କରିବା ଏବଂ ସମସ୍ତ ପରିଚାଳନା କ୍ଷେତ୍ରରେ ଉତ୍କର୍ଷତାର ସଂସ୍କୃତିକୁ ସୁଦୃଢ଼ କରିବା ପାଇଁ କମ୍ପାନିର ବ୍ୟାପକ ମିସନ ସହିତ ଏହା ସମନ୍ୱିତ ରହିଛି।



# ଜାତୀୟ ସେବା ଯୋଜନା ସମୀକ୍ଷା କାର୍ଯ୍ୟକ୍ରମ

ବାଲେଶ୍ୱର, ୨୫।୭ (ସମିସ): ରେମୁଣା ବ୍ଲକ ଅଧୀନ ରେମୁଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଧକ୍ଷ ଡ. ପ୍ରଶାନ୍ତ କୁମାର ମହାନ୍ତି ଅଧ୍ୟକ୍ଷତା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ କାର୍ଯ୍ୟକ୍ରମରେ ଜାତୀୟସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ୍ ଏବଂ ସମ୍ମାନିତ ଅତିଥିଭାବେ ଉଚ୍ଚ ଶିକ୍ଷା ପରିଷଦର କାର୍ଯ୍ୟକ୍ରମ ସଂଯୋଜକ ଡ. ବିଶ୍ୱମୋହନ ଜେନା ଓ ରେମୁଣା ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷା ଡ. ମାଳତୀ ସାମଲ ଯୋଗଦେଇ ଜାତୀୟ ସେବା ଯୋଜନାର ସଫଳ ରୂପାୟନ ପାଇଁ ମାର୍ଗଦର୍ଶନ କରିଥିଲେ। ଅଧ୍ୟାପିକା ଡ. ଏଲିନା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଅରିନ୍ ପତି ବେଦପାଠ କରିଥିଲେ। କାର୍ଯ୍ୟକ୍ରମରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରୋଗ୍ରାମ ଅଫିସର ଯୋଗଦେଇ ସେମାନଙ୍କ ଦ୍ୱାରା ଆୟୋଜିତ ହୋଇଥିବା ସାମାଜିକ କାର୍ଯ୍ୟକ୍ରମର ସଫଳ କାହାଣୀ ବିଷୟରେ ଆଲୋଚନା କରିଥିଲେ। ଏଥିସହ ଆଗାମୀ ଦିନରେ ଯେଉଁସବୁ କାର୍ଯ୍ୟକ୍ରମ ଆୟୋଜିତ ହେବ ସେ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିୟୁଡିଏସ୍ (ବାଲ୍ ଉମଙ୍ଗ ଦୃଶ୍ୟ ସଂସ୍ଥା) ଅଧୀନ ଯୁବପିଢିଙ୍କ ନିମନ୍ତେ ଶାରୀରିକ ଦକ୍ଷତା ମୂଲ୍ୟାୟନ ସମ୍ବନ୍ଧୀୟ ଶିକ୍ଷା ବିଷୟରେ କପ୍ତିପଦା ମହାବିଦ୍ୟାଳୟର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ଡ. ଦିପାଳୀ ମହାନ୍ତ ବକ୍ତବ୍ୟ ରଖିଥିଲେ। ଆଭାସୀରେ ଯୁବ ଅଧିକାରୀ ଅଜିତ କୁମାର ଖୁସୱା ମୋ ଯୁବ ଭାରତ ବିଷୟରେ ଆଲୋକପାତ କରିଥିଲେ। ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ସହକାରୀ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ହୃଷୀକେଶ ପଣ୍ଡା, ଭଦ୍ରକ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ କମଳାକାନ୍ତ ଓଝା, ମୟୂରଭଞ୍ଜ ଜିଲ୍ଲା ସହକାରୀ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ମନୋଜ ରଞ୍ଜନ ଦାଶ ଓ ପ୍ରୋଗ୍ରାମ ଅଫିସର ରାଜେନ୍ଦ୍ର କମିଲା ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉପସ୍ଥିତ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଓ ସହକାରୀ କାର୍ଯ୍ୟକ୍ରମ ଅଧିକାରୀଙ୍କୁ ସେମାନଙ୍କର କାର୍ଯ୍ୟଦକ୍ଷତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ରେମୁଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଞ୍ଚଳିକ ନିର୍ଦ୍ଦେଶାଳୟର ମଳୟ କୁମାର ତ୍ରିପାଠୀ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ସୌଭାଗ୍ୟ ଗିରି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶେଷରେ ପ୍ରୋଗ୍ରାମ ଅଫିସର ରାଜେନ୍ଦ୍ର କମିଲା ଧନ୍ୟବାଦ ଅର୍ପଣ କରିଥିଲେ।




# ପାଶ୍ଚାତ୍ୟର ପ୍ରଭାବ; ହଜିଯାଉଛି ଅରାନ୍ଧ ପର୍ବର ମହକ

କାଳିପଦା, ୨୫।୭ (ସମିସ)

ବାଲିଆପାଳ ବ୍ଲକ ସମେତ ଉତ୍ତର ବାଲେଶ୍ୱର ଅଞ୍ଚଳରେ ଏବେ ଅରାନ୍ଧ ଋତୁ ଆରମ୍ଭ ହୋଇଯାଇଛି। ତେବେ ପାଶ୍ଚାତ୍ୟର ପ୍ରଭାବ ଯୋଗୁଁ ଅରାନ୍ଧର ମହକ ଏବେ ହଜିଯିବାକୁ ବସିଛି। ଏବେ ବଜାରରେ ମିଳୁଥିବା ବିରିୟାନୀ, ବର୍ଗର, ଚାଉମିନ, ଗୁପଚୁପ ଆଦି ପଛରେ ଯୁବ ଗୋଷ୍ଠୀ। ସାଧା ଭାତ ଅରାନ୍ଧ ପଖାଳକୁ କିଏ ବା ପଚାରେ। ସାଧାରଣତଃ ଆଷାଢ଼ ପୂର୍ଣ୍ଣିମାରୁ ଅରାନ୍ଧ ପର୍ବ ଆରମ୍ଭ ହୋଇ ସୁନିଆରେ ଶେଷ ହୋଇଥାଏ। ପଖାଳ ଖାଇବା ଏହି ପର୍ବର ମୁଖ୍ୟ ବିଶେଷତ୍ୱ। ଅରାନ୍ଧ ପୂର୍ବଦିନ ସନ୍ଧ୍ୟାରେ ଘରର ବୟସ୍କ ମାଆ ନୂଆ ମାଟି ହାଣ୍ଡିରେ ମା' ବିଶିରୀଙ୍କ ଉଦ୍ଦେଶ୍ୟରେ ଅରୁଆ ଚାଉଳରେ ଭାତ ରାନ୍ଧନ୍ତି। ଏହି ଅରୁଆ ଚାଉଳ ପ୍ରସ୍ତୁତ ପଖାଳକୁ ପରିବାର ଅଥବା ବାହାର ଲୋକ ଖାଇବା ମନା। ପରେ ଉଷୁନା ଚାଉଳରେ ଭାତରନ୍ଧା ଯାଇ ପଖଳା ଯାଏ। ତା ସହିତ ବିଭିନ୍ନ ପ୍ରକାର ବ୍ୟଞ୍ଜନ ଉଭୟେ ନିରାମିଷ ଓ ଆମିଷ ପ୍ରସ୍ତୁତ କରାଯାଏ। ସଜନା ଶାଗ ଓ ଆମ୍ବୁଲିଆ ତରକାରୀ ଅରାନ୍ଧ ପଖାଳ ସହିତ ଅନିବାର୍ଯ୍ୟ ଖାଦ୍ୟ ହୋଇଥାଏ। କିମ୍ବଦନ୍ତୀ କହେ ସର୍ପଦେବୀ ମନସାଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏହି ପର୍ବ ପାଳନ କରାଯାଇ ଥାଏ। ଉତ୍ତର ବାଲେଶ୍ୱରରେ ଏହା ଏକ କୃଷି ଭିତ୍ତିକ ପର୍ବ। ସାଧାରଣତଃ ବର୍ଷା ଋତୁରେ ବିଷଧର ସର୍ପମାନେ ବାସ ହରାଇ ଲୋକଙ୍କ ଘରେ ପ୍ରବେଶ କରିଥାନ୍ତି। ଅସାବଧାନତାରୁ ଲୋକମାନେ ସର୍ପ ଦଂଶନର ଶିକାର ହୋଇଥାନ୍ତି। ସର୍ପ ଦଂଶନରୁ ରକ୍ଷା ପାଇବା ପାଇଁ ଲୋକେ ବିଶିରୀ ସର୍ପ ଦେବୀଙ୍କୁ ପୂଜା ଆରାଧନା କରିଥାନ୍ତି। ଏହା ଏକ ଲୋକ ବିଶ୍ୱାସ। ଅରାନ୍ଧ ଦିନ ଘରର ବୟସ୍କ ମାଆ ଅରୁଆ ଚାଉଳ ଚୁନାରେ ନାଗ ନାଗୁଣୀ ତିଆରି କରି ମାଟି ଚୁଲିରେ ବସାଇ ପୂଜା କରନ୍ତି। ଘରର ଐଶାନ୍ୟ କୋଣରେ ମନସା ଦେବୀ ବିଶିରୀଙ୍କୁ ମଧ୍ୟ ପୂଜା କରାଯାଏ। ଅରାନ୍ଧ ଦିନ ଚୁଲିରେ ଅନ୍ୟ କୌଣସି ଖାଦ୍ୟ ରନ୍ଧା ରନ୍ଧି ହେବ ନାହିଁ। ବର୍ଷ କରେ ଗୋଟିଏ ଦିନ ଚୁଲିକୁ ବିଶ୍ରାମ ଦିଆଯାଇଥାଏ। ଶ୍ରଦ୍ଧା ଓ ସମ୍ମାନ ପ୍ରଦାନ କରିବା ଏହି ଦିନର ବିଧି। ଆଜିକାଲି ଚୁଲି ବଦଳରେ ଗ୍ୟାସ ଚୁଲା ଲୋକେ ବ୍ୟବହାର କରୁଛନ୍ତି। ଅରାନ୍ଧ ଦିନ କେହି କେହି ଘରର ବାହାରେ ତୁହୁଡା ଏକ ଅସ୍ଥାୟୀ ଚୁଲି ନିର୍ମାଣ କରି ତରକାରୀ କରନ୍ତି। ବିବାହିତ ଝିଅ ଓ ଅନ୍ୟ କୁଣିଆ ସେଦିନ ପ୍ରତ୍ୟେକଙ୍କ ଘରକୁ ଆସିଥାନ୍ତି। ଏକାଠି ବସି ଖାଇବାର ପରମ୍ପରା ରହିଛି। ଅରାନ୍ଧ ଦିନ ସନ୍ଧ୍ୟା ବେଳକୁ ଘରଦ୍ୱାରକୁ ଓଳେଇ ପରିଷ୍କାର କରାଯାଏ। ଏହି ସମୟରେ ଘରର ପିଲାମାନେ କୁଲା ବଜାଇ ବଜାଇ ହିଡିମ୍ବା ଗଲେ ବଣକୁ ଲକ୍ଷ୍ମୀ ଆଇଲେ କୋଣକୁ ଗାଇବାର ବିଧି ରହିଛି। ଏବେ ଅରାନ୍ଧ ଦିନ ମଦ୍ୟର ବନ୍ୟା ଘରେ ଘରେ ଦେଖିବାକୁ ମିଳୁଛି। କେତେକ ଅରାନ୍ଧ ପରମ୍ପରାକୁ ଛାଡ଼ି ଦେଲେଣି; ଏହାହିଁ ବିଡ଼ମ୍ବନା।



# ଗୋଧୂଳି ବଙ୍କାନାଳ ପୋଲ ବିପଦସଙ୍କୁଳ



ଚମ୍ପୁଆ,୨୫।୭(ସମିସ): ଚମ୍ପୁଆ ଏନ୍‌ଏସି ଅନ୍ତର୍ଗତ ଗୋଧୂଳି ଗ୍ରାମ ମଧ୍ୟ ଦେଇଯାଇଥିବା ବଙ୍କା ନାଳ ଉପରେ ରହିଥିବା ପୋଲ ବର୍ତ୍ତମାନ ବିପଦସଂକୁଳ ଅବସ୍ଥାରେ ରହିଛି। ଉଭୟ ପଟୁ ମାଟି ଅତଡା ଖସି ବିରାଟ ଗାତ ହେବାକୁ ଲାଗିଲାଣି। ଫଳରେ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ଉଠିଲାଣି। ସୂଚନା ଅନୁସାରେ, ୧୯୯୫ରେ ୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ପୋଲ ନିର୍ମାଣ କରାଯାଇଥିଲା। ଦୀର୍ଘ ଦିନ ଧରି ରକ୍ଷଣାବେକ୍ଷଣା ଅଭାବ ତଥା ଗୋଧୂଳି ଦେଇ ଝାଡଖଣ୍ଡ ରାମତୀର୍ଥକୁ ଗମନାଗମନ ସୁବିଧା କରାଯିବା ପରେ ଏହି ଛୋଟ ପୋଲ ଉପରେ ଭାରୀ ଯାନ ଯାତାୟାତ କରୁଛି। ଆବଶ୍ୟକଠୁ ଅଧିକା ଭାରୀ ଯାନ ଚଳାଚଳ ଏହି ପୋଲର ଅବସ୍ଥାକୁ ନଷ୍ଟ କରି ଚାଲିଛି। ଗୋଧୂଳି ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାରୁ ଉକ୍ତ ସମୟରେ ପ୍ରାୟ ୯୫ ଭାଗ ଲୋକ ଚାଷ କାର୍ଯ୍ୟ ଉପରେ ନିର୍ଭର କରିଆସୁଥିଲେ। ଏହି ଗ୍ରାମର ୯୦ ଭାଗ ଚାଷ ଜମି ନାଳର ଅପରପାଶ୍ୱର୍ରେ ରହିଛି। ଅନ୍ୟପକ୍ଷରେ ଏହି ଗ୍ରାମବାସୀ ନିଜ ଉତ୍ପାଦିତ ସାମଗ୍ରୀକୁ ବିକ୍ରି କରିବା ପାଇଁ ଝାଡଖଣ୍ଡର ଦେଉଗାଁ, ନୂଆମୁଣ୍ଡି, ଭନଗାଁ, ଡାଙ୍ଗୁଆପୋଶି ଆଦି ହାଟରେ ନିତିଦିନିଆ କାରବାର କରୁଥିବାରୁ ଏହି ରାସ୍ତା ଦେଇ ବୈତରଣୀ ନଦୀ ପାରି ହୋଇ ଝାଡଖଣ୍ଡକୁ ଯିବାକୁ ପଡୁଥିଲା। ଏପରିକି ଜୟନ୍ତିଗଡ ଦେଇ ଉକ୍ତ ଅଞ୍ଚଳକୁ ଯିବାକୁ ହେଲେ ପ୍ରାୟ ୧୫ କି.ମି ବାଟ ପଡୁଥିବା ବେଳେ ଗୋଧୂଳିଠାରୁ ମାତ୍ର ୧ କି.ମି ଦୂରତା ପଡୁଥିବାରୁ ଲୋକେ ସାମାନ୍ୟ କଷ୍ଟ ସହି ଏହି ରାସ୍ତାକୁ ଆପଣାଇ ନେଇଥିଲେ। ଦୀର୍ଘ ଦିନ ଧରି ଏହି ପୋଲର ମରାମତି ନହେବାରୁ ଏହା ଅବସ୍ଥା ଶୋଚନୀୟ ହୋଇପଡିଲାଣି। ଗ୍ରାମବାସୀ ଏହି ପୋଲକୁ ତୁରନ୍ତ ମରାମତି ଦାବି କରୁଥିବା ବେଳେ ଚମ୍ପୁଆ ଏନଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ କହିଛନ୍ତି ଯେ ବର୍ଷା ଦିନପରେ ଗ୍ରାମବାସୀଙ୍କ ଗମନାଗମନ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତୁରନ୍ତ ମରାମତି କରାଯିବ।

# ବିପଜ୍ଜନକ ଗୃହରେ ଚାଲିଛି ଉପନିଯୋଜନ କାର୍ଯ୍ୟାଳୟ

## ବର୍ଷା ହେଲେ ଛାତରୁ ଗଳୁଛି ପାଣି

ରାଇରଙ୍ଗପୁର,୨୫।୭(ସମିସ)




ବାମନଘାଟୀ ଉପଖଣ୍ଡ ରାଇରଙ୍ଗପୁର ଉପନିଯୋଜନ କାର୍ଯ୍ୟାଳୟ ଏବେ ବିପଦସଂକୁଳ ଗୃହରେ ଚାଲିଛି। ଏହି କାର୍ଯ୍ୟାଳୟ ଉପରେ ବେକାର ଯୁବକଯୁବତୀ ନିର୍ଭର କରନ୍ତି। ଏହି କାର୍ଯ୍ୟାଳୟକୁ ୩୦ ବର୍ଷ ହେଲା ସ୍ଥାୟୀ ଜାଗା ଓ ଗୃହ ମିଳିନାହିଁ। ରାଇରଙ୍ଗପୁର ପୌରାଞ୍ଚଳର କୁଚେଇବୁଡି ଗ୍ରାମରେ ଏକ ଭଡ଼ା ଘରେ ଗତ ୩୦ ବର୍ଷ ହେଲା ଏହି କାର୍ଯ୍ୟାଳୟ ଚାଲି ଆସୁଥିଲା। ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ସ୍ଥାୟୀ ଜାଗା ପାଇଁ ଲିଖିତ ଅନୁରୋଧ କରିଥିଲେ। ଫଳରେ ୬ ମାସ ହେଲା ଆଇଟିଡିଏ କାର୍ଯ୍ୟାଳୟ ସମ୍ମୁଖସ୍ଥ ଦେବୋତ୍ତର ଜାଗାରେ ଜରାଜୀର୍ଣ୍ଣ ଓ ବିପଦ ସଙ୍କୁଳ ଅବସ୍ଥାରେ ଥିବା ଗୃହ ବିଭାଗକୁ ହସ୍ତାନ୍ତ କରାଯାଇଛି। ସାଧାରଣ ବର୍ଷା ହେଲେ ଛାତରୁ ପାଣି ଗଳୁଛି। ଝରକା ଓ କବାଟ କିଛି ଉଇ ଖାଇ ଗଲାଣି ଏବଂ ଭାଙ୍ଗି ଗଲାଣି। ଚଟାଣରେ ପାଣି ସନ୍ତାଉଛି। ପାଚେରୀ ମଧ୍ୟ ନାହିଁ। ଦେବୋତ୍ତର୍ ତଥା ମଠ ଜମି ହୋଇଥିବାରୁ ପୂର୍ତ୍ତବିଭାଗ ଏହି ଗୃହର ମରାମତି ମଧ୍ୟ କରୁନାହିଁ। ବେକାର ଯୁବକଯୁବତୀମାନେ ନାମ ପଞ୍ଜିକରଣ ବାବଦରେ ବୁଝିବାକୁ ଆସିଲେ ମଧ୍ୟ ବସିବା ପାଇଁ ଆସବାବପତ୍ର ନାହିଁ। ଅଫିସ କାଗଜପତ୍ର ରଖିବାକୁ ଉଇ ଏବଂ ବର୍ଷା ପାଣିକୁ ଡର। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛୁ। ସରକାରୀ ନିର୍ଦ୍ଦେଶନାମା ଅଛି କୌଣସି ସରକାରୀ କାର୍ଯ୍ୟାଳୟ ବେସରକାରୀ କିମ୍ବା ଭଡ଼ାଘରେ ଚାଲିବ ନାହିଁ। ଜିଲ୍ଲା ନିଯୋଜନ ବିଭାଗର ଅଧିକାରୀମାନେ ମଧ୍ୟ ନିକମା ଯୋଗୁଁ ପ୍ରଶାସନକୁ ଆଗରୁ ସ୍ଥାୟୀ ଜମି ପାଇଁ ଆବେଦନ କରିନାହାନ୍ତି ବୋଲି କହିଛନ୍ତି।

# କମ୍ୟୁନିଷ୍ଟ ନେତାଙ୍କ ପରଲୋକ

ବାଙ୍ଗିରିପୋଷି, ୨୫।୭(ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ବାଙ୍ଗିରିପୋଷି ଜୋନ୍ ସମ୍ପାଦକ, ଜିଲ୍ଲା ପରିଷଦ ସଭ୍ୟ ତଥା ଅଖିଳ ଭାରତୀୟ ଆଦିବାସୀ ମହାସଭା ରାଜ୍ୟ କମିଟିର ସଦସ୍ୟ ରଥ ସିଂଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସେ କିଛି ଦିନ ଧରି ଅସୁସ୍ଥତା ଥିଲେ। ତାଙ୍କ ବିୟୋଗରେ ଶୋକର ଛାୟା ଖେଳିଯାଇଛି। ଜିଲ୍ଲା ପାର୍ଟି ପକ୍ଷରୁ କାର୍ଯ୍ୟକାରୀ କମିଟି ସଦସ୍ୟ ସାଥୀ ବଳରାମ ମହାନ୍ତ ଓ ସାରସକଣା ଜୋନ୍ ସମ୍ପାଦକ ସାଥୀ ବଳରାମ ମୁର୍ମୁ ଗମ୍ଭାପୁର ସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ ସହ ମରଶରୀରରେ ଲାଲ୍ ପତାକା ଦେଇ ଶେଷ ସମ୍ମାନ ଜଣାଇଛନ୍ତି। ତାଙ୍କ ବିୟୋଗରେ ରାଜ୍ୟ ପାର୍ଟିର ସମ୍ପାଦକ ମଣ୍ଡଳୀ ସଦସ୍ୟ ସାଥୀ ଡା. ପ୍ରଶାନ୍ତ ମିଶ୍ର, ସାଥୀ ଜୟନ୍ତ ଦାସ, ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର, ସହ ସମ୍ପାଦକ ସାଥୀ ତ୍ରିନାଥ ପାତ୍ର, ହୃଷିକେଶ ସାହୁଙ୍କ ସମେତ ଜିଲ୍ଲାର ସାଥୀ ଓ ସମର୍ଥକ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ଜଣେ ଅମାୟିକ, ସରଳ, ଆଦର୍ଶ ବ୍ୟକ୍ତି ଥିଲେ।

# ବଡ଼ସାହି କଲେଜରେ ଇଣ୍ଡକ୍ସନ ବୈଠକ ଓ ସ୍ୱାଗତ ସମ୍ବର୍ଦ୍ଧନା

ବଡସାହି,୨୫।୭(ସମିସ): ବଡସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟର +୨ ପ୍ରଥମ ବର୍ଷ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଇଣ୍ଡକସନ ମିଟିଂ ଓ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ରଂଜନ କୁମାର ଦାସ ସଭାପତିତ୍ୱ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଜୀବନ କୁମାର ପଣ୍ଡିତ, ଫକୀର ଚରଣ ସାହୁ, ରମେଶ କୁମାର ବେହେରା, ଅଧ୍ୟାପକ ବିନୋଦ କୁମାର ପରିଡା, ପ୍ରଦ୍ୟୁମ୍ନ କୁମାର ସାତୁଆ, ଶୈଳେଶ କୁମାର ପରିଡା, ଶ୍ରୀକାନ୍ତ କୁମାର ପ୍ରଧାନ, ସତ୍ୟବାନ ଗୋଛାୟତ ଓ ଗୁଲୁ ସରେନ ପ୍ରମୁଖ ଯୋଗ ଦେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପାଇଁ ଆବଶ୍ୟକୀୟ ନିୟମାବଳୀ ଯଥା-ଛାତ୍ରଛାତ୍ରୀଙ୍କ ଉପସ୍ଥାନ, ନିୟମିତ କ୍ଲାସ, ଶୃଙ୍ଖଳା, ସମାୟାନୁବର୍ତ୍ତିତା ଓ ଡ୍ରେସ କୋଡ ଉପରେ ଆଲୋଚନା କରି ଏହା ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଉପସ୍ଥିତି ଛାତ୍ରଛାତ୍ରୀଙ୍କୁ ପରିଚୟ ପତ୍ର, କ୍ଲାସ ଟାଇମ ଟେବୁଲ ପ୍ରଦାନ କରାଯାଇଥିଲା। ଶେଷରେ ଅଧ୍ୟାପକ ଶ୍ରୀ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଅବକାରୀ ବିଭାଗର ଚଢ଼ଉ; ବିପୁଳ ମଦ ଜବତ ଓ ପୋଚ ନଷ୍ଟ

ମୋରଡା,୨୫।୭(ସମିସ): ମୋରଡା ଅବକାରୀ ବିଭାଗ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ଉ କରି ୮୪୦୦ ଲିଟର ମହୁଲ ପୋଚ ନଷ୍ଟ କରିବା ସହିତ ୪୪୦ ଲିଟର ଦେଶୀ ମଦ ଜବତ କରିଛି। ମୋରଡା ଅବକାରୀ ଅଧିକାରୀ ଦୀପକ କୁମାର ରାଉତଙ୍କ ସୂଚନା ମୁତାବକ, ଏପିଆର ଫୋର୍ସ, ସଦର ରେଞ୍ଜ, ବାରିପଦା ସଦର, ମୋରଡା, ଦେଉଳି, ବେତନଟି ଅବକାରୀ ବିଭାଗ ମିଳିତ ଭାବେ ଭାଲୁକଚୁଆ ଗ୍ରାମରେ ବେଆଇନ ମଦ ଭାଟି ଉପରେ ଚଢ଼ଉ କରିଥିଲେ। ପରେ ୪୮୦୦ ଲିଟର ମହୁଲ ପୋଚ ନଷ୍ଟ କରିବା ସହିତ ୧୬୦ ଲିଟର ଦେଶୀ ମଦ ଜବତ କରିଛନ୍ତି। ସେହିପରି ହାଣ୍ଡିଭଙ୍ଗା ଗ୍ରାମରେ ମଧ୍ୟ ଏକ ମଦ ଭାଟି ଉପରେ ଚଢ଼ଉ କରି ୩୬୦୦ ଲିଟର ମହୁଲ ପୋଚ ନଷ୍ଟ କରିବା ସହିତ ୪୪୦ ଲିଟର ମଦ ସହିତ ମଦ ତିଆରି ସରଞ୍ଜାମ ଜବତ କରିଛି ଅବକାରୀ ବିଭାଗ।

# ହୃଦ୍‌ଘାତରେ ଯୁବକଙ୍କ ଅକାଳ ବିୟୋଗ



ଯୋଡ଼ା, ୨୫।୭(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ୩ ନମ୍ବର ୱାର୍ଡର ସ୍ୱନ୍ଦନ ସେନ (କାହ୍ନା, ୩୪ ବର୍ଷ)ଙ୍କ ଗୁରୁବାର ରାତି ୨ଟା ସମୟରେ ହୃଦଘାତରେ ମୃତ୍ୟୁ ହୋଇଯାଇଛି। ସେ ଗୁରୁବାର ଦିବାରାତ୍ରୀ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ନିକଟସ୍ଥ ଟାଟା ମେନ ହସ୍ପିଟାଲକୁ ଚିକିତ୍ସା ପାଇଁ ଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ପରଲୋକ ହୋଇଛି। ସେ ଟାଟା ଷ୍ଟିଲରେ କାର୍ଯ୍ୟରତ ଥିଲେ। ସ୍ୱନ୍ଦନ ଯୋଡ଼ା ଅଞ୍ଚଳର ବେଶ୍ ଜଣାଶୁଣା ହିନ୍ଦୁ ଯୁବ ସଂଗଠକ, କ୍ରିକେଟ ଖେଳର ଭାଷ୍ୟକାର ସହ ଭଲ କ୍ରିକେଟ ଖେଳାଳି, ଗୋ-ସେବକ ଭାବେ ମଧ୍ୟ ପରିଚିତ। ଶତାଧିକ ଲୋକ ତାଙ୍କୁ ମେଡିକାଲରେ ଦେଖିବା ପାଇଁ ଭିଡ଼ ଲଗାଇଥିଲେ। ତାଙ୍କର ସମ୍ମାନରେ ବଜରଙ୍ଗ ଦଳ ତରଫରୁ ମୃତଦେହକୁ ଏକ କେଶରୀଆ ରଙ୍ଗର କପଡ଼ା ଦିଆଯାଇଥିଲା। ଯୁବଗୋଷ୍ଠୀଙ୍କ ପାଇଁ ସେ ପ୍ରେରଣାର ଉତ୍ସ ଥିଲେ। ସ୍ୱନ୍ଦନଙ୍କ ଶେଷକୃତ୍ୟ ସ୍ୱର୍ଗଦ୍ୱାରରେ ହେବା ସମୟରେ ଯୋଡ଼ା ଅଞ୍ଚଳବାସୀଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

# ସରେଇ ନୂଆସାହି ରାସ୍ତା ଶୋଚନୀୟ



ଆନନ୍ଦପୁର, ୨୫।୭(ସମିସ): ବଳରାମପୁର ପଞ୍ଚାୟତ ସରେଇ ନୂଆସାହି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ବିଭିନ୍ନ ଅନୁଦାନ ମିଳୁଥିଲେ ମଧ୍ୟ ଏହି ରାସ୍ତାର ଅବସ୍ଥାରେ ସୁଧାର ଆସିପାରୁନାହିଁ। ଗାଁର ଏହି ମୁଖ୍ୟରାସ୍ତାରେ ବର୍ଷା ହେଲେ ହଇରାଣ ହରକତ ହେବାକୁ ପଡୁଛି। ମହା ବାତ୍ୟା ପୂର୍ବରୁ ମାଟି ମୋରମରେ ତିଆରି ହୋଇଥିବା ଏହି ରାସ୍ତାକୁ ଅନେକ ବର୍ଷ ହେବ ରାସ୍ତା କାମ ହୋଇ ନ ଥିବା କିମ୍ବା ମାଟି ମୁଠାଏ ପଡି ନ ଥିବାରୁ ନୂଆସାହିବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଗ୍ରାମକୁ ବର୍ଷା ଦିନେ ବାଇକଟିଏ ଯିବା ବି ସମ୍ଭବ ହେଉନାହିଁ। ବର୍ଷା ଦିନେ ନିଜ ଘରକୁ ଯିବାଆସିବା କରିପାରୁ ନାହାନ୍ତି। ଛାତ୍ରଛାତ୍ରୀମାନେ ସ୍କୁଲ ମଧ୍ୟ ଯିବା ସମ୍ଭବ ହୋଇ ପାରୁନାହିଁ। ରାସ୍ତାରେ ବଡ଼ ଖାଲ ହେବା ସହ ବର୍ଷାରେ ମାଟି ସବୁ ଧୋଇନେଇଛି। ଗ୍ରାମର ନୂଆସାହିର ଲୋକ ଯିବାଆସିବାରେ ହଇରାଣ ହେଉଛନ୍ତି। ପୂର୍ବରୁ ଅନେକ ବାର ଗ୍ରାମବାସୀ ଅଭିଯୋଗ କଲେ ସୁଦ୍ଧା ରାସ୍ତା କାମ ଉପରେ ବ୍ଲକ କର୍ତ୍ତୃପକ୍ଷଙ୍କ ନିଘା ନାହିଁ ବୋଲି ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଭଳି ସମସ୍ୟାକୁ ନେଇ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରସ୍ଥ ହେବେ ବୋଲି ଗ୍ରାମବାସୀ ପ୍ରଫୁଲ୍ଲ ସାହୁ, ପ୍ରତାପ ସାହୁ, ଶୁକଦେବ ମହାରଣା, ସତ୍ୟଜିତ ସାହୁ, କମଳ ଚରଣ ସାହୁ, ହରିଆ ସାହୁ, ବିନୋଦ ମହାରଣା, ବିଷ୍ଣୁଚରଣ ସାହୁ, ନିଳୁଆ ସାହୁ ପ୍ରକାଶ କରିଛନ୍ତି।

# ଛାତ୍ରଛାତ୍ରୀଙ୍କୁ 'ଏକ ଦିନର ବୈଜ୍ଞାନିକ' ହେବାର ସୁଯୋଗ




ବେତନଟୀ, ୨୫।୭(ସମିସ): ବେତନଟୀ ବ୍ଲକ ଆଗ୍ରିଆ ସର୍ବଣା ସ୍ଥିତ ଦିବ୍ୟଜ୍ୟୋତି କନଭେଣ୍ଟ ହାୟର ସେକେଣ୍ଡାରୀ ସ୍କୁଲର ୧୫ ଜଣ ଛାତ୍ରଛାତ୍ରୀ ଗୋଟିଏ ଦିନ ପାଇଁ ବୈଜ୍ଞାନିକ ହେବାର ସୁଯୋଗ ପାଇଛନ୍ତି। ପୂର୍ବରୁ ଅନଲାଇନ ମାଧ୍ୟମରେ ଆବେଦନ କରି ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏହି ଛାତ୍ରଛାତ୍ରୀ ସୁଯୋଗ ହାସଲ କରିଥିଲେ। ସ୍କୁଲର ପଦାର୍ଥ ବିଜ୍ଞାନ ଶିକ୍ଷକ ବ୍ରଜକିଶୋର ଦତ୍ତଙ୍କ ତତ୍ତ୍ୱାବଧାନରେ ଏହି ୧୫ ଜଣ ଛାତ୍ରଛାତ୍ରୀ ଭୁବନେଶ୍ୱରସ୍ଥିତ ସିଏସଆଇଆର-ଆଇଏମଏମଟି ପରୀକ୍ଷାଗାରରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଖ୍ୟାତିସମ୍ପନ୍ନ ବୈଜ୍ଞାନିକଙ୍କ ସହ କାର୍ଯ୍ୟ କରି ଅନୁଭୂତି ଓ ଅଭିଜ୍ଞତା ଅର୍ଜନ କରିଛନ୍ତି। ଏହି କାର୍ଯ୍ୟକ୍ରମ ଗତ ୨୧ ତାରିଖରୁ ଆରମ୍ଭ ହୋଇ ୨୫ ତାରିଖରେ ଶେଷ ହୋଇଛି। ଏ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଅଧ୍ୟକ୍ଷା ସିଷ୍ଟର ଶ୍ୟାନି ଡି. ଜୋସେଫ ଏହି ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ଗବେଷଣା ପ୍ରତି ଆଗ୍ରହ ସୃଷ୍ଟି କରିବ ଏବଂ ଆଗାମୀ ଦିନରେ ଦେଶ ପାଇଁ ଉତ୍କୃଷ୍ଟ ବୈଜ୍ଞାନିକ ତିଆରି କରିବାରେ ସହାୟକ ହେବ। ଏହି ଅଭିଜ୍ଞତା ଛାତ୍ରଛାତ୍ରୀଙ୍କୁ ବୈଜ୍ଞାନିକ ଚିନ୍ତାଧାରା ଓ ଗବେଷଣାରେ ନୂଆ ଦିଗ ପ୍ରଦାନ କରିଛି; ଯାହା ସେମାନଙ୍କୁ ଭବିଷ୍ୟତରେ ବିଜ୍ଞାନ କ୍ଷେତ୍ରରେ ଅଗ୍ରଗତି ପାଇଁ ପ୍ରେରଣା ଯୋଗାଇବ।

# ଯୌନ ଉତ୍ପୀଡ଼ନ ନିବାରଣ କର୍ମଶାଳା

ବଡସାହି,୨୫।୭(ସମିସ): ବଡସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅଭ୍ୟନ୍ତରୀଣ ଅଭିଯୋଗ କମିଟି ପକ୍ଷରୁ ଯୌନ ଉତ୍ପୀଡନ ଓ ନିର୍ଯାତନା ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ରଂଜନ କୁମାର ଦାସ କର୍ମଶାଳାରେ ସଭାପତିତ୍ୱ କରିଛନ୍ତି। ଏଥିରେ ଅଭ୍ୟନ୍ତରୀଣ ଅଭିଯୋଗ କମିଟିର ପ୍ରିଜାଇଡିଂ ଅଫିସର ଡ. ରିତୁଲତା ବିଶ୍ୱାଳ, କମିଟିର ସଦସ୍ୟ ଅଧ୍ୟାପକ ବିନୋଦ କୁମାର ପରିଡା, ସନ୍ଧ୍ୟାରାଣୀ ଦାସ, କମିଟିର ଅଣ ଶିକ୍ଷକ ସଦସ୍ୟ ସୁବସ ଚନ୍ଦ୍ର ବେହେରା, ପ୍ରାଧ୍ୟାପକ ଜୀବନ କୁମାର ପଣ୍ଡିତ, ଫକୀର ଚରଣ ସାହୁ ପ୍ରମୁଖ ଯୋଗ ଦେଇ ୟୁଜିସି ପକ୍ଷରୁ ଜାରି କରାଯାଇଥିବା ନିୟମକୁ କିପରି କଡାକଡି ଭାବେ ପାଳନ କରାଯିବ ସେ ଉପରେ ଗୁରୁତ୍ୱ ଦିଆଯାଇଥିଲା। ମହାବିଦ୍ୟାଳୟର ଶୈକ୍ଷିକ ବାତାବରଣକୁ ଗୁରୁତ୍ୱ ଦେଇ କୌଣସି ପ୍ରକାରର ଯୌନ ଉତ୍ପୀଡନ କିମ୍ବା ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆଡଭୋକେଟ ସଂଜୟ କୁମାର ଜେନା ଯୌନ ଉତ୍ପୀଡନର ଆଇନଗତ ଦିଗ ଉପରେ ଅଲୋଚନା କରି ଛାତ୍ରୀଙ୍କୁ ସଚେତନ କରିଥିଲେ। ଶେଷରେ ଅଧ୍ୟାପିକ ସନ୍ଧ୍ୟାରାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଇଦାପୋଷି-ଡୁଙ୍ଗୁରିସାହି ରାସ୍ତା ମରଣଯନ୍ତା



ରାଇରଙ୍ଗପୁର, ୨୫।୭ (ସମିସ): ରାଇରଙ୍ଗପୁର ପୌର ପରିଷଦର ୨ନଂ. ୱାର୍ଡ ସ୍ଥିତ ବାଇଦାପୋଷି-ଡୁଙ୍ଗୁରିସାହି ରାସ୍ତା ମରଣଯନ୍ତା ପାଲଟିଛି। ଏହି ୱାର୍ଡରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଥମେ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ୱାର୍ଡର ମୂଳ ବାସିନ୍ଦା ଶାମଚରଣ ହାଁସଦା ମଧ୍ୟ କଂଗ୍ରେସ ବିଧାୟକ ହୋଇଥିଲେ। ବିଜେଡ଼ିର ସୁକଦେବ ବେହେରା ଏବେ ଏହି ୱାର୍ଡରୁ କାଉନସିଲର ଅଛନ୍ତି। କିନ୍ତୁ ଦୁଃଖର ବିଷୟ ପୌର ପରିଷଦ ପକ୍ଷରୁ ଏହି ୱାର୍ଡକୁ ଅବହେଳା କରାଯାଉଛି। ଏହି ୱାର୍ଡରୁ ଡୁଙ୍ଗୁରିସାହିକୁ ଯାଇଥିବା ରାସ୍ତା ୨୨୦ନଂ. ଜାତୀୟ ରାଜପଥକୁ ଛୁଇଁଛି। ହେଲେ ମରାମତି ଅଭାବରୁ ଏବେ ଏହି ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ରାସ୍ତାରୁ ଗୋଡ଼ି ମାଟି ଉଠି ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ମରାମତି ନେଇ ସାହିବାସିନ୍ଦା ସୁବୋଧ ଗିରି ଏବଂ ଅନ୍ୟମାନେ ପୌରପ୍ରଶାସନ ଏବଂ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ଫଳ ମିଳୁନାହିଁ। ଏ ନେଇ କାଉନସିଲର ସୁକଦେବ ବେହେରାଙ୍କୁ ପଚାରିବାରୁ ରାସ୍ତା ସମସ୍ୟା ନେଇ ମୁଁ ବହୁବାର କାଉନସିଲରେ ପ୍ରସ୍ତାବ ଦେଇଛି; କିନ୍ତୁ ପ୍ରଶାସନ ଶୁଣୁନାହିଁ ବୋଲି କହିଛନ୍ତି।

# ବିଦାୟକାଳୀନ ଓ ସ୍ୱାଗତ ସମ୍ବର୍ଦ୍ଧନା ସଭା

ଶରତ, ୨୫।୭(ସମିସ): ଅନୁସୂଚିତ ଜାତି ଅନୁସୂଚିତ ଜନଜାତି ବିଭାଗ ଦ୍ୱାରା ପରିଚାଳିତ କପ୍ତିପଦା ବ୍ଲକ କଟୁରିଆ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଏକ ଅବସରକାଳୀନ ସମ୍ବର୍ଦ୍ଧନ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଡମ୍ବରୁଧର ମାର୍ଣ୍ଡିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ରାଜେଶ କୁମାର ଦାଶ ପରିଚାଳନା କରିଥିଲେ। ଏହି ଅବସରରେ ଏଠାରୁ ଅନ୍ୟତ୍ର ବଦଳି ହୋଇ ଯାଇଥିବା ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ନୂତନ ଭାବେ ଯୋଗ ଦେଇଥିବା ଶିକ୍ଷକ ଓ କର୍ମଚାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ବିଦାୟୀ ଶିକ୍ଷକଙ୍କ ଶିକ୍ଷାଦାନ ତଥା ସେବା ଯତ୍ନର କଥାକୁ ଭରା ହୃଦୟରେ ସହକର୍ମୀ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଛାତ୍ରୀମାନେ କହିବା ବେଳେ ଏକ ଭାବଗମ୍ଭୀର ପରିବେଶ ସୃଷ୍ଟି ହୋଇଥିଲା। ଶେଷରେ ପ୍ରଧାନ ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ବିଦାୟୀ ଶିକ୍ଷକ ଓ କର୍ମଚାରୀଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପ୍ରକାଶ ଥାଉକି, ଏହି ବିଦ୍ୟାଳୟରୁ ଚଳିତ ବର୍ଷ ୫ ଜଣ ଶିକ୍ଷକ ଓ ଜଣେ ପିଅନଙ୍କ ଅନ୍ୟତ୍ର ବଦଳି ହୋଇଥିବା ବେଳେ ଛାତ୍ରୀନିବାସର ଜଣେ ମାଟ୍ରନ ଅବସର ଗ୍ରହଣ କରିଛନ୍ତି।

# ଶତାଧିକ ଚାଷଜମି ଜଳାର୍ଣ୍ଣବ



ରାମଚନ୍ଦ୍ରପୁର,୨୫।୭(ସମିସ): କେନ୍ଦୁଝର ଜିଲ୍ଲାରେ ଲଗାଣ ବର୍ଷା ଜାରି ରହିଛି। ଗୁରୁବାର ଅପରାହ୍ଣରୁ ବର୍ଷା ଫଳରେ ଖାଲୁଆ ସ୍ଥାନରେ ପାଣି ଜମି ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି। ଘସିପୁରା ବ୍ଲକ ଅଳତି-ପୁରୁଣାବାନ୍ଧଗୋଡା ରାସ୍ତାରେ ଆରଡି ଡିଭିଜନ ପକ୍ଷରୁ ପୋଲ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ବର୍ଷାଜଳ ନିଷ୍କାସନ ହୋଇ ନପାରି ସ୍ଥାନୀୟ ଅଞ୍ଚଳର ଦୁଇ ଶହ ଏକର ଚାଷ ଜମି ଜଳାର୍ଣ୍ଣବ ହୋଇ ଧାନ ଫସଲ ନଷ୍ଟ ହେବା ଆଶଙ୍କା ପ୍ରକାଶ ପାଇଛି। ବର୍ଷା ଦିନ ପୂର୍ବରୁ ପାଣି ନିଷ୍କାସନ ବ୍ୟବସ୍ଥା ସଠିକ ଭାବେ ତ୍ୱରାନ୍ୱିତ ହୋଇ ନଥିବାରୁ ଅନେକ ଚାଷୀ ଏଥିପାଇଁ କ୍ଷତିଗ୍ରସ୍ତ ହୋଇଛନ୍ତି ବୋଲି ସ୍ଥାନୀୟ ଅଳତି ଗ୍ରାମର ଚାଷୀ ସୀତାନାଥ ବରାଳ, ନୀଳମଣି ଜେନା, କୁଶଭଦ୍ର ସ୍ୱାଇଁ, ବିଚିତ୍ର ବରାଳ ସମେତ ଅନେକ ଚାଷୀ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ଏଥିନେଇ ଜନ ଅସନ୍ତୋସ ପ୍ରକାଶ ପାଇବା ସହ ଚାଷୀ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

# ଶାଳବଣି ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ବିଦାୟ ସମ୍ବର୍ଦ୍ଧନା




ଆନନ୍ଦପୁର, ୨୫।୭(ସମିସ): ଶାଳବଣି ଗ୍ରାମପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପୂର୍ବତନ ବିଧାୟକ ମାୟାଧର ଜେନା, ଆନନ୍ଦପୁର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରମାକାନ୍ତ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଉପେନ୍ଦ୍ର ସାହୁ ଉପସ୍ଥିତ ଥିଲେ। +୩ ଶାଳବଣୀ ମହାବିଦ୍ୟାଳୟର ଅଧ୍ୟକ୍ଷ ନରୋତ୍ତମ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପଦ୍ମନାଭ ମିଶ୍ରଙ୍କୁ ଛାତ୍ରଛାତ୍ରୀମାନେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ, ଶୁଭେଚ୍ଛୁ ଉପସ୍ଥିତ ରହି ଶ୍ରୀ ମିଶ୍ରଙ୍କ ଉଦ୍ଦେଶ୍ୟରେ ମଧୁର ବକ୍ତବ୍ୟ ପ୍ରଦାନ କରିବା ସହ ତାଙ୍କ ସହ ବିତି ଯାଇଥିବା ଉତ୍ତମ ଅନୁଭୂତିଗୁଡ଼ିକୁ ବଖାଣିଥିଲେ।

## ପୂର୍ତ୍ତ ବିଭାଗର ତ୍ରୁଟି ପାଇଁ ଘରେ ପଶିଲା ବର୍ଷାପାଣି

# ମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ଜଣାଇଲେ ବି ସମାଧାନ ଶୂନ୍

ବାରିପଦା, ୨୫।୭(ସମିସ)



ମୋରଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଦାନ୍ତିଆମୁଁହା ପଞ୍ଚାୟତ ଅଞ୍ଚଳରେ ପୂର୍ତ୍ତ ବିଭାଗର ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ପାଇଁ ଘରେ ବର୍ଷାପାଣି ପଶିଛି। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଏ ନେଇ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ଫଳ ନ ମିଳିବାରୁ ଗ୍ରାମବାସୀ ବାଧ୍ୟହୋଇ ବାରିପଦା ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁଯାୟୀ, ଦାନ୍ତିଆମୁଁହାଠାରୁ କରମଶୋଳ ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣାଧୀନ ରହିଛି। ତେବେ ଉକ୍ତ ରାସ୍ତାରେ ପୂର୍ବରୁ ୨ଟି କଲଭର୍ଟ ରହିଥିଲା। ଯଦ୍ଦ୍ୱାରା ବର୍ଷା ଜଳ ନିଷ୍କାସନ ହେଉଥିଲା। କିନ୍ତୁ ରାସ୍ତା ନିର୍ମାଣ ବେଳେ ଗୋଟିଏ ପୋଲକୁ ବନ୍ଦ କରି ଦିଆଯାଇଛି। ସେଠାରେ ବଡ଼ ପୋଲର ଆବଶ୍ୟକତା ଥିବା ବେଳେ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଏବେ ଦାଉ ସାଧୁଛି। ଗରୁଡ଼ବସା ଗ୍ରାମରେ ବର୍ଷା ଜଳ ନିଷ୍କାସନରେ ଅନେକ ସମସ୍ୟା ସୃଷ୍ଟି ପାଇଁ ଗ୍ରାମବାସୀ ପୂର୍ବର ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ଜଣାଇଥିଲେ। କିନ୍ତୁ ପୂର୍ତ୍ତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଶୁକ୍ରବାର ଲଗାଣ ବର୍ଷା ଯୋଗୁଁ ବର୍ଷା ଜଳ ନିଷ୍କାସନ ହୋଇନପାରି ଗ୍ରାମବାସୀଙ୍କ ଘର ଓ ଚାଷଜମି ଜଳମଗ୍ନ ହୋଇଛି। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଗ୍ରାମବାସୀ ମାନେ ଦିନ ମଜୁରିଆ ଓ ଚାଷୀ ହୋଇଥିବା ବେଳେ ଘରେ ବର୍ଷା ପାଣି ପଶି ଅନେକ କ୍ଷତି ହେଉଛି। ପୂର୍ବତନ ବିଧାୟକ ରାଜକିଶୋର ଦାସ ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନେବାକୁ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି। ସମସ୍ୟା ସମାଧାନ ନହେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ସୌମାଶ୍ରୀଙ୍କ ପାଇଁ କଂଗ୍ରେସର ଶ୍ରଦ୍ଧାଞ୍ଜଳି ସଭା




କରଞ୍ଜିଆ, ୨୫।୭(ସମିସ): କରଞ୍ଜିଆ ଡାକବଙ୍ଗଳାରେ ଜାତୀୟ କଂଗ୍ରେସର ମୟୂରଭଞ୍ଜ ଜିଲ୍ଲା (ପଶ୍ଚିମାଞ୍ଚଳ) ପକ୍ଷରୁ ସ୍ୱର୍ଗତ ସୌମାଶ୍ରୀ ବିଶିଙ୍କ ଏକାଦଶାହ ଉପଲେକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସମ୍ପାଦକ ଲକ୍ଷ୍ମୀଧର ସିଂ ସଭାରେ ସଭାପତିତ୍ୱ କରିଥିଲେ। କଂଗ୍ରେସର କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧିମାନେ ପୁଷ୍ପ ଅର୍ପଣକରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କ ପରିବାରବର୍ଗଙ୍କୁ ଅସୀମ ସାହସ ଓ ଧୈର୍ଯ୍ୟ ରଖିବା ପାଇଁ କାମନା କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ଲାଲନ ସିଂ, ନିର୍ମଳ ସେଠୀ, ଧରଣୀଧର ମହାନ୍ତ, ଜାକିର ହୁସେନ, ପ୍ରଫୁଲ ବେହେରା, ଚନ୍ଦ୍ର କୁମାର ଶୁଭେନ୍ଦୁ, ସୁରୋଜ ସିଂ, ସୁଭାଷ ନାୟକ, ଉମାଶଙ୍କର ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି କରଞ୍ଜିଆ ଉଚ୍ଚ ବିଦ୍ୟାଳୟ, ବାଳିକା ବିଦ୍ୟାଳୟ ବିବେକାନନ୍ଦ ପବ୍ଲିକ ସ୍କୁଲ, ବିକାଶ କନଭେଣ୍ଟ ସ୍କୁଲରେ ମଧ୍ୟ ସ୍ୱର୍ଗତ ବିଶିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

# ପ୍ରଦର୍ଶନୀ ପାଲଟିଛି ଜୈବିକ କୃଷି ପଦ୍ଧତି

ରାମଚନ୍ଦ୍ରପୁର,୨୫।୭(ସମିସ): ଜୈବିକ ପଦ୍ଧତିରେ କୃଷି ଘସିପୁରା ବ୍ଲକରେ ପ୍ରହସନ ପାଲଟିଛି। ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି ନାମକ ଏକ ଘରୋଇ ସଂସ୍ଥା ଘସିପୁରା ବ୍ଲକର ବିଭିନ୍ନ ସ୍ଥାନରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କୁ ଏକତ୍ରିତ କରି ଜୈବିକ ପଦ୍ଧତିରେ ପନିପରିବା ଏବଂ ଧାନଚାଷ କରିବାକୁ ତାଲିମ ପ୍ରଦାନ କରିଆସୁଥିବା ବେଳେ ତାହା କେବଳ ପ୍ରହସନ ପାଲଟିଛି। ସଂସ୍ଥାର ବ୍ଲକ ମାଷ୍ଟର ଟ୍ରେନର ଇନ୍ଦିରା ମହାନ୍ତିଙ୍କ ସଂଯୋଜନାରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଘଷିପୁରା ବ୍ଲକ୍ ଦରଡିପାଳ ପଞ୍ଚାୟତ ବାଲିପାଳ ହାଟରେ ସ୍ୱତନ୍ତ୍ର ଷ୍ଟଲ ଜରିଆରେ ଅନ୍ୟ ହାଟ ବେପାରୀଙ୍କ ନିକଟରୁ ପନିପରିବା କିଣି ହାଟରେ ବିକ୍ରି କରୁଥିବା ଦେଖିବାକୁ ମିଳିଛି। ଏଠି କେବଳ ପ୍ରଦର୍ଶନୀ ଜରିଆରେ ଫଟୋଉଠାଇ ସରକାରୀ ଯୋଜନାର ଫାଇଦା ଉଠାଇ ଜୈବିକ ପଦ୍ଧତି ଚାଷ ନାଁରେ ସରକାରୀ ଅର୍ଥ ବାଟମାରଣା ହେଉଥିବା ଅଭିଯୋଗ ହେଉଛି। ଜିଲ୍ଲା ତଥା ବ୍ଲକ କୃଷି ଅଧିକାରୀ ଘଟଣାର ଅନୁଧ୍ୟାନ କଲେ ଜୈବିକ ପଦ୍ଧତିରେ ଚାଷବାସ ଏବଂ ଏହାର ଉତ୍ପାଦନ କିଭଳି ହେଉଛି ତାହା ଜଣାପଡିବ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୬୩ • ପାଉଣ୍ଡ ୧୧୬.୫୬
- ୟୁରୋ ୧୦୧.୦୮ • ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୫୪୦ (ନୂଆଦିଲ୍ଲୀ)
- ରୁପା : ୧,୧୭,୯୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୮୧,୪୬୩.୦୦
- ନିଫ୍ଟି ୨୪,୮୩୭.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଭାରତର ବୈଦେଶିକ ମୁଦ୍ରା ଭଣ୍ଡାରରେ ବୃହତ୍ ହ୍ରାସ

# ୧୫ ଦିନରେ ଖାଲିହେଲାଣି ୬୩ ହଜାର କୋଟି

ନୂଆଦିଲ୍ଲୀ,୨୫।୭ (ଏଜେନ୍ସି)



ଭାରତର ବୈଦେଶିକ ରାଜକୋଷକୁ ନେଇ କ୍ରମାଗତ ଭାବେ ତୃତୀୟ ସପ୍ତାହ ପାଇଁ ଖରାପ ଖବର ମିଳିଛି। ଏହି ଦୁଇ ସପ୍ତାହରେ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାରରେ ବୃହତ୍ ହ୍ରାସ ଘଟିଛି। କ୍ରମାଗତ ଭାବେ ହ୍ରାସ ଯୋଗୁ ଉପରୋକ୍ତ ୨ ସପ୍ତାହରେ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାରରୁ ୭ ବିଲିୟନ ଡଲାରରୁ ଅଧିକ ଅର୍ଥାତ୍ ୬୩ ହଜାର କୋଟି ଟଙ୍କା ହ୍ରାସ ଘଟିଛି। ବିଶେଷଜ୍ଞଙ୍କ ଅନୁଯାୟୀ, ଡଲାର ତୁଳନାରେ ଘରୋଇ ମୁଦ୍ରା ଟଙ୍କା ମୂଲ୍ୟରେ କ୍ରମାଗତ ଭାବରେ ହ୍ରାସ ଧାରା ଜାରି ରହିଛି। ଏହାର ଫଳସ୍ୱରୂପ ଭାରତକୁ ଆମଦାନୀ ଉପରେ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି। ଏହା ଦେଶର ରାଜକୋଷ ଉପରେ ଏକ ବଡ଼ ପ୍ରଭାବ ପକାଉଥିବା ଦେଖିବାକୁ ମିଳୁଛି। ସଦ୍ୟତମ ରିପୋର୍ଟ ଅନୁଯାୟୀ, ଗତ ଦୁଇ ସପ୍ତାହ ମଧ୍ୟରେ ବୈଦେଶିକ ମୁଦ୍ରା ଭଣ୍ଡାରରେ ୩-୩ ବିଲିୟନ ଡଲାରରୁ ଅଧିକ ହ୍ରାସ ଦେଖାଯାଇଛି। ଅନ୍ୟପକ୍ଷରେ ପାକିସ୍ତାନର ବୈଦେଶିକ ମୁଦ୍ରା ଭଣ୍ଡାରରେ ମଧ୍ୟ ଅନୁରୂପ ଭାବେ ଏକ ବଡ଼ ଧରଣର ହ୍ରାସ ଦେଖାଯାଇଛି। ରିପୋର୍ଟ ଅନୁଯାୟୀ, ପାକିସ୍ତାନର ମୁଦ୍ରା ଭଣ୍ଡାରରୁ ୬୯ ନିୟୁତ ଡଲାର ହ୍ରାସ ପାଇଛି।

ଏ ସମ୍ପର୍କରେ ଶୁକ୍ରବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) କହିଛି ଯେ ୧୮ ଜୁଲାଇରେ ଶେଷ ହୋଇଥିବା ସପ୍ତାହରେ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାରରେ ୧.୧୮୩ ବିଲିୟନ ଡଲାର ହ୍ରାସ ଘଟି ୬୯୫.୪୮୯ ବିଲିୟନ ଡଲାରରେ ପହଞ୍ଚିଛି। ପୂର୍ବ ସପ୍ତାହରେ, ବୈଦେଶିକ ମୁଦ୍ରା ଭଣ୍ଡାରରେ ୩.୦୬୪ ବିଲିୟନ ଡଲାର ହ୍ରାସ ପାଇ ୬୯୬.୬୭୨ ବିଲିୟନ ଡଲାର ରହିଥିଲା। ୨୦୨୪ ସେପ୍ଟେମ୍ବର ଶେଷରେ, ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ୭୦୪.୮୮୫ ବିଲିୟନ ଡଲାରର ସର୍ବକାଳୀନ ରେକର୍ଡ ସ୍ତରରେ ପହଞ୍ଚିଥିଲା। ଏଥିରେ ବିଶେଷ କଥା ହେଉଛି ଏହି କ୍ରମାଗତ ସପ୍ତାହଗୁଡ଼ିକରେ, ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ୭.୨୯୩ ବିଲିୟନ ଡଲାର ଅର୍ଥାତ୍ ୬୩ ହଜାର କୋଟି ଟଙ୍କାରୁ ଅଧିକ ହ୍ରାସ ପାଇଛି।

**ଡଲାର ତୁଳନାରେ ଟଙ୍କା ମୂଲ୍ୟରେ କ୍ରମାଗତ ହ୍ରାସର ପ୍ରଭାବ**

ପ୍ରକୃତରେ, ଟଙ୍କା ମୂଲ୍ୟରେ ହ୍ରାସ ଯୋଗୁଁ ଏହି ହ୍ରାସ ମୁଦ୍ରା ଭଣ୍ଡାରରେ ଦେଖାଯାଉଛି।

ଶୁକ୍ରବାର ପ୍ରକାଶିତ ତଥ୍ୟ ଅନୁଯାୟୀ, ୧୮ ଜୁଲାଇରେ ଶେଷ ହୋଇଥିବା ସପ୍ତାହରେ, ବିଦେଶୀ ମୁଦ୍ରା ଭଣ୍ଡାରର ଏକ ପ୍ରମୁଖ ଅଂଶ ବିଦେଶୀ ମୁଦ୍ରା ସମ୍ପତ୍ତି ୧.୨୦୧ ବିଲିୟନ ଡଲାର ହ୍ରାସ ପାଇ ୫୮୭.୬୦୯ ବିଲିୟନ ଡଲାରରେ ପହଞ୍ଚିଛି। ଡଲାରରେ ପ୍ରକାଶିତ ବିଦେଶୀ ମୁଦ୍ରା ସମ୍ପତ୍ତିରେ ବିଦେଶୀ ମୁଦ୍ରା ଭଣ୍ଡାରରେ ରଖାଯାଇଥିବା ୟୁରୋ, ପାଉଣ୍ଡ ଏବଂ ୟେନ ଭଳି ଅଣ-ଆମେରିକୀୟ ୟୁନିଟ୍ଗୁଡ଼ିକର ମୂଲ୍ୟବୃଦ୍ଧି କିମ୍ବା ଅବମୂଲ୍ୟାୟନର ପ୍ରଭାବ ଅନ୍ତର୍ଭୁକ୍ତ। ତଥାପି, ଆରବିଆଇ କହିଛି ଯେ ସପ୍ତାହ ମଧ୍ୟରେ ସୁନା ଭଣ୍ଡାର ୧୫୦ ନିୟୁତ ଡଲାର ବୃଦ୍ଧି ପାଇ ୮୪.୪୯୯ ବିଲିୟନ ଡଲାରରେ ପହଞ୍ଚିଛି। ଆରବିଆଇ କହିଛି ଯେ ଏସଡିଆର୍ ୧୧୯ ନିୟୁତ ଡଲାର ହ୍ରାସ ପାଇ ୧୮.୬୮୩ ବିଲିୟନ ଡଲାରରେ ପହଞ୍ଚିଛି। ସର୍ବୋଚ୍ଚ ବ୍ୟାଙ୍କର ତଥ୍ୟ ଅନୁଯାୟୀ, ସମୀକ୍ଷାଧୀନ ସପ୍ତାହରେ ଆଇଏମଏଫରେ ଭାରତର ରିଜର୍ଭ ସ୍ଥିତି ୧୩ ନିୟୁତ ଡଲାର ହ୍ରାସ ପାଇ ୪.୬୯୮ ବିଲିୟନ ଡଲାରରେ ପହଞ୍ଚିଛି।

ଅନ୍ୟପକ୍ଷରେ, ବ୍ୟାଙ୍କ ଅଫ୍ ପାକିସ୍ତାନର ଏକ ରିପୋର୍ଟ ଅନୁଯାୟୀ, ବାହ୍ୟ ଋଣ ପରିଶୋଧ ଯୋଗୁଁ କେନ୍ଦ୍ରୀୟ ବ୍ୟାଙ୍କ ପାଖରେ ଥିବା ପାକିସ୍ତାନର ବିଦେଶୀ ମୁଦ୍ରା ଭଣ୍ଡାର ୬୯ ଡଲାର ନିୟୁତ ହ୍ରାସ ପାଇଛି। ଜୁଲାଇ ୧୮ ରେ ଶେଷ ହୋଇଥିବା ସପ୍ତାହରେ ବ୍ୟାଙ୍କର ଭଣ୍ଡାର ୧୪.୪୬ ବିଲିୟନ ଡଲାର ଥିଲା, ଯାହା ପୂର୍ବ ସପ୍ତାହର ସ୍ତର ତୁଳନାରେ କମ୍।

- ଆମେରିକୀୟ ଆଇଟି କମ୍ପାନୀଙ୍କୁ ଟ୍ରମ୍ପଙ୍କ ନିର୍ଦ୍ଦେଶ

# ଭାରତୀୟଙ୍କୁ ଚାକିରି ଦିଅନି

ୱାଶିଂଟନ୍,୨୫।୭ (ଏଜେନ୍ସି): ବିବାଦୀୟ ବୟାନ ପାଇଁ ଜଣାଶୁଣା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପୁଣି ଆଉ ଏକ ତୁଗଲକି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥର ଟ୍ରମ୍ପ୍ ଗୁଗୁଲ୍, ମାଇକ୍ରୋସଫ୍ଟ ଏବଂ ମେଟା (ଫେସବୁକ୍) ଭଳି ଦେଶର ବଡ଼ ବଡ଼ ଟେକ୍ କମ୍ପାନୀଗୁଡ଼ିକୁ ଏକ କଡ଼ା ବାର୍ତ୍ତା ଦେଇଛନ୍ତି। ଭାରତୀୟମାନଙ୍କୁ ଚାକିରି ନ ଦେବାକୁ ଟ୍ରମ୍ପ୍ ରୋକ୍‌ଠୋକ୍ ଭାବେ ଏହି ଆଇଟି କମ୍ପାନୀଗୁଡିକୁ କହିଛନ୍ତି।

ବୁଧବାର ୱାଶିଂଟନଠାରେ ଏକ ଏଆଇ ସମ୍ମିଳନୀରେ ଟ୍ରମ୍ପ୍ କହିଛନ୍ତି ଯେ ଆମେରିକୀୟ କମ୍ପାନୀଗୁଡ଼ିକ ଏବେ ଚୀନରେ କାରଖାନା ନିର୍ମାଣ କରିବା କିମ୍ବା ଭାରତୀୟ ଟେକ୍ କର୍ମଚାରୀଙ୍କୁ ଚାକିରି ଦେବା ପରିବର୍ତ୍ତେ ନିଜ ଦେଶରେ ଚାକିରି ସୃଷ୍ଟି କରିବା ଉପରେ ଧ୍ୟାନ ଦେବା ଉଚିତ୍। ଟ୍ରମ୍ପ ଟେକ୍ ଶିଳ୍ପର ‘ବିଶ୍ୱବାଦୀ ମାନସିକତା’କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଏହି ମନୋଭାବ ଯୋଗୁଁ ଅନେକ ଆମେରିକୀୟ ଅବହେଳିତ ଅନୁଭବ କରୁଛନ୍ତି। ରାଷ୍ଟ୍ରପତି ଦାବି କରିଛନ୍ତି ଯେ କିଛି ଶୀର୍ଷ ଟେକ୍ କମ୍ପାନୀ ଆମେରିକୀୟ ସ୍ୱାଧୀନତା ବ୍ୟବହାର କରି ଲାଭ କରିଛନ୍ତି। କିନ୍ତୁ, ଦେଶ ବାହାରେ ବହୁ ପରିମାଣରେ ନିବେଶ କରିଛନ୍ତି। ଡୋନାଲ୍ଡ ଟ୍ରମ୍ପ ତିନୋଟି ନୂତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ମଧ୍ୟ ସ୍ୱାକ୍ଷର କରିଛନ୍ତି। ଏହାର ଉଦ୍ଦେଶ୍ୟ ହେଉଛି ଆମେରିକାରେ ଏଆଇ ବିକାଶକୁ ପ୍ରୋତ୍ସାହିତ କରିବା। ଏହାସହିତ, ଏଆଇ ଉପକରଣଗୁଡ଼ିକୁ ରାଜନୈତିକ ଭାବରେ ନିରପେକ୍ଷ କରିବା।

**■ ଆମେରିକୀୟଙ୍କ ପାଇଁ ପ୍ରଥମେ ଚାକିରି ଦିଅ**
**■ ଚୀନ୍‌ରେ କାରଖାନା ସ୍ଥାପନ ବନ୍ଦ କର**

ଆମେରିକୀୟ ଟେକ୍ କମ୍ପାନୀଗୁଡ଼ିକୁ ବିଦେଶରେ, ବିଶେଷକରି ଭାରତରେ ଚାକିରି ନ ଦେବା ପାଇଁ ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଏହା ତାଙ୍କର ‘ଆମେରିକା ପ୍ରଥମ’ ନୀତିର ଏକ ବିସ୍ତାର। ଏହା ଭାରତର ଆଇଟି କ୍ଷେତ୍ର ଏବଂ ବୃତ୍ତିଗତମାନଙ୍କ ଉପରେ ସିଧାସଳଖ ପ୍ରଭାବ ପକାଇପାରେ। ଟ୍ରମ୍ପଙ୍କ ଏହି ଆଦେଶ ଭାରତୀୟ ଆଇଟି ଏବଂ ଆଉଟସୋର୍ସିଂ କମ୍ପାନୀଗୁଡ଼ିକ ପାଇଁ ଏକ ବଡ଼ ଆହ୍ୱାନ।

### ବ୍ୟାଙ୍କ ଠକେଇରେ ଇଡିର କଡ଼ା କାର୍ଯ୍ୟାନୁଷ୍ଠାନ

# ୟୁକୋ ବ୍ୟାଙ୍କର ପୂର୍ବତନ ସିଏମ୍‌ଡିଙ୍କ ୧୦୬ କୋଟିର ସମ୍ପତ୍ତି ଜବତ

ନୂଆଦିଲ୍ଲୀ,୨୫।୭ (ଏଜେନ୍ସି)




ବ୍ୟାଙ୍କ ଠକେଇ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ୟୁକୋ ବ୍ୟାଙ୍କର ପୂର୍ବତନ ସିଏମ୍‌ଡି ସୁବୋଧ କୁମାର ଗୋୟଲ ଏବଂ ତାଙ୍କ ସହଯୋଗୀଙ୍କ ପ୍ରାୟ ୧୦୬.୩୬ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। ଏହି ସମ୍ପତ୍ତି ସ୍ଥାବର ଏବଂ ଅସ୍ଥାବର ଉଭୟ ରହିଛି। ଏକ ପ୍ରମୁଖ ବ୍ୟାଙ୍କ ଠକେଇ ମାମଲାରେ ମନି ଲଣ୍ଡରିଂ ତଦନ୍ତର ଅଂଶ ଭାବରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହି ମାମଲାରେ ଗୋୟଲ ଏବଂ ତାଙ୍କ ନିକଟତମ ଲୋକଙ୍କ ବିରୁଦ୍ଧରେ ଗମ୍ଭୀର ଅଭିଯୋଗ ରହିଛି।

**ମାମଲାରେ ଇଡ଼ି ଦ୍ୱାରା ଏ ପର୍ଯ୍ୟନ୍ତ ୬୧୨.୭୧ କୋଟି ଜବତ**

ଇଡ଼ି ଜୁଲାଇ ୧୧ରେ କୋଲକାତାର ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ କୋର୍ଟରେ ଗୋୟଲ, ତାଙ୍କ ପରିବାର, ନିକଟତମ ସହଯୋଗୀ ଏବଂ ସମ୍ବନ୍ଧିତ କମ୍ପାନୀଗୁଡ଼ିକ ବିରୁଦ୍ଧରେ ଏକ ଅତିରିକ୍ତ ଅଭିଯୋଗ ମଧ୍ୟ ଦାଖଲ କରିଥିଲା। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା ଏକ ଏଫ୍‌ଆଇଆର୍ ସହିତ ତଦନ୍ତ ଆରମ୍ଭ ହୋଇଥିଲା, ଯେଉଁଥିରେ କନକାଷ୍ଟ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ସିଏସ୍‌ପିଏଲ୍) ଏବଂ ଏହାର ପ୍ରମୋଟରମାନେ ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକୁ ୬୨୧୦.୭୨ କୋଟି ଟଙ୍କା (ସୁଧ ବ୍ୟତୀତ) ଠକେଇ କରିଥିବା ଅଭିଯୋଗ ହୋଇଛି। କମ୍ପାନୀ ଉପରେ ପାଣ୍ଠିର ଅପବ୍ୟବହାର, ଷ୍ଟକ୍ ଷ୍ଟେଟମେଣ୍ଟରେ ହେରଫେର ଏବଂ ବାଲାନ୍ସ ସିଟ୍ ଜାଲିଆତି କରିବାର ଅଭିଯୋଗ ରହିଛି। ଏହି ମାମଲାରେ ସୁବୋଧ କୁମାର ଗୋଏଲଙ୍କୁ ମେ’ ୧୬ରେ ଗିରଫ କରାଯାଇଥିଲା। ତାଙ୍କ ଉପରେ ସିଏସ୍‌ପିଏଲ୍ କୁ ୧୪୬୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଋଣ ମଞ୍ଜୁର କରିବାର ଅଭିଯୋଗ ରହିଛି, ଯାହା ପରେ ଏନ୍‌ପିଏ ହୋଇଯାଇଛି।

ଗୋଏଲ ନଗଦ ଟଙ୍କା, ସମ୍ପତ୍ତି ଏବଂ ଅନ୍ୟାନ୍ୟ ଲାଭ ଆକାରରେ ବେଆଇନ ଲାଞ୍ଚ ନେଇଥିବା ଅଭିଯୋଗ ହୋଇଛି। ଇଡି ଅନୁଯାୟୀ, ଗୋଏଲଙ୍କ ନିକଟତମ ସହଯୋଗୀ ଏବଂ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅନନ୍ତ କୁମାର ଅଗ୍ରୱାଲଙ୍କୁ ଜୁନ ୨୫ ରେ ଗିରଫ କରାଯାଇଥିଲା। ଅଗ୍ରୱାଲଙ୍କ ବିରୁଦ୍ଧରେ ସେଲ୍ କମ୍ପାନୀ ମାଧ୍ୟମରେ ବେଆଇନ ପାଣ୍ଠି ପରିଚାଳନା ଏବଂ ମନି ଲଣ୍ଡରିଂରେ ସାହାଯ୍ୟ କରିବାର ଅଭିଯୋଗ ରହିଛି। ଇଡ଼ି ଏ ପର୍ଯ୍ୟନ୍ତ ଏହି ମାମଲାରେ ମୋଟ ୬୧୨.୭୧ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି।

# ଲାଲଚନ୍ଦ୍ ଲକି ଡ୍ର : ତିନି ଗ୍ରାହକ ଲକ୍ଷପତି

ଭୁବନେଶ୍ୱର,୨୫।୭ (ସମିସ)




ପୂର୍ବଭାରତର ବୃହତ୍ତମ ଅଳଙ୍କାର ପ୍ରତିଷ୍ଠାନ ଲାଲଚନ୍ଦ୍ ଜୁଏଲର୍ସର ଲୋକପ୍ରିୟ ‘କୌନ୍ ବନେଗା ଲକ୍ଷପତି’ର ଏକ ଲକି ଡ୍ର ଉତ୍ସବ ଭୁବନେଶ୍ୱରର ହୋଟେଲ୍ ନିଉ ମାରିଅନ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ଅଢେଇ ହଜାର ଗ୍ରାହକ ଉତ୍ସାହର ସହ ଭାଗ ନେଇଥିଲେ।ଏହି ସିଜନ୍‌ର ପଞ୍ଚମ, ଷଷ୍ଠ ଓ ସପ୍ତମ ଲକ୍ଷପତି ବିଜେତା ଭାବେ ତିନି ଜଣ ଗ୍ରାହକଙ୍କ ନାମ ଘୋଷଣା କରାଯାଇଛି। ଏପ୍ରିଲ ମାସ ପାଇଁ ଦିବ୍ୟେନ୍ଦୁ ପ୍ରକାଶ ଶତପଥୀ ଲାଲଚନ୍ଦର ସିଡିଏ, କଟକ ଶୋ’ରୁମ୍‌ରୁ, ମେ ମାସ ପାଇଁ ଅନୀଲ କୁମାର ସାହୁ, କ୍ୟାଣ୍ଟନମେଣ୍ଟ,କଟକ ଶୋ’ରୁମ୍‌ରୁ ଏବଂ ଜୁନ୍ ପାଇଁ ଅଭିଷେକ ଶତପଥୀ, ରଘୁନାଥପୁର, ଭୁବନେଶ୍ୱର ଶୋ’ରୁମ୍‌ରୁ ଲକ୍ଷପତି ବିଜେତା ଘୋଷିତ ହୋଇଛନ୍ତି। ପ୍ରତ୍ୟେକ ବିଜେତାଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଛି। ଏହା ବ୍ୟତୀତ ବ୍ରହ୍ମପୁର ଶୋ’ରୁମ୍‌ରୁ ୧୦ ଜଣ ଓ ଦିଲ୍ଲୀ ଶୋ’ରୁମ୍‌ରୁ ୧୦ ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଛି।

ଏହି କାର୍ଯ୍ୟକ୍ରମରେ ଲାଲଚନ୍ଦ ଜୁଏଲର୍ସର ପ୍ରତିଷ୍ଠାତା ଅଧ୍ୟକ୍ଷ ସଂଜୟ ହଂସଙ୍କ ସହ ଓଲିଉଡ୍ ଅଭିନେତ୍ରୀ ଭୂମିକା, ସୂର୍ଯ୍ୟମୟୀ,ଅଭିନେତା କୁନା ତ୍ରିପାଠୀ ମଧ୍ୟ ଉପସ୍ଥିତ ଥିଲେ। ହଜାର ହଜାର ଗ୍ରାହକଙ୍କ ସାମ୍ନାରେ ଦର୍ଶକଙ୍କ ମଧ୍ୟରୁ ଛୋଟ ପିଲାମାନଙ୍କୁ ମଞ୍ଚକୁ ଡକାଯାଇ ଲଟେରି ଉଠାଣ କରାଯାଇଥିଲା। ଉପସ୍ଥାପିକା ସୁଲଗ୍ନା ଓ ପୁପିନ୍ଦର ଏହି ଶୋ’କୁ ଅତି ଆକର୍ଷଣୀୟ ଢଙ୍ଗରେ ପରିଚାଳନା କରିଥିଲେ। ଗାୟିକା ଲୋପାମୁଦ୍ରା ଦାସ, ଗାୟକ କୁଳଦୀପ ପଟ୍ଟନାୟକଙ୍କ ସଙ୍ଗୀତ ପରିବେଷଣ କରିଥିଲେ। ଲକି ଡ୍ରରେ ଭାଗନେଇଥିବା ପ୍ରତ୍ୟେକ ଗ୍ରାହକଙ୍କୁ ଏକ ମାଗଣା ଉପହାର ପ୍ରଦାନ କରାଯାଇଥିଲା। ଲାଲ୍‌ଚନ୍ଦ୍ ଜୁଏଲର୍ସର ପ୍ରତିଷ୍ଠାତା ଅଧ୍ୟକ୍ଷ ସଂଜୟ ହଂସ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି, ଆମ ଗ୍ରାହକମାନେ ଆମ ପାଇଁ ସବୁକିଛି। ଏହି ଅଭିଯାନ କେବଳ ବର୍ଷ ବର୍ଷ ଧରି ଆମ ପ୍ରତି ସେମାନଙ୍କ ଭରସା ପାଇଁ କୃତଜ୍ଞତା ପ୍ରକାଶ କରିବାର ଏକ ମାଧ୍ୟମ। କୌନ୍ ବନେଗା ଲକ୍ଷପତି ବା କେବିଏଲ୍ ୨୦୧୧ରେ ଆରମ୍ଭ ହୋଇଥିଲା। ଚଳିତ ଲକି ଡ୍ରର ୩ ଜଣ ବିଜେତାଙ୍କୁ ମିଶାଇ ଏ ପର୍ଯ୍ୟନ୍ତ ୧୯୫ ଜଣ ଗ୍ରାହକ ଲକ୍ଷପତି ହୋଇସାରିଲେଣି। ନଗଦ ପୁରସ୍କାର ବ୍ୟତୀତ ଏଯାବତ ଗ୍ରାହକମାନେ ୨୪ଟି କାର୍ ଜିତିସାରିଲେଣି, ଯାହା ମଧ୍ୟରେ ରହିଛି ଏକ ମର୍ସିଡିଜ୍ ବେଞ୍ଜ କାର୍। ସେହିପରି ଦୁଇଜଣ ଦମ୍ପତ୍ତିଙ୍କୁ ସୁଇଜରଲାଣ୍ଡ ଟୁର ପ୍ୟାକେଜ୍ ଉପହାର ଦିଆଯାଇଥିବାବେଳେ ୪ ଜଣ ଗ୍ରାହକ ଭୁବନେଶ୍ୱରରେ ଫ୍ଲାଟ୍ ଜିତିଛନ୍ତି। କାରଣ, ଲାଲ୍‌ଚାନ୍ଦ୍ ଜୁଏଲର୍ସ ଗ୍ରାହକ କଲ୍ୟାଣକୁ ପ୍ରାଥମିକତା ଦେଇଥାଏ। ଉଲ୍ଲେଖଯୋଗ୍ୟ ଯେ, ଲାଲଚନ୍ଦ ଗ୍ରାହକମାନେ ପ୍ରତି ୨୫ ହଜାର ଟଙ୍କାର ଖରିଦ ଉପରେ ଲକ୍ଷପତି କୁପନ ଓ ୧ ଲକ୍ଷ ଟଙ୍କାର ଖରିଦ ଉପରେ ଏକ କାର୍ କୁପନ ପାଇଥାନ୍ତି। ଲାଲ୍‌ଚାନ୍ଦ୍‌ର ମେଗା ବମ୍ପର ପୁରସ୍କାର ଭାବେ ରହିଛି ଏକ ଏମ୍‌ଜି ୱିଣ୍ଡସର କାର୍। ଏବେ ଲାଲ୍‌ଚନ୍ଦ୍‌ରେ ମନ୍‌ସୁନ୍ ଅଫର ଚାଲୁ ରହିଛି। ସମସ୍ତ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ମେସିନ୍ ଚେନ୍ ଉପରେ ମାତ୍ର ୭୯୯ ଟଙ୍କା ଗଢ଼ାମୂଲ୍ୟ ରହିଥିବା ବେଳେ ନିର୍ଦ୍ଦିଷ୍ଟ ହାତଘଣ୍ଟା ଉପରେ ଅଛି ୫୦% ରିଆତି। ଗୁରୁବାର ଲାଲ୍‌ଚନ୍ଦ୍ ଷ୍ଟୋର୍‌ରୁ ଖରିଦ କରି ଗ୍ରାହକମାନେ ଏକ ପୁରୀ ଟ୍ରିପ୍ ଜିତିପାରିବେ। ଏଥିରେ ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିବା ସହିତ ପୁରୀ ସ୍ଥିତ ତାଜ୍ ହୋଟେଲ୍‌ରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ରହିଛି। ଏବେ ଲାଲ୍‌ଚନ୍ଦ୍‌ର ସୋନେ ପେ ସୁହାଗା ଯୋଜନା ଗ୍ରାହକମାନଙ୍କୁ ଆହୁରି ଲାଭବାନ କରିବ। ଏହି ଯୋଜନା ମାଧ୍ୟମରେ ଗ୍ରାହକମାନେ ବିନା ମେକିଂ ଚାର୍ଜରେ ଅଳଙ୍କାର କିଣିପାରିବେ।

# ବିଶ୍ୱର ୨୦% ଚିପ୍ ଡିଜାଇନ୍ ଇଞ୍ଜିନିୟର ଭାରତରେ

ନୂଆଦିଲ୍ଲୀ, ୨୫।୭ (ଏଜେନ୍ସି): ଭାରତରେ ବିଶ୍ୱର ପ୍ରାୟ ୨୦% ଚିପ୍ ଡିଜାଇନ୍ ଇଞ୍ଜିନିୟର ଅଛନ୍ତି। ଏହି ଦୃଢ଼ ପ୍ରତିଭା ଆଧାରକୁ ନେଇ ସରକାର ଭାରତରେ ଏକ ସ୍ୱୟଂସମ୍ପୂର୍ଣ୍ଣ ସେମିକଣ୍ଡକ୍ଟର ଇକୋସିଷ୍ଟମ୍ ବିକାଶ ପାଇଁ ଅନୁକୂଳ ସୁଯୋଗ ସୃଷ୍ଟି କରିଛନ୍ତି। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଜିତିନ୍ ପ୍ରସାଦ ଆଜି ଲୋକସଭାରେ ଏହି ସୂଚନା ଦେଇଛନ୍ତି। ଶ୍ରୀ ପ୍ରସାଦ କହିଛନ୍ତି ଯେ, ପ୍ରମୁଖ ସେମିକଣ୍ଡକ୍ଟର କମ୍ପାନୀଗୁଡ଼ିକ ଭାରତରେ ଚିପ୍ ଡିଜାଇନ୍ ଏବଂ ଗବେଷଣା କେନ୍ଦ୍ର ସ୍ଥାପନ କରିଛନ୍ତି। ଭାରତରେ ଡିଜାଇନ୍ ହୋଇଥିବା ଏକ ଥ୍ରୀ ଏନଏମ ସେମିକଣ୍ଡକ୍ଟର ଚିପ୍ ନିକଟରେ ଉନ୍ମୋଚିତ ହୋଇଥିଲା। ଏହା ଭାରତୀୟ ଇଞ୍ଜିନିୟରମାନଙ୍କର ବୈଷୟିକ କ୍ଷମତା ଏବଂ ବିଶ୍ୱ ସେମିକଣ୍ଡକ୍ଟର ଶିଳ୍ପରେ ଭାରତୀୟ ଡିଜାଇନ୍ କେନ୍ଦ୍ରଗୁଡ଼ିକର ଗୁରୁତ୍ୱକୁ ପ୍ରଦର୍ଶନ କରେ। ସେ ଆହୁରି କହିଛନ୍ତି, ସେମିକଣ୍ଡକ୍ଟର ଚିପ୍ ଡିଜାଇନରେ ପ୍ରତିଭା ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ, ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଭିଏଲଏସଆଇ ଡିଜାଇନ୍ ଏବଂ ପ୍ରଯୁକ୍ତିବିଦ୍ୟା, ସମନ୍ୱିତ ସର୍କିଟ୍ (ଆଇସି) ଉତ୍ପାଦନ ପାଇଁ ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ (ଏଆଇସିଟିଇ) ଦ୍ୱାରା ନୂତନ ପାଠ୍ୟକ୍ରମ ପ୍ରଚଳନ କରାଯାଇଛି। ସେମିକଣ୍ଡକ୍ଟର ଡିଜାଇନ୍ କ୍ଷେତ୍ରରେ ୮୫ ହଜାର କୁଶଳୀ ମାନବ ସମ୍ବଳ ବିକଶିତ କରିବା ଏବଂ ସେମିକଣ୍ଡକ୍ଟର ଚିପ୍ସ ଡିଜାଇନ୍ କରିବା ପାଇଁ ଇଡିଏ ଉପକରଣ ପ୍ରଦାନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଛି। ବର୍ତ୍ତମାନସୁଦ୍ଧା ୧୦୦ଟି ପ୍ରତିଷ୍ଠାନରୁ ୪୫ ହଜାରରୁ ଅଧିକ ଛାତ୍ର ପଞ୍ଜୀକୃତ ହୋଇଛନ୍ତି।

## ଏ. ଡି. ରତ୍ନ ତେଜା ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳର ନୂତନ ମୁଖ୍ୟ ମହାପ୍ରବନ୍ଧକ

ଭୁବନେଶ୍ୱର,୨୫।୭ (ସମିସ)



ଭାରତୀୟ ଷ୍ଟେଟ ବ୍ୟାଙ୍କ ରତ୍ନ ତେଜା ଦିନକର ଅକେଲ୍ଲାଙ୍କୁ ଏହାର ଭୁବନେଶ୍ୱର ମଣ୍ଡଳର ନୂତନ ମୁଖ୍ୟ ମହାପ୍ରବନ୍ଧକ (ସିଜିଏମ୍) ଭାବେ ନିଯୁକ୍ତ କରିଛନ୍ତି। ଶ୍ରୀ ତେଜା ୧୯୯୪ ମସିହା ରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ରେ ପ୍ରୋବେସନାରୀ ଅଫିସର ଭାବରେ ଯୋଗ ଦେଇଥିଲେ। ତାଙ୍କର ୩୧ ବର୍ଷ ବ୍ୟାଙ୍କିଂ କ୍ୟାରିଏର ମଧ୍ୟରେ ସେ ରିଟେଲ ଅପେରସନ, କର୍ପୋରେଟ କ୍ରେଡିଟ, ଫୋରେକ୍ସ, ଏମଏସଏମଇ ଆଦି କ୍ଷେତ୍ରରେ ଦେଶ ବିଦେଶ ରେ ଅଭିଜ୍ଞତା ଅର୍ଜନ କରିଛନ୍ତି। ଏହା ପୂର୍ବରୁ ସେ ମୁମ୍ବାଇ ସ୍ଥିତ କର୍ପୋରେଟ ସେଣ୍ଟରରେ ମୁଖ୍ୟ ମହାପ୍ରବନ୍ଧକ (ରିସ୍କ ମ୍ୟାନେଜମେଣ୍ଟ ବିଭାଗ) ପଦବୀରେ କାର୍ଯ୍ୟରତ ଥିଲେ। ଭାରତୀୟ ଷ୍ଟେଟ ବ୍ୟାଙ୍କର ଓଡିଶାରେ ଥିବା ସମସ୍ତ ୯୧୭ଟି ଶାଖା ତାଙ୍କର ତତ୍ତ୍ୱାବଧାନ ଏବଂ ମାର୍ଗଦର୍ଶନରେ କାର୍ଯ୍ୟ କରିବେ।

# କଳା ଶୁକ୍ରବାର ; ୭୨୧ ପଏଣ୍ଟ ଖସିଲା ସେନ୍‌ସେକ୍ସ

ମୁମ୍ବଇ,୨୫।୭ (ଏଜେନ୍ସି)

ଭାରତୀୟ ସେୟାର ବଜାରରେ କ୍ରମାଗତ ଭାବେ ୪ର୍ଥ ଦିନ ପାଇଁ ହ୍ରାସ ଧାରା ଜାରି ରହିଛି। କମ୍ପାନୀଗୁଡିକର ତ୍ରୈମାସିକ ଆର୍ଥିକ ଫଳାଫଳ ନୈରାଶ୍ୟଜନକ ରହିବା ଏବଂ ବିଦେଶୀ ନିବେଶକମାନେ ବଡ଼ ଧରଣର ପୁଞ୍ଜି ପ୍ରତ୍ୟାହାର କରିନେବାର ପ୍ରଭାବ ଘରୋଇ ବଜାର କାରବାର ଉପରେ ଦେଖିବାକୁ ମିଳିଛି। ଫଳସ୍ୱରୂପ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସରେ ୭୨୧ ପଏଣ୍ଟ ହ୍ରାସ ଘଟିଛି। ଏଥିଯୋଗୁ ନିବେଶକମାନଙ୍କୁ ୬.୫ ଲକ୍ଷ କୋଟି ଟଙ୍କାର କ୍ଷତିର ସମ୍ମୁଖୀନ ହେବାକୁ ପଡିଛି। ତେଣୁ ନିବେଶକଙ୍କ ଲାଗି ଏହା କଳା ସୋମବାର ସାବ୍ୟସ୍ତ ହୋଇଛି।

ସେନ୍‌ସେକ୍ସ ହୋଇଥିବା ଏହି ହ୍ରାସକୁ ବିଗତ ଏକ ମାସ ମଧ୍ୟରେ ସର୍ବାଧିକ ବୋଲି ମଧ୍ୟ କୁହାଯାଉଛି। ଶୁକ୍ରବାର ବିଏସ୍‌ଇ ସେନ୍‌ସେକ୍ସରେ ୭୨୧.୦୮ ପଏଣ୍ଟ ବା ୦.୮୮ ପ୍ରତିଶତ ହ୍ରାସ ଘଟି ୮୧,୪୬୩.୦୯ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ଅନ୍ୟପକ୍ଷେ ନିଫ୍‌ଟି ୨୨୫.୧୦ ପଏଣ୍ଟ ବା ୦.୯୦ ପ୍ରତିଶତ ତଳକୁ ଖସି ୨୪,୮୩୭ ପଏଣ୍ଟ ସ୍ତରରେ ପହଞ୍ଚିଛି। ଦୁଇ ଦିନ ଭିତରେ ସେନ୍‌ସେକ୍ସ ୧୨୦୦ ପଏଣ୍ଟରୁ ଅଧିକ ହ୍ରାସ ପାଇଛି। କମ୍ପାନୀଗୁଡିକର ଦୁର୍ବଳ ତ୍ରୈମାସିକ ଆର୍ଥିକ ଫଳାଫଳ, ବିଦେଶୀ ନିବେଶକଙ୍କ ଦ୍ୱାରା ବିକ୍ରି ଓ ବିଶ୍ୱ ବଜାରରେ ଦୁର୍ବଳ ସଂକେତ ଘରୋଇ ନିବେଶକଙ୍କ ମନୋଭାବକୁ ଦୁର୍ବଳ କରିଛି। ଏହି କାରଣରୁ ଭାରତୀୟ ବଜାରରେ ଆଜି ବିକ୍ରି ଦେଖିବାକୁ ମିଳିଛି।

**• ନିବେଶକଙ୍କ ୬.୫ ଲକ୍ଷ କୋଟି ସ୍ୱାହା**
**• କମ୍ପାନୀର ଦୁର୍ବଳ ତ୍ରୈମାସିକ ଆର୍ଥିକ ଫଳାଫଳ,ବିଦେଶୀ ନିବେଶକଙ୍କ ବିକ୍ରିର ପ୍ରଭାବ**



ଆଜିର କାରବାରରେ ବିଏସ୍‌ଇ ସ୍ମଲକ୍ୟାପ୍ ଇଣ୍ଡେକ୍ସ ୧.୮୮ ପ୍ରତିଶତ ଓ ମିଡ୍‌କ୍ୟାପ୍ ଇଣ୍ଡେକ୍ସ ୧.୪୬ ପ୍ରତିଶତ ତଳକୁ ଖସି ବନ୍ଦ ହୋଇଛି। ସମସ୍ତ କ୍ଷେତ୍ରଭିତ୍ତିକ ଇଣ୍ଡେକ୍ସ ଆଜି ଲାଲ୍ ସଂକେତ ସହ ବନ୍ଦ ହୋଇଛି। ସବୁଠୁ ଅଧିକ ବିକ୍ରି ଆଇଟି, ପାୱାର, ଆୟଲ୍ ଆଣ୍ଡ ଗ୍ୟାସ୍, ଫାଇନାନ୍ସିଆଲ୍ ଓ ୟୁଟିଲିଟି ସେୟାରରେ ଦେଖିବାକୁ ମିଳିଛି। ଅପରପକ୍ଷେ ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନୀଗୁଡ଼ିକର ମୋଟ ବଜାର ପୁଞ୍ଜି ଆଜି ଜୁଲାଇ ୨୫ରେ ହ୍ରାସ ପାଇ ୪୫୧.୫୯ ଲକ୍ଷ କୋଟି ଟଙ୍କା ହୋଇଛି। ପୂର୍ବ କାରବାର ଦିନ ଏହା ୪୫୮.୧୦ ଲକ୍ଷ କୋଟି ଟଙ୍କା ରହିଥିଲା। ସେହିଭରି ଭାବେ ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନୀଗୁଡିକର ବଜାର ପୁଞ୍ଜି ଆଜି ପ୍ରାୟ ୬.୫୧ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି। ଅନ୍ୟ ଶବ୍ଦରେ କହିବାକୁ ଗଲେ ଆଜି ନିବେଶକଙ୍କୁ ପ୍ରାୟ ୬.୫୧ ଲକ୍ଷ କୋଟି ଟଙ୍କା କ୍ଷତି ସହିବାକୁ ପଡିଛି।

ସେୟାର ବଜାରରେ ଆଜିର ହ୍ରାସ ଏତେ ବଡ଼ ଥିଲା, ବିଏସ୍‌ଇ ସେନ୍‌ସେକ୍ସର ୩୦ ମଧ୍ୟରୁ ୨୯ ସେୟାର ଲାଲ୍ ସଂକେତରେ ବନ୍ଦ ହୋଇଛି। ବଜାଜ ଫାଇନାନ୍ସର ସେୟାର ୪.୭୩ ପ୍ରତିଶତ ହ୍ରାସ ସହ ସବୁଠାରୁ ଅଧିକ କ୍ଷତିର ସମ୍ମୁଖୀନ ହୋଇଛି। ଆଜିର କାରବାରରେ କେବଳ ସନ୍ ଫାର୍ମା ଷ୍ଟକ୍ ହିଁ ସବୁଜ ସଂକେତରେ ବନ୍ଦ ହୋଇଛି।

ସକାଳ
THE SAKALA
www.sakalaepaper.com

# ସମ୍ପୂର୍ଣ୍ଣା



## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ। ପାରିବାରିକ ମତଭେଦ ଦୂର ହେବ।

**ବୃଷ:** ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ। କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଶୁଭ ସମ୍ବାଦ ମିଳିବ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି।

**ସିଂହ:** ଦାମ୍ପତ୍ୟ ଜୀବନ ଅନୁକୂଳ ରହିବ। କିଛି କ୍ଷେତ୍ରରେ ଅସଫଳ ରହିବେ। କାଳୀ ମା'ଙ୍କ ପୂଜା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରୁହନ୍ତୁ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବସାୟରୁ ଲାଭ ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ। ଋଣ ସମସ୍ୟା ଦୂର ହେବ। ଧାର୍ମିକ ଯାତ୍ରା କରିପାରନ୍ତି।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲା ଆପଣଙ୍କ ସପକ୍ଷରେ ରହିବ। ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ। ଘର ପାଇଁ ନୂଆ ଜିନିଷ କିଣିବେ।

**ମକର:** ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦିନଟିରେ ଖୁସି ରହିବେ। ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ଗୀତ, ନାଚରେ ସମୟ ଅତିବାହିତ କରିବେ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୮୭୬-କଲିକତାରେ ଇଣ୍ଡିଆନ୍ ଆସୋସିଏସନ୍‌ର ପ୍ରତିଷ୍ଠା।
- ୧୯୪୫- ବ୍ରିଟେନର ପ୍ରଧାନମନ୍ତ୍ରୀ ୱିନ୍‌ଷ୍ଟନ୍ ଚର୍ଚ୍ଚିଲ ନିଜ ପଦରୁ ଇସ୍ତଫା ଦେଲେ।
- ୧୯୯୭- ଶ୍ରୀଲଙ୍କା ଏସିଆ କପ୍ କ୍ରିକେଟ୍ ଜିତିଲା।
- ୨୦୦୮ - ଅହମ୍ମଦାବାଦରେ ହୋଇଥିବା ବୋମା ବିସ୍ଫୋରଣରେ ୫୬ ଜଣଙ୍କର ମୃତ୍ୟୁ ଓ ୨୦୦ରୁ ଅଧିକ ଲୋକ ଆହତ।
- ୨୦୧୨- ସିରିଆରେ ହିଂସା ଯୋଗୁଁ ଦିନକରେ ୨୦୦ ଲୋକଙ୍କ ପ୍ରାଣହାନି।



## କାରଗିଲ ବିଜୟ ଦିବସ

ଜୁଲାଇ ୨୬ ତାରିଖ, କାରଗିଲ ବିଜୟ ଦିବସ। ଭାରତୀୟ ଇତିହାସରେ ଏକ ସ୍ମରଣୀୟ ଦିନ। ପାକିସ୍ତାନ ବିରୋଧରେ ଭାରତୀୟ ସେନାର ବୀରତ୍ୱକୁ ମନେପକାଉଛି ସାରାଦେଶ। ୧୯୯୯ ମସିହା ଆଜିର ଦିନରେ ଭାରତ ପାକିସ୍ତାନକୁ ପରାଜିତ କରି କାରଗିଲରେ ବିଜୟ ଧ୍ୱଜା ଉଡ଼ାଇଥିଲା। କାରଗିଲରେ ଭାରତୀୟ ସୈନ୍ୟମାନେ ପାକିସ୍ତାନକୁ ଧୂଳି ଚଟେଇ ଦେଇଥିଲେ। କାରଗିଲ ଯୁଦ୍ଧ ୧୯୯୯ ମେ' ୩ ତାରିଖରୁ ଆରମ୍ଭ ହୋଇ ଜୁଲାଇ ୨୬ ତାରିଖରେ ଶେଷ ହୋଇଥିଲା। ଯୋଜନାବଦ୍ଧ ଭାବେ ପାକିସ୍ତାନ ୧୯୯୮ରୁ ହିଁ ଯୁଦ୍ଧର ଆରମ୍ଭ କରିଥିଲା। ୫ ହଜାର ସୈନ୍ୟଙ୍କୁ କାରଗିଲ ଦଖଲ ପାଇଁ ପଠାଇଥିଲା ପାକିସ୍ତାନ। କାରଗିଲ ଯୁଦ୍ଧରେ ୫୦୦ରୁ ଅଧିକ ଭାରତୀୟ ଯବାନ ଶହିଦ ହୋଇଥିବାବେଳେ ପାକିସ୍ତାନ ହରାଇଥିଲା ୪୦୦୦ରୁ ଊର୍ଦ୍ଧ୍ୱ ସୈନିକ। ପାକିସ୍ତାନକୁ ମାତ୍ ଦେବା ପାଇଁ ଭାରତୀୟ ସୈନ୍ୟ ନିଜ ଜୀବନକୁ ଜଳାଞ୍ଜଳି ଦେଇଥିଲେ। ସମୁଦ୍ର ପତ୍ତନଠାରୁ ପ୍ରାୟ ୧୮ ହଜାର ଫୁଟ ଉଚ୍ଚ ଏବଂ ମାଇନସ୍ ୪୮ ଡିଗ୍ରୀ ସେଲସିଅସ୍ ତାପମାତ୍ରାରେ ଶତ୍ରୁସୈନ୍ୟର ମୁକାବିଲା କରିଥିଲା ଭାରତୀୟ ସେନା। ଦେଶ ପାଇଁ ଲଢ଼ି ଚାଲିଥିଲେ ଯବାନମାନେ। ସେତେବେଳେ ଏ ଯୁଦ୍ଧ ଟେଲିଭିଜନରେ ପ୍ରସାରିତ ହୋଇଥିଲା। କାରଗିଲ ବିଜୟ ଦିବସ ଅବସରରେ ସାରା ଦେଶ ବୀର ସହିଦମାନଙ୍କୁ ସେମାନଙ୍କର ଅଦମ୍ୟ ସାହସ ପାଇଁ ଶ୍ରଦ୍ଧାଞ୍ଜଳି ଦେଇଥାଏ।

## ଆଜି ଆସିଥିଲେ


### ସଂଗ୍ରାମୀ ମାଳତୀ ଚୌଧୁରୀ



ଜଣେ ଗାନ୍ଧିବାଦୀ ସମାଜସେବୀ ଓ ସ୍ୱାଧୀନତା ସଂଗ୍ରାମୀ ଭାବେ ମାଳତୀ ଚୌଧୁରୀ ଏକ ସୁପରିଚିତ ନାମ। ପାଠପଢ଼ା ସମୟରୁ ପରାଧୀନ ଭାରତର ମୁକ୍ତି ସଂଗ୍ରାମରେ ଯୋଗ ଦେଇ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସମାଜସେବାକୁ ବ୍ରତ ରୂପେ ସେ ପାଳନ କରିଥିଲେ। ମାଳତୀ ଚୌଧୁରୀ ୧୯୦୪ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ୧୬ ବର୍ଷ ବୟସରେ ରବୀନ୍ଦ୍ରନାଥଙ୍କ ପ୍ରତିଷ୍ଠିତ ବିଶ୍ୱଭାରତୀରେ ଯୋଗ ଦେବା ପରେ ତାଙ୍କ ଜୀବନଶୈଳୀ ବଦଳି ଯାଇଥିଲା। ସେଠାରେ ପଢୁଥିବା ସମୟରେ ଗାନ୍ଧିଜୀ ଓ ରବୀନ୍ଦ୍ରନାଥଙ୍କ ଆଦର୍ଶର ଗଭୀର ପ୍ରଭାବ ତାଙ୍କ ଉପରେ ପଡ଼ିଥିଲା। ସେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେବା ପାଇଁ ଆଗଭର ହୋଇ ଉଠିଥିଲେ। ମାଳତୀ ଚୌଧୁରୀ ଯୁବକ ନବକୃଷ୍ଣ ଚୌଧୁରୀ ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇ ତାଙ୍କୁ ବିବାହ କରିଥିଲେ। ୧୯୨୭ରେ ଦୁହେଁ ଶାନ୍ତି ନିକେତନ ଛାଡି ଓଡ଼ିଶା ଆସିଥିଲେ। ବିବାହ ପରେ ମାଳତୀଙ୍କ କର୍ମଭୂମି ପାଲଟିଗଲା ଓଡ଼ିଶା। ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଭାବେ ଯୋଗଦେବା ସମୟରେ ସେ ଏକାଧିକ ବାର ସରଳା ଦେବୀ, ରମା ଦେବୀଙ୍କ ସହ ବନ୍ଦୀ ହୋଇଥିଲେ। ସ୍ୱାଧୀନତା ସଂଗ୍ରାମର ପ୍ରଜାମଣ୍ଡଳ ଆନ୍ଦୋଳନରେ ସେ ଏତେ ମାତ୍ରାରେ ଜଡ଼ିତ ଥିଲେ ଯେ, ଇଂରେଜ ସରକାର ତାଙ୍କୁ "ଜୋଆନ୍ ଅଫ୍ ଆର୍କ" ନାମରେ ସମ୍ବୋଧନ କରୁଥିଲେ। ଅନୁଗୁଳଠାରେ ସେ ବାଜିରାଉତ ଛାତ୍ରାବାସ ପ୍ରତିଷ୍ଠା କରିଥିଲେ, ଯେଉଁଠାରେ ପ୍ରଜାମଣ୍ଡଳ ଆନ୍ଦୋଳନର ଅଂଶଗ୍ରହଣକାରୀଙ୍କୁ ପ୍ରସ୍ତୁତ କରାଯାଉଥିଲା। ଅନୁଗୁଳରେ ଉତ୍କଳ ନବଜୀବନ ମଣ୍ଡଳ ପ୍ରତିଷ୍ଠା କରି ସେ ପୌଢ଼ଶିକ୍ଷା ଓ ଅନ୍ୟାନ୍ୟ ଜନହିତକର କାର୍ଯ୍ୟ ହାତକୁ ନେଇଥିଲେ। ସେ ମଧ୍ୟ ବିନୋବା ଭାବେଙ୍କ ଭୂଦାନ ଆନ୍ଦୋଳନରେ ଯୋଗ ଦେଇଥିଲେ। ବହୁ ଜାତୀୟ ପୁରସ୍କାର ପ୍ରାପ୍ତ ହୋଇଥିବା ମାଳତୀ ଚୌଧୁରୀ ୧୫ ମାର୍ଚ୍ଚ, ୧୯୯୮ରେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ।


## ଆଜି ବାହୁଡ଼ିଥିଲେ

### ପଣ୍ଡିତ ଗୋଦାବରୀଶ ମିଶ୍ର



ସତ୍ୟବାଦୀ ଆନ୍ଦୋଳନର ପ୍ରମୁଖ ବ୍ୟକ୍ତିତ୍ୱ ଥିଲେ ପଣ୍ଡିତ ଗୋଦାବରୀଶ ମିଶ୍ର। ସେ ଏକାଧାରରେ ଥିଲେ ଜଣେ କବି, ଗାଥା କବି, ନାଟ୍ୟକାର, ଔପନ୍ୟାସିକ, ଗାଳ୍ପିକ, ପ୍ରାବନ୍ଧିକ, ସୁସମାଲୋଚକ ଏବଂ ସଂଯୋଜକ। ଓଡ଼ିଆ ସାହିତ୍ୟରେ ସେ ପ୍ରଥମ ଗାଥା କବିତାର ସ୍ରଷ୍ଟା ଭାବେ ପରିଚିତ। ଗୋଦାବରୀଶ ମିଶ୍ର ୧୮୮୬ ମସିହା ଅକ୍ଟୋବର ମାସ ୨୬ ତାରିଖ ଅବିଭକ୍ତ ପୁରୀ ଜିଲ୍ଲା ବାଣପୁର ନିକଟରେ ଶ୍ରୀନିବାସପୁର ଶାସନରେ ଜନ୍ମଗ୍ରହଣ କରିଥିଲେ। ସେ ଆଧୁନିକ ପଞ୍ଚସଖାଙ୍କ ମଧ୍ୟରୁ ଜଣେ। ଉତ୍କଳମଣି ଗୋପବନ୍ଧୁଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେ ସେବାକୁ ନିଜ ଜୀବନର ବ୍ରତ ଭାବେ ଗ୍ରହଣ କରିଥିଲେ। ଗାନ୍ଧୀ ଓ ସୁଭାଷ ଥିଲେ ତାଙ୍କର ଆଦର୍ଶ। ଓଡ଼ିଶାକୁ ଗଢ଼ିବା ପାଇଁ ପଣ୍ଡିତ ନୀଳକଣ୍ଠ, ଆଚାର୍ଯ୍ୟ ହରିହର ପ୍ରମୁଖଙ୍କ ସହ ସେ ଭାର୍ଗବୀ ନଦୀ କୂଳରେ ଶପଥ ନେଇଥିଲେ। ସତ୍ୟବାଦୀ ବନବିଦ୍ୟାଳୟରୁ ତାଙ୍କ ଶିକ୍ଷକ ଜୀବନ ଆରମ୍ଭ ହୋଇଥିଲା। ସ୍ୱେଚ୍ଛାକୃତ ଭାବେ ସେ ଶିକ୍ଷକ ଜୀବନରୁ ଅବସର ନେଇଥିଲେ। ଏହାପରେ ବିଚ୍ଛିନ୍ନାଞ୍ଚଳରେ ସଂଗଠନ ଦାୟିତ୍ୱ ତୁଲାଇ ଥିଲେ। ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ମନ୍ତ୍ରିମଣ୍ଡଳରେ ସେ ଅର୍ଥ ଓ ଶିକ୍ଷା ମନ୍ତ୍ରୀ ଦାୟିତ୍ୱ ତୁଲାଇ ଥିଲେ। ଏହି ସମୟରେ ତାଙ୍କ ପ୍ରଚେଷ୍ଟାରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଆତ୍ମଜୀବନୀ 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ପାଇଁ ତାଙ୍କୁ ୧୯୬୧ ମସିହାରେ ମରଣୋତ୍ତର ଭାବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଇତିହାସ, କିମ୍ବଦନ୍ତୀ ଓ ରୂପକଥାକୁ ଅବଲମ୍ବନ କରି ସେ କବିତା ରଚନା କରୁଥିଲେ। ଏସବୁ ମଧ୍ୟରେ 'କାଳିଜାଈ' ଗାଥା କବିତା ତାଙ୍କର ଏକ ସ୍ୱର୍ଣ୍ଣିମ ସୃଷ୍ଟି। ସେ 'ଘଟାନ୍ତର', 'ଅଭାଗିନୀ', 'ଅଠର ଶହ ସତର', 'ନିର୍ବାସିତ' ଆଦି ଉପନ୍ୟାସର ସ୍ରଷ୍ଟା। ଏହି ସାରସ୍ୱତ ସାଧକଙ୍କର ୧୯୫୬ ମସିହା ଆଜିର ଦିନରେ ଦେହାନ୍ତ ହୋଇଥିଲା।

## ବୀରଙ୍କ ପ୍ରେମରେ ତାରା



ବଲିଉଡ୍ ଅଭିନେତ୍ରୀ ତାରା ସୁତାରିଆ ତାଙ୍କ ବୃତ୍ତିଗତ ଜୀବନ ସହ ବ୍ୟକ୍ତିଗତ ଜୀବନକୁ ନେଇ ମଧ୍ୟ ଚର୍ଚ୍ଚାରେ ଥାଆନ୍ତି। ଏବେ ତାରା ପୁଣି ଥରେ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚାରେ ଅଛନ୍ତି। ପ୍ରଥମେ ସେ ଆଦର ଜୈନଙ୍କ ସହ ପ୍ରେମ ସମ୍ପର୍କରେ ଥିଲେ। କିନ୍ତୁ ତାଙ୍କ ସହ ବ୍ରେକ୍‌ଅପ୍ ହେବା ପରେ ସେ ଭାଙ୍ଗିପଡ଼ିଥିଲେ। ଏବେ ତାରା ବୀର ପହାଡ଼ିଆଙ୍କ ସହ ପ୍ରେମ ସମ୍ପର୍କରେ ଥିବା କୁହାଯାଉଛି। ତାରା ଓ ବୀର ଆଉ ସେମାନଙ୍କ ସମ୍ପର୍କକୁ ଲୁଚାଇବାକୁ ଚାହୁଁ ନ ଥିବା ଜଣାପଡ଼ୁଛି। ନିକଟରେ ତାରା ଦିଲ୍ଲୀରେ ଆୟୋଜିତ ଇଣ୍ଡିଆ କାଉଚର୍ ୱିକ୍‌ରେ ଅଂଶଗ୍ରହଣ କରିଥିଲେ। ଏଥିରେ ସେ ଏକ ଷ୍ଟ୍ରାପ୍‌ଲେସ୍ ଗାଉନ୍ ପିନ୍ଧି ର୍ୟାମ୍ପ ୱାକ୍ କରିଥିଲେ। ଏହି ସମୟରେ ତାରା ଆଗଧାଡ଼ିରେ ବସିଥିବା ବୀରଙ୍କ ଉଦ୍ଦେଶ୍ୟରେ ଫ୍ଲାଇଂ କିସ୍ କରିଥିଲେ। ବୀର ତାରାଙ୍କୁ ଦେଖି ହସି ଦେଇଥିଲେ। ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି। ତାରା ଓ ବୀରଙ୍କ ଏହି କେମେଷ୍ଟ୍ରି ଦେଖି ଉଭୟ ପ୍ରେମ ସମ୍ପର୍କରେ ଥିବା କଥା ଏକପ୍ରକାର ସ୍ପଷ୍ଟ ହୋଇଛି। ଗତ ମେ ମାସରେ ଉଭୟ ଲାକ୍‌ମେ ଫେଶନ୍ ୱିକ୍‌ରେ ଏକାଠି ର୍ୟାମ୍ପ ୱାକ୍ କରୁଥିବାବେଳେ ସେମାନଙ୍କ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ଏହାପରେ ଉଭୟଙ୍କୁ ମୁମ୍ବାଇର ଏକ ରେସ୍ତୋରାଁରେ ଏକାଠି ଦେଖାଯାଇଥିଲା।

# ସୁମନ

## ସକାଳ ଶିଶୁ କୁଇଜ୍-୧୭୨

(୧) ରାମାୟଣରେ ଭରତଙ୍କ ପତ୍ନୀଙ୍କ ନାମ କ'ଣ ଥିଲା?
ଉତ୍ତର: ______

(୨) ଧୂଆଁଧାର ଜଳପ୍ରପାତ ଭାରତର କେଉଁ ରାଜ୍ୟରେ ଅବସ୍ଥିତ?
ଉତ୍ତର: ______

(୩) ଅନ୍ତର୍ଜାତୀୟ ସାକ୍ଷରତା ଦିବସ କେବେ ପାଳନ କରାଯାଏ?
ଉତ୍ତର: ______

(୪) ଭାରତରେ ପ୍ରଥମ ଥର ଜନଗଣନା କେବେ ହୋଇଥିଲା?
ଉତ୍ତର: ______

(୫) 'ରାଜତରଙ୍ଗିଣୀ'ର ରଚୟିତା କିଏ?
ଉତ୍ତର: ______

**ଗତ ସପ୍ତାହର କୁଇଜ୍ ବିଜେତା**
- ସଞ୍ଜୀବ କୁମାର ଭୋଇ, କୁଶଙ୍ଗ, ବଲାଙ୍ଗୀର
- ଓମ୍ ପ୍ରକାଶ ରଣା, ଚକେଇସିହାଣି, ଭୁବନେଶ୍ୱର
- ସାଇ ସ୍ମୃତି ମହାନ୍ତି, ଆଠଗଡ଼, କଟକ

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯



ଧୀରେନ୍ଦ୍ର ମଲ୍ଲିକ

କୁନି କାନ୍ଧରେ ମୋ କୁନି କାଉଡ଼ିକୁ
କାନ୍ଧେଇ ନେଉଛି ମୁହିଁ
ଖାଲ ଢିପ ରାସ୍ତା ତଥାପି ଯମାରୁ
କଷ୍ଟ ମୋତେ ଲାଗୁନାହିଁ।
ଦଶାସନୀ ଘାଟୁ ଉଠାଇଲି ପାଣି
କାଉଡ଼ିକୁ ପୂଜା କରି,
ଶିବ ନାମ ଜପି ଆଗକୁ ବଢ଼ିଲି
କଲିନାହିଁ ତିଳେ ଡେରି।
ଖରା ବରଷାକୁ ଭୟ ମୋ ନ ଥିଲା
ମନେ ରହିଥିଲା ଭକ୍ତି,
ପାଦ ପଡୁଥିଲା ଚଞ୍ଚଳ ଚଞ୍ଚଳ
ଦେଉଥିଲେ ପ୍ରଭୁ ଶକ୍ତି।
କୁନି କାଉଡ଼ିଆଟିଏ ବୋଲି ମୁହିଁ
ନ ଥିଲା ମନରେ ଭୟ,
କେବଳ ଶିବଙ୍କ ପାଖରେ ମୋହର
ରହିଥିଲା ପରା ଲୟ।
ଶେଷରେ ପ୍ରଭୁଙ୍କ ପାଖରେ ପହଞ୍ଚି
ଆନନ୍ଦେ ଦର୍ଶନ କଲି,
କଳସରେ ନେଇଥିବା ଜଳ ତାଙ୍କ
ମସ୍ତକରେ ଢାଳି ଦେଲି ।।

ନୀଳକଣ୍ଠପୁର, ମଙ୍ଗଳପୁର,
ଯାଜପୁର
ମୋ-୭୯୦୪୩୯୨୬୮୬

## କାଉଡ଼ିଆ ମୁହେଁ ଫୁଟିଛି ହସ



କୁମାରୀ ଲିତୁରାଣୀ ସାହୁ

ଆସରେ ପିଲାଏ ଦେଖିବ ଆସ
କାଉଡ଼ିଆ ମୁହେଁ ଫୁଟିଛି ହସ।
ଗେରୁଆ ବସନ ଦେହରେ ନାଇ
ଶିବଙ୍କର ନାମ ତୁଣ୍ଡରେ ଗାଇ।
କାନ୍ଧରେ ବୋହିଛି ଜଳର ଭାର
ଧାଇଁ ଧାଇଁ ଯାଏ ଶିବ ମନ୍ଦିର।
ଝଡ଼ ବରଷାକୁ ଖାତର ନାହିଁ
ମାନସିକ ପୂରା କରିବା ପାଇଁ।
ଶିବ ମନ୍ଦିରରେ ପହଞ୍ଚି ଯାଇ
ଠିଆ ହୋଇଯାଏ ଧାଡ଼ିରେ ରହି।
ଆସିଯାଏ ଯେବେ ତାହାରି ପାଳି
ଶିବ ଲିଙ୍ଗେ ଜଳ ଦିଏ ତ ଢାଳି।
ବିନତୀ କରେ ମୁଁ, ଆହେ ଶଙ୍କର
ମାନସିକ ପୂରା କର ତାଙ୍କର।

ଅଷ୍ଟମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଜଗମୋହନ ପୁର, ତେଲକୋଇ, କେନ୍ଦୁଝର
ମୋ–୮୨୪୯୭୭୦୭୩୦



## ମାନବିକତା





ଦେବେନ୍ଦ୍ର କର

ଦ୍ୱିପହର ସମୟ। ତତଲା ପବନରେ ଦେହ ହାତ ଜଳିପୋଡ଼ି ଯାଉଥାଏ। ସୌରଭ ଦାଣ୍ଡ ଫାଟକ ଖୋଲି ଦାଣ୍ଡକୁ ଆସିଲା। ବାପା ରାସ୍ତା କଡ଼ରେ ଦୁଇଟି ମାଟି ପାତ୍ର ରଖିଛନ୍ତି। ସୌରଭକୁ କହିଛନ୍ତି ସକାଳେ ଆଉ ଦ୍ୱିପହରରେ ଏଥିରେ ପାଣି ଭରିଦେବା ପାଇଁ। ବୁଲା ଗୋରୁଗାଇ, କୁକୁର ଆଉ କେତେ ରକମର ଚଢ଼େଇ ଆସି ସେଇ ପାତ୍ରରୁ ପାଣି ପିଉଛନ୍ତି। ଖରାଦିନ ସେମାନଙ୍କୁ କୋଉଠୁ ଟୋପେ ପାଣି ମିଳୁ ନ ଥିବ। ପାତ୍ରରେ ଅଳ୍ପ ଜଳ କମି ଯାଇଥାଏ ସୌରଭ ସଙ୍ଗେ ସଙ୍ଗେ ଆଣି ସେଥିରେ ଭରିଦେଲା। ଘର ଭିତରୁ ମା ଡାକ ଦେଲେ ଖରାବେଳେ ଏଣେତେଣେ ନ ବୁଲି ଟିକେ ସମୟ ଶୋଇ ପଡ଼ୁନୁ। ସୌରଭ କହିଲା ନାହିଁ ମା' ମୁଁ ଶୋଇବି ନାହିଁ ଯାଉଛି ଟ୍ୟୁସନ ପାଠ ସାରିଦେବି। ଏତିକି କହି ସୌରଭ ଆସିକି ତା' ପଢା ଟେବୁଲ ପାଖରେ ପଡ଼ି ବସିଲା। ଏଇ ସମୟରେ ଦାଣ୍ଡରେ ଆଇସକ୍ରିମ୍‌ବାଲାର ଡାକ ଶୁଭିଲା। ସୌରଭର ଆଇସକ୍ରିମ୍ ଖାଇବାକୁ ଭାରି ଇଚ୍ଛା ହେଲା ହେଲେ ତା' ପାଖରେ ଟଙ୍କାଟିଏ ବି ନ ଥିଲା। ମାଙ୍କୁ ନିଦରୁ ଡାକିଲେ ବିରକ୍ତ ହେବେ। ଏଣୁତେଣୁ ଭାବିଭାବି ସୌରଭ ଦାଣ୍ଡକୁ ଆସିଲା। ଏବେ ବି ଖରା କମି ନ ଥାଏ, ଗରମ ପବନ ବୋହୁଥାଏ। ସୌରଭ ଦେଖିଲା ସେ ଆଇସକ୍ରିମ୍‌ବାଲା ଜଣଙ୍କ ତାଙ୍କ ଘର ସାମ୍ନାରେ ଥିବା ଆମ୍ବଗଛ ତଳେ ଛିଡ଼ା ହୋଇଛନ୍ତି। ସେ ଥକି ଗଲା ଭଳି ଦିଶୁଥାନ୍ତି, ଦେହରୁ ଗମଗମ୍ ହେଇ ଝାଳ ବୋହିଯାଉଥାଏ। ସୌରଭ ଚଟାପଟ୍ ଘର ଭିତରକୁ ଧାଇଁଗଲା। ଲେମ୍ବୁ ଆଉ ଟିକେ ଚିନି ଆଣି ଲେମ୍ବୁ ପାଣି ତିଆରି କଲା। ଏଥର ଚାଲିଲା ଆଇସକ୍ରିମ୍‌ବାଲା ଅଙ୍କଲଙ୍କ ପାଖକୁ। ଅଙ୍କଲ ନିଅନ୍ତୁ ପିଇ ଦିଅନ୍ତୁ ଆପଣ ବହୁତ ଥକି ଗଲା ଭଳି ଦିଶୁଛନ୍ତି। ଏ ଲେମ୍ବୁପାଣି ମୁଁ ନିଜେ ତିଆରି କରିଛି। ଗ୍ଲାସ୍‌ଟି ସୌରଭ ହାତରୁ ନେଉ ନେଉ ଆଇସକ୍ରିମ୍‌ବାଲା ପଚାରିଲେ ବାବା ତୁମେ କୋଉ କ୍ଲାସ୍‌ରେ ପଢୁଛ? ସୌରଭ କହିଲା ମୋର ପଞ୍ଚମ ଶ୍ରେଣୀ। ଲେମ୍ବୁ ପାଣି ପିଇ ଆଇସକ୍ରିମ୍‌ବାଲା ଅଙ୍କଲ ବହୁତ ଖୁସି ହେଲେ ଆଉ କହିଲେ ମନ ଲଗେଇ ପାଠ ପଢ଼ ଆଉ ଭଲ ମଣିଷଟେ ହୁଅ। ଆଉ କହିଲେ ଖରାରେ ବୁଲି ବୁଲି ମୋ ମୁଣ୍ଡ ବୁଲେଇ ଦେଉଥିଲା। ତୁମ ହାତରୁ ଲେମ୍ବୁ ପାଣି ଗିଲାସ ପିଇ ଦେଲା ପରେ ଲାଗିଲା ଯେମିତି ମୋ ଦେହରେ ଜୀବନ ପଶିଗଲା। ସୌରଭ ଗିଲାସଟା ନେଇ ଘରକୁ ଲେଉଟି ଆସୁଥିଲା, ଆଇସକ୍ରିମବାଲା ଅଙ୍କଲ ପଛରୁ ଡାକିଲେ ବାବା ମୋ ତରଫରୁ ଗୋଟେ ଆଇସକ୍ରିମ୍ ନିଅ। ସୌରଭ ମନା କରୁଥିଲା। ହେଲେ ଅଙ୍କଲ ବାଧ କରି ତା ହାତକୁ ଗୋଟେ ଆଇସକ୍ରିମ୍ ବଢ଼େଇଦେଲେ। ସନ୍ଧ୍ୟାରେ ବାପା ଅଫିସ୍‌ରୁ ଫେରିଲେ ସୌରଭ ସବୁ କଥା ବାପାଙ୍କ ଆଗରେ କହିଲା। ବାପା କହିଲେ, ତୁ ଆମର ଭଲ କାମଟି କରିଚୁ। ଅନ୍ୟକୁ ସାହାଯ୍ୟ କରିବା ସହାନୁଭୂତି ଦେଖାଇବା ଆମର ପ୍ରଥମ ଧର୍ମ ଆଉ କର୍ତ୍ତବ୍ୟ। ଏଇ ସମୟରେ ମା' ଘର ଭିତରୁ ବାହାରି ଆସି ସବୁ କଥା ଶୁଣିଲେ। ମା' କହିଲେ ମାନବିକତା ଆମର ଶ୍ରେଷ୍ଠ ପରିଚୟ। ମଣିଷ ରୂପ ରଙ୍ଗରୁ ନୁହେଁ ଭଲ କାମ ଲାଗି ଆଦର ପ୍ରଶଂସା ପାଇଥାଏ। ସାବାସ୍ ସୌରଭ ବେଟା କହି ବାପା ତା' ପିଠି ଥାପୁଡ଼େଇ ଦେଲେ।

ମଙ୍ଗଳାବାଗ, କଟକ
ମୋ- ୯୯୩୭୯୬୩୯୧୦

- ବର୍ଷାକାଳ ଯେବେ ଧରାକୁ ଆସେ
  ଗାଆଁ ପୋଖରୀରେ ସେ ଫୁଲ ହସେ
  ଧଳା ନାଲି ଅବା ନୀଳ ରଙ୍ଗରେ
  ଶୋଭାପାଏ ସିଏ ପାଣି ଉପରେ
  ଜହ୍ନର ଶୀତଳ ଜୋଛନା ପାଇ
  ରାତି କାଳେ ସେହି ଫୁଲ ଫୁଟଇ
  ରୂପ ତା' ଭାରି ସୁନ୍ଦର
  ସାଜସଜା ପୁଣି ପୂଜାରେ ବି ଲାଗେ
  କୁହ ଦେଖି ନାମ ତା'ର।

  ଉତ୍ତର-କଇଁ ଫୁଲ



- ପରିବାଟିଏ ସେ ବର୍ଷା କାଳର
  ସାପ ପରି ଲମ୍ବା ତା'ର ଶରୀର
  ଭାଡ଼ିରେ ଯେବେ ତା'କଷି ଆସଇ
  ତା'ଅଗରେ କୁନା ଗୋଡ଼ି ବାନ୍ଧଇ
  ପରିବାଟେ ସିଏ ସ୍ୱାଦ ମଧୁର
  ଭଜା ରାଇ ପାଇଁ ପାଏ ଆଦର
  ଦେହ ପାଇଁ ସିଏ ହିତ
  ତନ୍ତୁ ଜାତୀୟ ସେ ଦେଶୀ ପରିବାଟେ
  କୁହ ତା'ର ନାମ ମିତ।

  ଉତ୍ତର-ଛଞ୍ଚିଦ୍ରା

- ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬





ଅନ୍ୱେଷା ବଳ
ଚତୁର୍ଥ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର





ସାଇ ସେଠୀ
ପଞ୍ଚମ ଶ୍ରେଣୀ
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ପୋଖରୀପୁଟ
ଭୁବନେଶ୍ୱର





ସତ୍ୱିକା ମହାପାତ୍ର
ୟୁକେଜି
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର





ଶାନ୍ତନୁ ଶାନ୍ତିସ୍ୱରୂପ
ଷଷ୍ଠ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର

## ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଚତୁର୍ଥ ମୁକାବିଲା

# ରୁଟ୍‌ଙ୍କ ଶତକ; ଇଂଲଣ୍ଡ ଇନିଂସ ଅଗ୍ରଣୀ

ଓଲ୍ଡ ଟ୍ରାଫୋର୍ଡ, ୨୫।୭ (ଏଜେନ୍ସି)



ଜୋ ରୁଟ୍‌ଙ୍କ ୩୮ ତମ ଟେଷ୍ଟ ଶତକ ସହାୟତାରେ ଏଠାରେ ଚାଲିଥିବା ଭାରତ ବିପକ୍ଷ ଚତୁର୍ଥ ଟେଷ୍ଟରେ ଇଂଲଣ୍ଡ ପ୍ରଥମ ଇନିଂସ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ଏହି ଟେଷ୍ଟର ପ୍ରଥମ ଇନିଂସରେ ଭାରତ କଷ୍ଟେ ମଷ୍ଟେ ୩୫୮ ରନ୍ କରିଥିଲା। ଜବାବରେ ତୃତୀୟ ଦିନ ଶେଷ ରିପୋର୍ଟ ସୁଦ୍ଧା ଇଂଲଣ୍ଡ ୪ ୱିକେଟରେ ୪୯୧ ରନ୍ କରି ଏହି ଟେଷ୍ଟକୁ ନିଜ ନିୟନ୍ତ୍ରଣରେ ରଖିଛି। ଏହି ଟେଷ୍ଟରେ କ୍ୟାରିୟରର ୩୮ ତମ ଶତକ ଓ ସଚିନ ତେନ୍ଦୁଲକରଙ୍କ ପରେ ଦ୍ୱିତୀୟ ସର୍ବାଧିକ ରନ୍ କରିଥିବା ରୁଟ୍ ୧୪୪ ଓ ୱିକେଟରକ୍ଷକ ଜେମି ସ୍ମିଥ୍ ୦ ରନ୍‌ରେ ବ୍ୟାଟିଂ କରୁଥିଲେ। ଆଜି ଖେଳରେ ଇଂଲଣ୍ଡ ପକ୍ଷରୁ ଓଲି ପୋପ୍ ୭୧ ଓ ହ୍ୟାରୀ ବ୍ରୁକ୍ ୩ ରନ୍‌ରେ ଆଉଟ ହୋଇଥିଲେ। ଏହି ଦୁଇ ୱିକେଟକୁ ୱାଶିଂଟନ ସୁନ୍ଦର ଅକ୍ତିଆର କରିବା ଭାରତର ଆଜିର ଖେଳରେ ଶ୍ରେଷ୍ଠ ପ୍ରଦର୍ଶନ। ଶେଷ ମୁହୂର୍ତ୍ତରେ ଅଧିନାୟକ ବେନ୍ ଷ୍ଟୋକ୍ସ ଆହତ ହେବାରୁ ୬୬ ରନ୍ କରିଥିଲାବେଳେ ରିଟାୟର୍ଡ ହର୍ଟ ହୋଇ ପଡ଼ିଆ ଛାଡିଥିଲେ। ପୂର୍ବରୁ ଭାରତର ମହମ୍ମଦ୍ ସିରାଜ ମାଂସପେସୀ ଟାଣି ହୋଇଯିବାରୁ ସେ ଆଉ ଓଭର ପୂରା କରି ନ ପାରି ପଡ଼ିଆ ଛାଡିଥିଲେ।

ଏହି ଟେଷ୍ଟର ତୃତୀୟ ଦିନରେ ଇଂଲଣ୍ଡ ତାହାର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨ ୱିକେଟରେ ୨୨୫ ରନ୍‌ରୁ ଖେଳ ଆରମ୍ଭ କରି ସହଜରେ ରନ୍ ସଂଗ୍ରହ କରିଥିଲା। ଦୁଇ ଅପରାଜିତ ବ୍ୟାଟର ରୁଟ୍ ଏବଂ ଓଲି ପୋପ୍‌ଙ୍କୁ ଭାରତୀୟ ବୋଲର ପ୍ରଭାବ ବିସ୍ତାର କରି ପାରି ନ ଥିଲେ। ଅବଶ୍ୟ ଏମାନେ ଗତଦିନଠାରୁ ଭଲ ବୋଲିଂ କରିଥିଲେ ମଧ୍ୟ ୱିକେଟ ପାଇ ନ ଥିଲେ। ଫଳରେ ଇଂଲଣ୍ଡ ପ୍ରଥମ ସେସନରେ କୌଣସି ୱିକେଟ ନ ହରାଇ ୧୦୭ ରନ୍ କରିଥିଲା। ଲଞ୍ଚ ବେଳକୁ ୭୪ ଓଭର ଖେଳି ଦଳ ୨ ୱିକେଟରେ ୩୩୨ ରନ୍ କରିଥିଲା। ପୋପ୍ ୭୦ ଓ ରୁଟ୍ ୬୩ ରନ୍‌ରେ ବ୍ୟାଟିଂ କରୁଥିଲେ। ଲଞ୍ଚ୍ ପରେ ଇଂଲଣ୍ଡ ୪ ଓଭର ଓ ୯ ରନ୍ ମଧ୍ୟରେ ୨ଟି ୱିକେଟ ହରାଇଥିଲା। ଭାରତର ସ୍ପିନ୍ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ଏହି ଦୁଇ ଖେଳାଳିଙ୍କୁ ଆଉଟ କରିଥିଲେ। ୭୧ ରନ୍ କରିଥିଲାବେଳେ ପୋପ୍ ପ୍ରଥମ ସ୍ଲିପ୍‌ରେ ରାହୁଲଙ୍କ ଦ୍ୱାରା କ୍ୟାଚ୍ ଆଉଟ ହୋଇଥିଲେ। ବ୍ରୁକ୍ କିନ୍ତୁ ଷ୍ଟମ୍ପିଂର ଶିକାର ହୋଇଥିଲେ। ସେ ୩ ରନ୍ କରିପାରିଥିଲେ। ଏହା ପରେ ଇଂଲଣ୍ଡ ଆଉ କୌଣସି ସୁଯୋଗ ଦେଇ ନ ଥିଲା କିମ୍ବା ଭାରତକୁ ଆଉ କୌଣସି ସଫଳତା ମିଳି ନ ଥିଲା। ଟି ସୁଦ୍ଧା ଇଂଲଣ୍ଡ ୧୦୨ ଓଭରରେ ୪ ୱିକେଟ ହରାଇ ୪୩୩ ରନ୍ କରିନେଇଥିଲା। ଏହି ସମୟରେ ରୁଟ୍ ୧୨୧ ଓ ଷ୍ଟୋକ୍ସ ୩୬ ରନ୍‌ରେ ବ୍ୟାଟିଂ କରୁଥିଲେ। ରୁଟ୍ ଏଠାରେ ଟେଷ୍ଟ କ୍ରିକେଟରେ ଭାରତର ସଚିନ ତେନ୍ଦୁଲକରଙ୍କ ପଛକୁ ଦ୍ୱିତୀୟ ସର୍ବାଧିକ ରନ୍ ସଂଗ୍ରହକାରୀ ଭାବେ ବିବେଚିତ ହୋଇଥିଲେ। ସେ ମଧ୍ୟ ସଚିନ (୫୧), କାଲିସ (୪୫) ଓ ପଣ୍ଟିଂ (୪୧)ଙ୍କ ପରେ ୩୮ଟି ଶତକ ହାସଲ କରି ଶ୍ରୀଲଙ୍କାର କୁମାର ସଙ୍ଗକାରାଙ୍କ ସହ ମିଳିତଭାବେ ଚତୁର୍ଥ ସର୍ବାଧିକ ଟେଷ୍ଟ ଶତକହାସଲକାରୀ ବିବେଚିତ ହୋଇଥିଲେ। ଭାରତର ସୁନ୍ଦରଙ୍କୁ ୨ଟି ୱିକେଟ ମିଳିଥିଲା।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ**: ୩୫୮ (ସୁଦର୍ଶନ-୬୧, ଜୟସ୍ୱାଲ-୫୮, ପନ୍ତ୍-୫୪, ଷ୍ଟୋକ୍ସ-୫/୭୨)
**ଇଂଲଣ୍ଡ ପ୍ରଥମ ଇନିଂସ**: ୪୯୧/୪, ୧୧୬ ଓଭର (ଜୋ ରୁଟ୍-ବ୍ୟାଟିଂ-୧୪୪, କ୍ରାଲୀ- ୯୪, ଡକେଟ- ୮୪, ପୋପ୍-୭୧, ସୁନ୍ଦର-୨/୪୩)।

### ଟେଷ୍ଟ କ୍ରିକେଟରେ ସର୍ବାଧିକ ରନ୍

| ଖେଳାଳି | ଦେଶ | ମ୍ୟାଚ୍ | ରନ୍ |
|---|---|---|---|
| ତେନ୍ଦୁଲକର | ଭାରତ | ୨୦୦ | ୧୫,୯୨୧ |
| ଜୋ ରୁଟ୍ | ଇଂଲଣ୍ଡ | ୧୫୭ | ୧୩,୪୦୩* |
| ରିକି ପଣ୍ଟିଂ | ଅଷ୍ଟ୍ରେଲିଆ | ୧୬୮ | ୧୩,୩୭୮ |
| ଜ୍ୟାକ୍ କାଲିସ୍ | ଦ.ଆଫ୍ରିକା | ୧୬୬ | ୧୩.୨୮୯ |
| ରାହୁଲ ଦ୍ରାବିଡ୍ | ଭାରତ | ୧୬୪ | ୧୩,୨୮୮ |
| ଆଲିଷ୍ଟର କୁକ୍ | ଇଂଲଣ୍ଡ | ୧୬୧ | ୧୨,୪୭୨ |

### ସର୍ବାଧିକ ଶତକ

| ଖେଳାଳି | ଶତକ |
|---|---|
| ତେନ୍ଦୁଲକର | ୫୧ |
| କାଲିସ | ୪୫ |
| ପଣ୍ଟିଂ | ୪୧ |
| ସଙ୍ଗକାରା | ୩୮ |
| ରୁଟ୍ | ୩୮ |
| ସ୍ମିଥ୍ | ୩୬ |
| ଦ୍ରାବିଡ | ୩୬ |

### ଟେଷ୍ଟ କ୍ରିକେଟରେ 'ଜୋ'ଦ୍ୱିତୀୟ ସର୍ବାଧିକ ରନ୍ ସଂଗ୍ରହକାରୀ

ଏଠାରେ ଚାଲିଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଚତୁର୍ଥ ଟେଷ୍ଟରେ ଇଂଲଣ୍ଡର ଜୋ ରୁଟ୍ ସର୍ବାଧିକ ରନ୍ ସଂଗ୍ରହ ତାଲିକାରେ ଭାରତର ରାହୁଲ ଦ୍ରାବିଡ୍ (୧୬୪ ଟେଷ୍ଟରେ ୧୩,୨୮୮ ରନ୍), ଦକ୍ଷିଣ ଆଫ୍ରିକାର କାଲିସ୍ (୧୬୬ଟି ଟେଷ୍ଟରେ ୧୩,୨୮୯ ରନ୍) ଓ ଅଷ୍ଟ୍ରେଲିଆର ରିକି ପଣ୍ଟିଂ (୧୬୮ ଟେଷ୍ଟରେ ୧୩,୩୭୮ ରନ୍)ଙ୍କୁ ଅତିକ୍ରମ କରି ଦ୍ୱିତୀୟ ସର୍ବାଧିକ ରନ୍ ସଂଗ୍ରହକାରି ବିବେଚିତ ହୋଇଛନ୍ତି। ଏବେ ଭାରତର ସଚିନ ତେନ୍ଦୁଲକର ୧୫,୯୨୧ ରନ୍ ସଂଗ୍ରହ କରି ବିଶ୍ୱରେ ସର୍ବାଧିକ ଟେଷ୍ଟ ସଂଗ୍ରହକାରୀ ଭାବେ ବିବେଚିତ ହୋଇଛନ୍ତି। ୨୦୦ ଟେଷ୍ଟ ଓ ୩୨୯ ଇନିଂସରେ ହାରହାରି ୫୩.୭୮ ହାରରେ ରନ୍ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ୫୧ ଶତକ, ୬୮ ଅର୍ଦ୍ଧଶତକ ରହିଥିଲାବେଳେ ୧୪ଥର ଶୂନ୍‌ରେ ଆଉଟ ହୋଇଛନ୍ତି। ତୃତୀୟ ଦିନ ଟି ବେଳକୁ ରୁଟ୍ ୧୨୧ ରନ୍ କରିଥିଲାବେଳେ ଟେଷ୍ଟ କ୍ୟାରିୟରରେ ୧୩,୩୮୦ ରନ୍‌ରେ ପହଞ୍ଚିଥିଲେ। ୧୫୭ତମ ଟେଷ୍ଟ ଖେଳୁଥିବା ରୁଟ ଦ୍ରୁତତମ ବ୍ୟାଟର ଭାବେ ଏହି ସଫଳତା ପାଇଛନ୍ତି। ଏହା ମଧ୍ୟରେ ୩୮ଟି ଶତକ ଓ ୬୬ଟି ଅର୍ଦ୍ଧଶତକ ରହିଛି। ଇନିଂସ ପ୍ରତି ସେ ହାରାହାରି ୫୧.୧୭ ହାରରେ ରନ୍ ସଂଗ୍ରହ କରିଛନ୍ତି। ରୁଟ ଟେଷ୍ଟରେ ଦ୍ୱିତୀୟ ସର୍ବାଧିକ ରନ୍ ସଂଗ୍ରହକାରୀ ହୋଇଥିଲେ ମଧ୍ୟ ଶତକ ହାସଲରେ ଶ୍ରୀଲଙ୍କାର କୁମାର ସଙ୍ଗକାରାଙ୍କ ସହ ମିଳିତଭାବେ ଚତୁର୍ଥ ସ୍ଥାନରେ ରହିଛନ୍ତି। ଉଭୟ ୩୮ଟି ଲେଖାଏଁ ଶତକ ହାସଲ କରିଛନ୍ତି। ଭାରତର ସଚିନ ତେନ୍ଦୁଲକର ୫୧, ଦକ୍ଷିଣ ଆଫ୍ରିକାର ଜ୍ୟାକ୍ କାଲିସ୍ ୪୫ ଓ ଅଷ୍ଟ୍ରେଲିଆର ରିକି ପଣ୍ଟିଂ ୪୧ଟି ଶତକ ହାସଲ କରି ପ୍ରଥମ ୩ଟି ସ୍ଥାନରେ ରହିଛନ୍ତି।

● ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ଇଭେଣ୍ଟ

## କିଶୋର, ଅନିମେଶ, ଲାଲୁ ଓ ଶ୍ରାବଣୀଙ୍କୁ ଯୋଗ୍ୟତା

ନୂଆଦିଲ୍ଲୀ,୨୫।୭ (ଏଜେନ୍ସି): ଭୁବନେଶ୍ୱରର ପ୍ରସିଦ୍ଧ କଳିଙ୍ଗ ଷ୍ଟାଡିୟମ୍‌ରେ ଅଗଷ୍ଟ ୧୦ରେ ଆୟୋଜିତ ହେବ। ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଆଥଲେଟିକ୍ ଫେଡେରେସନ ଅଫ୍ ଇଣ୍ଡିଆ ପକ୍ଷରୁ ଯୋଗ୍ୟ ପ୍ରତିଯୋଗୀଙ୍କ ନାମ ପ୍ରକାଶ କରିଛି। ଏହି ତାଲିକାରେ ଓଡ଼ିଆ ପ୍ରତିଯୋଗୀ ଲାଲୁପ୍ରସାଦ ଭୋଇ, କିଶୋର କୁମାର ଜେନା ଓ ଶ୍ରାବଣୀ ନନ୍ଦଙ୍କ ନାମ ରହିଛି। ଏହାଛଡ଼ା ଓଡ଼ିଶାରେ ପ୍ରଶିକ୍ଷଣ ନେଉଥିବା ଅନିମେଶ କୁଜୁର ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି। ନିକଟରେ ଜର୍ମାନୀରେ ଚାଲିଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଅନିମେଶ ଉଭୟ ୧୦୦ ଓ ୨୦୦ ମିଟର ଦୌଡ଼ରେ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ। ଭାରତର ଶ୍ରେଷ୍ଠ ଆଥ୍‌ଲେଟ ନୀରଜ ଚୋପ୍ରା ଏହି ଇଭେଣ୍ଟରେ ଅଂଶଗ୍ରହଣ କରୁନାହାନ୍ତି। ଏହି ଦିନିକିଆ ଇଭେଣ୍ଟରେ ୧୦ଟି ଦେଶରୁ ୧୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି।

## ୪୫ ବର୍ଷ ବୟସରେ ଖେଳିଲେ ଭେନସ ୱିଲିୟମ୍ସ



ସିନସିନ୍ନାଟି,୨୫।୭ (ଏଜେନ୍ସି): ୭ଥରର ଗ୍ରାଣ୍ଡ ସ୍ଲାମ୍ ଚାମ୍ପିଅନ ତଥା ଆମେରିକାର କିମ୍ବଦନ୍ତୀ ମହିଳା ଖେଳାଳି ଭେନସ ୱିଲିୟମ୍ସ ୪୫ ବର୍ଷରେ ପ୍ରତିଯୋଗିତାମୂଳକ ଟେନିସ ଖେଳି ରେକର୍ଡ କରିଛନ୍ତି। ସିନସିନ୍ନାଟି ଓପନରେ ଭେନସଙ୍କୁ ୱାଇଲ୍ଡକାର୍ଡ ଏଣ୍ଟ୍ରି ମିଳିବା ପରେ ପ୍ରଥମ ରାଉଣ୍ଡରେ ବିଶ୍ୱର ୩୫ ନମ୍ବର ଖେଳାଳି ପିଟନ ଷ୍ଟର୍ଣ୍ଣସଙ୍କୁ ପରାସ୍ତ କରି ବୟୋଜ୍ୟେଷ୍ଠ ଖେଳାଳି ଭାବେ ଡବ୍ଲ୍ୟୁଟିଏ ସିଙ୍ଗଲ୍ସ ମ୍ୟାଚ୍ ଜିତିବାର ରେକର୍ଡ କରିଥିଲେ। କିନ୍ତୁ ଦ୍ୱିତୀୟ ରାଉଣ୍ଡରେ ସେ ୫ମ ସିଡ୍ ପୋଲାଣ୍ଡର ଏମ୍ ଫ୍ରେଚ୍‌ଙ୍କଠାରୁ ପରାଜିତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। କିନ୍ତୁ ୪୫ ବର୍ଷ ବୟସରେ ସେ ଡବ୍ଲ୍ୟୁଟିଏ ସିଙ୍ଗଲ୍ସରେ ବିଜୟୀ ହୋଇ ବିଶ୍ୱର ବୟୋଜ୍ୟେଷ୍ଠ ଖେଳାଳି ଭାବେ ମ୍ୟାଚ୍ ଜିତିବାର ରେକର୍ଡ କରିଛନ୍ତି।

## ଡେଭିସ୍ କପ୍ ଦଳରେ ନାଗଲ, ୟୁକି

ନୂଆଦିଲ୍ଲୀ,୨୫।୭ (ଏଜେନ୍ସି): ସ୍ୱିଜରଲାଣ୍ଡ ବିପକ୍ଷ ୱାର୍ଲ୍ଡ ଗ୍ରୁପ୍-୧ ମୁକାବିଲା ଲାଗି ୮ଜଣିଆ ଭାରତୀୟ ଡେଭିସ୍ କପ୍ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଭାରତନର ନମ୍ବର ୱାନ୍ ସିଙ୍ଗଲ୍ସ ଖେଳାଳି ସୁମିତ ନାଗଲ ଓ ନମ୍ବର ୱାନ୍ ଡବଲ୍ସ ଖେଳାଳି ୟୁକି ଭାମ୍ବ୍ରୀ ସ୍ଥାନ ପାଇଛନ୍ତି। ଏହି ମୁକାବିଲା ସ୍ୱିଜରଲାଣ୍ଡର ବିଏଲରେ ସେପ୍ଟେମ୍ବର ୧୨ରୁ ଖେଳାଯିବ। ସ୍ୱିଜରଲାଣ୍ଡ ସହ ଭାରତ ୩ଥର ଡେଭିସ୍ କପ୍ ମୁକାବିଲା କରିଥିଲାବେଳେ ୨ଥର ବିଜୟୀ ହୋଇଛି। ଭାରତୀୟ ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ସିଙ୍ଗଲ୍ସରେ ସୁମିତ ନାଗଲ, କରନ ସିଂ ଓ ଆର୍ଯ୍ୟନ ଶାହା। ଡବଲ୍ସରେ ୟୁକି ଭାମ୍ବ୍ରୀ ଓ ଏନ୍ ଶ୍ରୀରାମ ବାଲାଜୀଙ୍କୁ ସ୍ଥାନ ମିଳିଛି। ରିଜର୍ଭ ଖେଳାଳି ଭାବେ ଡି ସୁରେଶ, ଶଶିକୁମାର ମୁକୁନ୍ଦ ଓ ରିତ୍ୱିକ ବୋଲିପାଲିଙ୍କୁ ରଖାଯାଇଛି।

## ଯଶ ଦୟାଲଙ୍କ ବିରୋଧରେ ଦ୍ୱିତୀୟ ଦୁଷ୍କର୍ମ ଅଭିଯୋଗ

ଲକ୍ଷ୍ନୌ,୨୫।୭ (ଏଜେନ୍ସି): ଉତ୍ତରପ୍ରଦେଶ ତଥା ଆର୍‌ସିବିର କ୍ରିକେଟର ଯଶ ଦୟାଲଙ୍କ ନାମରେ ଦୁଷ୍କର୍ମ ଅଭିଯୋଗ ହୋଇଛି। ଜୟପୁରର ଜଣେ ୧୭ ବର୍ଷର ନାବାଳିକା ଏହି ଅଭିଯୋଗ ଆଣିଛନ୍ତି। କ୍ରିକେଟ ଖେଳିବାରେ ସୁବିଧା ସୁଯୋଗଦେବା ଓ ବାହାହେବାର ପ୍ରତିଶ୍ରୁତି ବାହାନାରେ ଏହି ନାବାଳିକାଙ୍କୁ ୨ ବର୍ଷ ଧରି ଦୟାଲ ଯୌନ ଶୋଷଣ କରିଥିବାର ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଉଭୟଙ୍କ ମଧ୍ୟରେ ୫ ବର୍ଷର ସମ୍ପର୍କ ରହିଥିବା ଦର୍ଶାଯାଇଛି। ପୂର୍ବରୁ ଗାଜିଆବାଦ୍‌ର ଜଣେ ମହିଳା ମଧ୍ୟ ଏପରି ଅଭିଯୋଗ ଆଣିଥିଲେ। ଉଭୟ ଘଟଣାରେ ଦୟାଲ କିଛି ମନ୍ତବ୍ୟ ଦେଇ ନାହାନ୍ତି। ଜୟପୁର ପୁଲିସ୍ ଏତଲା ଦାୟର କରି ତଦନ୍ତ ଜାରି ରହିଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜୟପୁର ପୁଲିସ୍ ପକ୍ଷରୁ କୁହାଯାଇଛି।

## ଅଷ୍ଟ୍ରେଲିଆ ଗସ୍ତରେ ୪ ମ୍ୟାଚ୍ ଖେଳିବ ଭାରତୀୟ ହକି ଦଳ

ନୂଆଦିଲ୍ଲୀ, ୨୫।୭ (ଏଜେନ୍ସି): ଭାରତୀୟ ସିନିଅର ପୁରୁଷ ହକି ଦଳ ଅଗଷ୍ଟ ମାସରେ ଅଷ୍ଟ୍ରେଲିଆ ଗସ୍ତରେ ଯିବ। ସେଠାରେ ଘରୋଇ ଅଷ୍ଟ୍ରେଲିଆ ବିପକ୍ଷରେ ୪ଟି ମ୍ୟାଚ୍ ଖେଳିବ ବୋଲି ହକି ଇଣ୍ଡିଆ ପକ୍ଷରୁ ଶୁକ୍ରବାର କୁହାଯାଇଛି। ଅଗଷ୍ଟ ୧୫, ୧୬, ୧୯ ଓ ୨୧ ତାରିଖରେ ଏହି ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ସମସ୍ତ ମ୍ୟାଚ୍ ପର୍ଥ ହକି ଷ୍ଟାଡିୟମରେ ଖେଳାଯିବ। ଏଫ୍‌ଆଇଏଚ୍ ର୍‍ୟାଙ୍କିଙ୍ଗ୍‌ରେ ଭାରତ ୮ମ ସ୍ଥାନରେ ରହିଥିବାବେଳେ ଅଷ୍ଟ୍ରେଲିଆ ଦଳ ୬ଷ୍ଠରେ ରହିଛି। ୨୦୧୩ ପରଠାରୁ ଦୁଇ ଦେଶ ମଧ୍ୟରେ ୫୧ ମ୍ୟାଚ୍ ଖେଳାଯାଇଥିବାବେଳେ ଅଷ୍ଟ୍ରେଲିଆ ୩୫ଟି ଜିତି ଅଗ୍ରଣୀ ରହିଛି।

## କ୍ରିଷ୍ଣାମୂର୍ତ୍ତିଙ୍କ ଅବସର



ବେଙ୍ଗାଲୁରୁ, ୨୫।୭ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ୍ ଦଳର ପୂର୍ବତନ ବ୍ୟାଟର୍ ବେଦା କ୍ରିଷ୍ଣାମୂର୍ତ୍ତି ପ୍ରଫେସନାଲ କ୍ରିକେଟ୍‌ରୁ ଶୁକ୍ରବାର ଅବସର ନେଇଛନ୍ତି। ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଅବସର ନେଇ ୩୨ ବର୍ଷୀୟା କ୍ରିଷ୍ଣାମୂର୍ତ୍ତୀ ସୂଚନା ଦେଇଛନ୍ତି। କର୍ଣ୍ଣାଟକର ଏହି ଡାହାଣହାତୀ ବ୍ୟାଟର୍ ଭାରତ ପାଇଁ ୪୮ ଦିନିକିଆ ଓ ୭୬ ଟି-୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୮୨୯ ଓ ୮୭୫ ରନ କରିଥିଲେ। ମହିଳା ପ୍ରିମିଅର୍ ଲିଗ୍‌ରେ କ୍ରିଷ୍ଣାମୂର୍ତ୍ତୀ ଗୁଜରାଟ ଜାଏଣ୍ଟ୍‌ସ ପାଇଁ ପ୍ରତିନିଧିତ୍ୱ କରିଥିଲେ।

### ୟୁଥ୍ ଦିନିକିଆରେ ପ୍ରଥମ ଦ୍ୱିଶତକ

## ଇତିହାସ ରଚିଲେ ଦକ୍ଷିଣ ଆଫ୍ରିକାର ଜୋରିଚ୍



ହରାରେ, ୨୫।୭ (ଏଜେନ୍ସି): ଦକ୍ଷିଣ ଆଫ୍ରିକାର ଜୋରିଚ୍ ଭାନ୍ ଶାଲ୍‌ୱିକ୍ ବିଶ୍ୱର ପ୍ରଥମ କ୍ରିକେଟର୍ ଭାବେ ୟୁଥ୍ ଦିନିକିଆରେ ଦ୍ୱିଶତକୀୟ ପାଳି ଖେଳିବାର କୀର୍ତ୍ତିମାନ କରିଛନ୍ତି। ଏଠାରେ ଚାଲିଥିବା ତ୍ରି-ରାଷ୍ଟ୍ରୀୟ ସିରିଜରେ ଜିମ୍ବାୱେ ବିପକ୍ଷରେ ଓପନିଂ ଆସି ସେ ୨୧୫ ରନର ପାଳି ଖେଳି ରେକର୍ଡ ବୁକ୍‌ରେ ନାମକୁ ଲିପିବଦ୍ଧ କରିଛନ୍ତି। ୧୫୩ ବଲ୍‌ର ଏହି ପାଳିରେ ସେ ୧୯ ଚୌକା ଓ ୬ ଛକା ମାରିଥିଲେ। ଫଳରେ ଦକ୍ଷିଣ ଆଫ୍ରିକା ୪୯.୫ ଓଭରରେ ୩୮୫ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ୟୁଥ୍ ଦିନିକିଆ କ୍ରିକେଟ୍‌ରେ ମଧ୍ୟ ଏହା ସର୍ବାଧିକ ଦଳଗତ ସ୍କୋର ହୋଇଛି। ଜବାବରେ ଜିମ୍ବାୱେ ମାତ୍ର ୧୦୭ ରନରେ ଅଲ୍‌ଆଉଟ୍ ହୋଇ ୨୭୮ ରନରେ ପରାସ୍ତ ହୋଇଥିଲା। ଏଥିପୂର୍ବରୁ ୟୁଥ୍ ଦିନିକିଆରେ ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର ଶ୍ରୀଲଙ୍କାର ହସିଥା ବୟଗୋଡାଙ୍କ ନାମରେ ରହିଥିଲା। ହସିଥା ୨୦୧୮ରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ କେନିଆ ବିପକ୍ଷରେ ୧୯୧ ରନର ପାଳି ଖେଳିଥିଲେ।

■ ସାହାଣୀ କପ୍-୨୦୨୫

## ଆଜି କଟକ-ସୁନ୍ଦରଗଡ଼ ସେମି ଲଢ଼େଇ



କଟକ,୨୫।୭ (ସମିସ): ଫୁଟବଲ ଆସୋସିଏସନ ଅଫ ଓଡ଼ିଶା (ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ଚାଲିଥିବା ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍‌ର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଶନିବାର ଖେଳାଯିବ। କେନ୍ଦ୍ରାପଡ଼ା ରାଜକନିକା ଷ୍ଟାଡିୟମରେ ହେବାକୁ ଥିବା ଏହି ମୁକାବିଲାରେ କଟକ ଓ ସୁନ୍ଦରଗଡ଼ ସାମ୍ନାସାମ୍ନି ହେବେ। ୨୭ ତାରିଖରେ ବ୍ରହ୍ମପୁର ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ହେବାକୁ ଥିବା ଦ୍ୱିତୀୟ ସେମିଫାଇନାଲରେ କୋରାପୁଟ ଏବଂ ସମ୍ବଲପୁର ପରସ୍ପରକୁ ଭେଟିବେ। କୋରାପୁଟ ପୂର୍ବରୁ ସେମି ତାଲିକାରେ ସ୍ଥାନ ସୁରକ୍ଷିତ କରିଥିଲା। ଶୁକ୍ରବାର ବୌଦ୍ଧ ଜୋନରେ ଅନୁଷ୍ଠିତ ୪ର୍ଥ କ୍ୱାର୍ଟର ଫାଇନାଲରେ ସମ୍ବଲପୁର ସହଜ ବିଜୟ ହାସଲ କରି ଅନ୍ତିମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା। ବରଗଡ଼ ବିପକ୍ଷ ମ୍ୟାଚ୍‌କୁ ସମ୍ବଲପୁର ୪-୦ ଗୋଲରେ ଜିତିଥିଲା। ବିଜୟୀ ଦଳର ପ୍ରଶାନ୍ତ ଓରାମ ହ୍ୟାଟ୍ରିକ ଗୋଲ ସ୍କୋର କରିଥିବା ବେଳେ ବିନୟ କିଶାନ ଗୋଟିଏ ଗୋଲ ଦେଇଥିଲେ।

■ ଆଇଏସ୍‌ଏଲ୍-୧୨


## ବାତିଲ୍ ନୁହେଁ; ବିଳମ୍ବରେ ହୋଇପାରେ: ଚୌବେ

ନୂଆଦିଲ୍ଲୀ, ୨୫।୭ (ଏଜେନ୍ସି): ଭାରତୀୟ ଫୁଟ୍‌ବଲ ପ୍ରେମୀଙ୍କ ଲାଗି ଏକ ବଡ଼ ଆଶ୍ୱସ୍ତିକର ଖବର ଆସିଛି। ଦେଶର ସବୁଠୁ ଅଗ୍ରଣୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ର ଆଗାମୀ ଦ୍ୱାଦଶ ସଂସ୍କରଣ ବାତିଲ ହୋଇନି, ବରଂ ବିଳମ୍ବରେ ଆରମ୍ଭ ହୋଇପାରେ। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)ର ସଭାପତି କଲ୍ୟାଣ ଚୌବେ ଶୁକ୍ରବାର ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ଆଇଏସ୍‌ଏଲ୍ ବର୍ତ୍ତମାନ ଆଇନଗତ ଓ ଚୁକ୍ତିଭିତ୍ତିକ ସମସ୍ୟା ଦେଇ ଗତି କରୁଛି। ଆଇଏସ୍‌ଏଲ୍‌କୁ ଆୟୋଜନ କରୁଥିବା ଫୁଟ୍‌ବଲ ସ୍ପୋର୍ଟ୍ସ ଡେଭଲପ୍‌ମେଣ୍ଟ ଲିମିଟେଡ୍ (ଏଫ୍‌ଏସ୍‌ଡିଏଲ୍) ଓ ଏଆଇଏଫ୍‌ଏଫ୍ ମଧ୍ୟରେ ନୂତନ ଚୁକ୍ତିକୁ ନେଇ ବିବାଦ ଦେଖାଦେଇଛି। ଯେଉଁଥି ପାଇଁ ଏହି ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା।

### ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

## ଭାରତକୁ ତୀରନ୍ଦାଜୀରେ ସ୍ୱର୍ଣ୍ଣ; ଅନିମେଶ ୪ର୍ଥ

ଭୁବନେଶ୍ୱର, ୨୫।୭ (ସମିସ)



ଜର୍ମାନୀରେ ଚାଲିଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତ ପ୍ରଥମ ସ୍ୱର୍ଣ୍ଣପଦକ ଜିତିବାରେ ସଫଳ ହୋଇଛି। ତୀରନ୍ଦାଜୀର କମ୍ପାଉଣ୍ଡ ମିକ୍ସଡ୍ ଟିମ୍ ଇଭେଣ୍ଟରେ ଭାରତୀୟ ଦଳ ଏହି ସଫଳତା ପାଇଛି। ତେବେ ୨୦୦ ମିଟର ରେସରେ କିଟ୍ ବିଶ୍ୱବିଦ୍ୟାଳୟର ଅନିମେଶ କୁଜୁର ୪ର୍ଥ ସ୍ଥାନରେ ରହି ଅଳ୍ପକେ ପୋଡିୟମ ଫିନିଶ କରିବାରୁ ବଞ୍ଚିତ ହୋଇଛନ୍ତି।



ତୀରନ୍ଦାଜୀର କମ୍ପାଉଣ୍ଡ ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତ ଦମ୍‌ଦାର ପ୍ରଦର୍ଶନ କରି ଟାଇଟଲ୍ ବଜାୟ ରଖିପାରିଛି। କୁଶଳ ଦଲାଲ ଓ ପରଣୀତ୍ କୌରଙ୍କୁ ନେଇ ଗଠିତ ଭାରତୀୟ ଦଳ ଫାଇନାଲରେ ୧୫୭-୧୫୪ରେ ଦକ୍ଷିଣ କୋରିଆ ଦଳକୁ ପରାସ୍ତ କରିଥିଲା। ଏଥିପୂର୍ବରୁ ଭାରତୀୟ ପୁରୁଷ ଓ ମହିଳା କମ୍ପାଉଣ୍ଡ ଦଳ ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ଜିତିଥିଲା। ଅପରପକ୍ଷରେ ପୁରୁଷ ୨୦୦ ମିଟର ଫାଇନାଲରେ କିଟ୍ ଛାତ୍ର ଅନିମେଶ ୨୦.୮୫ ସେକେଣ୍ଡ ସମୟ ସହ ୪ର୍ଥ ସ୍ଥାନରେ ରହିଥିଲେ। ଦକ୍ଷିଣ ଆଫ୍ରିକାର ବୟନ୍ଦା ୱାଲାଜା (୨୦.୬୩ ସେକେଣ୍ଡ), ସ୍ପେନର ଆନ୍ଦ୍ରିଆ ମେଡେରୋ (୨୦.୭୦) ଓ ଦକ୍ଷିଣ କୋରିଆର ଲି ସିଓଙ୍ଗ (୨୦.୭୫) ଯଥାକ୍ରମେ ୨୦୦ ମିଟରରେ ପୋଡିୟମର ପ୍ରଥମ ୩ଟି ସ୍ଥାନରେ ରହିଥିଲେ। ସଟ୍‌ପୁଟ୍‌ରେ ଫାଇନାଲରେ ପ୍ରବେଶ କରିଥିବା କିଟ୍‌ର ଅନ୍ୟତମ ଛାତ୍ର ସମରଦୀପ୍ ସିଂହ ୬ଷ୍ଠ ସ୍ଥାନ ହାସଲ କରିଥିଲେ।

### ୪୬ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇଲେ ବୈଷ୍ଣବୀ



ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୪୬ ବର୍ଷ ଇତିହାସରେ ଭାରତ ପ୍ରଥମଥର ଲାଗି ଟେନିସ କ୍ରୀଡ଼ାରେ ପଦକ ଜିତିବାର ସୌଭାଗ୍ୟ ଲାଭ କରିଛି। ମହିଳା ସିଙ୍ଗଲ୍ସରେ ବୈଷ୍ଣବୀ ଅଧକର କାଂସ୍ୟ ପଦକ ଜିତି ଏହି ଐତିହାସିକ ସଫଳତା ପାଇଛନ୍ତି। ପୁଣେର ୨୧ ବର୍ଷୀୟା ବୈଷ୍ଣବୀ କାଂସ୍ୟ ପଦକ ଲଢ଼େଇରେ ୨-୬, ୬-୪, ୬-୪ ସେଟ୍‌ରେ ସ୍ଲୋଭାକିଆର ଇସ୍ତର ମେରିଙ୍କୁ ପରାସ୍ତ କରିଥିଲେ। ଏହି ଅବସରରେ ପଦକ ବିଜୟୀ ସମସ୍ତ ଖେଳାଳିଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS